# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୫/୨୦୨୪ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 5/2024 Page 20 ₹ 7.00 | BALASORE

୫୦ଶ ଭାଗ ୩୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 312 ମୂଲ୍ୟ₹୭/-






GUPTA DISTRIBUTORS
Symbol of Trust
50 YEARS SERVING EXCELLENCE
ELECTRONICS | MOBILE | CAMERA | LAPTOP | HOME APPLIANCES & FURNITURE
THIS FESTIVAL TAKE HOME PRODUCTS ON LOW EMI WITH MANY OFFERS
GET ADDITIONAL GIFT TO ALL BFL EMI CARD HOLDERS
EMI NETWORK THE WAY TO PAY
BAJAJ FINSERV
36 months longest Tenure
Lowest EMI ₹888
Anywhere FINANCE No local Address proof required
Gupta Care EXTENDED WARRANTY now finance by BFL
GUPTA'S MEGA SALE
UPTO 50% OFF* SPECIAL OFFER
Up to 26%* Cashback Max. up to ₹26000
Loyalty GIFT VOUCHER worth around ₹2500000* purchase of above 20000
0 INTEREST EASY FINANCE DOWN PAYMENT
1 EMI OFF
ADDITIONAL ASSURED GIFT ON EVERY PURCHASE
MEGA EXCHANGE OFFER
Opening Shortly At Balasore, Rairangpur, Jharsuguda & Chauliaganj - Cuttack
OLED | QLED
FREE* 4K Google TV with OLED TV
EMI* starts ₹888 only
DIGITAL Carnival
Its Time to Bring More Happiness
iPhones | Smart Phones
Laptop | Desktop | Printers
Handycam | DSL Cameras
Inject & Laser Printers
& Projectors
iPhone SAMSUNG oppo vivo realme
1st Time in Trade
2 YEARS WARRANTY on all smart phones
FREE Calling Smart Watch worth 5999 + Addl. Free Gift
EMI* starts ₹35 per day
LED TVs
55" 50" 43" 32"
EMI* starts ₹888 only
Price Starts 8999*
DIOS Refrigerator
FREE* MINI REFRIGERATOR
EMI* starts ₹888 only
FF Ref. / FL & TL WM
FREE worth 2999
EMI* starts ₹888 only
EMI* starts ₹103 per day
Price Starts ₹28000*
FREE Calling Smart Watch worth 5999
+ 5 ADDITIONAL GIFTS
Keyboard Guard
Air Conditioner
FREE worth 2999 on Split AC
EMI* starts ₹888 only
Direct Cool Ref. / Washing Machine
FREE worth 1200
EMI* starts ₹888 only
Audio/ Music System
PRICE Starts from : ₹ 4990*
KUTCHINA Chimney & HOBs
TRIPLE ZERO Offer
Handycam / DSLR Cameras
EMI* starts ₹2540 only
Microwave Oven
FREE with Grill & Convention worth 1200
EMI* starts ₹888 only
Water Purifier
PRICE Starts from : ₹7990*
Inject / Laser Printer
4K Projector
Inverters
EMI* starts ₹888 only
Home Appliances
Upto 50% Discount
Win Unwrap Festive Rewards with Lloyd!
Assured exclusive Gift Coupons worth around ₹25 000/-
Bumper Prize: Mahindra Thar | Mega Prize: Royal Enfield Bike
HURRY!! Rush Today.
OFFER FOR LIMITED PERIOD ONLY
PICK ANY GIFT ON PURCHASE OF ₹10,000/- AND ABOVE
DOUBLE BED SHEET MRP - 1999/- @500/-
ELECTRIC KETTLE 1.5Ltr. MRP - 1399/- @600/-
EGG BOILER MRP - 699/- @300/-
HOME & OFFICE FURNITURE
upto 60% OFF
HYDRAULIC STORAGE BEDS
4 SEATER DINING
LCD UNITS
CENTER TABLES WITH MARBLE TOP
WITHOUT STORAGE BEDS
CUSHION HEAD BOARD BEDS
OFFICE TABLE
SPD DINING SETS
DRESSING TABLES
DIWANS
SIDE BOARD UNITS
PREMIUM DINING SETS
SHOE RACKS
STUDY TABLES
LCD UNITS
COFFEE SETS
FREE DELIVERY WITHIN 20 KMS | EASY FINANCE AVAILABLE | GIFT ON EVERY PURCHASE | EXCHANGE FACILITY AVAILABLE | MARRIAGE EXCLUSIVE OFFER ALSO AVAILABLE | FREE INSTALLATION WITHIN MUNICIPALITY AREA
Furniture Available at : Patrapada-Bhubaneswar | CDA-Cuttack | Puri | Jagatsinghpur | Paradeep | Nayagarh | Kalapathar | Balugaon | Jajpur Town | Chandikhole | Athagarh | Angul
OUR FINANCE PARTNERS
BAJAJ FINSERV
HDFC BANK We understand your world
IDFC FIRST Bank
HDB FINANCIAL SERVICES
ALL CREDIT & DEBIT CARDS ACCEPTABLE
UP TO ₹5,000 INSTANT DISCOUNT* SBI card
#Min. Trxn.: ₹25,000. Also valid on EMI Trxns.
Validity: 02 Oct - 16 Oct 2024. T&C Apply.
WIDECARE
SECURE YOUR PRODUCT WITH EXTENDED WARRANTY
ASK FOR 5 YEARS EXTENDED WARRANTY
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square,Grand Road, Mob: 7008989310, JATNI- Near Axis bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303
*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .T&C apply

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୫/୨୦୨୪ | Bhubaneswar, Saturday, October 5/2024


# ଛତିଶଗଡ଼ରେ ୩୬ ମାଓବାଦୀ ନିହତ

ମାଲକାନଗିରି,୪।୧୦
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଶୁକ୍ରବାର ପୋଲିସ ଗୁଳିରେ ୩୬ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ନାରାୟଣପୁର-ଦାନ୍ତେୱାଡ଼ା ସୀମାବର୍ତ୍ତୀ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଦାନ୍ତେୱାଡା ପୋଲିସ ସୂଚନା ଦେଇଛି। ଏତେ ସଂଖ୍ୟାରେ ମାଓବାଦୀ ନିହତ ହେବା ସୁରକ୍ଷା ବଳ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି।

ବସ୍ତର ଆଇଜି ସୁନ୍ଦରରାଜ ପି'ଙ୍କ ନିର୍ଦ୍ଦେଶରେ ନାରାୟଣପୁର



ଏସ୍‌ପି ପ୍ରଭାତ କୁମାର ମାଓବାଦୀ ବିରୋଧୀ ତଲାସି ଅଭିଯାନରେ ଯବାନଙ୍କୁ ପଠାଇଥିଲେ। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଅଭିଯାନରେ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଏବଂ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ସାମିଲ ଥିଲା। ଯବାନମାନେ ଶୁକ୍ରବାର ନାରାୟଣପୁର ଓ ଦାନ୍ତେୱାଡା ଜିଲାର ସୀମାବର୍ତ୍ତୀ ଆମ୍ବୁଜମାଡ଼ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ସୁରକ୍ଷା କର୍ମୀମାନେ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ଭାବେ ଘେରି ରଖିଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟରେ ୩୬ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଗୁଳି ଚାଳନା ଜାରି ରହିଛି। ଘଟଣାସ୍ଥଳରୁ ଏକେ ୪୭ ରାଇଫଲ, ଏସ୍‌ଏଲ୍‌ଆର୍ ସହ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ତେବେ ଗୁଳି ବିନିମୟରେ ସୁରକ୍ଷା କର୍ମୀଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ପାଇ ଗୁରୁବାର ମିଳିତ ଅଭିଯାନ ପାଇଁ ସୁରକ୍ଷା ବଳଙ୍କୁ ଗୋଭେଲ, ☞ପୃଷ୍ଠା-୨

## ମଙ୍କିପକ୍ସ ଟେଷ୍ଟିଂ କିଟ୍‌କୁ ଡବ୍ଲ୍ୟୁଏଚ୍‌ଓର ମଞ୍ଜୁରୀ

ନୂଆଦିଲ୍ଲୀ,୪।୧୦

ମଙ୍କିପକ୍ସ ରୋଗ ଚିହ୍ନଟ ପାଇଁ ପ୍ରଥମ ଟେଷ୍ଟିଂ କିଟ୍‌କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମଞ୍ଜୁରୀ ପ୍ରଦାନ କରିଛି। ମଙ୍କିପକ୍ସ ଭୂତାଣୁରୁ ସୃଷ୍ଟି ହେଉଥିବା ଏହି ରୋଗକୁ ଜନସ୍ୱାସ୍ଥ୍ୟ ଏମର୍ଜେନ୍ସି ଘୋଷଣା କରାଯାଇଛି। ଏହି ରୋଗରେ ଜ୍ୱର ହେବା ସହ ତ୍ୱଚାରେ ଫଳିଯିବା ଭଳି ଲକ୍ଷଣ ଦେଖାଯାଇଥାଏ। ଏମ୍‌ପକ୍ସ ପରୀକ୍ଷା କିଟ୍‌କୁ ଆଲିନିଟି ଏମ୍ ଏମ୍‌ପିଏକ୍ସଭି ଆସି କୁହଯାଉଛି। ଆବୋଟ ମଲିକୁଲାର ସଂସ୍ଥା ଏହାର ବିକାଶ କରିଛି। ଆଫ୍ରିକୀୟ ଦେଶଗୁଡ଼ିକରେ ମଙ୍କିପକ୍ସ ବ୍ୟାପୁଥିବାରୁ ଏହାର ତ୍ୱରିତ୍ ଓ ଉପଯୁକ୍ତ ପରୀକ୍ଷା ଆବଶ୍ୟକ ହୋଇଛି। କାରଣ ଏହି ରୋଗ ଶୀଘ୍ର ଚିହ୍ନଟ ହେଲେ ଉପଯୁକ୍ତ ସମୟରେ ଚିକିତ୍ସା କରାଯିବା ସହ ସଂକ୍ରମଣକୁ ରୋକାଯାଇପାରିବ।

**ଆଜିର ସମ୍ପାଦକୀୟ**

**ରହସ୍ୟମୟ ଘଟଣା**

# ଅର୍ପଣ ଚାଉଳ ନିଲାମ ହେଲା

## ବିକ୍ରି ଅର୍ଥ ୨କୋଟି ୮୬ ଲକ୍ଷ ଶ୍ରୀମନ୍ଦିର ପାଣ୍ଠିରେ ରହିବ



ପୁରୀ,୪।୧୦
(ଅଜିତ କୁମାର ମହାନ୍ତି)

ଦୀର୍ଘଦିନ ଧରି ଅର୍ପଣ ଚାଉଳକୁ ନେଇ ଲାଗିରହିଥିବା ବିବାଦ ତଥା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶେଷରେ ଶୁକ୍ରବାର ଗଚ୍ଛିତ ରହିଥିବା ବଳକା ୧୦ ହଜାର ୩୨୨ କୁଇଣ୍ଟାଲ ଅର୍ପଣ ଚାଉଳକୁ ୨କୋଟି ୮୬ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି। ପୁରୀ ଜିଲା ଯୋଗାଣ ବିଭାଗ ଅଧୀନରେ ଥିବା ଏହି ଅର୍ପଣ ଚାଉଳକୁ କୁଇଣ୍ଟାଲ୍ ପିଛା ୨୭୮୦ ଟଙ୍କାରେ ନିଲାମ କରାଯାଇଛି। ପୁରୀ ଜିଲା ନିମାପଡ଼ାର ମା' ତାରିଣୀ ରାଇସ ମିଲ୍ ଅର୍ପଣ ଚାଉଳ କିଣିଛି। ନିଲାମ ଅର୍ଥ ପ୍ରଶାସନକୁ ପୈଠ କରିବା ପରେ ମା' ତାରିଣୀ ରାଇସ ମିଲ୍ ଚାଉଳ ଉଠାଇବ। ଏହି ନିଲାମ ପ୍ରକ୍ରିୟାରେ ରାଜ୍ୟ ବାହାରର ଅନେକ ରାଇସ ମିଲ୍ ମଧ୍ୟ ସାମିଲ ହୋଇଥିଲେ। ଲବ୍ଧ ଅର୍ଥରାଶିକୁ ଶ୍ରୀମନ୍ଦିର ପାଣ୍ଠିରେ ଗଚ୍ଛିତ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସଂଗୃହୀତ ହୋଇଥିବା ଅର୍ପଣ ଚାଉଳର ନିଲାମକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବାଣ୍ଟିବା ଉଚିତ ଥିଲା ବୋଲି ଅନେକେ ମତ ଦେଇଛନ୍ତି। ତେବେ ଅର୍ପଣ ଚାଉଳ ନିଲାମକୁ ସୁଆର ମହାସୁଆର ନିଯୋଗ ସ୍ୱାଗତ କରିଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ମହାପ୍ରଭୁଙ୍କ ପାଇଁ ଚାଉଳ ଦାନ କରିବାକୁ ତତ୍କାଳୀନ ରାଜ୍ୟ ସରକାର ☞ପୃଷ୍ଠା-୨




# ଘରେ ପଶି ଯୁବତୀଙ୍କ ତଣ୍ଟି କାଟି ହତ୍ୟା

କେନ୍ଦୁଝର, ୪।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ୫୦୦ ମିଟର ଦୂର ଟାଉନ ଥାନା ଅଧୀନ ପବିତ୍ରଡିହା ସାହି (ବରାଳ ଲଜ୍ ଗଳି)ରେ ଶୁକ୍ରବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଘରେ ପଶି କେହି ଦୁର୍ବୃତ୍ତ ଜଣେ ଯୁବତୀଙ୍କ ତଣ୍ଟି କାଟି ହତ୍ୟା କରିଥିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବତୀ ହେଲେ ରବୀନ୍ଦ୍ର ବେହେରାଙ୍କ ବଡ଼ଝିଅ ମନୋରମା(୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ମନୋରମା ତାଙ୍କ ମା' ବାପା ଓ ସାନଭଉଣୀଙ୍କ ସହିତ ଭଡ଼ାଘରେ ରହୁଥିଲେ। ତାଙ୍କ ଘର ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି।

ମୃତ ଯୁବତୀଙ୍କ ବାପା ରବୀନ୍ଦ୍ରଙ୍କ କହିବା ଅନୁଯାୟୀ, ସେ କେନ୍ଦୁଝର ସହର ଲାବଣ୍ୟ ଛକ ନିକଟରେ ଛତୁ ବ୍ୟବସାୟ କରନ୍ତି। ଶୁକ୍ରବାର ସେ ଓ ତାଙ୍କ ସ୍ତ୍ରୀ ଛତୁ ବିକିବା ପାଇଁ ଯାଇଥିବା ବେଳେ ସାନଝିଅ କଲେଜ ଯାଇଥିଲେ। ମନୋରମା ଘରେ ଏକା ଥିଲେ। ପୂର୍ବାହ୍ନ ୧୧ଟା ବେଳେ ମନୋରମା ସ୍ଥାନୀୟ ବଜାରରୁ ଚାଉଳ କିଣି ଘରକୁ ଫେରିବା ପରେ ମା' ଓ ବାପାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ସାନଝିଅ କଲେଜରୁ ଘରକୁ ଫେରିବା ବେଳେ ଭଉଣୀଙ୍କ ମୃତଦେହ ଦେଖି ମା'ବାପାଙ୍କୁ ଜଣାଇଥିଲେ। ମା'ବାପା ଘରକୁ ଫେରି ଝିଅର ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ। ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଟାଉନ ଥାନା ଅଧିକାରୀ ବିବସ୍ୱ ପ୍ରଧାନ ସଦଳବଳେ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍, ପରିବାର ତଥା ସାହିପଡ଼ିଶାଙ୍କ ସହିତ ଆଲୋଚନା କରି ପୋଲିସ ହତ୍ୟାକାରୀଙ୍କ ସନ୍ଧାନ କରୁଛି। ଏଭଳି ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ସାହି ଲୋକେ ଭୟଭୀତ ହୋଇପଡ଼ିଥିବା ବେଳେ ଦିନ ଦ୍ୱିପ୍ରହରରେ ଜିଲା ମୁଖ୍ୟାଳୟ ନିକଟରେ ଏଭଳି ହତ୍ୟା ଘଟଣା ପୋଲିସର ଚିନ୍ତା ବଢ଼ାଇଦେଇଛି। ପାର୍ବଣ ଋତୁ ଚାଲିଥିବା ବେଳେ ସହରରେ ☞ପୃଷ୍ଠା-୨

# ଶିମିଳିପାଳରେ ପୁଣି କଳାବାଘ

ଭୁବନେଶ୍ୱର, ୪।୧୦
(ବନ୍ଦନା ସେଠୀ)

ଶିମିଳିପାଳ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲରେ ବିଚରଣ କରୁଛି କଳାବାଘ। ଏହା ପୁଣିଥରେ କ୍ୟାମେରାରେ କଏଦ ହୋଇଛି। ଶୁକ୍ରବାର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ପିସିସିଏଫ୍) ସୁଶାନ୍ତ ନନ୍ଦ ଏହାର ଭିଡିଓକୁ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ଏନେଇ ସୂଚନା ଦେଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ନିକଟରେ ପ୍ରସ୍ତାବିତ ଦେଶର ପ୍ରଥମ କଳାବାଘ ସଫାରି ପ୍ରକଳ୍ପ କାମ ଆଗେଇ ଚାଲିଛି। ଏପରି ସମୟରେ କଳାବାଘ ବିଚରଣ କରୁଥିବା ଚିତ୍ର ସାମ୍ନାକୁ ଆସିଥିବାରୁ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କଳାବାଘ ସଫାରିକୁ ପୂର୍ବରୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଅନୁମୋଦନ କରିଥିବାବେଳେ ଏହାର ଡିଜାଇନ୍‌କୁ ସେଣ୍ଟ୍ରାଲ ଜୁ' ଅଥରିଟି ନିକଟରେ ମଞ୍ଜୁରୀ ଦେଇଛନ୍ତି। ବାରିପଦାରୁ ୧୦ କି.ମି. ଦୂର ☞ପୃଷ୍ଠା-୨



ଶିମିଳିପାଳରେ ଲାଗିଥିବା କ୍ୟାମେରାରେ କଏଦ୍ ହୋଇଥିବା କଳାବାଘ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱଚ୍ଛତା ଏବଂ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ମା'ମଙ୍ଗଳା ବସ୍ତି, ଲୁମ୍ବିନୀ ବିହାର, କେୟାର ହସ୍ପିଟାଲ ନିକଟ, ସମୟ: ସକାଳ ୭ଟା ୫୦।
- ପ୍ରଫେସର ଡ.ଗୋକୁଳାନନ୍ଦ-ନିତ୍ୟାନନ୍ଦ ମହାପାତ୍ର ଫାଉଣ୍ଡେଶନର ୧୧ତମ ବାର୍ଷିକ ସମ୍ମିଳନୀ. ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା।
- ସାହିତ୍ୟ ପତ୍ରିକା 'ଅପୂର୍ବା'ର ୨୬ତମ ଜନ୍ମ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭାଗୃହ, ହାଉସିଂବୋର୍ଡ ଛକ, ସମୟ: ପୂର୍ବାହ୍ଣ ୧୦ଟା।
- ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ୟୁନିଟ୍-୪,ସମୟ: ପୂର୍ବାହ୍ଣ ୧୦ଟା।
- ପ୍ରାଣନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ଅଶୋକନଗର, ସମୟ: ପୂର୍ବାହ୍ଣ ୧୧ଟା।
- ଦୈନିକ ଖବରକାଗଜ 'ନିର୍ଭୟ'ର ୧୦ମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ମେ ଫେୟାର ଲାଗୁନ୍‌ର ଅର୍କିଡ୍ ସଭାଗୃହ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- 'ବିଭାବନା' ସାରସ୍ୱତ ସମାରୋହ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ ଭବନ, ସମୟ: ଅପରାହ୍ଣ ୩ଟା ୪୫।
- ନବନିଯୁକ୍ତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ନିଯୁକ୍ତିପତ୍ର ଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଷ୍ଟାଡ଼ିୟମର ହକି ଗ୍ରାଉଣ୍ଡ(ୱେଷ୍ଟ ଷ୍ଟାଣ୍ଡ), ସମୟ: ଅପରାହ୍ଣ ୪ଟା ୩୦।
- ନନ୍ଦିଘୋଷ ଟିଭି ପକ୍ଷରୁ ରିଏଲ ଇଷ୍ଟେଟ୍ କନକ୍ଲେଭ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ଣ ୫ଟା।

## କଟକ

- ୟଙ୍ଗ ମେନ୍ସ ଖ୍ରୀଷ୍ଟିୟାନ ଆସୋସିଏଶନ ପକ୍ଷରୁ ଆନ୍ତଃବିଦ୍ୟାଳୟ ସାରସ୍ୱତ ପ୍ରତିଯୋଗୀତାର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଆସୋସିଏଶନ୍ ପରିସର, କଟକ ମିଶନ ରୋଡ୍, ସମୟ: ପୂର୍ବାହ୍ଣ ୧୦ଟା
- ଦି ବ୍ରାନ୍ ଫାଉଣ୍ଡେଶନର ଡି-ଆଡିକସନ୍ ଆଣ୍ଡ୍ ରିହାବିଲିଟେସନ୍ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ଅନୁଷ୍ଠାନ ପରିସର, କଟକ ଉପର ତେଲେଙ୍ଗାବଜାର, ସମୟ: ଅପରାହ୍ଣ ୫ଟା।

## ଖୋର୍ଦ୍ଧା

- ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ, ଜଟଣୀ, ସମୟ: ସକାଳ ୯ଟା।
- ଦିଶା ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ଣ ୧୧ଟା।

## ବାଲେଶ୍ୱର

- ଦୁର୍ଗାପୂଜା ଉପଲକ୍ଷେ ସିଙ୍ଗଲ ୱିଣ୍ଡୋ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ବିଶ୍ୱ ଗୁରୁ ଦିବସ, ସ୍ଥାନ: ଡିଭାଇନ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟାଳୟ, ନୀଳଗିରି, ସମୟ: ଅପରାହ୍ଣ ୨ଟା ୩୦।
- ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିକାଶ ନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ଣ ୪ଟା।

## ଭଦ୍ରକ

- ସିପିଏମ୍‌ର ତିହିଡ଼ି ଆଞ୍ଚଳିକ ସମ୍ମିଳନୀ, ସ୍ଥାନ: ତିହିଡ଼ି, ସମୟ: ପୂର୍ବାହ୍ଣ ୧୧ଟା।
- ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୧ଟା ୩୦।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ଚନ୍ଦ୍ରଘଣ୍ଟା ବେଶ, ପୂଜା ସ୍ଥାନ: ସୁନ୍ଦରାପାଳ, ହାଟଡିହୀ, ସମୟ: ସକାଳ ୬ଟା।
- ମା' ଦୁର୍ଗାଙ୍କ ମନ୍ଦିରରେ ତୃତୀୟ ଦିନ ନବରାତ୍ର ପୂଜା, ସ୍ଥାନ: ଉଅଁର, ହାଟଡିହୀ, ସମୟ: ସକାଳ ୬ଟା।
- ଶନି ମନ୍ଦିରରେ ମେଳା, ହୋମ, ପୂଜା, ସ୍ଥାନ: ଛେନାପଦୀ, ମୋଟରାଗଡିଆ, ହାଟଡିହୀ, ସମୟ: ସକାଳ ୭ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ବାରିଙ୍ଗା ଧନେଇ ପୀଠ, ବାଇଲୋ ଆନନ୍ଦପୁର, ସମୟ: ପୂର୍ବାହ୍ଣ ୧୦ଟା।
- ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବୈଠକ, ସ୍ଥାନ: ନାଉକଣା, ଘସିପୁରା, ସମୟ: ସନ୍ଧ୍ୟା ୭ଟା।
- କାଳୀପୂଜା କମିଟି ପକ୍ଷରୁ ପ୍ରଥମ ବୈଠକ, ସ୍ଥାନ: ବେଲବାହାଲୀ ପୂଜା ମଣ୍ଡପ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ବ୍ଲକସ୍ତରୀୟ ପିଏମ୍ କିଶାନ ଉତ୍ସବ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- ବନ୍ୟପ୍ରାଣୀ ସପ୍ତାହ ଅବସରରେ ମିନି ମାରାଥନ, ସ୍ଥାନ:ଖଇରୀ ନିବାସ, ଯଶିପୁର ସମୟ: ସକାଳ ୬ଟା ୩୦
- ରୂପାନ୍ତର ପକ୍ଷରୁ ନାଟକ 'ଦୁର୍ଘଟଣା' ପରବେଷଣ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ସନ୍ଧ୍ୟା ୭ଟା ୩୦।

## ଗଞ୍ଜାମ

- ରାଷ୍ଟ୍ରୀୟ ପୋଷଣ ଦିବସ ସମାରୋହ, ସ୍ଥାନ: ଛତ୍ରପୁର ଋଷିକୁଲ୍ୟା ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଦିବସ, ସ୍ଥାନ: ଛତ୍ରପୁର ଋଷିକୁଲ୍ୟା ସମ୍ମିଳନୀ ଗୃହ, ସମୟ:ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ

- ବାଜିରାଉତଙ୍କ ଜୀବନକୁ ନେଇ ଗୀତିନାଟ୍ୟ ପରିବେଷଣ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍, ସମୟ: ଅପରାହ୍ଣ ୩ଟା।
- ଜିଲାସ୍ତରୀୟ ପିଏମ୍ କିଷାନ ଉତ୍ସବ, ସ୍ଥାନ: ଢେଙ୍କାନାଳ ନୂତନ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- ମୈନାକ୍ ସାହିତ୍ୟ ସଂସଦ ପକ୍ଷରୁ ଶାରଦୀୟ କବିତା ଆସର, ସ୍ଥାନ: ସାକ୍ଷରତା ଭବନ, ମଧୁବନ, ପାରାଦୀପ, ସମୟ: ଅପରାହ୍ଣ ୪ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ଣ ୧୦ଟା।

## ନୟାଗଡ଼

- ମହିଶାଷୁଣୀ ପୀଠରେ ନବଦିନାତ୍ମକ ପୂଜାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଜଗନ୍ନାଥ ପ୍ରଦସାଦର ଦରଦା, ସମୟ: ସକାଳ ୭ଟା
- ଶ୍ରୀନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା' ବିମଳାଙ୍କ ନବଦିନାତ୍ମକ ପୂଜାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶୋଡ଼ଷ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼, ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ଶୋଡ଼ଷ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା। ଶ୍ମଶାନ ଚଣ୍ଡୀ ପୀଠରେ ଠାକୁରାଣୀଙ୍କ ଚଣ୍ଡୀପାଠ, ସ୍ଥାନ: ଶ୍ମଶାନ ଚଣ୍ଡୀପୀଠ କଣ୍ଟିଲୋ, ସମୟ: ସକାଳ ୭ଟା।
- ବନ୍ୟପ୍ରାଣୀ ସୁରକ୍ଷା ସଚେତନ ଶୋଭାଯାତ୍ରା, ସ୍ଥାନ: ଓଡ଼ଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ରଘୁନାଥ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା, ସମୟ: ସକାଳ ସାଢ଼େ ୭ଟା।
- ବନ୍ୟପ୍ରାଣୀ ସପ୍ତାହ ଅବସରରେ ସଭା, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ଣ ୧୧ଟା।
- ଯକ୍ଷ୍ମାର ଭିସିଜି ଟୀକାର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ଟା।
- ଶୋଡ଼ଷ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- କଲ୍ୟାଣ ମଣ୍ଡପ, ଗ୍ରାମାଞ୍ଚଳ ପାର୍କ ଓ ଜିମ୍ ଉଦ୍‌ଘାଟନ, ସ୍ଥାନ: କୁଲି, ରାୟଗଡା ବ୍ଲକ, ସମୟ: ସକାଳ ୯ଟା ୩୦।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସର, ଗୁଡ଼ାରି, କୋଲନରା, ସମୟ: ପୂର୍ବାହ୍ଣ ୧୦ଟା।
- ଗ୍ରାମାଞ୍ଚଳ ହାଟ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ- ବଡଆଲୁବାଡି, ରାୟଗ ବ୍ଲକ୍, ସମୟ: ପୂର୍ବାହ୍ଣ ୧୦ଟା।
- ପିଏମ୍ କିଷାନ କାର୍ଡ ବଣ୍ଟନ, ସ୍ଥାନ: କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ଣ ୧୦ ଟା ।
- ପିଏମ୍ କିଷାନ ଉତ୍ସବ, ସ୍ଥାନ: ଜିଲା ପରିଷଦ କନଫରେନ୍ସ ହଲ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଡାବୁଗାଁ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୯ଟା।

## କୋରାପୁଟ

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: କୋଟପାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଷ୍ଟେକ ହୋଲଡରଙ୍କ ବୈଠକ, ସ୍ଥାନ: କୋରାପୁଟ ମେଡିକାଲ କଲେଜ ସଭାଗୃହ, ସମୟ: ପୂର୍ବାହ୍ଣ ୧୧ଟା।
- ମେଗା ଜଳ ଯୋଗାଣ ପ୍ରକଳ୍ପ ଉପରେ ଜିଲାପାଳଙ୍କ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ଣ ୩ ଟା ୩୦ ।
- କୋରାପୁଟ ଜିଲାରେ ୨୦୨୪-୨୫ ଖରିଫ ଚାଷ ସଂଗ୍ରହ ଉପରେ ଜିଲାପାଳଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ ସଭା ଗୃହ, କୋରାପୁଟ, ସମୟ: ଅପରାହ୍ଣ ୫ ଟା।

## ସମ୍ବଲପୁର

- ସମଲେଇ ପୀଠରେ ତୃତୀୟା ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଆବାହନୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବଡବଜାରସ୍ଥିତ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ଣ ୧୦ଟା।
- ମହୁମାଛି ଚାଷ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜୁଜୁମୁରା ବ୍ଲକ ଅନ୍ତର୍ଗତ ମୂଷାକାନୀ ଗ୍ରାମ, ସମୟ: ପୂର୍ବାହ୍ଣ ୧୦ଟା।
- ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସମ୍ମାନ, ସ୍ଥାନ: ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ଣ ୧୦ଟା।
- ହୀରାଖଣ୍ଡ ନାଗରିକ ପରିଷଦର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ଣ ୫ଟା।
- ଭାରତୀୟ ଶିକ୍ଷଣ ମଣ୍ଡଳ ପକ୍ଷରୁ ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ଅପରାହ୍ଣ ୫ଟା।

## ବଲାଙ୍ଗୀର

- ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ଚନ୍ଦ୍ରଘଣ୍ଟା ପୂଜା, ସ୍ଥାନ: ପ୍ୟାଲେସ ଲାଇନ୍ ଦୁର୍ଗାପୂଜା ମଣ୍ଡପ, ପ୍ୟାଲେସ ଲାଇନ୍, ବଲାଙ୍ଗୀର, ସକାଳ: ୮ଟା
- ନବଦିନାତ୍ମକ ଦୁର୍ଗାପୂଜାର ତୃତୀୟ ଦିବସ, ସ୍ଥାନ: ରୁଗୁଡିପଡା ଦୁର୍ଗାପୂଜା କମିଟି, ବଲାଙ୍ଗୀର, ସମୟ: ସକାଳ ୮ଟା।
- ନବଦିନାତ୍ମକ ଦୁର୍ଗାପୂଜାରେ ଚନ୍ଦ୍ରଘଣ୍ଟା ପୂଜା, ସ୍ଥାନ: ପିପି ଏକାଡେମୀ ଦୁର୍ଗାପୂଜା କମିଟି, ବଲାଙ୍ଗୀର, ସମୟ: ସକାଳ ୮ଟା।
- ନବଦିନାତ୍ମକ ଦୁର୍ଗାପୂଜାର ତୃତୀୟ ଦିବସ, ସ୍ଥାନ: ଟିକ୍ରାପଡା ଗାନ୍ଧୀ ପାଠାଗାର, ବଲାଙ୍ଗୀର ,ସମୟ: ସକାଳ ୮ଟା
- ଆଗଲପୁର ବ୍ଲକ ରୋଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ,ସ୍ଥାନ: ରୋଥ, ଆଗଲପୁର, ସମୟ: ସକାଳ ୯ଟା।
- ଆଗଲପୁର ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜନସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ,ସ୍ଥାନ: ନୁନିଆପାଲି, ରିନବଚନ, ଇଂଶା, ରେଙ୍ଗାଲି, ବାବୁଫାସଡ, ସମୟ: ପୂର୍ବାହ୍ଣ ୧୦ ଟାରୁ ।

## ସୁବର୍ଣ୍ଣପୁର

- ମା'ଙ୍କ ଶାରଦୀୟ ନବରାତ୍ର ପୂଜାର ତୃତୀୟ ଦିବସ, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ,ବୀରମହାରାଜପୁର, ସମୟ: ସକାଳ ୯ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ତୃତୀୟ ଦିବସ, ସ୍ଥାନ: କୋଟସମଲେଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ରି ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଦଶହରା ପ୍ରସ୍ତୁତି ବୈଠକ, ସ୍ଥାନ: ଲୁଡୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମାଁ ବାଟ ମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।
- ପି.ଏମ୍ କିଷାନ ଉତ୍ସବ ଦିବସ, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ଣ ୧୧ଟା ୩୦।

## ସୁନ୍ଦରଗଡ଼

- ବନ୍ୟପ୍ରାଣୀ ସପ୍ତାହ ପାଳନ ଉପଲକ୍ଷେ "ବନ କି ବାତ କାର୍ଯ୍ୟକ୍ରମ,ସ୍ଥାନ:ସଦଭାବନା ଭବନ,ସମୟ: ସକାଳ ୧୦ଟା୩୦।
- ପିଏମ କିସାନ ଉତ୍ସବ,ସ୍ଥାନ:ବିକାଶ ଭବନ,ସମୟ: ପୂର୍ବାହ୍ଣ ୧୨ଟା।
- ବିଜୁଳି ବନ୍ଧ ଉନ୍ନତି କରଣ ନେଇ ଆଲୋଚନା ସଭା,ସ୍ଥାନ:ସଦଭାବନା ଭବନ,ସମୟ:ଅପରାହ୍ଣ ୩ଟା।

## ରାଉରକେଲା

- ଲତା ମଙ୍ଗେସ୍‌କର ନାଇଟ୍, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ନବରାତ୍ରର ୩ୟ ଦିବସ ପାଳନ, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ଶକ୍ତିପୀଠ, ସମୟ: ସକାଳ ୯ଟା।
- ଟିପିଡବ୍ଲ୍ୟୁଓଡିଏଲର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଆଇ, ରାଉରକେଲା, ସମୟ: ପୂର୍ବାହ୍ଣ ୧୦ଟା।

## ଦେବଗଡ଼

- ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ତୃତୀୟ ଦିବସର ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠ ସାହି, ସମୟ: ପୂର୍ବାହ୍ଣ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ର ତୃତୀୟ ଦିବସର ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ ସହର, ସମୟ: ପୂର୍ବାହ୍ଣ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ପି ଏମ କିଷାନ ସମ୍ମାନ ନିଧି ଯୋଜନାର ଚାଷୀଙ୍କୁ ୧୮ତମ କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, କ୍ୟାମ୍ପସ, ସମୟ: ପୂର୍ବାହ୍ଣ ୧୧ଟା।

## ନୂଆପଡ଼ା

- ନବରାତ୍ର ଦୁର୍ଗାପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗା ମଣ୍ଡପ ନୂଆପଡ଼ା, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।
- ମାତା ଚନ୍ଦ୍ରଘଣ୍ଟା ପୂଜା, ସ୍ଥାନ: ଦୁର୍ଗାମଣ୍ଡପ ତରବୋଡ଼, ସମୟ: ସକାଳ ୮ଟା।
- ଧରମବନ୍ଧା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭୈଇଁଷିପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ରାତ୍ର ୯ଟା।
- ଶିବଶଙ୍କର ଯୁବକ ସଂଘ ପାଥରପଡା ପକ୍ଷରୁ କବାଡି ପ୍ରତିଯୋଗିତା, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରୀ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନୁଆପଡ଼ା ବ୍ଲକ ସାରାବଙ୍ଗ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।

## ବୌଦ୍ଧ

- ପାନୀୟ ଜଳ ଓ ପାଇଖାନା ବ୍ୟବସ୍ଥା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ , ବୌଦ୍ଧ, ସମୟ: ପୂର୍ବାହ୍ଣ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମକ୍ଷେତ୍ରର ସମସ୍ୟା ଆପଣଙ୍କୁ ନିରୁତ୍ସାହିତ କରିପାରେ। ପ୍ରତ୍ୟେକ କାମରେ ବିଳମ୍ବତା ଜନିତ ମନସ୍ତାପ କରିପାରନ୍ତି। ତଥାପି ଦ୍ୱିଜା ନକ୍ଷତ୍ର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବା ହେତୁ ମାନସିକ ଅସ୍ଥିରତା ଦୂର ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବ।

**ବୃଷ** ମୃଗଶିରା ନକ୍ଷତ୍ର ସକାଶେ ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ବିରୋଧଜନିତ କାର୍ଯ୍ୟହାନି ଘଟିବ। ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରେ ଖର୍ଚ୍ଚାନ୍ତ କରାଇ କାମ ହାସଲରେ ସହାୟକ ହେବ। ଆଗାମୀ ଦିନ ସକାଶେ କେତେକ ନୂତନ କାମର ପରିକଳ୍ପନା କରିବେ। ଘରକୁ ବହୁତ ଦିନରୁ ଇଚ୍ଛା କରି ମଧ ଆଣି ପାରି ନଥିବା ଜିନିଷଟି ଆଜି ଆଣିପାରନ୍ତି।

**ମିଥୁନ** ଆଜି ନିଜ କାର୍ଯ୍ୟ ପଛକୁ ପକାଇ ବନ୍ଧୁଙ୍କ କାମକୁ ଅଗ୍ରାଧିକାର ଦେଇପାରନ୍ତି। ଆଜିର ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ହେବ। ଆର୍ଦ୍ରା ନକ୍ଷତ୍ର ଉପରିସ୍ଥଙ୍କ ଆଦେଶ ଅନୁସାରେ ନୂତନ ଦାୟିତ୍ୱ ହାତକୁ ନେବେ। ଯେତେ ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କର୍କଟ** ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସି ଆଜି ଏତେ ବ୍ୟସ୍ତ ରହିବେ ଯେ, ଖାଇବାକୁ ସମୟ ପାଇବେ ନାହିଁ। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ। ପରିବାର ପ୍ରତି ଉଦାସୀନତା ପରିଲକ୍ଷିତ ହେବ। ପ୍ରତିବନ୍ଧକଜନିତ ବ୍ୟବସାୟ , ପରିବହନ, ମାନସିକ ସ୍ଥିତି ବାଧାପ୍ରାପ୍ତ ହୋଇପାରେ।

**ସିଂହ** ମଘା ନକ୍ଷତ୍ର ସକାଶେ ଆପଣଙ୍କ ପରୋକ୍ଷରେ ଅନ୍ୟମାନେ ବିଭିନ୍ନ ପ୍ରକାର ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ଆପଣଙ୍କ ମନ କଥା ଅପ୍ରକାଶ୍ୟ ରହିଯିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କିଛି ଘରୋଇ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇ ହତାଶ ହେବେ। ଭାବୁଥିବା କାମଟି ଶେଷ କରିବା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିବେ । ଚିତ୍ରା ନକ୍ଷତ୍ର ପାଇଁ ଆଜିର ପରିବହନରେ ପ୍ରତିବନ୍ଧକ ଦେଖାଦେବ। ଯାହା ବିଷୟରେ ଆଲୋଚନା କରୁଥିବେ ତାକୁ ହଠାତ୍ ଅତି ନିକଟରେ ଦେଖି ହତବତେଇ ଯାଇପାରନ୍ତି।

**ତୁଳା** ଆପଣଙ୍କ ସକାଶେ ଘର ଲୋକଙ୍କ ବ୍ୟସ୍ତତାକୁ ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡକୁ ଅଙ୍ଗୁଳି ଦେଖାଇପାରେ। ସ୍ୱାତୀ ନକ୍ଷତ୍ର ସକାଶେ ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧକ ହେବ। ରାଜନୀତି, ନିର୍ମାଣ, କଳା, ସାହିତ୍ୟ କ୍ଷେତ୍ରରେ ସୁନାମକୁ ନିକଟସ୍ଥ ବ୍ୟକ୍ତି ସହି ପାରିବେ ନାହିଁ।

**ବିଛା** ସତର୍କତା ଅଭାବରୁ ଆଜି ସରଳ ବିଶ୍ୱାସ କରି ଠକିଯାଇ ପାରନ୍ତି। ନିଜ ପରିସରର ଲୋକମାନେ ଅପଯଶ ଗାଇ ବୁଲିବେ। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ ହୋଇ ଦ୍ୱନ୍ଦ୍ୱରେ ପଡି ପାରନ୍ତି। ଅନୁରାଧା ନକ୍ଷତ୍ରର ପରିଜନ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକପ୍ରକାର ଖୁସି ରହିବ।

**ଧନୁ** ସତର୍କ ନ ରହିଲେ ଅର୍ଥହାନି ସହ ଶରୀର ପୀଡ଼ା ଭୋଗିବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟରେ ଆଜି ଋଣ ସୂତ୍ରରେ ଅର୍ଥଲାଭ କରିବେ। ଅଫିସ୍ କାମରେ ସହକର୍ମୀ ରାଗି କଡ଼ା ଭାଷାରେ ଦି'ପଦ ଶୁଣାଇ ଦେଇ ପାରନ୍ତି କିନ୍ତୁ କାମଟି ଶେଷରେ କରିଦେଇପାରନ୍ତି।

**ମକର** ଆଜି ମାନସିକ ଅସ୍ଥିରତା ଲାଗିରହିବ। ଉତରାଷାଢ଼ା ନକ୍ଷତ୍ର କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ ଯାହା କରିବା କଥା ଧାର କରି ଚଳାଇନେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କୁମ୍ଭ** ପ୍ରତି କାମ ସ୍ଥିର ଭାବରେ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶତଭିଷା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବାରୁ ସମ୍ଭାବ୍ୟ ସହଯୋଗ ପାଇପାରିବେ।

**ମୀନ** ଅତୀତରେ ଯିଏ ଶତ୍ରୁତା କରୁଥିଲା ସେ ମଧ ଆପଣା ଆଡୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବ। କର୍ମକ୍ଷେତ୍ରରେ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରି ଯିବ କିନ୍ତୁ ଶାରୀରିକ ସୁସ୍ଥତା ନ ଥିବାରୁ ଉପଭୋଗ୍ୟ ହେବନାହିଁ। ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ। ପୂର୍ବଭାଦ୍ର ନକ୍ଷତ୍ର କଳା, ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ ହେବେ।

ଆଜି ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ, ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୬ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୮ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୮ ଗତେ ଘ. ୧୦।୦୭ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଅର୍ପଣ ଚାଉଳ ...

ଭକ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କ୍ରମରେ ସାରା ରାଜ୍ୟରେ ଅର୍ପଣ ରଥ ବୁଲି ଚାଉଳ ସଂଗ୍ରହ କରିଥିଲା। ମୋଟ ୧୪ହଜାର କୁଇଣ୍ଟାଲ୍ ଅର୍ପଣ ଚାଉଳ ସଂଗୃହୀତ ହୋଇଥିଲା। ସେଥିରୁ ପାଖାପାଖି ୪ ହଜାର କୁଇଣ୍ଟାଲ୍ ଚାଉଳରେ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ମାଗଣାରେ ବଣ୍ଟାଯାଇଥିଲା। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ବଣ୍ଟନ ବନ୍ଦ ରହିଥିଲା। ନିର୍ବାଚନ ପରେ ସରକାର ପରିବର୍ତ୍ତନ ହେବାରୁ ଅର୍ପଣ ଚାଉଳର କାର୍ଯ୍ୟକାରିତାକୁ ନେଇ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ଫଳରେ ଗଚ୍ଛିତ ଥିବା ୧୦ ହଜାର କୁଇଣ୍ଟାଲ୍ ଅର୍ପଣ ଚାଉଳ ଖରାପ ହେବାକୁ ବସିଥିଲା। ନୂତନ ସରକାର ଏନେଇ ଅବଗତ ହେବା ପରେ ଅର୍ପଣ ଚାଉଳକୁ ନିଲାମ କରି ସଂଗୃହୀତ ଅର୍ଥକୁ ଶ୍ରୀମନ୍ଦିର ପାଣ୍ଠିରେ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏ ନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତମାନେ ଚାଉଳ ପ୍ରଦାନ କରିଥିଲେ। ତେବେ ଚାଉଳ ରହି ଆସ୍ତେ ଆସ୍ତେ ନଷ୍ଟ ହେବାକୁ ବସିଥିଲା। ଅର୍ପଣ ଚାଉଳକୁ ପ୍ରଶାସନ ନିଲାମ କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପୂର୍ବରୁ ନିଯୋଗ ପକ୍ଷରୁ ପ୍ରଶାସନ ସହ ଆଲୋଚନା କରାଯାଇ କିଛି ପ୍ରସ୍ତାବ ଦିଆଯାଇଥିଲା। ତନ୍ମଧ୍ୟରେ ଚାଉଳକୁ ନିଲାମ କରି ଅର୍ଥକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବାର ପ୍ରସ୍ତାବ ରହିଥିଲା। ସରକାର ଏପରି ନିଷ୍ପତ୍ତି ନେଇଥିବାରୁ ଧନ୍ୟବାଦ ଜଣାଉଛି। ତେବେ ଭକ୍ତଙ୍କୁ ଯେପରି ମାଗଣାରେ ମହାପ୍ରସାଦ ମିଳିପାରିବ ସରକାର ସେଥିପାଇଁ ପଦକ୍ଷେପ ନେଲେ ଭଲ ହେବ। ମାଗଣା ମହାପ୍ରସାଦ ବଣ୍ଟନ କିଭଳି ସ୍ଥାୟୀ ଭାବେ ଚାଲିପାରିବ ସେନେଇ ସରକାର ଅର୍ଥ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସେହିପରି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଅର୍ପଣ ଚାଉଳ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ଏହି ଚାଉଳ ନିଲାମ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହାର ସର୍ବନିମ୍ନ ବେସ୍ ପ୍ରାଇସ୍ ୨ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା। ନିଲାମ ନେଇଥିବା ସଂସ୍ଥା ଅର୍ଥ ପ୍ରଦାନ କରିବା ପରେ ଚାଉଳ ଉଠାଇବା ପାଇଁ ଅନୁମତି ଦିଆଯିବ। ନିଲାମରୁ ସଂଗୃହୀତ ଅର୍ଥକୁ ଶ୍ରୀମନ୍ଦିର ପ୍ରଶାସନ ଆକାଉଣ୍ଟକୁ ଦିଆଯିବ ବୋଲି ସ୍ୱାଇଁ କହିଛନ୍ତି।

## ଛତିଶଗଡ଼ରେ ୩୬...

ନେନ୍ଦୁର, ଥୁଲଥୁଲି ଗ୍ରାମକୁ ପଠାଯାଇଥିଲା। ଉକ୍ତ ଅଞ୍ଚଳରେ ସୁରକ୍ଷା କର୍ମୀ କମ୍ବିଂ ଅପରେଶନ ଚଳାଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ନେନ୍ଦୁର-ଥୁଲଥୁଲି ନିକଟବର୍ତ୍ତୀ ଜଙ୍ଗଲରେ ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଘଞ୍ଚ ଜଙ୍ଗଲ ମଧ୍ୟରେ ମାଓବାଦୀ ରହିଥିବାରୁ ସୁରକ୍ଷା ବଳଙ୍କୁ ଅତ୍ୟଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥିଲା। ଏହାକୁ ମିଶାଇ ବସ୍ତର ଅଞ୍ଚଳରେ ଚଳିତ ବର୍ଷ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୧୮୫ ମାଓବାଦୀ ନିପାତ ହେଲେଣି। ଦାନ୍ତେୱାଡ଼ା, ନାରାୟଣପୁର ସମେତ ୭ ଜିଲାକୁ ନେଇ ବସ୍ତର ଅଞ୍ଚଳ ଗଠିତ। ଏପ୍ରିଲ ୧୬ରେ କଙ୍କେର ଜିଲାରେ ଏନ୍‌କାଉଣ୍ଟରରେ କେତେଜଣ ଉଚ୍ଚ କ୍ୟାଡରଙ୍କ ସମେତ ୨୯ ମାଓବାଦୀ ନିହତ ହୋଇଥିଲେ।

## ଘରେ ପଶି ଯୁବତୀଙ୍କ ...

ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ନାନା ପ୍ରତିକ୍ରିୟା ପ୍ରକାଶ ପାଉଛି। ମନୋରମାଙ୍କ ତଣ୍ଟି କଟାଯାଇଥିବା ବେଳେ ରକ୍ତ ଜୁଡୁବୁଡୁହୋଇ ମୁହଁମାଡ଼ିତଳେପଡ଼ିଥିବା ଦେଖିବାକୁମିଳିଥିଲା। ପ୍ରେମଜନିତ କାରଣରୁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିଲେ ହେଁ ଅଦ୍ୟାବଧି ହତ୍ୟାକାରୀଙ୍କ ସୁରାକ ମିଳିନାହିଁ ଓ ବ୍ୟବହୃତ ଅସ୍ତ୍ର ମଧ୍ୟ ଜବତ ହୋଇନାହିଁ। ଏହି ଘଟଣା ପଛରେ ଜଣେ ନା ଏକାଧିକ ଲୋକଙ୍କ ହାତ ରହିଛି କିମ୍ବା ବଳାତ୍କାର ପରେ ହତ୍ୟା ହୋଇଛି ସେ ଦିଗରେ ପୋଲିସ ତଦନ୍ତ କରୁଛି। ତେବେ ଖୁବ୍‌ଶୀଘ୍ର ହତ୍ୟାକାରୀ ଧରାପଡ଼ିବେ ବୋଲି ଥାନା ଅଧିକାରୀ ପ୍ରଧାନ କହିଛନ୍ତି।

## ଶିମିଳିପାଳରେ ପୁଣି ...

ମଞ୍ଚିଆପଡ଼ାଠାରେ ୧୦୦ ଏକର ଜମିରେ ତିଆରି ହେବାକୁ ଥିବା ଏହି କଳାବାଘ ସଫାରିରେ ନନ୍ଦନକାନନରୁ କଳାବାଘ ଓ କଳା ଜିନ୍ ଥିବା ବାଘକୁ ଆଣି ଛଡାଯିବ। ଏଠାରେ ବାଘଙ୍କ ପାଇଁ ସ୍ୱତନ୍ତ୍ର ହସ୍ପିଟାଲ ରହିବ। ଚଳିତବର୍ଷ ଡିସେମ୍ବର ସୁଦ୍ଧା ଏହି ସଫାରି ପର୍ଯ୍ୟଟକଙ୍କ ପାଇଁ ଖୋଲା ହେବ। ଫଳରେ ଶିମିଳିପାଳ ବୁଲିବାକୁ ଆସୁଥିବା ପର୍ଯ୍ୟଟକ କଳାବାଘ ଦେଖିବାର ସୁଯୋଗ ପାଇପାରିବେ। ପୂର୍ବରୁ ଗତ ମେ'ରେ ଶିମିଳିପାଳରେ ମହାବଳ ଓ କଳା ବାଘ ସାଙ୍ଗ ହୋଇ ବୁଲୁଥିବା ଦେଖିବାକୁ ମିଳିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଆ ଘର ଭେଣ୍ଡିଆ ବର,**
**ହସ ମାଡୁଥାଏ କରକର ।**
**ପକ୍କାଘର ବୁଢ଼ା ବର,**
**ଲୁହ ଝରୁଥାଏ ଝରଝର ।**

ଘର ଚାଳଛପର ହୋଇଥାଉ ପଛେ ବର ଯଦି ଯୁବା ହୋଇଥାଏ, ତେବେ କନିଆ ମନକୁ ସେ ମୋହିନିଏ। ସେହିପରି ପକ୍କାଘରେ ବୁଢ଼ା ବରର ହାତ ଧରି ଯେତେ ଧନ ସମ୍ପତ୍ତିରେ ବୁଡ଼ି ରହିଲେ ସୁଦ୍ଧା କନିଆର ଦୁଃଖର ଦିନ ମୋଟେ ସରି ନ ଥାଏ। ତେଣୁ ବିବାହ ଭଳି ଶୁଭକର୍ମରେ ବର ଓ କନ୍ୟାଙ୍କ ବୟସରେ ଥିବା ତାରତମ୍ୟ ପ୍ରତି ଦୃଷ୍ଟି ଦିଆଯିବା ଉଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖାଇଲେ ପେଟ ପୂରଇ ନାହିଁ,**
**କହିଲେ ପେଟ ପୂରଇ ନାହିଁ ।**

ମନଭରି ଖାଇଲେ କିମ୍ବା ମନ ତୋଷ ହେବା ଭଳି କିଛି କଥା ଶୁଣିଲେ ଯେ ପେଟ ପୂରିଯାଏ ବା ମନ ବୁଝିଯାଏ ସେଭଳି ଭାବିବାରେ ଯଥାର୍ଥତା ନ ଥାଏ। ଯେଉଁଠି ସ୍ନେହ, ଆଦର ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ତିରୁପତି ଲଡୁରେ ଗୋରୁଚର୍ବି ବିବାଦ: ଏସ୍‌ଆଇଟି ଗଢ଼ିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୪।୧୦(ପି.ଟି.):** ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଭଗବାନ ଭେଙ୍କଟେଶ୍ୱରଙ୍କ ପ୍ରସାଦରେ ଚଢ଼ାଯାଉଥିବା ଲଡୁରେ ଗୋରୁଚର୍ବି ଓ ମାଛତେଲ ମିଶ୍ରଣ ନେଇ ହୋଇଥିବା ଅଭିଯୋଗର ତଦନ୍ତ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଏକ ୫ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିଛନ୍ତି। ଏଥିସହ ଅଦାଲତକୁ ଏକ ରାଜନୈତିକ ଯୁଦ୍ଧଭୂମିରେ ପରିଣତ ହେବାକୁ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ବର ୱାଇ.ଏସ୍. ଜଗନମୋହନ ରେଡ୍ଡୀ ସରକାର ଅମଳରେ ପ୍ରାଣୀଙ୍କ ଚର୍ବି ବ୍ୟବହାର କରି ତିରୁପତି ମନ୍ଦିର ଲଡୁ ପ୍ରସ୍ତୁତ କରାଯାଇଥିବା ନେଇ ଗତମାସରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏକ ଲାବ୍ ରିପୋର୍ଟ ଆଧାରରେ ଦାବି କରିଥିଲେ। ଏହାକୁ ନେଇ ରାଜନୈତିକ ବିବାଦ ମୁଣ୍ଡ ଟେକିଥିଲା। ଅନ୍ୟପକ୍ଷେ ଚନ୍ଦ୍ରବାବୁ ଓ ତାଙ୍କ ନେତୃତ୍ୱାଧୀନ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ରାଜନୈତିକ ସ୍ୱାର୍ଥରେ ଏଭଳି ଲାବ୍ ରିପୋର୍ଟ ପ୍ରସ୍ତୁତ କରାଇଥିବା ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ସମାଲୋଚନା କରିଥିଲା। ଅଦାଲତଙ୍କ ତତ୍ତ୍ୱାବଧାନରେ ଏହି ଅଭିଯୋଗର ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଶୁକ୍ରବାର କହିଛନ୍ତି, ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏହି ଅଭିଯୋଗର ତଦନ୍ତ ପାଇଁ ଆନ୍ଧ୍ର ସରକାର ଗଢ଼ିଥିବା ଏସ୍‌ଆଇଟି ପରିବର୍ତ୍ତେ ନୂଆ ଏସ୍‌ଆଇଟି ଏହାର ଯାଞ୍ଚ କରିବ। ନୂଆ ଏସ୍‌ଆଇଟିରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଆନ୍ଧ୍ରପ୍ରଦେଶ ପୋଲିସର ୨ ଜଣ ଲେଖାଏ ଅଧିକାରୀ ରହିବେ। ଏଥିରେ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ)ର ଜଣେ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ସାମିଲ କରାଯିବ।

# ଟାୟାର ଟୁ ବସ୍‌କୁ ବିରୋଧ




## ପଶ୍ଚିମାଞ୍ଚଳ-ଦକ୍ଷିଣାଞ୍ଚଳ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସଭା

### ସମାଧାନ ନ ହେଲେ ୭ରୁ ଆନ୍ଦୋଳନ

ଭବାନୀପାଟଣା,୪।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ବିଜୁ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ପଶ୍ଚିମାଞ୍ଚଳ-ଦକ୍ଷିଣାଞ୍ଚଳ ଘରୋଇ ବସ୍ ମାଲିକ ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଟାୟାର ଟୁ ବସ୍‌କୁ ବିରୋଧ କରାଯାଇଛି। ପୂର୍ବରୁ ଏହାକୁ ନେଇ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଜଣାଯାଇଥିଲା। ହେଲେ ଏହାପରେ ମଧ୍ୟ ସରକାର ଟାୟାର ଟୁ ବସ୍ ଚଳାଇବା ଆରମ୍ଭ କରିଛନ୍ତି। ଏହା ବିରୋଧରେ ଆସନ୍ତା ୭ ତାରିଖ ସନ୍ଧ୍ୟା ୬ଟାରୁ ୮ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହା ଭିତରେ ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଡାକରା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କର୍ମକର୍ତ୍ତା ଦର୍ଶାଇଥିଲେ, ନିଜର କ୍ଷତି ସତ୍ତ୍ୱେ ସରକାରଙ୍କ ଟାୟାର ୱାନ୍‌କୁ ସମର୍ଥନ କରିଥିଲୁ। ଏହି ବ୍ୟବସ୍ଥା ଦ୍ୱାରା ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବସ୍ ଗଡୁଛି। ହେଲେ ଏବେ ଟାୟାର ଟୁ ବସ୍ (ବ୍ଲକରୁ ଜିଲା) ଚାଲିଲେ ଆମେ କ୍ଷତି ସହିବୁ। ତେଣୁ ସରକାର ଏ ଦିଗରେ ବିଚାର କରି ଟାୟାର ଟୁ'କୁ ବନ୍ଦ କରନ୍ତୁ ବୋଲି ନିବେଦନ କରିଛନ୍ତି।

ପଶ୍ଚିମାଞ୍ଚଳ-ଦକ୍ଷିଣାଞ୍ଚଳ ଘରୋଇ ବସ୍ ମାଲିକ ସଂଘର ଆବାହକ ପ୍ରବୀଣ ଖମାରିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ ଜୟପୁର ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ନରି ମହାନ୍ତି, ଜୟପୁର ସଭାପତି କେ. ଶ୍ରୀନିବାସ ରାଓ, କନ୍ଧମାଳ ସଭାପତି ଲୋକନାଥ ପାଢ଼ୀ, ବରଗଡ଼ ସଭାପତି ବିନୋଦ ମହାପାତ୍ର, ସମ୍ବଲପୁର ସମ୍ପାଦକ ମୃତ୍ୟୁଞ୍ଜୟ ମହାନ୍ତି, ସଦସ୍ୟ ରାଜେନ୍ଦ୍ର କୁମାର କର, ବରଗଡ଼ ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମାଞ୍ଚଳ-ଦକ୍ଷିଣାଞ୍ଚଳର ୧୯ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ। କଳାହାଣ୍ଡି ଘରୋଇ ବସ୍ ସଂଘ ସଭାପତି ପ୍ରବୋଧ ରଥ ମଞ୍ଚ ପରିଚାଳନା କରିଥିବାବେଳେ ଖଡ଼ିଆଳ ଘରୋଇ ବସ୍ ସଂଘ ସମ୍ପାଦକ ଅକ୍ଷୟ ନନ୍ଦ ଧନ୍ୟବାଦ ଦେଇଥିଲେ।

# ଭଦ୍ରକ ପୁରୁଣା ବଜାରରୁ ଉଠିଲା ବିଏନ୍‌ଏସ୍‌ଏସ୍ ୧୬୩

ଭଦ୍ରକ,୪।୧୦
(ସନାତନ ରାଉତ)

ସୋସିଆଲ ମିଡିଆରେ ଏକ ବିବାଦୀୟ ପୋଷ୍ଟକୁ ନେଇ ଭଦ୍ରକ ପୁରୁଣାବଜାର ଥାନା ଅଧୀନ ସନ୍ଥିଆ ପୋଲ ନିକଟରେ ଉତ୍ତେଜନା ଯୋଗୁ ଲାଗୁ ହୋଇଥିବା ବିଏନ୍‌ଏସ୍‌ଏସ୍ (ଭାରତୀୟ ନାଗରିକ ସୁରକ୍ଷା ସଂହିତା) ୧୬୩ ଧାରା ଶୁକ୍ରବାର ସନ୍ଧ୍ୟାରେ ଉଠାଇ ଦିଆଯାଇଛି। ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ସମ୍ପୃକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ହୋଇଥିବାରୁ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ପ୍ରତ୍ୟାହାର କରିନିଆଯାଇଛି ବୋଲି ନୂତନ ଭାବେ ଯୋଗ ଦେଇଥିବା ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପୁରୁଣାବଜାର ଥାନାକୁ ପତ୍ର (ନଂ. ୪୦୬୭) ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ପାର୍ବଣ ସମୟ ଆସୁଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ରକ୍ଷା କରିବା ସହ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାର ନକଲ ଜିଲାପାଳ, ଏସ୍‌ପି, ଭଦ୍ରକ ଏସ୍‌ଡିପିଓ, ସିଟି ଡିଏସ୍‌ପି ଓ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ତେବେ ପୂର୍ବପରି ପୁରୁଣାବଜାର ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

ସୂଚନାଯୋଗ୍ୟ, ବିବାଦୀୟ ପୋଷ୍ଟକୁ ନେଇ ଗତ ୨୭ ତାରିଖରେ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ସହ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଗଣ୍ଡଗୋଳ ହୋଇଥିଲା। ପୋଲିସର ଲାଠିଚାର୍ଜ ପରେ ଉତ୍ୟକ୍ତ ଲୋକେ ପୋଲିସ ଉପରକୁ ଢେଲା ପଥର ମାଡ଼ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଜାରି କରାଯାଇଥିଲା।

## ହଷ୍ଟେଲରେ ଅସୁସ୍ଥ ହୋଇପଡ଼ିଲେ ୪ ଛାତ୍ରୀ

ଚମ୍ପୁଆ, ୪।୧୦ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ଜଣ ଛାତ୍ରୀ ହଷ୍ଟେଲରେ ଅସୁସ୍ଥ ହୋଇପଡ଼ିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ଅସୁସ୍ଥ ଛାତ୍ରୀମାନଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି। ସୂଚନା ଅନୁଯାୟୀ, ବିଦ୍ୟାଳୟର ଛାତ୍ରୀନିବାସରେ ୪ ଛାତ୍ରୀ ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ଛାତିରେ ଯନ୍ତ୍ରଣା ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ତୁରନ୍ତ ସେମାନଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ନିଆଯାଇଥିଲା। ଏ ସମ୍ପର୍କରେ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱରଞ୍ଜନ ବଳ କହିଛନ୍ତି, ଛାତ୍ରୀମାନେ ଯନ୍ତ୍ରଣା ଅନୁଭବ କରିବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାର କାରଣ ଜଣାପଡ଼ି ନାହିଁ।

## ବର୍ତ୍ତନା ସମବାୟ ସମିତିର ନିଲମ୍ବିତ ସମ୍ପାଦକ ବରଖାସ୍ତ

ଖଇରା, ୪।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସମବାୟ ସମିତିର ନିଲମ୍ବିତ ସମ୍ପାଦକ ନିତ୍ୟାନନ୍ଦ ନାୟକଙ୍କୁ ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ବେହେରା ଗୁରୁବାର ଚାକିରିରୁ ବହିଷ୍କାର କରିଛନ୍ତି। ନିତ୍ୟାନନ୍ଦ ନାୟକ ନିଜ ସମ୍ପାଦକ ପଦବୀରେ ଥିବାବେଳେ ଅନିୟମିତତା ଅଭିଯୋଗ ପରେ ୨୦୧୫ ଡିସେମ୍ବର ୨୩ରେ ସହନିବନ୍ଧକ ତାଙ୍କୁ ନିଲମ୍ବନ କରିଥିଲେ। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ମୁଖ୍ୟନିବନ୍ଧକ କାର୍ଯ୍ୟାଳୟ ଅଧିକାରୀ ଗୋପବନ୍ଧୁ ଦାସଙ୍କ ଦ୍ୱାରା ତଦନ୍ତ କରାଯାଇ କାରଣଦର୍ଶାଅ ନୋଟିସ ପଠାଯାଇଥିଲେ ହେଁ ସେ ଏହି ନୋଟିସ ଗ୍ରହଣ କରି ନ ଥିଲେ। ତେଣୁ ରୁଲ୍ ୧୯ ଅର୍ଡର ନମ୍ବର ୨୮୪୮ ଅନୁଯାୟୀ ବୋର୍ଡ ତାଙ୍କୁ ବରଖାସ୍ତ କରିଥିବା ଜଣାଯାଇଛି ।

# ୧୨ଘଣ୍ଟା ନବରଙ୍ଗପୁର ବନ୍ଦ

## ରାଜ୍ୟସ୍ତରୀୟ ନିଯୁକ୍ତିକୁ ବିରୋଧ, ଜିଲାଭିତ୍ତିକ ନିଯୁକ୍ତି ଦାବି



ଡାବୁଗାଁରେ ଲୋକପ୍ରତିନିଧି, ଅଞ୍ଚଳବାସୀଙ୍କୁ ବିଧାୟକ ମନୋହର ରନ୍ଧାରୀ ଉଦ୍‌ବୋଧନ ଦେଉଛନ୍ତି।

ନବରଙ୍ଗପୁର,୪।୧୦
(ସଦାଶିବ ପ୍ରହରାଜ )

ରାଜ୍ୟସ୍ତରୀୟ ନିଯୁକ୍ତିକୁ ବିରୋଧ ଓ ଜିଲାଭିତ୍ତିକ ନିଯୁକ୍ତି ଦାବିକରି ଶୁକ୍ରବାର ଅବିଭକ୍ତ କୋରାପୁଟ ଜିଲା ୧୨ ଘଣ୍ଟା ବନ୍ଦ କରାଯାଇଥିଲା। ଏହିକ୍ରମରେ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ନବରଙ୍ଗପୁର ବନ୍ଦ କରାଯାଇଛି। ଜିଲାରେ ଗାଡ଼ି ଚଳାଚଳ, ଅଖଚକ, ଦୋକାନବଜାର, ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ ପ୍ରତିଷ୍ଠାନ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିଛି। ଜିଲାରେ ଶିକ୍ଷିତ ଯୁବତୀଯୁବକ ଥିଲେ ମଧ୍ୟ ବାହାର ଜିଲା ପିଲାଙ୍କୁ ଏଠାରେ ନିଯୁକ୍ତି ମିଳୁଛି। ଏଠାକାର ପିଲା ବାଧହୋଇ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ବେକାରି ସଂଖ୍ୟା ବଢ଼ିବାରେ ଲାଗିଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟା ବନ୍ଦ ନ ହେଲେ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ଜିଲାରେ କଳାଦିବସ ପାଳନ କରାଯିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଚାଉଁରିଆଗୁଡ଼ା ଓ ମାଝିଗୁଡ଼ା ଛକ ନିକଟରେ କମିଟିର ସଭ୍ୟାସଭ୍ୟ ଟାୟାର ଜାଳି ରାଜପଥ ବନ୍ଦ କରିଛନ୍ତି। ଏହି ସମୟରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ପୂର୍ବତନ ଏମ୍‌ପି ଭଗବାନ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଭୁଜବଳ ମାଝୀ, ପିସିସି ଉପସଭାପତି ମୁନା ତ୍ରିପାଠୀ, କୌଶଲ୍ୟା ପ୍ରଧାନୀ, ଅଖିଳ ଭାରତୀୟ ଅନୁସୂଚିତ ଜାତି ଓ ଜନଜାତି ପରିଷଦ ସଭାପତି ଭଗବାନ ବୈରାଗୀ, ଅଖିଳ ଭତ୍ରା, ଏଆଇସିସି ସଭ୍ୟା ମନୋଷା ତ୍ରିପାଠୀ, ମହିଳା ବିଜେଡି ଜିଲା ସଭାପତି ମଞ୍ଜୁଳା ମାଝୀ, ସିରାଜୁଦ୍ଦିନ ଅହମ୍ମଦ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନୀ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା, ଜନଜାତି ସୁରକ୍ଷା ମଞ୍ଚ ଉପସଭାପତି ରତନ ମାଝୀ, ଦିଲୀପ ପ୍ରଧାନୀ, ଜଗନ୍ନାଥ ବାଘେଙ୍କ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9776900777, TANGI: 7381045356.

NARAYANI MOTORS:
BHUBANESHWAR: RASULGARH: 9583022009,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450. BALIKUDA: 9078076450.

JYOTE MOTORS
BHUBANESWAR: LEWIS ROAD: 8093027518. NAYAPALLI: 7064470102. TAMANDO: 9776615007. KEONJHAR: 8599019854. NAYAGARH: 7381028519. BALUGAON: 8093154878. ANANDPUR: 8599019854. KENDRAPARA: 9776615048. PATTAMUNDAI: 7440016539. GOTHAPATNA: 7064470142. BALASORE: 9776003548. BHADRAK: 7381072074. BARIPADA: 9437102597. UDALA: 9437102597. RAIRANGPUR: 9437102597. JALESWAR: 9776003548. BASUDEVPUR: 7381072074. SORO: 9776003548.

*Terms and conditions apply. Offer valid for select models/ variants and in select states only. Accessories and features shown may not be part of standard equipment and may vary from variant to variant. Images used are for illustration purpose only. Appearance of black shade on glass is due to lighting effect. Maruti Suzuki reserves the right to withdraw the offers at any point in time without any advance notice.

ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। **–ଶ୍ରୀଅରବିନ୍ଦ**

# ରହସ୍ୟମୟ ଘଟଣା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରାଖଣ୍ଡର ଏକ ଶାନ୍ତ ପାହାଡ଼ିଆ ଅଞ୍ଚଳରେ ଥିବା ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କ ଘରୁ ୫୦ କୋଟି ଟଙ୍କା ଚୋରିହେବା ଘଟଣା ଉପରେ ଗଣମାଧ୍ୟମ ଗୁଜବ ପ୍ରଚାର କରିଚାଲିଛି। ଏଠାରେ ଚୋରି ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ, ବରଂ ପ୍ରଥମ ପ୍ରଶ୍ନ ହେଉଛି ଏତେ ପରିମାଣର ଟଙ୍କା କିପରି ସେଠାରେ ପହଞ୍ଚିଲା ? ଏକଦା ବାବୁ ଜଣକ ଏକ ପଡ଼ୋଶୀ ରାଜ୍ୟ ସରକାରରେ ଜଣେ କ୍ଷମତାଶାଳୀ ବ୍ୟକ୍ତିତ୍ୱ ଏବଂ ସେଠାକାର ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ଭାବେ ଜଣାଶୁଣା ଥିଲେ। ଏହାକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ବ୍ୟାପୁଥିବା ଗୁଜବ ସନ୍ଦେହର କେନ୍ଦ୍ରବିନ୍ଦୁ ପାଲଟିଛି। କୌତୂହଳର ବିଷୟ ହେଉଛି ଚୋରି ଟଙ୍କାର ପରିମାଣ ଅଧିକ ହୋଇଥିବା ସତ୍ତ୍ୱେ କୌଣସି ଔପଚାରିକ ଏଫ୍ଆଇଆର୍ ଦାଏର କରାଯାଇ ନାହିଁ। ଏହି ଆଇଏଏସ୍ ଅଧିକାରୀଙ୍କ ସହ ସମ୍ପର୍କ ଥିବା କୌଣସି ଅଧିକାରୀ କିଛି କହିବାକୁ ପ୍ରସ୍ତୁତ ନ ଥିବା ହିଁ ଘଟଣାକୁ ଆହୁରି ରହସ୍ୟମୟ କରିଦେଇଛି। ଜଣେ କ୍ଷମତାଶାଳୀ ପୂର୍ବତନ ଅମଲାତନ୍ତ୍ରୀଙ୍କ ସହ ଏହି ଘଟଣାର ସମ୍ପର୍କ ଥିବା ଅଭିଯୋଗ କରି କାହାର ନାମ ନ ନେଇ ଲକ୍ଷ୍ନୌର ଏକ ଦୈନିକ ଖବରକାଗଜ ପ୍ରକାଶ କରିଛି। ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଅଧିକାରୀଙ୍କ ପରିଚୟ ବିଷୟରେ ଜାଣିବାକୁ ଚାହୁଁଛନ୍ତି। ଏହି ସମୟରେ କର୍ତ୍ତୃପକ୍ଷ କାହିଁକି ମୁହଁ ଖୋଲୁନାହାନ୍ତି ବୋଲି ଅନେକେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ପାଇଁ ଘଟଣାକୁ ନେଇ ସବୁଆଡ଼େ ନୀରବତା ଜନସାଧାରଣଙ୍କ ଜିଜ୍ଞାସା ବଢ଼ାଉଥିବା ପରି ମନେହେଉଛି। ସରକାରୀ ବିବୃତିର ଅଭାବ, ସମ୍ଭାବ୍ୟ ଅଧିକାରୀଙ୍କ ବିଷୟରେ ଗୁଞ୍ଜରଣ ଏବଂ ବିପୁଳ ପରିମାଣର ଅର୍ଥର କାହା ସହ ସମ୍ପର୍କ ରହିଛି ତାହା ଜାଣିବା ପାଇଁ ସମସ୍ତେ ଅପେକ୍ଷା କରିଛନ୍ତି।

### ପଦକ୍ଷେପକୁ ନେଇ ପ୍ରଶ୍ନ

ନିକଟରେ ବିଭିନ୍ନ ବିଭାଗର କାର୍ଯ୍ୟକୁ ମୂଲ୍ୟାୟନ କରିବା ସହ ସେସବୁରେ ଉନ୍ନତି ଆଣିବା ସକାଶେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ (ଡିଏମ୍)ଙ୍କ 'ୱାର୍କିଂ ଗ୍ରୁପ୍' ଗଠନ ପାଇଁ ଦିଲ୍ଲୀ ସରକାର ପଦକ୍ଷେପ ନେଇଛନ୍ତି। ବିଶେଷକରି ବରିଷ୍ଠ ବାବୁମାନେ ଏହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ବିଭାଗୀୟ କାର୍ଯ୍ୟର ସମୀକ୍ଷାକରି ୫ ଅକ୍ଟୋବର ସୁଦ୍ଧା ସୁପାରିସ କରିବା ଲାଗି ଏହି ଗ୍ରୁପ୍‌ଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ଅଧିକାରୀଙ୍କ ସହ ବୈଠକ କରିବାକୁ ମଧ୍ୟ ସେମାନଙ୍କୁ କ୍ଷମତା ଦିଆଯାଇଛି । ଜୁନିୟର ଡିଏମ୍‌ମାନେ ତଦାରଖ କରିବା ଏବଂ ଅଧିକ ଅଭିଜ୍ଞ ବରିଷ୍ଠ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ପରାମର୍ଶ ଦେବା ଉପରେ ଅନେକେ ପ୍ରଶ୍ନ ଉଠାଉଛନ୍ତି। ସାମ୍ପ୍ରତିକ ବ୍ୟାଚ୍‌ର କନିଷ୍ଠ ଆଇଏଏସ୍ ଅଧିକାରୀମାନେ ଅନେକ ଦଶନ୍ଧିର ଅଭିଜ୍ଞତା ଥିବା ଅଧିକାରୀଙ୍କ ଦ୍ୱାରା ପରିଚାଳିତ ବିଭାଗର ଉନ୍ନତି ପାଇଁ ସୁପାରିସ କରିବା ଏକ ଅଜବ ସ୍ଥିତି ବୋଲି କେତେକେ ବିଚାର କରନ୍ତି। ଦିଲ୍ଲୀରେ ଅରବିନ୍ଦ କେଜ୍‌ରିୱାଲଙ୍କଠାରୁ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆତିଶୀ ଦାୟିତ୍ୱ ନେବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ଆତିଶୀ ଏବେ ସହରର ବ୍ୟାପକ ଶାସନ ପରିଚାଳନାଗତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଆନ୍ତଃ ବିଭାଗୀୟ ସହଯୋଗ ବଢ଼ାଇବା ସହ ଦୀର୍ଘଦିନର ପ୍ରଶାସନିକ ପ୍ରକ୍ରିୟାରେ ନୂତନ ଦୃଷ୍ଟିକୋଣ ଆଣିବା ପାଇଁ ଏହି ପଦକ୍ଷେପ ସମ୍ଭବତଃ ତାଙ୍କ ବ୍ୟାପକ ରଣନୀତିର ଏକ ଅଂଶ । ପରିବହନ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ପ୍ରମୁଖ ବିଭାଗଗୁଡ଼ିକରେ ଉତ୍ତମ ସମନ୍ୱୟ ରକ୍ଷାକରିବା ଲକ୍ଷ୍ୟରେ ଆତିଶୀ, ଏଏପି ମନ୍ତ୍ରୀ ଏବଂ ବରିଷ୍ଠ ବାବୁଙ୍କୁ ଏକାଠି କରିବା ପାଇଁ ଏକ ନୂଆ ପଦକ୍ଷେପ ନିଆଯାଇଛି ଏବଂ ଏହା ସହ ଏବକାର ବ୍ୟବସ୍ଥାର ମେଳ ଖାଉଛି। ଆନ୍ତଃ ବିଭାଗୀୟ ସମନ୍ୱୟକୁ ଏହା ବଢ଼ାଇବ ନା ଅଧିକ ବିବାଦ ସୃଷ୍ଟି କରିବ ତାହା ଦେଖିବାକୁ ବାକି ରହିଲା।

### ମିଶ୍ରଣ ବିଚାର

କେନ୍ଦ୍ର ସରକାର ପୁଣି ଥରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ ମ୍ୟାନେଜ୍‌ମେଣ୍ଟ (ଡିଆଇପିଏଏମ୍) ଓ ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସ୍(ଡିପିଇ)ର ମିଶ୍ରଣ ଉପରେ ବିଚାର କରୁଛନ୍ତି । ଏହି ଦୁଇ ବିଭାଗ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ତେବେ ଯୋଜନା ମୁତାବକ ଯଦି ସବୁ କିଛି ଠିକ୍‌ଠାକ୍ ଚାଲେ, ତେବେ ଉଭୟ ବିଭାଗ ଖୁବ୍ ଶୀଘ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ କାମ କରିପାରନ୍ତି। ମିଶ୍ରଣ ପଛରେ ଧାରଣା ହେଉଛି ଅଭିବୃଦ୍ଧି ଏବଂ ନିଯୁକ୍ତି ବୃଦ୍ଧି ଲକ୍ଷ୍ୟରେ ପ୍ରମୁଖ ସଂସ୍କାର ପାଇଁ ପ୍ରସ୍ତୁତ ହେଉଥିବା ଏନ୍‌ଡିଏ ସରକାରଙ୍କ ଉଚ୍ଚାଭିଳାଷୀ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକରେ ଅଧିକ ସମନ୍ୱୟ ସୃଷ୍ଟି କରିବା । ଏହି ପ୍ରସ୍ତାବ ନୂଆ ନୁହେଁ। ମୋଦିଙ୍କ ଦ୍ୱିତୀୟ ପାଳିରେ ପ୍ରଥମେ ଏହା ସାମ୍ନାକୁ ଆସିଥିଲା, କିନ୍ତୁ ବିଭିନ୍ନ କାରଣରୁ ବାସ୍ତବ ରୂପ ନେଇ ନ ଥିଲା । ମେ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ମୋଦି ସରକାରଙ୍କ ଦ୍ୱାରା ଗଢ଼ାଯାଇଥିବା '୧୦୦ ଦିନିଆ କାର୍ଯ୍ୟକ୍ରମ' ତାଲିକାରେ ଏହି ପ୍ରକଳ୍ପ ପୁନର୍ବାର ଦୋହରା ଯାଇଥିଲା। ଡିଆଇପିଏଏମ୍ ସିପିଏସ୍‌ୟୁଗୁଡ଼ିକରେ ନିବେଶ ଓ ବିନିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବାବେଳେ ଡିପିଇ ଏହି ଉଦ୍ୟୋଗଗୁଡ଼ିକର ପରିଚାଳନା ତଥା କାର୍ଯ୍ୟଦକ୍ଷତା ଉପରେ ଧ୍ୟାନ ଦେଇଥାଏ । ଯେତେବେଳେ ଏକ ସିପିଏସ୍‌ୟୁକୁ ବନ୍ଦ କିମ୍ବା ବିନିବେଶର ଯୋଜନା ଥାଏ, ସେତେବେଳେ ଡିଆଇପିଏଏମ୍ ପ୍ରକ୍ରିୟା ଆରମ୍ଭ କରିଥାଏ ଏବଂ ଡିପିଇ ଅନ୍ତିମ ବନ୍ଦକୁ ନିୟନ୍ତ୍ରଣ କରିଥାଏ। ଦୁଇ ବିଭାଗର ମିଶ୍ରଣ ଏହି ପ୍ରକ୍ରିୟାକୁ ଶୃଙ୍ଖଳିତ ଏବଂ ଅଧିକ କ୍ରିୟାଶୀଳ କରିପାରେ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 3 | | | 2 | | 5 |
| | | | | | 8 | | | |
| 5 | | 1 | | 2 | | 8 | 4 | |
| | | 4 | 7 | 5 | | | | |
| | | | 4 | | 9 | 1 | | |
| | 5 | | | | | 6 | | |
| | | 9 | | | | | 7 | 1 |
| 4 | | | | | | | | |
| | | 6 | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 4 | 8 | 7 | 9 | 1 | 2 |
| 8 | 2 | 1 | 3 | 5 | 9 | 4 | 6 | 7 |
| 7 | 9 | 4 | 1 | 2 | 6 | 8 | 3 | 5 |
| 1 | 5 | 9 | 2 | 6 | 4 | 7 | 8 | 3 |
| 6 | 7 | 2 | 8 | 3 | 1 | 5 | 9 | 4 |
| 4 | 8 | 3 | 7 | 9 | 5 | 6 | 2 | 1 |
| 9 | 1 | 8 | 5 | 7 | 2 | 3 | 4 | 6 |
| 2 | 6 | 5 | 9 | 4 | 3 | 1 | 7 | 8 |
| 3 | 4 | 7 | 6 | 1 | 8 | 2 | 5 | 9 |

ଗତକାଲିର ଉତ୍ତର

# ସମାଜର ଆଧାରସ୍ତମ୍ଭ



ଡ. ରଜନୀକାନ୍ତ ଖୁଣ୍ଟିଆ

ଜନ୍ ଡିୟୁଙ୍କ ଉକ୍ତି 'ଶିକ୍ଷା ଜୀବନ ପାଇଁ ପ୍ରସ୍ତୁତି ନୁହେଁ; ଶିକ୍ଷା ହେଉଛି ଜୀବନ'। ଏହା ଶିକ୍ଷାର ପ୍ରକୃତ ମୂଲ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଏକ ଗଭୀର ଦୃଷ୍ଟିକୋଣ ଧାରଣକରେ। ଶିକ୍ଷା ଜୀବନ ସହ ନିରନ୍ତର ଜଡ଼ିତ ରହିଥାଏ। ଆମ ଜ୍ଞାନ, ଚରିତ୍ର ଓ କ୍ଷମତାକୁ ବିକଶିତ କରେ ଏବଂ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ପ୍ରଗତି ଓ ବୃଦ୍ଧିରେ ସହାୟକ ହୋଇଥାଏ। ଜ୍ଞାନ ଓ କୌଶଳ ସହ ବ୍ୟକ୍ତିବିଶେଷଙ୍କୁ ସଶକ୍ତକରି ଦୂରଦୃଷ୍ଟି ପ୍ରଦାନ କରି ସେମାନଙ୍କର ବ୍ୟକ୍ତିଗତ ବିକାଶ ଏବଂ ଆତ୍ମନିର୍ଭରଶୀଳତା ବୃଦ୍ଧି କରିଥାଏ। ଏହା ସାମାଜିକୀକରଣକୁ ସୁଗମ କରିଥାଏ, ବ୍ୟକ୍ତିବିଶେଷଙ୍କୁ ସମ୍ପ୍ରଦାୟରେ ଏକୀକୃତ କରେ। ସାମୂହିକ ମୂଲ୍ୟବୋଧ ଏବଂ ଆଦର୍ଶକୁ ପ୍ରୋତ୍ସାହିତ କରେ। ନୂଆ ପିଢ଼ିକୁ ସଫଳ ଏବଂ ସମାଜ ପ୍ରତି ବିନମ୍ର ନାଗରିକ ଭାବରେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ। ସାମାଜିକ ଅସମାନତାକୁ ଦୂରକରିବା ସହ ସମସ୍ତଙ୍କ ପାଇଁ ସମାନ ସୁଯୋଗ ପ୍ରଦାନ କରିଥାଏ ଏବଂ ଏକ ନ୍ୟାୟପୂର୍ଣ୍ଣ ସମାଜର ଭିତ୍ତି ସ୍ଥାପନକରେ। ନୂତନତ୍ୱକୁ ବଢ଼ାଇବା ସହ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣକରେ। ସାମଗ୍ରିକ ଭାବରେ, ଶିକ୍ଷା ବ୍ୟକ୍ତିଗତ ତଥା ସାମାଜିକ ଅଗ୍ରଗତିର ମୂଳାଧାର ଓ ଗୁଣାତ୍ମକ ଶିକ୍ଷାର ମୂଳଦୁଆ ହେଉଛି ଏକ ଉତ୍ତମ ଶିକ୍ଷା ବ୍ୟବସ୍ଥା। ଏହି ଶିକ୍ଷା ବ୍ୟବସ୍ଥାର ମୂଳ ଅବୟବ ହେଉଛନ୍ତି ଶିକ୍ଷକ, ଯେଉଁମାନେ କେବଳ ପାଠ ପଢ଼ାନ୍ତି ତାହା ନୁହେଁ, ସମାଜର ଆଧାରସ୍ତମ୍ଭ ଭାବରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଦେଶର ଭବିଷ୍ୟତ ହେଉଛନ୍ତି ଶିକ୍ଷାର୍ଥୀ ଓ ଏହାର ଶିଳ୍ପୀ ହେଲେ ଶିକ୍ଷକମାନେ। ଶିକ୍ଷକଙ୍କ ଅବଦାନ ସମସ୍ତ ସ୍ତରରେ ଦୃଶ୍ୟମାନ। ସାଂସ୍କୃତିକ, ସାମାଜିକ ଏବଂ ଆର୍ଥିକ ପରିବର୍ତ୍ତନରେ ଶିକ୍ଷକଙ୍କ ଭୂମିକା ଅବିସ୍ମରଣୀୟ।

ଇତିହାସକୁ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ଶିକ୍ଷକମାନଙ୍କର ଭୂମିକା ସେତେବେଳେ କେବଳ ଶିକ୍ଷା ପ୍ରଦାନରେ ସୀମିତ ନ ଥିଲା। ସମାଜରେ ଶିକ୍ଷକମାନେ ଅନେକ ପରିବର୍ତ୍ତନର ସଞ୍ଚାଳକ ଥିଲେ। ଭାରତର ପ୍ରାଚୀନ ଶିକ୍ଷା ପ୍ରଣାଳୀରେ ଗୁରୁକୁଳ ପରିବେଶ ଥିଲା ଯେଉଁଠି। ସେଠାରେ ଶିକ୍ଷକମାନେ ପାଠ ସହ ଜୀବନ ପ୍ରଣାଳୀକୁ ନୂତନ ଦୃଷ୍ଟିକୋଣରେ ଗଢୁଥିଲେ। ଏଥିପାଇଁ ଗୁରୁଙ୍କ ପାଇଁ ଆମ ଦେଶରେ ଅତ୍ୟଧିକ ମହତ୍ତ୍ୱ ରହିଛି। ଶିକ୍ଷାଦାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୃତ୍ତି ଭାବରେ ବିବେଚନା କରାଯାଏ, କାରଣ ଏହା ଅନ୍ୟ ସମସ୍ତ ବୃତ୍ତି ପାଇଁ ମୂଳଦୁଆ ପକାଇଥାଏ। ଜଣେ ଶିକ୍ଷାର୍ଥୀଙ୍କ ଜୀବନରେ ଉପଦେଶକ, ମାର୍ଗଦର୍ଶକ ଏବଂ ଆଦର୍ଶ ଭାବେ ଶିକ୍ଷକ ଭବିଷ୍ୟତ ପିଢ଼ିର ମନ ଏବଂ ମୂଲ୍ୟବୋଧକୁ ଆକୃଷ୍ଟ କରନ୍ତି। ପୁସ୍ତକ ଭିତରେ



ସୀମିତ ଜ୍ଞାନ ସହ ସମାଲୋଚନାକାରୀ ଚିନ୍ତାଧାରା, ନୈତିକତା ଏବଂ ସାମାଜିକ ଦାୟିତ୍ୱବୋଧତା ମଧ୍ୟ ପ୍ରଦାନ କରନ୍ତି। ଜଣେ ଶିକ୍ଷକଙ୍କ ପ୍ରଭାବ ଶ୍ରେଣୀଗୃହ ବାହାରେ ବିସ୍ତାର ହୋଇ ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ ଏବଂ ଏକ ସୁସ୍ଥ ସମାଜ ବିକାଶରେ ସହାୟକ ହୋଇଥାଏ। ବ୍ୟକ୍ତିଗତ ସାମର୍ଥ୍ୟ ଓ ବ୍ୟକ୍ତିଗତ ରୁଚିକୁ ପାଥେୟ କରି ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଶକ୍ତି ଏବଂ ଆବେଗ ଆବିଷ୍କାର କରିବାରେ ସାହାଯ୍ୟ କରନ୍ତି, ଜୀବନରେ ସଫଳ ହେବା ପାଇଁ ସଶକ୍ତ କରନ୍ତି।

ଶିକ୍ଷକଙ୍କ ଜୀବନଶୈଳୀ ସହଜ ନୁହେଁ। ଅପେକ୍ଷା ଓ ଉପେକ୍ଷା ସେମାନଙ୍କୁ ଚାପରେ ଭରିଥାଏ। ଅନେକ କାର୍ଯ୍ୟଭାର ମଧ୍ୟରେ ମୂଲ୍ୟବୋଧ ସର୍ବଦା ଉଚ୍ଚ ରଖିବାକୁ ପଡ଼େ। ମଣିଷ ତିଆରି କାରଖାନାର କାରିଗର ହେବା ସହଜ ନୁହେଁ। ଶିକ୍ଷକମାନଙ୍କର କାର୍ଯ୍ୟ କେବଳ ଶ୍ରେଣୀଗୃହ ମଧ୍ୟରେ ସୀମିତ ନ ଥାଏ। କ୍ଲାସ୍ ପାଇଁ ପୂର୍ବ ପ୍ରସ୍ତୁତି କରିବା , ପାଠ୍ୟକ୍ରମ ଯୋଜନା କରିବା, ପରୀକ୍ଷା ପାଇଁ ପ୍ରଶ୍ନପତ୍ର କରିବା, ପରୀକ୍ଷା ପରିଚାଳନା କରିବା, ପରୀକ୍ଷା ଖାତା ମୂଲ୍ୟାଙ୍କନ କରିବା, ଆଡ୍‌ମିଶନ କରିବା, ଏକ ଶୃଙ୍ଖଳିତ ଶ୍ରେଣୀଗୃହ ପରିବେଶ ବଜାୟ ରଖିବା ଏବଂ ଛାତ୍ରୀଛାତ୍ରମାନଙ୍କ ଆଚରଣ ପରିଚାଳନା ଇତ୍ୟାଦି ହେଉଛି ନିତିଦିନର କାର୍ଯ୍ୟ। ଏହାଛଡ଼ା ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ବେଳେ ବ୍ୟକ୍ତିଗତ ସହାୟତା ପ୍ରଦାନ କରିବା ତଥା ଅଗ୍ରଗତି ବିଷୟରେ ପିତାମାତାଙ୍କ ସହ ନିୟମିତ ଯୋଗାଯୋଗ କରିବା, ପ୍ରଶାସନିକ କର୍ତ୍ତବ୍ୟ ପରିଚାଳନା କରିବା, ପରିବର୍ତ୍ତିତ ଶିକ୍ଷାଧାରା ସହ ନିଜକୁ ପ୍ରସ୍ତୁତ କରିବା ଏବଂ ବୃତ୍ତିଗତ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା କରିବା ଆଦି ଶିକ୍ଷକମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରେ । ଅତିରିକ୍ତ ଭାବରେ, ଶିକ୍ଷାନୁଷ୍ଠାନର କେତେକ ଅତିରିକ୍ତ କାର୍ଯ୍ୟକୁ ମଧ୍ୟ ସେମାନେ ତଦାରଖ କରନ୍ତି। ଶିକ୍ଷାନୁଷ୍ଠାନରେ ସୃଷ୍ଟି ହେଉଥିବା ଜରୁରିକାଳୀନ କିମ୍ବା ଅପ୍ରତ୍ୟାଶିତ ପରିସ୍ଥିତିକୁ ମଧ୍ୟ ପରିଚାଳନା କରନ୍ତି। ଏହା ସହ ଆର୍ଥିକ ସ୍ତରରେ ସେମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହୁଅନ୍ତି। ଏସବୁ ସତ୍ତ୍ୱେ ଜଣେ ଶିକ୍ଷକଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଉତ୍ତମ ନାଗରିକ ତଥା ଏକ ସୁସ୍ଥ ସମାଜ ଗଠନର ଉତ୍ତରଦାୟିତ୍ୱ। ଏକ ସକାରାତ୍ମକ ଓ ସୁସ୍ଥ ଶିକ୍ଷଣ ପରିବେଶ ସୃଷ୍ଟି କରିବା ପାଇଁ ଜଣେ ଶିକ୍ଷକଙ୍କ ଉତ୍ତମ ଓ ଦୃଢ଼ ମାନସିକତା ନିତାନ୍ତ ଆବଶ୍ୟକ। ଏହା କେବଳ ଶିକ୍ଷାଦାନକୁ ପ୍ରଭାବିତ କରେନାହିଁ ବରଂ ଛାତ୍ରୀଛାତ୍ରଙ୍କର ବ୍ୟକ୍ତିଗତ ଅଭିବୃଦ୍ଧି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

ଶିକ୍ଷାଦାନ ବୃତ୍ତିର ଜଟିଳତା ଓ କର୍ତ୍ତବ୍ୟର ଏହି ବିବିଧ ପରିସର ମଧ୍ୟରେ ଛାତ୍ରୀଛାତ୍ରଙ୍କର ସାମଗ୍ରିକ ବିକାଶ ପାଇଁ ଶିକ୍ଷକଙ୍କଠାରୁ ଅସାଧାରଣ ଧୈର୍ଯ୍ୟ, ସାଙ୍ଗଠନିକ ଦକ୍ଷତା ଏବଂ ଏକ ଗଭୀର ପ୍ରତିବଦ୍ଧତା ଆଶା କରାଯାଏ। ମହାଭାରତରେ ଦ୍ରୋଣଙ୍କ କାହାଣୀ ଆଧୁନିକ ଶିକ୍ଷକମାନଙ୍କ ପାଇଁ ମୂଲ୍ୟବାନ୍ ଶିକ୍ଷା ପ୍ରଦାନକରେ। ନିରପେକ୍ଷତା ଓ ନୈତିକତା ଶିକ୍ଷକମାନଙ୍କର ଅସ୍ତିତ୍ୱ ବହନକରେ। ସାମରିକ ଦକ୍ଷତା ପ୍ରଦାନରେ ଦ୍ରୋଣ ଜଣେ ଶିକ୍ଷକ ଭାବରେ ଉତ୍କୃଷ୍ଟ ଥିବାବେଳେ ଏକଲବ୍ୟଙ୍କ ପ୍ରତି ପକ୍ଷପାତିତା ଓ କର୍ଣ୍ଣଙ୍କ ପ୍ରତି ଅନ୍ୟାୟ ବ୍ୟବହାର ଆମକୁ ମନେପକାଇଦିଏ ଯେ ଶିକ୍ଷକମାନେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମାନ ଭାବ ପ୍ରଦର୍ଶନ କରିବା ଉଚିତ, ପ୍ରତ୍ୟେକ ବ୍ୟକ୍ତିଙ୍କ ସାମର୍ଥ୍ୟକୁ ପକ୍ଷପାତ ନ କରି ଚିହ୍ନିବା ଏବଂ ପୋଷଣ କରିବା ଉଚିତ। ସମାଜରେ ନୈତିକତାର ବାହକ ହେଉଛନ୍ତି ଶିକ୍ଷକ ଓ ଯେକୌଣସି ପରିସ୍ଥିତିରେ ସେମାନେ ନୈତିକ ମାନଦଣ୍ଡକୁ ବଜାୟ ରଖିବା ଦରକାର। କଠୋର ସାମାଜିକ ଆଦର୍ଶରେ ଦ୍ରୋଣଙ୍କ ଅନୁକରଣ ଆଜିର ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ସମସ୍ତଙ୍କ ପାଇଁ ଶିକ୍ଷା ଉପଲବ୍ଧ ଏବଂ ଯଥାର୍ଥ। ଦ୍ରୋଣଙ୍କ ଭୁଲ୍‌ରୁ ଶିକ୍ଷା କରି ଆଜିର ଶିକ୍ଷକମାନେ ଅଧିକ ନ୍ୟାୟପୂର୍ଣ୍ଣ ଓ ପ୍ରଭାବଶାଳୀ ଶିକ୍ଷାଗତ ପରିବେଶ ଓ ସମାଜ ସୃଷ୍ଟିକରିବାକୁ ଚେଷ୍ଟା କରିପାରିବେ।

ସମ୍ମାନ ହେଉଛି ଶିକ୍ଷକଙ୍କର ସବୁଠାରୁ ମୂଲ୍ୟବାନ୍ ଅଳଙ୍କାର। ଏହା କେବଳ ସେମାନଙ୍କର ଅର୍ଜିତ ଜ୍ଞାନ, ଅଭିଜ୍ଞତା ଓ ପ୍ରତିବଦ୍ଧତାର ସ୍ୱୀକୃତି ନୁହେଁ ବରଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଗଭୀର ବିଶ୍ୱାସର ପ୍ରତିଫଳନ ଯାହାକି ସେମାନଙ୍କ ହୃଦୟରେ ଏକ ଚିରସ୍ଥାୟୀ ପ୍ରଭାବ ଛାଡ଼ିଥାଏ। ଭୂତପୂର୍ବ ରାଷ୍ଟ୍ରପତି ଡ. ଏ. ପି. ଜେ. ଅବଦୁଲ କଲାମଙ୍କ ଭାଷାରେ ଶିକ୍ଷକମାନେ ଯେକୌଣସି ଦେଶର ମେରୁଦଣ୍ଡ, ଯେଉଁ ସ୍ତମ୍ଭ ଉପରେ ସମସ୍ତ ଆକାଂକ୍ଷା ବାସ୍ତବତାରେ ପରିଣତ ହୁଏ। ତେଣୁ ଆଜିର ପରିବର୍ତ୍ତିତ ଶିକ୍ଷା ବ୍ୟବସ୍ଥାର ଅନ୍ୟତମ ବିନ୍ଧାଣି ହେଲେ ଶିକ୍ଷକ। ଏକ ନୂତନ ବ୍ୟବସ୍ଥା ଓ ନୂତନ ଚିନ୍ତାଧାରା ସହ ଆଗାମୀ ପିଢ଼ିକୁ ଅଧିକ ସକ୍ଷମ ଏବଂ ଏକ ଉତ୍ତମ ଭବିଷ୍ୟତ ପାଇଁ ଆମେ ସଜକରିପାରିବା ଏଥିରେ ସନ୍ଦେହ ନାହିଁ।

**ସହକାରୀ ପ୍ରଫେସର**
**ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ**
**ମୋ: ୯୯୩୭୨୮୫୬୭୨**

# ଲେଖକ ଓ ଭଲ ମଣିଷ



ଧ୍ରୁବ ଚରଣ ଘିବେଲା

ଲେଖକର ସଂଜ୍ଞା ଆଦୌ ଜଟିଳ ନୁହେଁ, ଅତି ସରଳ। ଯେ ଲେଖନ୍ତି ସେ ଲେଖକ ନିଶ୍ଚୟ। ଲେଖିବା କଥା ଉଠିଲେ ସାହିତ୍ୟ ଲେଖିବା କଥାକୁ ଆଗେ ବୁଝିବା। ସାହିତ୍ୟର ପୁଣି ବିଭିନ୍ନ ବିଭାଗ ଥାଏ, ରହିଛି। ରୁଚି ନେଇ ଲେଖକ ଲେଖନ୍ତି। ଲେଖକ ବଡ଼ ପାଇଁ ଲେଖିପାରନ୍ତି। ସାନମାନଙ୍କ ପାଇଁ ଲେଖିପାରନ୍ତି। ବଡ଼ମାନଙ୍କ ପାଇଁ ଯିଏ ଲେଖନ୍ତି, ସାନମାନଙ୍କ ପାଇଁ ମଧ୍ୟ ସେ ଲେଖିପାରନ୍ତି। ହେଲେ ବଡ଼ମାନଙ୍କ ପାଇଁ ଲେଖୁଥିବା ଲେଖକ କ୍ୱଚିତ କାଁ ଭାଁ ସାନମାନଙ୍କ ପାଇଁ ଲେଖନ୍ତି। ସାନମାନଙ୍କ ପାଇଁ ଲେଖୁଥିଲେ ବଡ଼ ଲେଖକ ମନୋଜ ଦାସ। ସାନମାନଙ୍କ ପାଇଁ ଲେଖୁଥିବା ଲେଖକ ବଡ଼ମାନଙ୍କ ପାଇଁ ଲେଖିବାରେ ଅସୁବିଧା ନ ଥାଏ। ସାନମାନେ ଶିଶୁ ଓ କିଶୋରବର୍ଗଙ୍କୁ ବୁଝାଏ। କବିତା ଲେଖି କବି, ଗପ ଲେଖି ଗାଳ୍ପିକ, କଥା କାହାଣୀ ଲେଖି କଥାକାର, ଜୀବନୀ ଲେଖି ଜୀବନୀ ଲେଖକ, ଉପନ୍ୟାସ ଲେଖି ଔପନ୍ୟାସିକ, ବ୍ୟଙ୍ଗ କାହାଣୀ ଲେଖି ବ୍ୟଙ୍ଗ ଲେଖକ, ସର୍ବୋପରି ସାହିତ୍ୟ ଲେଖି ସାହିତ୍ୟିକ ହୁଅନ୍ତି। ସାନ ଶିଶୁମାନଙ୍କ ପାଇଁ ଲେଖନ୍ତି ଶିଶୁ ସାହିତ୍ୟିକ। କେତେକ ଏକାଧିକ ବିଭାଗରେ ଲେଖନ୍ତି।

ତେବେ ଲେଖକ ଲେଖନ୍ତି। କେବେଠୁ ସ୍ତମ୍ଭ ଲେଖାର ଆଦର ଆଦୃତି ପୁଣି ବଢ଼ିଛି ପ୍ରିୟ ପାଠକ ମହଲରେ। ସବୁ ଖବରକାଗଜରେ ସ୍ତମ୍ଭ ଲେଖାମାନ ପ୍ରତ୍ୟେକ ଦିନ ସମ୍ପାଦକୀୟ ପୃଷ୍ଠାରେ ଆସିଥାଏ। ସ୍ତମ୍ଭ ଲେଖାର ଲେଖକ ସ୍ତମ୍ଭ ଲେଖକ ବା ସ୍ତମ୍ଭକାର। ଆଜିର ଦିନରେ ବିଶେଷ କରି ''ଖବରଭିତ୍ତିକ ସାହିତ୍ୟ'' ସ୍ତମ୍ଭ ଲେଖାରେ ସ୍ଥାନ ପାଇଥାଏ। ଲେଖକଙ୍କୁ ଜନଜୀବନର ଯେଉଁ ଯେଉଁ ଦିଗ ଜଳଜଳ ଦିଶେ, ତା' ଉପରେ ଲେଖିଥାନ୍ତି ସ୍ତମ୍ଭ ଲେଖକ। ଏଠି କୁହାଯାଇପାରେ ସବୁ ସ୍ତମ୍ଭ ଲେଖକ ଭଲ ଲେଖନ୍ତି। ଭଲ ନ ଲେଖିଲେ ଲେଖା ସବୁ ଖବରକାଗଜରେ ଆସନ୍ତା କିପରି ? ଲେଖକଙ୍କ ଲେଖା ଯଦି ଭଲ, ତେବେ ବ୍ୟକ୍ତିଗତ ଭାବେ ଲେଖକ ଭଲ ମଣିଷ ହେବା ଉଚିତ। ହୁଏତ ଏ କଥା ବିତର୍କିତ ଲାଗିପାରେ ଅନେକଙ୍କୁ।

ଏ ଲେଖକର ମତରେ ଜଣେ ଲେଖକ ନିହାତି ଭଲ ମଣିଷ ହେବା ଦରକାର। ଖାଲି ଭଲ କଥା ଲେଖି ତା'ର ବିପରୀତ ଆଚରଣ ଯଦି ନିଜ ସ୍ଥାନୀୟ ପରିସରରେ ପରିବେଶରେ ପ୍ରଦର୍ଶନ କରୁଥାନ୍ତି, ତେବେ ଏହା ଅସଙ୍ଗତି କଥା ନିଶ୍ଚୟ। ଅନେକେ ପୁଣି ମତ ରଖନ୍ତି 'Think globally, Act Lo-cally'.ଯେଉଁଠି ପହଞ୍ଚି ହେବ ନାହିଁ ସେଇଠି ସୁନ୍ଦର ବାର୍ତ୍ତା ପହଞ୍ଚାଇବା ଉତ୍ତମ କଥା ହେବ ନିଶ୍ଚୟ। ଆଉରି ସୁନ୍ଦର ହେବ ସେଇ ସୁନ୍ଦର କଥା କହୁଥିବା ଲୋକ ନିଜେ ପରିସରରେ ପରିପାଳନ କରୁଥିଲେ। ନିଜେ ପାଳନ ନ କରି ଅନ୍ୟକୁ ତାହା ପାଳନ କରିବାକୁ କହିବା ବିଡ଼ମ୍ବନାର କଥା। ମିଛ କହୁଥିବା ଲୋକ ସତ କହିବା ପାଇଁ ଉପଦେଶ ଦେବା, ମଦ ପିଉଥିବା ଲୋକ ମଦ ବିରୋଧରେ କହିବା, ଦୁର୍ନୀତିଗ୍ରସ୍ତ ଦୁର୍ନୀତି ବିରୋଧରେ ବିଷୋଦଗାର କରିବା, ଏ ସବୁ ଡବଲ ଷ୍ଟାଣ୍ଡାର୍ଡ କଥା। ଏମିତି ନକାରାତ୍ମକ କାମରେ ରହିଥିବା ଲୋକ ସକାରାତ୍ମକ କଥା କହିବା ଶୋଭନୀୟ ନୁହେଁ। ଏମିତି ଛଦ୍ମବେଶୀ ଆଜିର ସମାଜରେ ସାଲୁବାଲୁ ହେଉଛନ୍ତି। ଛଦ୍ମବେଶୀ ମୁଖେ ରାମ ନାମ ଧରନ୍ତି, ଅନ୍ତରକୁ ହାରାମ କରି ରଖିଥାନ୍ତି।



ଲେଖକ ଯାହା ଲେଖନ୍ତି, ତା'ର ଉଦାହରଣ ନିଜେ ବନିବା ଦରକାର। ନୀତି ଆଦର୍ଶର କଥା କହି ଅନାଦର୍ଶର ଧ୍ୱଜା ଧରିବା ଅସୁନ୍ଦର କଥା। ଅନାଦର୍ଶର ଧ୍ୱଜାଧାରୀ ଆଦର୍ଶର ବାଣୀ ଶୁଣାଇବା ପାଣିରେ ଗାର ଟାଣିବା ସହ ସମାନ। ନୀତି ଆଦର୍ଶର କଥା ସଡକିରେ ଲେଖାଯାଇନପାରେ। କେବଳ ଲେଖିବା ପାଇଁ ଲେଖି ଦେଲେ ହେବ ନାହିଁ, ସେଇ ଲେଖାର ଯଥାର୍ଥତା ପ୍ରତି ଲେଖକୀୟ ଅଙ୍ଗୀକାରବଦ୍ଧତା ରହିବା ଦରକାର। ଲେଖିବା ପାଇଁ ଲେଖି ଦେବା ସହଜ, ତାକୁ ପାଳିବାରେ ଥାଏ ମହାନତା। ଯଥାର୍ଥତା। ଅନ୍ୟଥା ସେ ଲେଖା ହୋଇପାରେ ମୂଲ୍ୟହୀନ। ଏବେ ସାହିତ୍ୟରେ ମାତିଲେଣି ଖାଣ୍ଟି ନକାରାତ୍ମକ କିଛି ମିଛ ମଣିଷ। ସାହିତ୍ୟକୁ ଢାଲ କରି ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ଅପଚେଷ୍ଟା କଲେଣି କେହି କେହି। ସାହିତ୍ୟ ନାଁରେ ବଡ଼ ସହ ମିଶିପାରିବା ସୁଯୋଗ ପାଆନ୍ତି ଗୋଟେ ମଞ୍ଚରେ ବସି। ବିପଦ ବେଳେ ବଡ଼ ସାହାଯ୍ୟ ପାଇବେ, ଏଇ ଚକ୍କରରେ ସାହିତ୍ୟ କଲେଣି ଏଠି ଥୋକାଏ।

ତେବେ ଲେଖକ ଜଣେ ଭଲ ମଣିଷ ଆଗ ହେବା ଦରକାର। ମଣିଷପଣିଆର ଅଧିକାରୀ ହେବା ଜରୁରୀ। ଦେଖେଇ ଜଣେଇ ହେବା ପାଇଁ ଛଦ୍ମବେଶୀ ହେବା ଅନୁଚିତ। ବେପାରୀ ବେପାରରେ ଲୋକଙ୍କୁ ଠକି ଲୁଟି ଟିକସ ଫାଙ୍କି ଚାଲିଥିଲା ବେଳେ ଅନ୍ୟ ପାଖେ ସହଜରେ ନାଁ ଅର୍ଜିବା ପାଇଁ ସାହିତ୍ୟକୁ ସାହାରା କରିବା ଅପଚେଷ୍ଟାରେ ନିଜକୁ ନିୟୋଜିତ ବରାବର କରିଥାନ୍ତି। ସାହିତ୍ୟ ସେବା ପାଇଁ ଲୁଟେରା ବେପାରୀ ସାହିତ୍ୟ ଯେତିକି କରନ୍ତି ନାହିଁ, ସାହିତ୍ୟରୁ ସେତିକି ବ୍ୟକ୍ତିଗତ ଫାଇଦା ଉଠାଇବା ଫନ୍ଦିଫିକରରେ ସବୁବେଳେ ଥାଆନ୍ତି। ନିଜ ପ୍ରତିଷ୍ଠା ପାଇଁ ସାହିତ୍ୟ କରନ୍ତି। ଏଠୁ ସେଠୁ ପୁରସ୍କାର ଗୋଟାନ୍ତି କୁହାବୋଲା କରି। ତାଙ୍କର କୁଆଡେ ପଦ୍ମ ପୋଖରୀରୁ ସାନ ପଦ୍ମଟେ ହେଲେ ବି ତୋଳିବାର କାମନା ରହିଛି। ପଦ୍ମ ପୋଖରୀରୁ ପଦ୍ମ ତୋଳିବା ପାଇଁ ସେ ସାହିତ୍ୟକୁ ଆୟୁଧ କରି ପୂରାପୂରି ଆଣ୍ଟେଇ ପଡ଼ନ୍ତି। ସେଥିପାଇଁ ଜିଲାସ୍ତରୀୟ ଅଧିକାରୀଙ୍କୁ ଅତିଥି କରନ୍ତି। ସାହିତ୍ୟ କରୁଛି ବୋଲି ଡିଣ୍ଡିମ ପିଟନ୍ତି। ଆଗ ଭଲ ମଣିଷ ନ ହୋଇ ସାହିତ୍ୟ ପୋଖରୀକୁ ଗୋଳିଆ କରୁଥିବା ନାଁ ବିକଳିଆ ଆତ୍ମଘୋଷିତ ଲେଖକ ପୁରସ୍କାର ପଛରେ ଖାଲି ଧାଆନ୍ତି। ପାଞ୍ଚ ବର୍ଷ ସେମିତି ଲେଖାଲେଖି କରି ପାଆଁଶ ପୁରସ୍କାର ଗଣ୍ଠେଇ ସାରିଲେଣି ପଦ୍ମ ତୋଳି ହାତେଇ ନେବାର ନିଶାରେ। ନିଜ ପରିସରରେ ଲୋକ ଠିକ୍ ଜାଣନ୍ତି ସେ କ'ଣ ? କେତେ ଭଲ ଜଣେ ବ୍ୟକ୍ତି ହିସାବରେ ! ବୋଲକରା ତିଆରି ଭାବମୂର୍ତ୍ତି ତିଆରିବା ସବୁଦିନ ପାଇଁ କାମ କରି ନ ପାରେ। ବୋଲକରାଙ୍କୁ ଭଲ ପାଇବାରେ ବି ପାତରଅନ୍ତର ନୀତି ଆପେଣେଇଥାନ୍ତି।

ତେବେ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଲେଖକ କେବେ ବି ଖରାପ ହୋଇ ନ ପାରନ୍ତି। ଲେଖକ ଅନେକ ସମୟରେ ସତ କଥା ଲେଖି କିମ୍ବା ପରୋକ୍ଷରେ କହି ଅନେକଙ୍କ ପାଇଁ ଗ୍ରହଣୀୟ ହୋଇନଥାନ୍ତି। ତଥାପି ସତ ଲେଖକ ଅଛନ୍ତି। କିଛି ଛଦ୍ମବେଶୀ ବି ଥାଆନ୍ତି। ଛଦ୍ମବେଶୀଙ୍କ ହାଉଯାଉ ଆଜିର ଦିନରେ ଅଧିକ। ସତ ଲେଖକ ବି ଏଠି ନିରନ୍ତର ଲେଖିବା ଧାରାରେ ନିଜକୁ ବରାବର ନିୟୋଜିତ ରଖିଆସିଥାନ୍ତି।

**ବଉଦରାଜ, ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

## ଏଇ ଭାରତରେ

ବି.ଟେକ୍ ପରେ ଚାକିରି କରିଥିଲେ। ଅଧିକ ଦରମା ବି ପାଉଥିଲେ। ହେଲେ ଚାକିରି ଛାଡ଼ି କୃଷିକୁ ବୃତ୍ତି ଭାବେ ଗ୍ରହଣ କରି ଦୁଷ୍ମନ୍ତ କୁମାର ସିଂ ଏବେ ଉତ୍ତରପ୍ରଦେଶର ଜଣେ ସଫଳ ଧାନ ଚାଷୀ ହୋଇପାରିଛନ୍ତି। ବଲିଆ ଜିଲା ବସନ୍ତପୁର ଗାଁରେ ରହନ୍ତି ଦୁଷ୍ମନ୍ତଙ୍କ ପରିବାର। ସେ ବର୍ତ୍ତମାନ ୪୦ ଏକରରୁ ଅଧିକ ଜମିରେ କେବଳ ଦୁଇ କିସମର ଧାନ ଚାଷ କରି ବର୍ଷକୁ ୩୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ଜୈବିକ ପଦ୍ଧତିରେ ଦୁଇଟି କିସମର ଧାନ ଚାଷ କରୁଛନ୍ତି। ଗୋଟିଏ ହେଉଛି କାଳା ନମକ କିରଣ ଓ ଅନ୍ୟଟି ମାଲବ୍ୟ ମନିଲା ଧାନ–୧। ଏକ ହେକ୍ଟରରୁ ୫୦ରୁ ୬୦ କୁଇଣ୍ଟାଲ ଧାନ ସେ ଅମଳ କରୁଛନ୍ତି। ଜୈବିକ ଖତ ନିଜେ ପ୍ରସ୍ତୁତ କରି ଚାଷରେ ବ୍ୟବହାର କରୁଛନ୍ତି ଓ ଏଥିପାଇଁ ସେ ପଶୁପାଳନ କରିଛନ୍ତି। ଦୁଷ୍ମନ୍ତ ଚାକିରି ଛାଡ଼ି ଗାଁକୁ ଫେରିବା ପରେ କୃଷି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ବାଙ୍ଗାଲୋରରେ ଆୟୋଜିତ ଏକ କୃଷି ଶିବିରରେ ଯୋଗଦେଇଥିଲେ। ସେଠାରେ କୃଷି ବିଶେଷଜ୍ଞ ସୁଭାଷ ପାଲେକରଙ୍କ ସହ ଆଲୋଚନା କରିବା ପରେ ଧାନ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଦେଖିବାକୁ ଗଲେ ଦୁଷ୍ମନ୍ତଙ୍କର ଏହି ସଫଳତା ବେକାର ଯୁବକଙ୍କ ପାଇଁ ଏକ ପ୍ରେରଣାଦାୟକ ବିଷୟ।

## ୫୦ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୭୫

- ସୁଚତି ଚୁଥାସମିତ ଭାରତରେ ଥାଇଲାଣ୍ଡର ପରବର୍ତ୍ତୀ ରାଷ୍ଟ୍ରଦୂତ ମନୋନୀତ।
- ତୁର୍କୀକୁ ଆମେରିକାର ଅସ୍ତ୍ରଶସ୍ତ୍ର ଯୋଗାଣ ସଂକ୍ରାନ୍ତୀୟ ଏକ ବିଲ୍ ଆମେରିକା କଂଗ୍ରେସରେ ଗୃହୀତ ହୋଇଛି।
- ଯୁଗୋସ୍ଲୋଭିଆ ଗସ୍ତରେ ଥିବା ଭାରତର ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କୁ ପ୍ରିଷ୍ଟାଇନ ବିଶ୍ୱବିଦ୍ୟାଳୟର ଇତିହାସରେ ପ୍ରଥମ ଥର ପଇଁ ଜଣେ ବିଦେଶୀ ରାଷ୍ଟ୍ରପତି ଭାବେ 'ଡକ୍ଟର ଅଫଲ' ଡିଗ୍ରୀ ପ୍ରଦାନ।

## ଚିରନ୍ତନୀ

ହେ ବରଷା ତବ ସ୍ରୋତେ
ଅଶ୍ରୁ–ସଳିଳେ ନିର୍ମଳ କର ମୋତେ।
ଅନ୍ତରେ କେତେ ଜମିଲାଣି ପାପ
ବଳିଛି ଶୁଷ୍କ ନିଦାଘର ତାପ
ପୁଣ୍ୟ ନିଶାଣ ଉଡ଼ାଇ ଗଗନେ
ବଜ–ଚପଳା–ରଥେ
ଅଶ୍ରୁ–ସଳିଳେ ନିର୍ମଳ କର ମୋତେ।
–(ବର୍ଷା–ଅଶ୍ରୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉପକାରୀ ତାଳଗଛ

ମହାଶୟ,

ବଜ୍ରପାତକୁ ଧ୍ୱଂସ କରିବା ବା ସହ୍ୟ କରିବା ଶକ୍ତି ତାଳଗଛରେ ଅଛି। କିନ୍ତୁ ତାଳଗଛ କଟାଯିବା ଫଳରେ ଏହାର ସଂଖ୍ୟା କମିବାରେ ଲାଗିଲା। ତାଳଗଛ ସଂଖ୍ୟା କମିବା ଏବେ ମଣିଷ ଓ ଜୀବଜଗତ ପାଇଁ କାଳ ହୋଇଛି। ପ୍ରତିବର୍ଷ ବଜ୍ରପାତ ଅନେକ ଜୀବନ ଯାଉଛି। ବିଶେଷ କରି କ୍ଷେତରେ କାର୍ଯ୍ୟରତ ଚାଷୀ ଓ ବାଟଚଲା ଲୋକେ ବଜ୍ରପାତରେ ପ୍ରାଣ ହରାଉଥିବା ଖବର ପ୍ରକାଶ ପାଉଛି। ଏଥିସହ ଗୋରୁ, ଛେଳି ଓ ମେଣ୍ଢାମାନେ ମଧ୍ୟ ମୃତ୍ୟୁମୁଖରେ ପଡୁଛନ୍ତି। ଏହର ମୁଖ୍ୟ ଦୁଇଟି କାରଣ ଅଛି। ପ୍ରଥମତଃ ବଡ଼ ବଡ଼ ବୃକ୍ଷ ଛେଦନ ସହ ତାଳଗଛ ଧ୍ୱଂସ କରିବା ହେତୁ ଏପରି ଅଘଟଣ ଘଟୁଛି। ଦ୍ୱିତୀୟତଃ ଉଚ୍ଚସୌଧମାନ ନିର୍ମାଣ କରାଯାଉଛି, ଯେଉଁଥିରେ ବିଜୁଳି ନିରୋଧ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଉନାହିଁ। ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବୃଦ୍ଧି ପାଉଥିବାରୁ ସରକାର ବହୁଳ ପରିମାଣରେ ତାଳଗଛ ଲଗାଇବା ଲକ୍ଷ୍ୟ ରଖିଛନ୍ତି। ଏହାକୁ ବ୍ୟାପକ କରିବା ପାଇଁ ତାଳଗଛ ମିଶନ ଗଢିଛନ୍ତି। କେବଳ ମିଶନ ଗଢି ତାଳଗଛ ଲଗାଇ କାଗଜପତ୍ରରେ ହିସାବ ସୀମିତ ନ ରଖି ଗଛଗୁଡିକର ସୁରକ୍ଷା ଦିଗରେ ବିଶେଷ ଯତ୍ନବାନ ହେବା ଜରୁରୀ। ସେଥିପାଇଁ ଜନଜାଗରଣ ସହ ବିଭାଗୀୟ ଅଧିକାରୀମାନେ ଗୁରୁଦାୟିତ୍ୱ ତୁଲାଇବା ଆବଶ୍ୟକ।

**–ସ୍ୱର୍ଣ୍ଣବାଳା ନାୟକ, ସତ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବ ୱାରେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ'

କଟକ,୪।୧୦ (କାର୍ତ୍ତିକ ସାହୁ)

ରାଜ୍ୟର ୩୦ ଜିଲାରେ ଏକ ନୂତନ ୱାରେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଆଉ ୱାରେଣ୍ଟଗୁଡ଼ିକ କାର୍ଯ୍ୟକାରୀ ନ ହୋଇ ପଡ଼ିରହିବ ନାହିଁ। ଯଦ୍ୱାରା ତ୍ୱରିତ ନ୍ୟାୟ ପ୍ରଦାନରେ ଏହା ସହାୟକ ହୋଇପାରିବ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଆଶାବ୍ୟକ୍ତ କରିଛନ୍ତି।

ସୂଚନାନୁସାରେ, ୱାରେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ପାଇଲଟ୍ ପ୍ରକଳ୍ପ ଭାବରେ କଟକ ଜିଲାରେ ଆରମ୍ଭ ହୋଇଥିଲା। ସଫଳତାର ସହ ପ୍ରକଳ୍ପର ପରୀକ୍ଷଣ ପରେ ଏହି ବ୍ୟବସ୍ଥା ଅନୁଗୋଳ, ବାଲେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ, କୋରାପୁଟ, ରାଉରକେଲା ଜଜ୍‌ଶିପ୍‌ରେ ୨୦୨୩ ଅଗଷ୍ଟ ପହିଲାରେ କାର୍ଯ୍ୟକାରୀ ହୋଇଥିଲା। ଶୁକ୍ରବାର ରାଜ୍ୟର ବାକି ୨୩ଟି ଜିଲାର ୪୨୧ କୋର୍ଟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବା ହାଇକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି। ହାଇକୋର୍ଟରେ ତଥ୍ୟ ଅନୁସାରେ, ୨୦୨୪ ଅଗଷ୍ଟ ୩୧ ସୁଦ୍ଧା ରାଜ୍ୟରେ ୫୪,୭୯୯ଟି ୱାରେଣ୍ଟ କାର୍ଯ୍ୟକାରୀ ନ ହୋଇ ପଡ଼ିରହିଥିବା ଜଣାପଡ଼ିଛି। ତେବେ ନୂତନ ବ୍ୟବସ୍ଥା ଦ୍ୱାରା ୱାରେଣ୍ଟଗୁଡ଼ିକର ସ୍ଥିତି ସମ୍ପର୍କରେ ଜାଣିହେବ ବୋଲି କୁହାଯାଇଛି। ଏନେଇ ହାଇକୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତିଙ୍କ ସମେତ ଷ୍ଟେଟ୍ କୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ଅଧକ୍ଷ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ, ବିଚାରପତି ମୃଗାଙ୍କ ଶେଖର ସାହୁ, ବିଚାରପତି ଶଶିକାନ୍ତ ମିଶ୍ର, ବିଚାରପତି ବିରଜା ପ୍ରସନ୍ନ ଶତପଥୀ, ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଓ ଷ୍ଟେଟ୍ କ୍ରାଇମ୍ ରେକର୍ଡସ ବ୍ୟୁରୋ ଡ. ସନ୍ତୋଷ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ଓର୍‌ମାସ ପକ୍ଷରୁ ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୪।୧୦(ସୁନିତ୍ ମିଶ୍ର)

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓର୍‌ମାସ ଦ୍ୱାରା ଦୁଇ ଦିନିଆ ରପ୍ତାନି ଓ ଇ-କମର୍ସ କର୍ମଶାଳା ଏବଂ ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ କୃଷି ଭବନ ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି, ଓର୍‌ମାସ୍ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାର, ନାବାର୍ଡର ସିଜିଏମ୍ ଓ ଡିଜି-ଇଡିଆଇଆଇଙ୍କ ଉପସ୍ଥିତିରେ ଓର୍‌ମାସ୍ ପକ୍ଷରୁ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ରାଜ୍ୟର ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଗୁଣବତ୍ତା ଏବଂ ମାନ ଆଦି ବଜାରରେ ମିଳୁଥିବା ଅନ୍ୟ ସାମଗ୍ରୀଗୁଡିକଠାରୁ ଢେର ଉନ୍ନତ। ଏହାର ବିପଣନ ଦିଗରେ ଓର୍‌ମାସ୍‌ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ସାମଗ୍ରୀଗୁଡ଼ିକୁ ଅନ୍‌ଲାଇନ ବଜାରରେ ଉପଲବ୍ଧ କରାଇବା ଜରୁରୀ ହୋଇପଡ଼ିଛି । ଏ ଦିଗରେ, ଉତ୍ପାଦଗୁଡ଼ିକର ଗୁଣବତ୍ତା, ପ୍ୟାକେଜିଂ, ବ୍ରାଣ୍ଡିଂ ଆଦିକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଓର୍‌ମାସ ଦ୍ୱାରା ୪ଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ମନ୍ତ୍ରୀ ନାଏକ ଏବଂ ପ୍ରମୁଖ ଶାସନ ସଚିବଙ୍କ ଉପସ୍ଥିତିରେ ଓର୍‌ମାସ ତରଫରୁ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାର ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

# ନିର୍ମାଣ, ଡିଜାଇନ ପ୍ରତି ଅଧିକ ସଜାଗ ରହିବା ଆବଶ୍ୟକ: ମନ୍ତ୍ରୀ ନାଏକ

ଭୁବନେଶ୍ୱର,୪।୧୦(ଅନିଲ ଦାସ)

## ଜାତୀୟସ୍ତରୀୟ ସେତୁ କର୍ମଶାଳା ଉଦ୍‌ଘାଟିତ

### ଗ୍ରାମାଞ୍ଚଳ ସଂଯୋଗୀକରଣ ପାଇଁ ୫୦୦ ସେତୁ ନିର୍ମାଣ ହେବ




ଅନେକ ରାଜ୍ୟରେ ସେତୁ ଭୁଶୁଡ଼ିବା ଘଟଣା ଦେଖିବାକୁ ମିଳୁଛି। ସେତୁ ନିର୍ମାଣ ଏବଂ ଡିଜାଇନ ପ୍ରତି ଅଧିକ ସଜାଗ ରହିବା ଏବଂ ଡିଜାଇନ୍ ପ୍ରସ୍ତୁତ କରିବା ବେଳେ ସାଇଟ୍ ସ୍ଥିତି ପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟୟକୁ ଧ୍ୟାନରେ ରଖି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସେତୁଗୁଡ଼ିକର ଡିଜାଇନ୍ କରାଯିବା ଉଚିତ ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ ସ୍ଥାନୀୟ ହୋଟେଲରେ ଆୟୋଜିତ ଜାତୀୟସ୍ତରୀୟ ୨ ଦିନିଆ ସେତୁ କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ଗ୍ରାମୀଣ ସଡ଼କ ସଂଯୋଗୀକରଣ ପ୍ରକ୍ରିୟା ଗ୍ରାମାଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିଛି। ରାଜ୍ୟ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ୨୧୧୭ଟି ସେତୁ ନିର୍ମିତ ହୋଇଥିବା ବେଳେ ୧୧୫୨ର ନିର୍ମାଣ କାର୍ଯ୍ୟ ଜାରି ରହିଛି। ରାଜ୍ୟ ସରକାର ଗ୍ରାମାଞ୍ଚଳକୁ ସଂଯୋଗ କରିବା ପାଇଁ ୫୦୦ଟି ନୂତନ ସେତୁ ନିର୍ମାଣ ପାଇଁ ଯୋଜନା କରିଛନ୍ତି। ରାଜ୍ୟ ବଜେଟ ଓ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ଏହିପରି ୪୧ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୧୦୪ଟି ପ୍ରକଳ୍ପ ନିର୍ମାଣାଧୀନ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏଥିସହିତ ସେତୁ ନିର୍ମାଣ କାର୍ଯ୍ୟରେ ସୁରକ୍ଷା ଏବଂ ନିରାପତ୍ତା ପ୍ରତି ସର୍ବାଧିକ ଧ୍ୟାନଦେବାକୁ ଉପସ୍ଥିତ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜନଜାତି ରହୁଥିବା ପାହାଡ଼ିଆ ଅଞ୍ଚଳରେ ସେତୁ ନିର୍ମାଣ କରି ସେହି ଅଞ୍ଚଳର ସଂଯୋଗୀକରଣ ଉପରେ ବିଶେଷ ଧ୍ୟାନଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହି କର୍ମଶାଳାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ସଚିବ ଶୈଳେଶ କୁମାର ସିଂହ ସେତୁ ନିର୍ମାଣ ସମୟରେ ମାନ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ କହିଛନ୍ତି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କର୍ମଶାଳାକୁ ସମ୍ବୋଧିତ କରି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ବିଶେଷ ଗୁରୁତ୍ୱ ଦେଇ ସେତୁ ନିର୍ମାଣର କୌଶଳ ଓ ମାନକୁ ଧ୍ୟାନଦେବାକୁ ପଡ଼ିବ ବୋଲି ଉଲ୍ଲେଖ କରିଥିଲେ। ଏନ୍‌ଆର୍‌ଆଇଡିଏ ଡିଜି ଅମିତ ଶୁକ୍ଲା ଏହି କର୍ମଶାଳାକୁ ସମ୍ବୋଧିତ କରି ସେତୁ ନିର୍ମାଣର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ସେତୁ ବିଶେଷଜ୍ଞମାନେ ଏହି ଅବସରରେ ସେତୁ ନିର୍ମାଣ ଉପରେ କର୍ମଶାଳାକୁ ସମ୍ବୋଧିତ କରିଥିଲେ। ୨ଦିନ ବ୍ୟାପୀ ଏହି ଜାତୀୟ ସ୍ତରୀୟ ସେତୁ କର୍ମଶାଳାରେ ଗ୍ରାମ୍ୟ ସଂଯୋଗୀକରଣର ବିଭିନ୍ନ ଦିଗ ଉପରେ ଭିନ୍ନ ଭିନ୍ନ ଆଲୋଚନା ହେବ। ଏହି କାର୍ଯ୍ୟକ୍ରମରେ ୨୫ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶ ଗ୍ରହଣ କରିଛନ୍ତି।

# ଘର ନିର୍ମାଣ ପାଇଁ ଭୂମିହୀନଙ୍କୁ ଜାଗା ଯୋଗାଇ ଦିଆଯିବ

ଭୁବନେଶ୍ୱର,୪।୧୦(ଅନିଲ ଦାସ)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

ଭୂମିହୀନମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଜାଗା ଯୋଗାଇ ଦିଆଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ମଧ୍ୟରେ ଏକ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକ ନିଷ୍ପତ୍ତି ଅନୁଯାୟୀ ଭୂମିହୀନ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଗା ଯୋଗାଇଦେବା ପାଇଁ ବିଡିଓମାନେ ହିତାଧିକାରୀମାନଙ୍କ ତାଲିକା ପ୍ରସ୍ତୁତ କରି ତହସିଲଦାରଙ୍କୁ ପ୍ରଦାନ କରିବେ। ତହସିଲଦାର ରାଜସ୍ୱ ଅଧିକାରୀଙ୍କ ମାଧ୍ୟମରେ ଜାଗା ଚିହ୍ନଟ କରି ଜାଗା ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବେ । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ମାସର ପ୍ରଥମ ଶନିବାର ସମ୍ପୃକ୍ତ ବିଡିଓ ଏବଂ ତହସିଲଦାରଙ୍କ ମାଧ୍ୟମରେ ସମନ୍ୱୟ କମିଟିର ବୈଠକ ଆଗତ ହେବ ଓ ବୈଠକର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯିବ । ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବ । ଫଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୌଣସି ହିତାଧିକାରୀ ଜାଗା ଅଭାବରୁ ଘର ନିର୍ମାଣରୁ ବଞ୍ଚିତ ହେବେ ନାହିଁ । ଜିଲାପାଳମାନେ ଏହି ଯୋଜନାର ଅଗ୍ରଗତି ସମ୍ପର୍କରେ ପ୍ରତି ମାସରେ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ।

# ୬ରୁ ହବିଷ ବ୍ରତ ପାଇଁ ପଞ୍ଜୀକରଣ

- ଚଳିତବର୍ଷ କେବଳ ଅନ୍‌ଲାଇନ୍‌ରେ ଆବେଦନ ଗ୍ରହଣ
- ଅସୁସ୍ଥ ଓ ଅପ୍ରତ୍ୟାଶିତ ଭାବେ ଆସୁଥିବା ବ୍ୟକ୍ତିଙ୍କୁ ଶିବିର ମନା

ପୁରୀ,୪।୧୦(ଅଜିତ କୁମାର ମହାନ୍ତି)

ଚଳିତ ବର୍ଷର ହବିଷ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ଅକ୍ଟୋବର ୬ତାରିଖରୁ ଅନ୍‌ଲାଇନ ମାଧ୍ୟମରେ edistrict.odisha.gov.in ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହେବ। ଏହା ଅକ୍ଟୋବର ୧୧ ତାରିଖ ଅଥବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଚଳିତ ବର୍ଷର ହବିଷିଆଳି ପଞ୍ଜୀକରଣ ସମ୍ପର୍କରେ ସୂଚନା ଦେଇ ଜିଲାପାଳ ସ୍ୱାଇଁ କହିଛନ୍ତି, ଅକ୍ଟୋବର ୧୮ରୁ ହବିଷ ବ୍ରତ ଆରମ୍ଭ ହେଉଥିବାରୁ ତାହା ପୂର୍ବରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରିବା ପାଇଁ ସବୁ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ଚଳିତ ବର୍ଷର ହବିଷ ବ୍ରତ ପାଇଁ ଅନୁମତି ଦେବା ସହ ଆନୁଷଙ୍ଗିକ ଅର୍ଥ ମଧ୍ୟ ମଞ୍ଜୁର କରିଛନ୍ତି। ଚଳିତ ବର୍ଷ ବୃନ୍ଦାବତୀ ଭକ୍ତନିବାସ, ବଗଲା, ଅକ୍ଷୟପାତ୍ର ଓ ମୋଚିସାହି କଲ୍ୟାଣ ମଣ୍ଡପରେ ହବିଷିଆଳି ମା'ମାନଙ୍କୁ ରଖାଯିବ। ସେମାନଙ୍କ ରହଣି ସହ ପ୍ରାତଃରୁ ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଆବେଦନକାରୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହୋଇଥିବେ। ବିଧବା ବ୍ରତଧାରିଣୀ ଓ ନୂତନ ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଅନ୍‌ଲାଇନରେ ପଞ୍ଜୀକରଣ କରି ହିତାଧିକାରୀ ଭାବେ ଚୟନ ହୋଇଥିବା ମା'ମାନଙ୍କୁ ସେମାନଙ୍କ ରହଣି ସ୍ଥାନ ଓ କେତେ ତାରିଖରେ ପହଞ୍ଚିବେ ସେ ନେଇ ସୂଚନା ଦିଆଯିବ। ବିନା ପଞ୍ଜୀକରଣରେ ଅପ୍ରତ୍ୟାଶିତ ଭାବେ ହବିଷିଆଳି ଶିବିରକୁ ଆସୁଥିବା ବ୍ୟକ୍ତିଙ୍କ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ। ଶିବିରରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ଏବଂ ସେ ଅସୁସ୍ଥ ଥିଲେ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ଜିଲାପାଳ କହିଛନ୍ତି।






**ଆଜିଠୁ ସୋନମ ୱାଙ୍ଗଚୁକ୍‌ଙ୍କ ଆମରଣ ଅନଶନ**

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଦାବିରେ 'ଦିଲ୍ଲୀ ଚଲୋ ପଦଯାତ୍ରା' ପରେ ଶନିବାରଠାରୁ ଆମରଣ ଅନଶନ କରିବାକୁ କ୍ଲାଇମେଟ୍ ଆକ୍ଟିଭିଷ୍ଟ ସୋନମ ୱାଙ୍ଗଚୁକ୍ ନିଷ୍ପତ୍ତି ନେଇଛନ୍ତି। ୪ ବର୍ଷ ହେଲା ଆନ୍ଦୋଳନ ଚାଲିଥିବାବେଳେ କେନ୍ଦ୍ର ସରକାର ସେମାନଙ୍କ କଥା ନ ଶୁଣିବାରୁ ଅନଶନ ପନ୍ଥା ଆପଣାଇଥିବା ସୋନମ କହିଛନ୍ତି।

## ସଂକ୍ଷେପରେ

### ପୁଣେରେ ଯୁବତୀଙ୍କୁ ଗଣବଳାତ୍କାର

ପୁଣେ,୪।୧୦(ପି.ଟି.)

ମହାରାଷ୍ଟ୍ରର ପୁଣେରେ ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଗୁରୁବାର ବିଳମ୍ବିତ ରାତିରେ ୩ ଜଣ ଯୁବକ ଗଣବଳାତ୍କାର କରିଛନ୍ତି। ଯୁବତୀ ଜଣକ ତାଙ୍କର ବନ୍ଧୁଙ୍କ ସହ ବୋପଦେବ ଘାଟ ଅଞ୍ଚଳକୁ ଯାଉଥିବାବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଜବରଦସ୍ତ କାର୍‌ରେ ନେଇଯାଇଥିଲେ। ପରେ ସେମାନେ ଯୁବତୀଙ୍କୁ ଗଣବଳାତ୍କାର କରିବା ସହ ତାଙ୍କ ବନ୍ଧୁଙ୍କୁ ମାଡ଼ ମାରିଥିଲେ। ପୋଲିସ କୋନ୍ଧୱା ଅଞ୍ଚଳରୁ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଅଭିଯୁକ୍ତ କାର୍‌ରେ ଆସି ନିଜକୁ ଜଣେ ଆକ୍ଟିଭିଷ୍ଟ ବୋଲି ପରିଚୟ ଦେଇଥିଲେ। ଉକ୍ତ ଅଞ୍ଚଳରେ ଯୋଡ଼ିଙ୍କୁ ଯିବା ପାଇଁ ଅନୁମତି ନାହିଁ ବୋଲି କହିଥିଲେ। ଏହା ପରେ ଅଭିଯୁକ୍ତମାନେ ମହିଳାଙ୍କୁ ଧମକ ଦେଇ ଜବରଦସ୍ତ କାର୍‌ରେ ଉଠାଇନେଇଥିଲେ।

### କଙ୍ଗୋରେ ବୋଟ୍ ଦୁର୍ଘଟଣା: ୭୮ ମୃତ

ଗୋମା,୪।୧୦

ପୂର୍ବ କଙ୍ଗୋ ଲେକ୍ କିଭୁରେ ଏକ ଯାତ୍ରୀବାହୀ ବୋଟ୍ ବୁଡ଼ିଯିବାରୁ ଅନ୍ୟୂନ ୭୮ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ବୋଟ୍‌ରେ ୨୭୮ ଜଣ ଯାତ୍ରୀ ଥିଲେ। ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ସାଉଥ୍ କିଭୁ ପ୍ରଦେଶର ଗଭର୍ନର ଜିନ୍ ଜାକ୍ୟୁସ୍ ପୁରୁସି କହିଛନ୍ତି। ବୋଟ୍‌ରେ ସାମର୍ଥ୍ୟଠାରୁ ଅଧିକ ଯାତ୍ରୀ ଥିଲେ। ଏହା କିଟୁକୁ ବନ୍ଦରରେ ପହଞ୍ଚିବାର ମାତ୍ର କେତେ ମିଟର ଦୂରରେ ବୁଡ଼ିଯାଇଥିଲା। ୧୦ ଜଣଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ୟୁପିରେ ସଡ଼କ ଦୁର୍ଘଟଣା: ୧୦ ମୃତ

ମିର୍ଜାପୁର,୪।୧୦

ଉତ୍ତରପ୍ରଦେଶର ମିର୍ଜାପୁରରେ ଗୁରୁବାର ବିଳମ୍ବିତ ରାତିରେ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟରକୁ ଟ୍ରକ୍ ଧକ୍କା ଦେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ମିର୍ଜାପୁର-ବାରାଣସୀ ସୀମା ଜି.ଟି. ରୋଡ୍‌ରେ ଏହି ଦୁର୍ଘଟଣା ଘଟିଛି। ନିର୍ମାଣ କାର୍ଯ୍ୟ ସାରି ୧୩ ଜଣ ଶ୍ରମିକ ଟ୍ରାକ୍ଟର ଟ୍ରଲିରେ ଘରକୁ ଫେରୁଥିବାବେଳେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ହସ୍ପିଟାଲ ନେବା ବାଟରେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଶ୍ରମିକମାନଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପିଛା ୨ ଲକ୍ଷ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି।

### ଏସ୍‌ସିଓ ସମିଟ୍‌ରେ ଯୋଗଦେବାକୁ ପାକିସ୍ତାନ ଯିବେ ଜୟଶଙ୍କର



ଏସ୍. ଜୟଶଙ୍କର

ନୂଆଦିଲ୍ଲୀ,୪।୧୦

ଚଳିତ ମାସ ୧୫ ଓ ୧୬ରେ ଇସ୍‌ଲାମାବାଦରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମିଟ୍ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିରେ ଯୋଗଦେବା ପାଇଁ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପାକିସ୍ତାନ ଯିବେ। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ପାକିସ୍ତାନ ଏସ୍‌ସିଓ ସରକାର ମୁଖ୍ୟମାନଙ୍କ ପରିଷଦ ବୈଠକ ଆୟୋଜନ କରୁଛି। ଏଥିରେ ଯୋଗଦେବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ଇସ୍‌ଲାମାବାଦ ନ ଯାଇ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ପଠାଇବା ପାଇଁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ନିକଟରେ ଅନୁଷ୍ଠିତ ଜାତିସଂଘ ସାଧାରଣ ସଭାରେ ସୀମାପାର ଆତଙ୍କବାଦକୁ ନେଇ ପାକିସ୍ତାନକୁ କଡ଼ା ସମାଲୋଚନା କରିଥିଲେ।



ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାବେଳେ ଲେବାନନ୍‌ରୁ ବିଦେଶୀ ଶ୍ରମିକଙ୍କୁ ସେମାନଙ୍କ ଦେଶକୁ ପଠାଇ ଦିଆଯାଉଛି। ବେରୁଟ୍‌ରେ ଥିବା ଗ୍ରୀସ୍‌ର ଜଣେ ବ୍ୟକ୍ତି ଭୟରେ ନିଜ ପୁଅଙ୍କୁ ଜାବୁଡ଼ି ଧରିଛନ୍ତି।

### ଡଲ୍‌ଫିନ୍ ହସିପାରନ୍ତି

ନୂଆଦିଲ୍ଲୀ,୪।୧୦(ପି.ଟି.)

ଡଲ୍‌ଫିନ୍‌ଗୁଡ଼ିକ ଖେଳିବା ସମୟରେ ପାଟି ଖୋଲା ରଖି ପରସ୍ପରକୁ ସେମାନଙ୍କ ଭାବନା ବ୍ୟକ୍ତ କରିଥାନ୍ତି। ଅନେକ ସମୟରେ ସେମାନଙ୍କର ଏହି ଅଭିବ୍ୟକ୍ତି 'ହସ' ହୋଇପାରେ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି। ଗୋଟିଏ ଡଲ୍‌ଫିନ ଏହାର ଖେଳସାଥୀ ସହ ଥିବାବେଳେ ପ୍ରାୟ ସବୁବେଳେ ହସିଥାଏ। ଡଲ୍‌ଫିନଗୁଡ଼ିକର ପରସ୍ପର ସହ ତଥା ସେମାନଙ୍କୁ ତାଲିମ ଦେଉଥିବା ଲୋକଙ୍କ ସହ ସାମାଜିକ କ୍ରୀଡ଼ାରେ ଲିପ୍ତ ଥିବାବେଳର ଭିଡିଓ ଫୁଟେଜ୍‌କୁ ଇଟାଲୀର ପିସା ୟୁନିଭର୍ସିଟିର ଗବେଷକମାନେ ୮୦ ଘଣ୍ଟା ଧରି ଅଧ୍ୟୟନ କରିଥିଲେ। ଏହି ସମୟ ମଧ୍ୟରେ ସେମାନେ ଡଲ୍‌ଫିନଗୁଡ଼ିକର ମୋଟ ୧,୨୮୮ ଥର ପାଟି ଖୋଲି ହସିବା ଦୃଶ୍ୟକୁ ରେକର୍ଡ କରିଥିଲେ। ନିଜ ପ୍ଲେମେଟ୍‌କୁ ଦେଖିବାମାତ୍ରେ ଡଲ୍‌ଫିନ ହସୁଥିବାର ଅଧିକ ଦେଖିବାକୁ ମିଳିଥିଲା। ପ୍ରାୟ ୮୯ ପ୍ରତିଶତ ହସ ଏହିଭଳି ଥିଲା ବୋଲି ଗବେଷକମାନେ କହିଛନ୍ତି। ପ୍ଲେମେଟ୍ ମଧ୍ୟ ନିଜର ପ୍ରତିକ୍ରିୟାରେ ହସୁଥିବା ଦେଖାଯାଇଥିଲା।



# ଅସ୍ତିତ୍ୱ ହରାଇବ ଇସ୍ରାଏଲ୍

## ଆତ୍ମଗୋପନ ପରେ ଇରାନ ସୁପ୍ରିମ ଲିଡରଙ୍କ ଆବିର୍ଭାବ



> ଲେବାନନ୍ ଓ ପାଲେଷ୍ଟାଇନ୍‌ରେ ଆମ ପ୍ରତିରୋଧୀ ଜନସାଧାରଣ ହେଉଛନ୍ତି ବୀର ଯୋଦ୍ଧା। ଆପଣମାନେ ବିଶ୍ୱସ୍ତ ଓ ଧୈର୍ଯ୍ୟବାନ୍ ଲୋକ। ଏହି ବଳିଦାନ ଓ ଝରିଥିବା ରକ୍ତ ଆମ ଦୃଢ଼ତାକୁ ଦୋହଲାଇପାରିବ ନାହିଁ। ଏହାଦ୍ୱାରା ଆପଣମାନଙ୍କ ସଂକଳ୍ପ ଦୃଢ଼ତର ହେବ।
> **-ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ ସୁପ୍ରିମ ଲିଡର**

ତେହରାନ/ଜେରୁଜେଲମ୍,୪।୧୦

ଇରାନ ପକ୍ଷରୁ ଇସ୍ରାଏଲ୍ ଉପରେ କରାଯାଇଥିବା ସଦ୍ୟ ମିଶାଇଲ ମାଡ଼କୁ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ପ୍ରଶଂସା କରିବା ସହ ଆବଶ୍ୟକ ପଡ଼ିଲେ ପୁଣି ଆକ୍ରମଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ଇରାନର ଜବାବରେ ଇସ୍ରାଏଲ୍ ଅସ୍ତିତ୍ୱ ହରାଇବ ବୋଲି ଧମକ ଦେଇଛନ୍ତି। ଗାଜା ଯୁଦ୍ଧକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ହମାସ୍ ଓ ହୁଟି ଆତଙ୍କବାଦୀଙ୍କୁ ସମର୍ଥନ କରି ଆସୁଥିବା ଇରାନକୁ ଇସ୍ରାଏଲ୍ ଧମକ ଦେଇଆସୁଥିଲା। ଏଥିସହ ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରଲ୍ଲାଙ୍କୁ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏୟାରଷ୍ଟ୍ରାଇକ୍‌ରେ ନିପାତ କରିଥିଲା। ଏହାର ଜବାବ ଦେବାକୁ ଯାଇ ଇରାନ ମଙ୍ଗଳବାର ଅନ୍ୟୂନ ୧୮୦ ମିଶାଇଲ ଇସ୍ରାଏଲ୍ ଉପରକୁ ଛାଡ଼ିଥିଲା, ଯହିଁରୁ ଅଧିକାଂଶ କ୍ଷେପଣାସ୍ତ୍ରକୁ ଆଇରନ୍ ଡୋମ୍ ଆୟତ୍ତ କରି ଖସାଇ ଦେଇଥିଲା। ଏହି ଆକ୍ରମଣ ପରେ ଇରାନ ଓ ଇସ୍ରାଏଲ୍ ମୁହାଁମୁହିଁ ହୋଇଥିବାବେଳେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନେଇବା ଆଶଙ୍କା ବଢ଼ିବାରେ ଲାଗିଛି। ଇସ୍ରାଏଲ୍ ଇରାନର ସୁପ୍ରିମ ଲିଡରଙ୍କୁ ହତ୍ୟା କରିବା ପାଇଁ ସୁଯୋଗ ଖୋଜୁଥିବାବେଳେ ଖାମେନେଇ ସୁରକ୍ଷିତ ସ୍ଥାନରେ ଆତ୍ମଗୋପନ କରିଥିଲେ। ଶୁକ୍ରବାର ନମାଜ ପାଠ ବେଳେ ଖାମେନେଇ ଲୋକଲୋଚନକୁ ଆସିଛନ୍ତି। ପ୍ରାୟ ୫ ବର୍ଷ ପରେ ପ୍ରଥମ ଥର ପାଇଁ ତେହରାନର ମୁଖ୍ୟ ପ୍ରାର୍ଥନା ସ୍ଥଳ ମୋସାଲ୍ଲା ମସ୍‌ଜିଦରେ ଅନେକ ଲକ୍ଷ ସମର୍ଥକଙ୍କୁ ସମ୍ବୋଧିତ କରି ଇସ୍ରାଏଲ୍ ଉପରେ ଇରାନ ସଶସ୍ତ୍ର ବଳର ମିଶାଇଲ ମାଡ଼କୁ 'ଜନସାଧାରଣଙ୍କ ସେବା' ଭାବେ ଅଭିହିତ କରିଛନ୍ତି। ୮୦ ବର୍ଷୀୟ ଖାମେନେଇ ନିଜ ୪୦ ମିନିଟ୍‌ର ଭାଷଣରେ କହିଛନ୍ତି, ୨୦୨୩ ଅକ୍ଟୋବର ୭ରେ ହମାସ୍ ପକ୍ଷରୁ ଦକ୍ଷିଣ ଇସ୍ରାଏଲ୍ ଉପରେ କରାଯାଇଥିବା ଆକ୍ରମଣ ପାଲେଷ୍ଟିନୀୟଙ୍କ ପକ୍ଷରୁ ଏକ ବୈଧ କାର୍ଯ୍ୟାନୁଷ୍ଠାନ ଥିଲା। ମଙ୍ଗଳବାର କରାଯାଇଥିବା ମିଶାଇଲ୍ ଆକ୍ରମଣ ଅନ୍ତର୍ଜାତୀୟ ଆଇନ, ଇରାନର ଆଇନ ଓ ଇସ୍‌ଲାମିକ୍ ଆସ୍ଥା ଆଧାରିତ। ଆଫଗାନିସ୍ତାନରୁ ୟେମେନ୍ ଏବଂ ଇରାନରୁ ଗାଜା ପର୍ଯ୍ୟନ୍ତ ରାଷ୍ଟ୍ର ଶତ୍ରୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ହେବା ଉଚିତ ବୋଲି ଖାମେନେଇ ଆହ୍ୱାନ ଦେବା ସହ ଏହି କାର୍ଯ୍ୟରେ ନିୟୋଜିତ ଥିବାବେଳେ ପ୍ରାଣ ହରାଇଥିବା ଲୋକଙ୍କୁ ପ୍ରଶଂସା କରିଛନ୍ତି। ଖାମେନେଇ ସମ୍ବୋଧିତ କରୁଥିବାବେଳେ ତାଙ୍କ ପାର୍ଶ୍ୱରେ ଏକ ବନ୍ଧୁକ ରଖାଯାଇଥିଲା। ହମାସ୍ କିମ୍ବା ହେଜ୍‌ବୋଲ୍ଲା ବିରୋଧରେ ଲଢ଼ି ଇସ୍ରାଏଲ୍ ତିଷ୍ଠିପାରିବ ନାହିଁ ବୋଲି ସେ କହୁଥିବାବେଳେ ଭିଡ଼ ଭିତରୁ ଧ୍ୱନି ଶୁଭୁଥିଲା, 'ଆମେ ଆପଣଙ୍କ ସହିତ ଅଛୁ।'

ପ୍ରକାଶ ଯେ, ୨୦୨୦ରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ବାଗ୍‌ଦାଦରେ ରିଭୋଲ୍ୟୁଶନାରି ଗାର୍ଡ ଜେନେରାଲ କାସିମ୍ ସୋଲେମାନି ନିହତ ହୋଇଥିଲେ। ଏହା ପରେ ଶୁକ୍ରବାର ପ୍ରାର୍ଥନା ସଭାରେ ସୁପ୍ରିମ ଲିଡରଙ୍କୁ ଶେଷଥର ପାଇଁ ଦେଖାଯାଇଥିଲା। ଖାମେନେଇଙ୍କ ସଦ୍ୟ ଆବିର୍ଭାବର କିଛି ସମୟ ପୂର୍ବରୁ ଉକ୍ତ ପ୍ରାର୍ଥନା ସଭାରେ ହେଜ୍‌ବୋଲ୍ଲାର ମୃତ ନେତା ନସ୍‌ରଲ୍ଲାଙ୍କ ସ୍ମୃତିଚାରଣ କରାଯାଇଥିଲା। ଇରାନ ରାଷ୍ଟ୍ରପତି ମାସୁଦ ପେଜେଶ୍କିଆନ୍ ଏବଂ ରିଭୋଲ୍ୟୁଶନାରି ଗାର୍ଡ ଜେନେରାଲମାନଙ୍କ ସମେତ ଅନେକ ଉଚ୍ଚପଦାଧିକାରୀ ଏଥିରେ ସାମିଲ ହୋଇଥିଲେ। ଇତିମଧ୍ୟରେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘ୍‌ଚି ଲେବାନନ୍‌ର ବେରୁଟରେ ପହଞ୍ଚି ଇସ୍ରାଏଲ୍ ବିରୋଧରେ ହେଜ୍‌ବୋଲ୍ଲା ଓ ଲେବାନନୀ ସୈନ୍ୟଙ୍କ ସଂଘର୍ଷ ସମ୍ପର୍କରେ ଆଲୋଚନା କରିଛନ୍ତି। ଲେବାନନ୍‌କୁ ଇରାନ ୧୦ ଟନ୍ ଖାଦ୍ୟ ଓ ଔଷଧ ସହ ବିପୁଳ ସମାଗ୍ରୀ ପଠାଇଥିବା ଜଣାପଡ଼ିଛି।

## ବେରୁଟ୍ ବିଧ୍ୱସ୍ତ, ଶତାଧିକ ନିହତ

ଇସ୍ରାଏଲ୍ ପକ୍ଷରୁ ଲେବାନନ୍ ଉପରେ ଲଗାତର ଆକ୍ରମଣ ଜାରି ରହିଛି। ଶୁକ୍ରବାର ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲାର ଅନେକ ଫାଇଟର୍ସ ନିହତ ହୋଇଛନ୍ତି। ଢ଼ୁହାକୁ ଢ଼ୁହା ବୋମାମାଡ଼ରେ ବିଶେଷକରି ରାଜଧାନୀ ବେରୁଟ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଗୁରୁବାର ରାତିରେ କରାଯାଇଥିବା ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲାର କେନ୍ଦ୍ରୀୟ ମୁଖ୍ୟାଳୟ ମାଟିରେ ମିଶିଯାଇଛି। ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ଶତାଧିକ ହେଜ୍‌ବୋଲ୍ଲା ଆତଙ୍କବାଦୀ ପ୍ରାଣ ହରାଇଥିବା ଆଇଡିଏଫ୍ କହିଛି। ସେପ୍ଟେମ୍ବର ଶେଷ ଭାଗରୁ ଚାଲିଥିବା ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଲେବାନନ୍‌ର ୧,୪୦୦ ନିହତ ହୋଇଥିବାବେଳେ ୧.୨ ନିୟୁତ ବିସ୍ଥାପିତ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଇତିମଧ୍ୟରେ ହେଜ୍‌ବୋଲ୍ଲା ଶୁକ୍ରବାର ଇସ୍ରାଏଲ୍‌କୁ ପ୍ରାୟ ୧୦୦ ରକେଟ୍ ଛାଡ଼ିଛି। ଇତିମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟିର ଜରୁରୀ ବୈଠକ କରିଛନ୍ତି। ଜାହାଜ ଚଳାଚଳରେ ବାଧା, ଯୋଗାଣ ଶୃଙ୍ଖଳ ବିଚ୍ଛିନ୍ନ ହେବା, ତୈଳ ଦର ବୃଦ୍ଧି ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

## ଅମେଠିରେ ଦଳିତ ପରିବାରର ୪ ଜଣଙ୍କୁ ହତ୍ୟା

ଆମେଠି,୪।୧୦(ପି.ଟି.)

**ମାସେ ପୂର୍ବରୁ ଏସ୍‌ସି/ଏସ୍‌ଟି ଆଇନରେ ଏତଲା ଦେଇଥିଲେ**

ଉତ୍ତରପ୍ରଦେଶର ଅମେଠିରେ ଜଣେ ସ୍କୁଲ ଶିକ୍ଷକ, ତାଙ୍କ ସ୍ତ୍ରୀ ଓ ୨ ଝିଅଙ୍କୁ ସେମାନଙ୍କ ଭଡ଼ାଘରେ ଗୁରୁବାର ଗୁଳିକରି ହତ୍ୟା କରାଯାଇଛି। ସେମାନଙ୍କ ପ୍ରତି ଯଦି କୌଣସି କ୍ଷତି ଘଟେ, ତେବେ ରାଏବରେଲିର ଚନ୍ଦନ ବର୍ମା ଏଥିପାଇଁ ଦାୟୀ ରହିବେ ବୋଲି ପରିବାର ପକ୍ଷରୁ ମାସକ ତଳେ ପୋଲିସରେ ଅନୁସୂଚିତ ଜାତି/ଜନଜାତି ଆଇନରେ ଏତଲା ଦିଆଯାଇଥିଲା। କାରଣ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ଚନ୍ଦନ ଅନେକ ସମୟରେ ଅପମାନିତ କରିବା ସହ ହଇରାଣ କରୁଥିଲେ। ତେବେ ଗୁରୁବାରର ହତ୍ୟାକାଣ୍ଡ ସହ ଉକ୍ତ ମାମଲାର ସମ୍ପୃକ୍ତି ରହିଛି କି ନାହିଁ, ତାହା ସ୍ପଷ୍ଟ ହୋଇ ନ ଥିବା ଅମେଠି ଏସ୍‌ପି ଅନୁପ କୁମାର ସିଂ କହିଛନ୍ତି। ମୃତକମାନେ ହେଲେ ସୁନୀଲ କୁମାର (୩୫), ତାଙ୍କ ସ୍ତ୍ରୀ ପୁନମ୍(୩୨) ଏବଂ ୬ ଓ ୧ ବର୍ଷ ବୟସର ୨ ଝିଅ। ସୁନୀଲଙ୍କ ଘର ରାଏବରେଲି ହୋଇଥିବାବେଳେ ସେ ଅମେଠିର ପନହୌନାରେ ଏକ ସରକାରୀ ସ୍କୁଲରେ ପୋଷ୍ଟିଂ ହୋଇଥିଲେ। ହତ୍ୟାକାଣ୍ଡର ତଦନ୍ତରେ ପୋଲିସ ସହ ସ୍ଥାନୀୟ ଗୋଇନ୍ଦା ୟୁନିଟ୍ ସ୍ପେଶାଲ ଅପରେଶନ ଗ୍ରୁପ୍ ସାମିଲ ହୋଇଛନ୍ତି। ପୁଅ ହତ୍ୟାକାରୀଙ୍କୁ ସମାନ ଦଶା ମିଳିବା ଆବଶ୍ୟକ ବୋଲି ସୁନୀଲଙ୍କ ବାପା ରାମଗୋପାଳ କହିଛନ୍ତି।

ହତ୍ୟା ଘଟଣାକୁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିନ୍ଦା କରିଥିବାବେଳେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପା ସରକାରକୁ ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଫୋନ୍ ଯୋଗେ ରାମଗୋପାଳଙ୍କ ସହ କଥା ହୋଇଛନ୍ତି। ରାମଗୋପାଳ ଶୁକ୍ରବାର ତାଙ୍କ ପୁଅବୋହୂ ଓ ୨ ନାତୁଣୀଙ୍କ ମୃତଦେହ ଧରି ରାଏବରେଲିର ସୁଦାମପୁରୀ ଗ୍ରାମରେ ପହଞ୍ଚିଥିଲେ। ରାହୁଲଙ୍କ ତରଫରୁ ଆମେଠି ଏମ୍‌ପି କିଶୋରୀ ଲାଲ୍ ସେଠାରେ ପହଞ୍ଚି ରାମଗୋପାଳଙ୍କୁ ରାହୁଲଙ୍କ ସହ ଫୋନ୍‌ରେ କଥା କରାଇଥିଲେ।

## ମୁଖ୍ୟମନ୍ତ୍ରୀ ବଙ୍ଗଳା ଛାଡ଼ିଲେ କେଜ୍‌ରିୱାଲ



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ସ୍ତ୍ରୀ ଓ ମାଆବାପାଙ୍କ ସହ ସରକାରୀ ବାସଭବନ ଛାଡ଼ି ଲୁଟିଏନ୍ସସ୍ଥିତ ଦଳୀୟ ଏମ୍‌ପି ଅଶୋକ ମିତ୍ତଲଙ୍କ ଫିରୋଜ ଶାହା ରୋଡ୍ ବଙ୍ଗଳା ନଂ ୫କୁ ଯାଉଛନ୍ତି।

## ସରକାର ବିରୋଧୀ ଲେଖା ପାଇଁ ଖବରଦାତାଙ୍କ ନାଁରେ ମାମଲା କରନାହିଁ

ନୂଆଦିଲ୍ଲୀ,୪।୧୦

**ୟୁପି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ତାଗିଦ**

ସରକାରଙ୍କ ପ୍ରତି ସମାଲୋଚନାମୂଳକ ଲେଖା ପାଇଁ ଖବରଦାତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ନ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ଉତ୍ତରପ୍ରଦେଶ ସରକାରଙ୍କୁ ତାଗିଦ କରିଛନ୍ତି। ଜଷ୍ଟିସ ହୃଷୀକେଶ ରାୟ ଏବଂ ଏସ୍.ଭି. ଏନ୍ ଭଟ୍ଟିଙ୍କ ଖଣ୍ଡପୀଠ ଏକ ପିଟିଶନ୍‌ର ଶୁଣାଣି ବେଳେ କହିଥିଲେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ବ୍ୟକ୍ତିଙ୍କ ମତାମତ ଉପସ୍ଥାପନ କରିବାର ସ୍ୱାଧୀନତାକୁ ସମ୍ମାନ ଦିଆଯାଇଥାଏ। ଖବରଦାତାଙ୍କ ଅଧିକାର ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ) ଦ୍ୱାରା ସୁରକ୍ଷିତ। ୟୁପିରେ ସାଧାରଣ ପ୍ରଶାସନର ଜଟିଳ ଜାତିଗତ ଢାଞ୍ଚାକୁ ନେଇ ଖବରଦାତା ଅଭିଷେକ ଉପାଧ୍ୟାୟ ରିପୋର୍ଟ ପ୍ରକାଶ କରିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହାକୁ ଖାରଜ କରିବା ପାଇଁ ଉପାଧ୍ୟାୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଖବରଦାତାଙ୍କ ଲେଖା ସରକାର ବିରୋଧୀ ହୋଇଥିଲେ, ଏଥିପାଇଁ ତାଙ୍କ ବିରୋଧରେ ମାମଲା ନ କରିବାକୁ ଖଣ୍ଡପୀଠ ୟୁପି ସରକାରଙ୍କୁ କହିଛନ୍ତି।

## ଅଦାଲତ ଅବମାନନା କରି ଘର ଭାଙ୍ଗିଲେ ନିର୍ମାଣ ନିର୍ଦ୍ଦେଶ ଦିଆଯିବ

ନୂଆଦିଲ୍ଲୀ,୪।୧୦(ପି.ଟି.)



ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା କରି ଯଦି ଅଧିକାରୀ କାହାର ଘର ଭାଙ୍ଗନ୍ତି, ତେବେ ତାଙ୍କୁ ଉକ୍ତ ଘର ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଅଦାଲତଙ୍କ ବିନା ଅନୁମତିରେ ଦେଶରେ କାହାର ଘର ଭଙ୍ଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସେପ୍ଟେମ୍ବର ୧୭ରେ ନିର୍ଦ୍ଦେଶ ଦେଇଥିଲେ। ଏହାର ଅବମାନନା କରାଯାଇ ଗୁଜରାଟ କର୍ତ୍ତୃପକ୍ଷ ଜବରଦଖଲ ଉଚ୍ଛେଦ ନାଁରେ ଲୋକଙ୍କ ଘର ଭାଙ୍ଗିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ପାଇଁ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ପିଟିଶନ୍‌ର ଶୁଣାଣି କରି ଜଷ୍ଟିସ୍ ବି.ଆର୍. ଭଗାଇ ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଆବେଦନକାରୀ ସୁମାସ୍ତ ପଟନି ମୁସ୍‌ଲିମ୍ ଜମାତ ପକ୍ଷରୁ ବରିଷ୍ଠ ଆଇନଜୀବୀ ସଞ୍ଜୟ ହେଗ୍‌ଡେ କହିଥିଲେ, ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗୁଜରାଟ କର୍ତ୍ତୃପକ୍ଷ ଘର ଭାଙ୍ଗିଛନ୍ତି। ଅନ୍ୟପକ୍ଷରେ ଗୁଜରାଟ ସରକାରୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି କହିଥିଲେ, ଉକ୍ତ ନିର୍ମାଣ ସମୁଦ୍ର ସୀମାରେ ଏବଂ ସୋମନାଥ ମନ୍ଦିରଠାରୁ ୩୪୦ ମିଟର ଦୂରରେ ଥିଲା। ତେଣୁ ଏହା ଅଦାଲତଙ୍କ ନିର୍ଦ୍ଦେଶନାମା ପରିସରରେ ଆସୁ ନ ଥିବା ସଲିସିଟର ଜେନେରାଲ କହିଥିଲେ। କାରଣ ଉକ୍ତ ନିର୍ଦ୍ଦେଶ ସର୍ବସାଧାରଣ ସ୍ଥାନରେ ବେଆଇନ ନିର୍ମାଣ ପାଇଁ ଲାଗୁ ହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ କହିଥିଲେ, ଯଦି ଗୁଜରାଟ କର୍ତ୍ତୃପକ୍ଷ ଅଦାଲତ ଅବମାନନା କରିଥିବା ଜଣାପଡ଼େ ତେବେ ତାଙ୍କୁ କେବଳ ଜେଲ ପଠାଯିବ ନାହିଁ, ଘର ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯିବ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୬କୁ ଧାର୍ଯ୍ୟ କରାଯାଇଛି।

# ପୋଲିସକୁ ଆକ୍ରମଣ

ରାଜ୍ୟରେ ବଢ଼ିଲାଣି ଆପରାଧିକ କାର୍ଯ୍ୟକଳାପ। ପୋଲିସକୁ ବି ଆକ୍ରମଣ କରିବାକୁ ପଛାଉନାହାନ୍ତି ଅପରାଧୀ। ପୋଲିସ ପ୍ରତି ଲୋକଙ୍କ ମନରେ ଥିବା ଭୟ ଆଉ ନ ଥିବା କିଛି ଘଟଣାକୁ ଦେଖିଲେ ସହଜରେ ବୁଝାପଡ଼ିଯାଉଛି। ଗୁରୁବାର ବିଳମ୍ବିତ ରାତିରେ ଭୁବନେଶ୍ୱରରେ ମଞ୍ଚେଶ୍ୱର ଥାନାର ପାଟ୍ରୋଲିଂ କରୁଥିବା କନଷ୍ଟେବଲ ଏବଂ ଗୃହରକ୍ଷୀଙ୍କୁ ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିବାବେଳେ ଶୁକ୍ରବାର ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ଜଣେ କନଷ୍ଟେବଲଙ୍କୁ ମଧ୍ୟ ଆକ୍ରମଣ ହୋଇଛି। ଏଥିରେ କନଷ୍ଟେବଲଙ୍କ ପାପୁଲି କଟିଯାଇଥିବାବେଳେ ହାତରେ ଗଭୀର ଆଘାତ ଲାଗିଛି।

## ମଞ୍ଚେଶ୍ୱରରେ ଛୁରାମାଡ଼

ଭୁବନେଶ୍ୱର,୪।୧୦
(ସତ୍ୟଜିତ୍ ରାଉତ)



ଅଭିଯୁକ୍ତ ଦୀପକ ବାରିକ

- କନଷ୍ଟେବଲ, ହୋମଗାର୍ଡ, ୩ ସ୍ଥାନୀୟ ଯୁବକ ଆହତ
- ଅଭିଯୁକ୍ତ ଯୁବକ ଗିରଫ, ଛୁରି ଜବତ

ମଞ୍ଚେଶ୍ୱର ଥାନାର ଜଣେ କନଷ୍ଟେବଲ ଏବଂ ଗୃହରକ୍ଷୀଙ୍କୁ ଛୁରାମାଡ଼ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଚକେଇସିଆଣୀ ଶ୍ରୀରାମନଗର ବସ୍ତିରେ ଏହି ଘଟଣା ଘଟିଛି। କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ବେଳେ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳକୁ ଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କାବୁ କରିବାବେଳେ ଏହି ଅଘଟଣ ଘଟିଛି। ଛୁରାମାଡ଼ରେ ଥାନା କର୍ମଚାରୀଙ୍କ ମଧ୍ୟରୁ କନଷ୍ଟେବଲ ଗୋପୀ ଶବର ଓ ଗୃହରକ୍ଷୀ ଅବ୍ଦୁଲ ସରଫରାଜ୍ ଆହତ ହୋଇଛନ୍ତି। ଏଥିସହ ଏହି ଆକ୍ରମଣରେ ସ୍ଥାନୀୟ ୩ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶ୍ରୀରାମନଗରରେ ରହୁଥିବା ନୟାଗଡ଼ ଜିଲା ନୂଆଗାଁ ଥାନା ଅନ୍ତର୍ଗତ ସତ୍ୟନାରାୟଣପୁର ଗାଁର ଦୀପକ ନାୟକ(୩୦)। ତାଙ୍କଠାରୁ ଅପରାଧରେ ବ୍ୟବହୃତ ଛୁରି ଜବତ ହୋଇଛି। ଆହତ ସ୍ଥାନୀୟ ଯୁବକମାନେ ହେଲେ ସ୍ଥାନୀୟ ଅଞ୍ଚଳର ଅନୁପ ସାହୁ, ଅମିତ ଦାସ ଓ ଶୁଭଜିତ ବିହାରୀ। ଏନେଇ ପୋଲିସ ଏକ ମାମଲା (ନଂ.୫୫୫/୨୦୨୪) ରୁଜୁ କରି ଅଭିଯୁକ୍ତ ଦୀପକଙ୍କୁ ଶୁକ୍ରବାର ଭୁବନେଶ୍ୱର ଜେଏମ୍ଏଫ୍ସି-୨ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅନୁପ, ଅମିତ ଓ ଶୁଭଜିତ ଶ୍ରୀରାମନଗର ବସ୍ତି ସାଇମନ୍ଦିର ସାମ୍ନାରେ ଭୋଜି କରୁଥିଲେ। ଏହି ସମୟରେ ଦୀପକ ବାଇକ୍ ନେଇ ସେହି ବାଟେ ଯାଇଥିଲେ। ଯୁବକମାନେ ତାଙ୍କୁ ବାଇକ୍ ଧୀରେ ଚଳାଇବାକୁ କହିବାରୁ ଦୀପକ ରାଗିଯାଇଥିଲେ। ସେ କିଛି ସମୟ ପରେ ସେଠାକୁ ଏକ ଛୁରି ଧରି ଆସି ଗଣ୍ଡଗୋଳ କରିଥିଲେ। ଏହି ଗଣ୍ଡଗୋଳବେଳେ ଏସ୍ଆଇ ଶୁଭେନ୍ଦୁ ଗିରିଙ୍କ ନେତୃତ୍ୱରେ ଥିବା ପାଟ୍ରୋଲିଂ ଟିମ୍ ସେଠାକୁ ଯାଇଥିଲା। ଦୀପକଙ୍କୁ ପୋଲିସ ଟିମ୍ ଓ ସ୍ଥାନୀୟ ଯୁବକମାନେ କାବୁ କରିବା ବେଳେ ସେ ଛୁରିରେ ଆକ୍ରମଣ କରିଥିଲେ। ପରେ ପୋଲିସ ଟିମ୍ ଦୀପକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଦୀପକ ତାଙ୍କ ସ୍ତ୍ରୀଙ୍କ ସହ ଆସି ଏହି ଗଣ୍ଡଗୋଳ କରିଥିଲେ ବୋଲି ଆହତ ଅମିତ କହିଛନ୍ତି।

## କନ୍ଷ୍ଟେବଲଙ୍କ କଟିଲା ପାପୁଲି

ସମ୍ବଲପୁର, ୪।୧୦
(ପ୍ରମୋଦ ବହିଦାର)



ଭିମ୍ସାରରେ ଚିକିତ୍ସିତ ହେଉଛନ୍ତି କନ୍ଷ୍ଟେବଲ ସରୋଜ କୁମାର ଭୋଇ।

ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନରେ କାର୍ଯ୍ୟରତ ଜଣେ ପୋଲିସ କନ୍ଷ୍ଟେବଲଙ୍କୁ ଶୁକ୍ରବାର ଜଣେ ଯୁବକ ଧାରୁଆ ଅସ୍ତ୍ରରେ ଅତର୍କିତ ଆକ୍ରମଣ କରିଛନ୍ତି। ଫଳରେ କନ୍ଷ୍ଟେବଲଙ୍କ ହାତପାପୁଲି କଟିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବୁର୍ଲା ଭିମ୍ସାରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କନ୍ଷ୍ଟେବଲ ଜଣକ ହେଉଛନ୍ତି ସମ୍ବଲପୁର ଜିଲା ବୁର୍ଲା ଥାନାର ସରୋଜ କୁମାର ଭୋଇ।

ମିଳିଥିବା ସୂଚନା ଅନୁସାରେ ବୁର୍ଲା ଥାନା ଅନ୍ତର୍ଗତ ଝରାପାଲି ଗ୍ରାମରେ କମଲ କୁମାର ପ୍ରଧାନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଶୁକ୍ରବାର ଏହି କଳହ ଉଗ୍ରରୂପ ଧାରଣ କରିଥିଲା। କମଲ ଏକ ଧାରୁଆ ଅସ୍ତ୍ର ଧରି ସ୍ତ୍ରୀଙ୍କୁ ଜୀବନରେ ମାରି ଦେବାକୁ ଉଦ୍ୟମ କରୁଥିଲେ। ଏହା ଦେଖି ଗ୍ରାମବାସୀ ବୁର୍ଲା ଥାନାକୁ ଖବର ଦେଇଥିଲେ। ଖବରପାଇ ବୁର୍ଲା ଥାନାରେ କାର୍ଯ୍ୟରତ କନ୍ଷ୍ଟେବଲ ସରୋଜ ସଦଳବଳ ଝରାପାଲି ଗ୍ରାମରେ ପହଞ୍ଚିଥିଲେ। ଦ୍ୱାର ବନ୍ଦ କରି ରହିଥିବା କମଲଙ୍କ ଘର କବାଟ ବାଡ଼େଇଥିଲେ। କବାଟ ଖୋଲି କମଲ ବାହାରକୁ ଆସି ଅତର୍କିତ ଭାବେ ଧରିଥିବା ଧାରୁଆ ଅସ୍ତ୍ରରେ ସରୋଜଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଆତ୍ମରକ୍ଷା ପାଇଁ ସରୋଜ ନିଜ ହାତରେ ଆକ୍ରମଣର ପ୍ରତିରୋଧ କରିବାକୁ ପ୍ରୟାସ କରିଥିଲେ। ଫଳରେ ଧାରୁଆ ଅସ୍ତ୍ରଟି ତାଙ୍କ ମୁଣ୍ଡ ବଦଳରେ ହାତରେ ବାଜି ପାପୁଲି କଟିଯିବା ସହ ତାଙ୍କ କହୁଣିରେ ଗଭୀର କ୍ଷତ ହୋଇଛି। ଆକ୍ରମଣକାରୀ କମଲ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବୁର୍ଲା ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି।

# ଡିଜିପିଙ୍କୁ ଏନ୍ଏଚ୍ଆର୍ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୪।୧୦
(ସତ୍ୟଜିତ୍ ରାଉତ)

**ଆଇପିଏସ୍ ଅଫିସର ପଣ୍ଡିତ ରାଜେଶଙ୍କ ମାମଲା**

ଆଇପିଏସ୍ ଅଫିସର ପଣ୍ଡିତ ରାଜେଶ ଉତ୍ତମରାଓ ରାତିରେ ଜଣେ ବିବାହିତା ମହିଳା ଇନ୍ସପେକ୍ଟରଙ୍କ ସରକାରୀ ବାସଭବନରେ ପଶିବା ସହ ସ୍ୱାମୀଙ୍କୁ ମାଡ଼ ମାରିବା ଅଭିଯୋଗକୁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି) ଗୁରୁତ୍ୱର ସହ ନେଇଛନ୍ତି। କମିଶନ ଏହି ଘଟଣାରେ ରାଜ୍ୟ ପୋଲିସ ଡିଜିଙ୍କୁ ଶୁକ୍ରବାର ରିପୋର୍ଟ ତଲବ କରିଛନ୍ତି। ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଦେବାରେ ହେଳା ହେଲେ ପୋଲିସ ଡିଜିଙ୍କୁ ବ୍ୟକ୍ତିଗତ ହାଜର ହୋଇ କାରଣ ଦର୍ଶାଇବାକୁ ପଡିବ ବୋଲି କମିଶନ କହିଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୨୭ ରାତିରେ ମହିଳା ଇନ୍ସପେକ୍ଟରଙ୍କ କ୍ୱାର୍ଟର୍ସକୁ ଆଇପିଏସ୍ ଅଧିକାରୀ ପଣ୍ଡିତ ଯାଇ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଥିଲା। ମହିଳା ଇନ୍ସପେକ୍ଟରଙ୍କ ସ୍ୱାମୀ ଆସିବାର କାରଣ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପଣ୍ଡିତ ଉତ୍କ୍ଷିପ୍ତ ହୋଇ ଇନ୍ସପେକ୍ଟରଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଘଟଣାସ୍ଥଳରୁ ପଣ୍ଡିତ ଚାଲିଯାଇଥିଲେ। ହେଲେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ନିକଟରେ ମାନବାଧିକାର କମିଶନ ଜୟନ୍ତ କୁମାର ଦାସ ଏକ ପିଟିଶନ କରିଥିଲେ। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଜୁଲାଇ ୩୦ରେ ରାଜେଶଙ୍କୁ ନିଲମ୍ବନ କରିଥିଲେ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Tender Notice**
**BAIF Institute for Sustainable Livelihoods and Development**
Invites sealed quotations from reputed vendors for Supply & installation of Laser Spray irrigation systems at Angul, Jharsuguda, Sundargarh & Sambalpur districts of Odisha. Refer www.baif.org.in & www.baifodisha.org for details.
**Plot no.: 1565/2682, At Bhatra, PO. Dhanupali, Sambalpur, Odisha – 768005, Telephone: +91-7894418530**

**A WALK-IN-INTERVIEW FOR ENGAGEMENT OF GUEST**
Guest Faculties required in subjects **Economics, Political Science, Philosophy** and a **Watchman** on contractual basis. Interested candidates may attend Walk-in-Interview with CV and necessary documents on **Dt.20.10.2024 (Sunday) at 10.00 A.M.** (jodawc@gmail.com), **Mobile: 9438340548.**
Sd./- Principal I/C-cum-Secretary, Joda Women's College, Joda, Dist.: Keonjhar

**PARADIP PORT AUTHORITY**
MARINE DEPARTMENT
No. MD/ACCTS/WK/R-08/2024/1217 Date: 27.09.2024
E-TENDER CALL NOTICE (E-TCN)
Name of the Work: Hiring of 01 no. Mooring Launch along with operational crew for daily one shift operation for a period of 07 (Seven) years. Total Estimated cost (including Hire Charges and Fuel Cost) : Rs.12,11,88,139/- excluding GST, **Estimated cost put to tender for hire charges only: Rs.5,16,20,976/- Excluding GST.** Last date & time of submission of tender through on-line bidding is **17:00 Hours on 18/10/2024.** Date & time for opening of Technical Bid is **15.30 hours on dt.22.10.2024.** For further details please log on to the Website: **https://eprocure.gov.in/eprocure/app.**
PPA/PR/41/24-25 dtd.03.10.2024
Sd/- Deputy Conservator, Paradip Port Authority

**WANTED**
LADY OFFICE ASSISTANT
Salary - 10,000/-
(ଖାଇବା + ରହିବା Free)
Age upto 35 years
Phulnakhara, Cuttack
Mob - 7809525452

**WANTED**
CARESIO MEDIQUIP PVT. LTD.
REQUIRED BOYS AND GIRLS CANDIDATES FOR OFFICE JOB.
CONTACT
9153697636 / 9381019740

**+2 ପାସ କରିଥିବା ପିଲାଙ୍କ ପାଇଁ ନିଯୁକ୍ତି**
ଓଡ଼ିଶାର ପ୍ରତ୍ୟେକ ହାଇସ୍କୁଲରେ ଜଣେ ଲେଖା ଫିଜିକାଲ ଟିଚର (PT) ଆବଶ୍ୟକ। ମାସିକ ଦରମା – ୧୭୫୦୦/–
ଯୋଗାଯୋଗ ନମ୍ବର - 9437510820

ଭୁବନେଶ୍ୱର ଟାଉନରେ ଘରେ ରହି ଜଣେ ବୟସ୍କ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ ୨୦-୨୨ ବର୍ଷ ବୟସ୍କ ପୁଅ ପିଲା ଆବଶ୍ୟକ।
୮୦୦୦ ଦରମା ସହ ରହିବା ଓ ଖାଇବା ମାଗଣା।
ରହିବା ପାଇଁ ଇଚ୍ଛୁକ ପିଲା ଦୟାକରି ୮୬୩୭୨୬୩୬୩୧ ନମ୍ବରରେ ଶୀଘ୍ର ଯୋଗାଯୋଗ କରନ୍ତୁ।

# ମା'ଙ୍କୁ ଆଜୀବନ କାରାଦଣ୍ଡ

**ଶିଶୁପୁତ୍ରକୁ ପୋଖରୀରେ ଫିଙ୍ଗି ହତ୍ୟା ମାମଲା**

ରାଇରଙ୍ଗପୁର,୪।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରା ଜଜ୍ଙ୍କ କୋର୍ଟରେ ଶୁକ୍ରବାର ଏକ ଶିଶୁପୁତ୍ର ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ. ଭି.ସୁଜତା ଏହାର ବିଚାର କରି ଦୋଷୀ ମା'ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ମହିଳା ଜଣକ ହେଲେ ବିଶୋଇ ଥାନା ଅଧୀନ ବାଙ୍କିଡିହି ଗ୍ରାମର ଫେଲାଇ ନାଏକଙ୍କ ଦ୍ୱିତୀୟ ସ୍ତ୍ରୀ ପାର୍ବତୀ।

ମାମଲାର ବିବରଣୀ ଅନୁଯାୟୀ, ପାରିବାରିକ କଳହକୁ ନେଇ ୨୦୨୩ ସେପ୍ଟେମ୍ବର ୧୦ ତାରିଖରେ ପାର୍ବତୀ ତାଙ୍କ ଦେଢ଼ ମାସର ଶିଶୁ ପୁତ୍ରଙ୍କୁ ଘର ପାଖ ପୋଖରୀରେ ଫିଙ୍ଗି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବିଶୋଇ ପୋଲିସ ଏକ ମାମଲା (ନଂ.୧୭୧/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

# ଡାହାଣୀ ସନ୍ଦେହ: ଭାଉଜଙ୍କୁ ହାଣି ହତ୍ୟାକଲେ ଦିଅର

ରାମଚନ୍ଦ୍ରପୁର,(ଗଣେଶ୍ୱର ସା)/ ଘସିପୁରା( ନିରଞ୍ଜନ ସାହୁ), ୪।୧୦

ଡାହାଣୀ ସନ୍ଦେହ କରି ଭାଉଜଙ୍କୁ ଟାଙ୍ଗିଆ ହାଣି ହତ୍ୟା କଲେ ଦିଅର। ଏଭଳି ନୃଶଂସ ହତ୍ୟାକାଣ୍ଡ ଘଟିଛି କେନ୍ଦୁଝର ଜିଲା ଘସିପୁରା ଥାନା ଖାଲପାଳ ପଞ୍ଚାୟତ ପାତନା ଗାଁରେ। ହତ୍ୟା ପରେ ଅଭିଯୁକ୍ତ ଦୈତାରୀ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ସୂଚନା ଅନୁଯାୟୀ, ଗୁଣିଗାରେଡିକୁ ନେଇ ଉଭୟ ଭାଉଜ ସୀତା ମୁର୍ମୁ ଓ ଦିଅର ଗଙ୍ଗା ମୁର୍ମୁଙ୍କ ମଧ୍ୟରେ ପୂର୍ବରୁ ତିକ୍ତତା ଲାଗି ରହିଥିଲା। କିଛି ଦିନ ତଳେ ଗଙ୍ଗାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହେବା ଓ ତାଙ୍କ ଛୁଆଙ୍କ ଦେହ ଖରାପ ହେଉଥିବାରୁ ସୀତା ଗୁଣିଗାରେଡି କରୁଥିବା ଗଙ୍ଗା ମନେ ମନେ ଭାବି ନେଇଥିଲେ। ସେ ସୀତାଙ୍କୁ ରାସ୍ତାରୁ ହଟାଇବା ପାଇଁ ସୁଯୋଗ ଖୋଜୁଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ କେହି ଘରେ ନ ଥିବା ବେଳେ ଗଙ୍ଗା ଟାଙ୍ଗିଆରେ ହାଣି ସୀତାଙ୍କୁ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ଗଙ୍ଗା ଦୈତାରୀ ଥାନାରେ ଆତ୍ମସମର୍ପଣ କରିବା ପରେ ଖବରପାଇ ଘସିପୁରା ପୋଲିସ ପହଞ୍ଚି ଏକ ମାମଲା(ନଂ. ୩୫୨/୨୪) ରୁଜୁ କରି ମୃତଦେହକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସୁନୀଲ କୁମାର କର କହିଛନ୍ତି।

# ୭ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

ବେଲପଡ଼ା, ୪।୧୦
(ମନୋଜ କୁମାର ମିଶ୍ର)



ଧରାପଡ଼ିଥିବା କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ।

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା କାମର ବିଲ୍ କରିବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବେଲପଡ଼ା ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ସୂଚନାଯୋଗ୍ୟ ଯେ, ବେଲପଡ଼ା ବ୍ଲକ୍ ଅନ୍ତର୍ଗତ କନ୍ଧେନଝୁଲା ଗ୍ରାମପଞ୍ଚାୟତର ସର୍ଗିମୁଣ୍ଡା ଗାଁର ଚାଷୀ ମୀନକେତନ ଚହଁର ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଚାଷଜମିରେ ଏକ କୂଅ ଖୋଳାଇଥିଲେ। ଏହାର ପ୍ରାପ୍ୟ ପାଇବା ପାଇଁ ବାରମ୍ବାର ବ୍ଲକ୍‌କୁ ଆସୁଥିଲେ ମଧ୍ୟ ବିଲ୍ ହୋଇପାରୁ ନ ଥିଲା। ବିଲ୍ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ସାହୁ ତାଙ୍କୁ ୧୫ ହଜାର ଟଙ୍କା ମାଗିଥିଲେ। ଚାଷୀ ଚହଁର ତାଙ୍କ କଥାରେ ରାଜିହୋଇ ପ୍ରଥମ ପର୍ଯ୍ୟାୟରେ ୭ ହଜାର ଓ ପରେ ବାକି ଟଙ୍କା ଦେବା ପାଇଁ କଥା ଛିଡ଼ିଥିଲା। ମଧ୍ୟାହ୍ନ ସମୟରେ ଚାଷୀ ଚହଁର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି କନିଷ୍ଠ ଯନ୍ତ୍ରୀ ସାହୁଙ୍କୁ ୭ ହଜାର ଟଙ୍କା ଦେବା ବେଳେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ କାବୁକରି ନେଇଥିଲେ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଜେଇଙ୍କ ଅଫିସରେ କାଗଜପତ୍ର ଯାଞ୍ଚକରି ପଚରାଉଚରା ପାଇଁ ତାଙ୍କୁ ବଲାଙ୍ଗୀର ନେଇଯାଇଥିଲେ। ଚଢ଼ାଉରେ ବରଗଡ଼ ଓ ବଲାଙ୍ଗୀର ଭିଜିଲାନ୍ସ ଟିମ୍ ସାମିଲଥିଲେ।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
No.B-353
Phone : 0680-2281582, e-mail : ccescbam@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No. CCE, S.C (R&B)-BAM-07/2024-25 No.3390 // Dated : 26.09.2024

| | | | |
|---|---|---|---|
| 1 | The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road and Bridge works as detailed in the table below. | | |
| 2 | Nature of work | : | Road and Bridge Works |
| 3 | No. of work | : | 03 Nos. |
| 4 | Tender Cost | : | Rs.10,000/- (online) |
| 5 | Class of Contractor | : | "B" Class and "A" Class |
| 6 | Availability of Bid document in the Website | : | From 07.10.2024 10.00 A.M. to 21.10.2024 5.30 P.M. |
| 7 | Date of Opening of Bid | : | 22.10.2024 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. | | |
| 9 | Any addendum / corrigendum / cancellation of tender can also be seen in the said website only. | | |

OIPR-34103/11/0008/2425
Sd./- (Ashis Kumar Nayak)
Chief Construction Engineer (I/C),
Southern (R&B) Circle, Berhampur

**OFFICE OF THE GENERAL MANAGER, WATCO DIVISION, PURI, ODISHA**
No.C-685
Phone : 06752-223447 / e-Mail : eephpuri@gmail.com
**INVITATIONS FOR BIDS (IFB)**
Government of Odisha "e" Procurement Notice
Bid Identification no. 09 of 2024-25 Dated. 27.09.2024

| | | | |
|---|---|---|---|
| 1 | Name of the Work | : | Procurement, Installation, testing and Commissioning of 30 HP Stainless Steel Surface Aerator in Sewerage Treatment Plant at Mangalaghat, Puri (Pond No.-01, Pond No.-02) - **2 Nos work** |
| 2 | Estimated Cost | : | Rs.29.21 Lakhs |
| 3 | Period of Completion | : | **30 days** |
| 4 | Date and time of availability of bid documents in the portal | : | 07.10.2024 (11.00 A.M.) to 17.10.2024 (5.00 P.M.) |
| 5 | Last Date / Time for receipt of bids in the Portal | : | 5.00 P.M. of 17.10.2024 |
| 6 | Date and time of opening of bids | : | 12.30 P.M. of 18.10.2024 |
| 7 | Name and address of the Officer Inviting Bid | : | General Manager, WATCO Division, Puri Phone : 06752-223447, Fax : 06752-223447, E-Mail : **eephpuri@gmail.com** |
| 8 | The bidders have to participate in ONLINE bidding only | | |

OIPR-13206/11/0001/2425
Sd./- General Manager, (WATCO, PURI)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
Lifeline of Odisha

No.CAD-1302: **TENDER ALERT**

**1)Tender Call Notice No. OCTN-01/2024-25:** Repairing Hose Pipe, Supply of Hose Pipe and Refilling of different types of Fire Extinguisher available at different Grid Substations including office of GM(El.), EHT (O&M) Circle, Chainpal.

**2)Tender Call Notice No. 02/CHP-DIV/2024-25:** Construction of Toe Wall along 132kV S/Y & 33kV S/Y at 132/33kV GSS, Chainpal under EHT (O&M), Division, Chainpal.

**3)Tender Call Notice No.03/2024-25:** Engagement of 01 no. Diesel run commercial registered 07/09 seated Non-AC Bolero(09 Seated Preferable) or equivalent on monthly basis on daily hire rate for SDO(Elect.), 400kV Line Sub-Division, Baripada Under EHT (O&M) Division, Baripada.

**4)Tender Call Notice No. 06/2024-25:** Construction of the damaged and Broken Slabs of 132/33kV Salipur Grid Sub-Station Under EHT (O&M) Division, Choudwar.

**5)Tender Call Notice No. OCTN-15/2024-25:** Engagement of hired vehicle (A/C Bolero or equivalent, nine seated) required for field & office works of E&MR Sub-Division, Bhanjanagar Under E&MR Division, Berhampur Under EHT (O&M) Circle, Berhampur.

**6)Tender Call Notice No. 09/BBS/2024-25:** Hiring of 7 seater Diesel run commercial registered Non AC Bolero on monthly hire basis with daily hiring rate for use at EHT (O&M) Sub-Division, Samanagara Under EHT (O&M)Circle, Bhubaneswar.

**7)Tender Call Notice No. 07/2024-25:** Hiring of 01 no. of diesel run commercial AC vehicle (Bolero or equivalent) on monthly basis with daily hired rate for EHT(C) Sub-Division, Rayagada for a period of (1) one year Under EHT (C) Circle, Rayagada.

**8)Tender Call Notice No. 01/2024-25:** Printing and supply of safety policy board, sign board and safety slogan board in ACP sheet for grid substations Under EHT (O&M) Division, Barpali.

**9)Tender Call Notice No. 07/2024-25:** Supply of different type of clamps & connectors required for Grid Sub-stations Under EHT (O&M) Division, Cuttack.

**10)Tender Call Notice No. 08/2024-25:** Supply of 132kV, 33kV outdoor CT, CVT & PT Console box, ACDB & LDB box for 132/33kV Grid S/S, Jagatsinghpur and Junction box with accessories for 220/132/33kV Grid S/S, Bidanasi under EHT (O&M) Division, Cuttack.

**11)Tender Call Notice No. 01/CHP-DIV/2024-25:** Construction & laying of Cable Trench Cover Slab and Earth Pit Cover Slab at 132/33kV GSS, Chainpal under EHT (O&M) Division, Chainpal.

**12)Tender Call Notice No. 07/2024-25:** Construction of gaurd wall arround the switchyard drain at 132/33kV Grid S/S, Digapahandi under EHT (O&M) Division, Berhampur.

**13)Tender Call Notice No. 04/2024-25:** Casting of RCC slabs for Replacement of existing old and damaged cable trench slabs at 400/220/132/33kV Grid Sub-Station, Mendhasal under EHT (O&M) Division, Mendhasal.

**14)Expression of Interest :** Engagement of firms of Chartered Accountants/Cost Accountants for conducting internal audit in OPTCL for the financial years 2024-25 & 2025-26 Under CGM(Fin) Corporate Accounts .The Last date of EOI is 25.10.2024.

For more details please visit OPTCL's website: **www.optcl.co.in.**
OIPR-04011/11/0053/2425 FIPR-27/2024-25
/optcl.odisha /optcl_odisha

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SONEPUR**
E-mail: eemisnp@yahoo.com, Ph. No.: 06654-220516
**e-PROCUREMENT NOTICE**
**BID IDENTIFICATION No. SNPMI/01/2024-25**
No. 1047 Date: 27.09.2024
No. A-358: The Superintending Engineer, Minor Irrigation Division, Sonepur on behalf of the Governor of Odisha invites online percentage rate tender through "e" procurement (Single Cover & Double Cover) for the works as detailed in the Annexure to this bid notice.

| | | |
|---|---|---|
| Name of Work | : | Civil Construction Works |
| No. of Works | : | 10 (Ten) Nos. only |
| Estimated Cost | : | From Rs.6.50 lakh to Rs.83.00 lakh |
| Tender Paper Cost | : | Varies from Rs.4000.00 to Rs.10000.00 |
| Period of Completion | : | 3 (Three) to 6 (Six) Calendar Months |
| Class of Contractor | : | "B", "C" & "D" |
| Availability of bid documents | : | From 08.10.2024 (10.00 A.M.) to 24.10.2024 upto (5.00 P.M.) in website (www.tendersorissa.gov.in) |
| Period of receipt of bid through Online | : | From 08.10.2024 (10.00 A.M.) to 24.10.2024 upto (5.00 P.M.) through Online |
| Mode of Payment | : | Online |
| Date of opening of Bid documents/Technical Bid | : | 25.10.2024 (11.00 A.M. Onwards) in the Office of the S.E., M.I. Division, Sonepur |
| Date of opening of Financial Bid (in case of Double Cover) | : | 01.11.2024 (11.00 A.M.) |
| Date of Lottery (if required) | : | 06.11.2024 (11.00 A.M.) |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class-II or Class-III |
| The details tender call notice can also be seen in the DOWR website | : | http://dowrorissa.gov.in |
| Name & Address of the OIT | : | O/o. The Superintending Engineer, MI Division, Sonepur infront of Civil Court, Dist.: Sonepur, PIN - 767017 |

Further details can be seen from the E-Procurement website: **https://tendersodisha.gov.in.**
**Note:** Corrigendum/Addendum/Modifications/Additions if any can be seen through online only.
OIPR-32290/11/0004/2425
Sd./- Superintending Engineer
M.I. Division, Sonepur

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER SAMBALPUR IRRIGATION DIVISION, SAMBALPUR**
E-mail id: sidsambalpur@gmail.com
**e-Procurement Notice No. SESID-02/2024-25**
**Bid Identification No. SESID-02 (01-18)/2024-25**
NO. 3175 Date: 24.09.2024
No. A-351: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **https://tendersodisha.gov.in** complete online process only.

| | | | |
|---|---|---|---|
| 1. | Nature of Works | : | Canal and Flood Works |
| 2. | Nos. of Works | : | 18 Nos. |
| 3. | Bid Identification No. | : | SESID-02 (01-18)/2024-25 |
| 4. | Estimated Cost | : | 6.75 - 42.24 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the portal | : | Dt.07.10.2024 at 11.00 A.M. to Dt.22.10.2024 upto 17.00 P.M. |
| 9. | Last Date/Time for receipt of Bids in the portal | : | Dt.22.10.2024 upto 17.00 P.M. |
| 10. | Date of Bid Opening | : | Dt.23.10.2024 at 11.00 A.M. |
| 11. | Clarification seeking date | : | Dt.07.10.2024 at 11.00 A.M. to Dt.22.10.2024 upto 17.00 P.M. |
| 12. | Date of Lottery (if required) | : | To be intimated later |
| 13. | Name and Address of the Officer Inviting Bid | : | Superintending Engineer, Sambalpur irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: **sidsambalpur@gmail.com** |

Further details can be seen from the e-procurement portal **https://tendersodisha.gov.in.** Any addendum/corrigendum/cancellation of tender can also be seen in said website.
OIPR-32530/11/0002/2425
Sd./- Superintending Engineer
Sambalpur Irrigation Division, Sambalpur

**OFFICE OF THE SUPERINTENDING ENGINEER, PWD, BILASPUR CIRCLE, BILASPUR (C.G.)**
**REQUEST FOR PROPOSAL (RFP)**
No.192/G 1st Call Bilaspur, Dated : 30.09.2024

| | | |
|---|---|---|
| | Invites proposal (RFP) from qualified and experienced firm who fulfill the pre qualification criteria for the works as detailed below | |
| 1 | Name of the work | **"Construction of Indoor Stadium Complex, Astro Turf Hockey Ground and Synthetic Athletics Track at Raigarh District in Chhattisgarh State on EPC Basis"** (SH : Providing Comprehensive Consultancy Services for Preparation of detailed Architectural Drawings including drawings for Local Body submission and obtaining approvals, Structural designing and detailing, Civil, Electrical and other MEP services, Detailed Project Report, walk through and preparation of tender documents etc.) |
| 2 | PAC Rs. | **100.00 Crore** |
| 3 | Due date and time for submission of proposal | Date : 21.10.2024 Time : 17.30 Hrs. |
| 4 | Opening of technical proposal and presentation | Date : 22.10.2024 Time : 11.30 A.M. |
| 5 | Date of opening of financial bids after evaluation by the committee | The date and time for opening of the financial proposal will be intimated according to the technically qualified bidders |

The Pre-qualification criteria and other details could be seen in the RFP documents and can be downloaded from the website **www.cgstate.gov.in.**
G-242502914/7
Sd./- SUPERINTENDING ENGINEER
PWD, BILASPUR CIRCLE BILASPUR

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯାଜପୁରରେ ବିକାଶ ନାଁରେ ୩ ପରିବାରର ଲୁଟ୍ ପ୍ରସଙ୍ଗ
# ଜୋର୍ ଧରିଛି ଆରୋପ ପ୍ରତ୍ୟାରୋପ

ଯାଜପୁର,୪।୧୦(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ବିକାଶ ନାମରେ ୩ ପରିବାର ଲୁଟ୍ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମନ୍ତବ୍ୟ ପରେ ଉଭୟ ବିଜେଡି ଓ ଭାଜପା ମଧ୍ୟରେ ଆରୋପ ଏବଂ ପ୍ରତ୍ୟାରୋପ ଜୋର ଧରିଛି। ମୁଖ୍ୟମନ୍ତ୍ରୀ ମାଝୀ ୩ ପରିବାରଙ୍କ ନାମ ନେଇ ନ ଥିଲେ ସୁଦ୍ଧା ତାଙ୍କୁ ସୁକିନ୍ଦା ବ୍ଲକର ନଗଡ଼ା ବୁଲି ଆସି ବିକାଶର ଚିତ୍ର ଦେଖିବାକୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଆହ୍ୱାନ ଦେଇଛନ୍ତି। ତେବେ ଏହି ଆହ୍ୱାନ ଉପରେ ବରିଷ୍ଠ ଭାଜପା ନେତା ଚନ୍ଦ୍ରଶେଖର ପଣ୍ଡା କହିଛନ୍ତି, ୨୦୧୬ରେ ନଗଡ଼ାରେ ଅପପୁଷ୍ଟି କାରଣରୁ ୧୫ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ଯିବାପରେ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ସତ। କିନ୍ତୁ ନଗଡ଼ାର ବାମ ଓ ଡାହାଣ ପାର୍ଶ୍ୱ ଗ୍ରାମ ତୁମୁଣି, ତଳଡିହ ଓ ଗୁହିଆଶାଳ ଗ୍ରାମବାସୀଙ୍କ ଜୀବନଧାରଣର ମାନ ଏବେ ବି ବହୁପଛରେ ରହିଛି। ପାହାଡ଼ ଶୀର୍ଷରେ ଥିବା ଏହି ଗ୍ରାମଗୁଡ଼ିକୁ ବିଜେଡି ସରକାର ସମୟରେ କାହିଁକି ବିକାଶ ପହଞ୍ଚିପାରିଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଡିଏମ୍ଏଫ୍ ପାଣ୍ଠିର ଦୁରୁପଯୋଗ ହୋଇଛି। ଏଯାଏ ଉପଯୁକ୍ତ ଚିକିତ୍ସା ସୁବିଧା ପାଇବାରୁ ଅଞ୍ଚଳବାସୀ ବଞ୍ଚିତ ରହିଛନ୍ତି ବୋଲି ସେ ଆହୁରି ମତ ରଖିଛନ୍ତି।

ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ କହିଛନ୍ତି, ଯାଜପୁର ଜିଲା ସାରା ବିକାଶ ଓଡ଼ିଶା ଦେଖୁଛି। ସେଥିମଧ୍ୟରୁ ମେଡିକାଲ କଲେଜ ଅନ୍ୟତମ। ବିରଜା ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବହୁତ ସୁନ୍ଦର ହୋଇଛି। ନଗଡ଼ାର ବିକାଶ କଥା ଯଦି କହିବା ତେବେ ସେଠାକୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି ଇତ୍ୟାଦି ପହଞ୍ଚିସାରିଛି। ଅପପୁଷ୍ଟି ଦୂରେଇ ଯାଇଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଭିତ୍ତିହୀନ। ତେଣୁ କୌଣସି ନକାରାତ୍ମକ ମନ୍ତବ୍ୟ ନ ଦେଇ ଯେଉଁସବୁ କାର୍ଯ୍ୟ ବାକି ଅଛି, ସେହିସବୁକୁ ଏବର ସରକାର ପୂରଣ କରିବାର କଥା ବୋଲି ରାଉତ କହିଛନ୍ତି।

ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ କହିଛନ୍ତି, ବିଜେଡି ଓ ଭାଜପା ସରକାର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ୨୪ ବର୍ଷର ନବୀନ ସରକାରଙ୍କ ମଧ୍ୟରେ ଭାଜପା ଓ ବିଜେଡି ୯ ବର୍ଷ ମିଳିମିଶି ଶାସନ କରିଥିଲା। ଗତ ୫ ବର୍ଷର ନବୀନ ଶାସନକୁ ଦେଖିଲେ କେନ୍ଦ୍ର ସରକାରଙ୍କୁ ବିଜେଡି ସମସ୍ତ କ୍ଷେତ୍ରରେ ସହଯୋଗ କରିଆସୁଥିଲା। ଏବେ ଯେଉଁ ବୟାନବାଜି ଚାଲିଛି ସେହିସବୁ କେବଳ ଲୋକଦେଖାଣିଆ। ବାସ୍ତବରେ ସୁକିନ୍ଦା ଅଞ୍ଚଳର ତୁମୁଣି, ଗୁହିଆଶାଳ, ତଳଡିହ ପ୍ରଭୃତି ଗ୍ରାମର ବିକାଶ ପାଇଁ କାହାରି ଆଗ୍ରହ ନାହିଁ। ଯେଉଁ କିଛି ବିକାଶ ହୋଇଛି ସେସବୁ କେବଳ କଂଗ୍ରେସ ଶାସନ ସମୟରେ ହୋଇଥିଲା। ବର୍ତ୍ତମାନର ଭାଜପା ବିଧାୟକ କେବଳ ବ୍ୟବସାୟରେ ମାତିଛନ୍ତି। ତାଙ୍କର ସମ୍ପର୍କୀୟମାନେ କିଭଳି ଖଣି ଲିଜ୍ ପାଇବେ ସେଥିପାଇଁ ଲାଗି ପଡ଼ିଛନ୍ତି। ଏକ ବଡ଼ ସରକାରୀ ଖଣି କମ୍ପାନୀକୁ ଭାଜପାର ପାର୍ଟି ଅଫିସ ଭାବେ ବ୍ୟବହାର କରୁଛନ୍ତି। ଲୋକଙ୍କ ବିକାଶ ପାଇଁ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି।

ସରକାରୀ ଏବଂ ରାଜନୈତିକସ୍ତରରେ ନିଜର ବାହୁସ୍ଫୋଟ ମାରିବା ପାଇଁ କେବଳ ନଗଡ଼ାକୁ କେନ୍ଦ୍ରୀଭୂତ କରି ପାର୍ଶ୍ୱ ଅଞ୍ଚଳ ପ୍ରତି ଆଖି ବୁଜିଦେବା ବିକାଶ ପ୍ରତି ଅଣଦେଖା ବୋଲି ଭାଜପା ଓ କଂଗ୍ରେସ ନେତାମାନେ ମତପ୍ରକାଶ କରିଛନ୍ତି। ବିକାଶ ହେଲେ କେତେଜଣ ପ୍ରଭାବଶାଳୀ ନେତାଙ୍କ ପାଇଁ ବିପଦ ହୋଇପାରେ ବୋଲି ଏଭଳି ଜାଣିଶୁଣି ଦଶନ୍ଧି ଧରି ଅବହେଳା କରାଯାଇଥିବା ସେମାନେ କହୁଛନ୍ତି।

ସାମାଜିକ କର୍ମୀ ମଣ୍ଟୁ ଦାସ କହିଛନ୍ତି ତୁମୁଣି, ତଳଡ଼ିହ ଓ ଗୁହିଆଶାଳ ଗ୍ରାମବାସୀ ପାଦଚଲା ରାସ୍ତାରେ ଏବେବି ଯିବା ଆସିବା କରୁଛନ୍ତି। କୌଣସି କାର୍ଯ୍ୟରେ ପାହାଡ଼ ପାଦଦେଶକୁ ଆସିଲେ ସେହି ଦିନ ପୁଣି ନିଜ ଗ୍ରାମକୁ ଫେରିବା କଷ୍ଟକର ହୋଇପଡୁଛି। ପୁଣି ବନ୍ୟପ୍ରାଣୀଙ୍କ ଭୟ ରହୁଛି। ଗୁହିଆଶାଳରେ କେତେଜଣ ଛାତ୍ରୀଛାତ୍ର ମାଟ୍ରିକ ପାସ କରିଛନ୍ତି। କିନ୍ତୁ ସେମାନଙ୍କୁ ଆଉ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ପ୍ରୋତ୍ସାହନ କିମ୍ବା ସୁବିଧା ମିଳିପାରୁନାହିଁ। ପାହାଡ଼ ଶୀର୍ଷରେ ଏହି ଅବହେଳିତ ଗ୍ରାମଗୁଡିକର ପରିସ୍ଥିତି କ୍ରମଶଃ ଆହୁରି ସଙ୍ଗିନ ହୋଇ ପଡୁଛି ବୋଲି ଦାସ କହିଛନ୍ତି।

ସୂଚନାଥାଉ କି, ନଗଡ଼ାରେ ପୁଷ୍ଟିହୀନତାର ଶିକାର ଶିଶୁମୃତ୍ୟୁ ଘଟଣାକୁ ପାଖାପାଖି ୮ ବର୍ଷ ଅତିକ୍ରାନ୍ତ ହୋଇଛି। ଇତିମଧ୍ୟରେ ନଗଡ଼ା ମୌଜାର ସାମଗ୍ରିକ ବିକାଶ ନିମନ୍ତେ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରି ପାହାଡ଼ ଚିରି ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ନଗଡ଼ାଠାରୁ ୨.୭ କିମି ଦୂର ବାମପାର୍ଶ୍ୱରେ ଥିବା ତୁମୁଣି ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ତୁମୁଣି ଗାଁଟି ପାହାଡ଼ ଶିଖରର ସମତଳ ଭୂମିରେ ରହିଛି। ଭଲ ରାସ୍ତା ନ ଥିବାରୁ ସେଠାରେ ସରକାରୀ ସୁବିଧା ସୁଯୋଗ ଅପହଞ୍ଚ ରହିଛି। ଏବେ ବି ମାତୃ ମୃତ୍ୟୁହାର ଓ ଶିଶୁ ଅପପୁଷ୍ଟିରେ ଲଗାମ ଲାଗିପାରିନାହିଁ। ଅନୁରୂପ ପରିସ୍ଥିତି ଦେଖାଦେଇଛି ନଗଡା ଡାହାଣ ପାର୍ଶ୍ୱ ୩ କି.ମି. ଦୂର ଗୁହିଆଶାଳ ଓ ତଳଡିହ ଗ୍ରାମରେ। ସୁକିନ୍ଦା ନିର୍ବାଚନମଣ୍ଡଳୀରୁ ବିଭିନ୍ନ ସମୟରେ ପ୍ରତିନିଧିତ୍ୱ କରୁଥିବା ନେତାଙ୍କ ଦୁର୍ବଳ ନେତୃତ୍ୱ ତୁମୁଣି ତଳଡିହ ଏବଂ ଗୁହିଆଶାଳ ଗ୍ରାମରେ ସ୍ପଷ୍ଟ ପ୍ରତିଫଳିତ ହେଉଛି ବୋଲି କେତେଜଣ ମତ ଦେଉଛନ୍ତି।

# ନବୀନଙ୍କୁ ଭେଟିଲେ ଅସନ୍ତୁଷ୍ଟ କର୍ପୋରେଟର

## ପୂଜା ଅଭିନନ୍ଦନ ଜଣାଇଲେ, ଅମରେଶ ଓ ବିରଞ୍ଚିଙ୍କ ବିରୋଧରେ କହିଲେ

ଭୁବନେଶ୍ୱର, ୪।୧୦(ବନ୍ଦନା ସେଠୀ)

ଭୁବନେଶ୍ୱର ମଧ୍ୟ ଓ ଏକାମ୍ର ନିର୍ବାଚନ ମଣ୍ଡଳୀର ୨୯ ବିଜେଡି କର୍ପୋରେଟରଙ୍କ ସହ ପ୍ରାୟ ୫ଜଣ ପୂର୍ବତନ କର୍ପୋରେଟର ଶୁକ୍ରବାର ନବୀନ ନିବାସ ଯାଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସେମାନେ ଶାରଦୀୟ ପୂଜାର ଅଭିନନ୍ଦନ ଜଣାଇବା ସହ ଦଳର ଦୁଇ କର୍ପୋରେଟର ତଥା ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀର ଅମରେଶ ଜେନା ଓ ଏକାମ୍ର ନିର୍ବାଚନମଣ୍ଡଳୀର ବିରଞ୍ଚି ମହାସୁପକାରଙ୍କୁ ନେଇ ମନରେ ରହିଥିବା ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଦୁଇ କର୍ପୋରେଟରଙ୍କ ଉପରେ ଦଳ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ କି ନାହିଁ ସେ ନେଇ ଅବଗତ ହେବା ଏହି ସାକ୍ଷାତର ମୂଳ ଉଦ୍ଦେଶ୍ୟ ବୋଲି ଚର୍ଚ୍ଚା ହେଉଛି। ତେବେ ଦୁଇ କର୍ପୋରେଟରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବାବେଳେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବୀନ ନିଜଆଡୁ ସୂଚନା ଦେଇଥିବା ଜଣାପଡିଛି। ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପର୍ଯ୍ୟନ୍ତ ଦଳର କୌଣସି କାର୍ଯ୍ୟରେ ଦୁଇ ନିର୍ବାଚନମଣ୍ଡଳୀର ୩୨ କର୍ପୋରେଟର ଯୋଗଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ସକାଳେ ସେମାନେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ପୂର୍ବତନ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଭେଟି ଏହି ନିଷ୍ପତ୍ତି ଜଣାଇଛନ୍ତି। ଏନେଇ ଜଣେ କର୍ପୋରେଟର କହିଛନ୍ତି, ସମସ୍ତେ ଦଳୀୟ ଶୃଙ୍ଖଳାରେ ବନ୍ଧା ହୋଇଥିବାବେଳେ ଦୁଇ ବିଦ୍ରୋହୀ କର୍ପୋରେଟର ବାରମ୍ବାର ଦଳ ଏବଂ ଦଳୀୟ ନେତାଙ୍କ ବିରୋଧରେ କାର୍ଯ୍ୟ କରିଆସୁଛନ୍ତି। ତେଣୁ ଯେ ପର୍ଯ୍ୟନ୍ତ ଦଳ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଛି, ସେ ପର୍ଯ୍ୟନ୍ତ ଦଳୀୟ କାର୍ଯ୍ୟରୁ ଆମେମାନେ ଦୂରେଇ ରହିବୁ। ସେହିପରି କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ରଖିବାକୁ ସେମାନଙ୍କୁ ୧୫ଦିନ ସମୟ ଦିଆଯାଇଛି। ଯଦି ଏହାପରେ କିଛି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଆମେ ୩୨ କର୍ପୋରେଟର ଚରମ ନିଷ୍ପତ୍ତି ନେବାକୁ ପଛାଇବୁ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଶଙ୍ଖଭବନଠାରେ ହୋଇଥିବା ଏକ ବୈଠକରେ ଦଳୀୟ କନ୍ଦଳ ସୃଷ୍ଟି ହୋଇଥିଲା। ଦୁଇ କର୍ପୋରେଟର ଅମରେଶ ଓ ବିରଞ୍ଚି ବାରମ୍ବାର ଦଳ ବିରୋଧୀ କାମ କରୁଥିବା ଦର୍ଶାଇ ସେମାନଙ୍କ ବିରୋଧରେ ଦୁଇ ନିର୍ବାଚନମଣ୍ଡଳୀର ୩୨ କର୍ପୋରେଟର ମେଳି ବାନ୍ଧିଛନ୍ତି।

# ରାଜେନ୍ଦ୍ରଙ୍କ କୁଶପୁତ୍ତଳିକା ଦାହ, ଥାନାରେ ଏତଲା


ଖୋର୍ଦ୍ଧା ସ୍ୱାଭିମାନ ମଞ୍ଚ ପକ୍ଷରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

## ଖୋର୍ଦ୍ଧା ମାଟିକୁ ଅସମ୍ମାନ ପ୍ରସଙ୍ଗ

### କ୍ଷମା ମାଗିଲେ ରାଜେନ୍ଦ୍ର, କହିଲେ ମୋ ବିରୋଧରେ ଷଡ଼ଯନ୍ତ୍ର

ଖୋର୍ଦ୍ଧା, ୪।୧୦(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଖୋର୍ଦ୍ଧା ମାଟିର ଅସମ୍ମାନ ହେବା ଭଳି ଅପଶବ୍ଦ କହିବାକୁ ନେଇ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଖୋର୍ଦ୍ଧା ସ୍ୱାଭିମାନ ମଞ୍ଚ ଏହାର ତୀବ୍ର ବିରୋଧ କରିଛି। ବୁଧବାର ସନ୍ଧ୍ୟାରେ ମଞ୍ଚର ଶତାଧିକ କର୍ମୀ ନୂଆବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ସମବାୟ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜେନ୍ଦ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଗତ ନିର୍ବାଚନରେ ନିଜର ପରାଜୟ ପାଇଁ ରାଜେନ୍ଦ୍ର ଖୋର୍ଦ୍ଧା ଜନସାଧାରଣଙ୍କୁ ଦାୟୀ କରିବା ଆଳରେ ମାଟି ସମ୍ପର୍କରେ ଏକ ଅପଶବ୍ଦ (ଚରଣ....) ବ୍ୟବହାର କରି ଖୋର୍ଦ୍ଧାବାସୀଙ୍କୁ ନମକ ହାରାମ (ବିଶ୍ୱାସଘାତକ) ଭଳି ଅଭିହିତ କରିଛନ୍ତି। ପାଇକ ମାଟିକୁ ସେ ତାଚ୍ଛଲ୍ୟ କରିଛନ୍ତି। ଭାରତର ଶେଷ ସ୍ୱାଧୀନ ଦୁର୍ଗ ଏବଂ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ ପାଇଁ ଦେଶରେ ପରିଚିତ ଖୋର୍ଦ୍ଧା ମାଟିର ସ୍ୱାଭିମାନକୁ ଆଘାତ ଦେଇଛନ୍ତି। ରାଜେନ୍ଦ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ଗିରଫ ଲାଗି ଖୋର୍ଦ୍ଧା ସ୍ୱାଭିମାନ ମଞ୍ଚର କର୍ମୀମାନେ ଦାବି କରିଛନ୍ତି। ଏହାର ପ୍ରତିକ୍ରିୟାରେ ରାଜେନ୍ଦ୍ର କହିଛନ୍ତି, ନିର୍ବାଚନ ହାରିବା ପରେ ମନରେ ଅନେକ କ୍ଷୋଭ ରହିଥିଲା। ଶଙ୍ଖ ଭବନରେ ଦଳୀୟ ନେତୃତ୍ୱଙ୍କ ଆଗରେ ଅସନ୍ତୋଷ ପ୍ରକାଶ ବେଳେ ସେ ଏହା କହିଥିବା ସ୍ୱୀକାର କରିଛନ୍ତି। ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ପୂର୍ବକ ଅଡିଓ ରେକର୍ଡିଂ କରି ଭାଇରାଲ କରାଯାଇଛି। କେହି ଉଦ୍ଦେଶ୍ୟମୂଳକ ଭାବେ ଅଡିଓ କରି ଭାଇରାଲ କରୁଥିବା ଅଭିଯୋଗ କରିଛନ୍ତି। ତାଙ୍କ କଥାକୁ କଦର୍ଯ୍ୟଭାବେ ପରିବେଷଣ କରାଯାଉଥିବା କହିବା ସହ ଏଭଳି ମନ୍ତବ୍ୟ ପାଇଁ ସେ କ୍ଷମା ପ୍ରାର୍ଥନା ମାଗିଛନ୍ତି।

## ଶଙ୍ଖ ଭବନରେ ଦେଇଥିବା ବିବୃତିର ଅଡିଓ ଭାଇରାଲ

ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ କର୍ମୀଙ୍କୁ ସମ୍ବୋଧିତ କରିବା ଅବସରରେ ଖୋର୍ଦ୍ଧା ମାଟିକୁ ଅପମାନିତ କଲା ଭଳି ଶବ୍ଦ ବ୍ୟବହାର କରିଥିଲେ। ରାଜେନ୍ଦ୍ର କହିଥିଲେ, ସାଙ୍ଗରେ ବୁଲୁଥିବା ଲୋକେ ପଛରେ ଛୁରି ମାରିଦେବେ। ଖୋର୍ଦ୍ଧାରେ ଭାଜପା ସରକାର ଆସିଛି ବୋଲି ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ଅଧ୍ୟକ୍ଷ, କାଉନସିଲରମାନେ ଭାଜପା ବିଧାୟକଙ୍କ ସହ ଯାଉଛନ୍ତି। ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ସହ ବେଗୁନିଆ ବିଧାୟକ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଯାଉଛନ୍ତି। ଭାଜପା ସରକାର ଆସିଛି ବୋଲି ବିଜେଡି କର୍ମୀ, ନେତା ଫୁଲତୋଡ଼ା ନେଇ ନିମନ୍ତ୍ରଣ କରୁଛନ୍ତି। ନିର୍ବାଚନ ପୂର୍ବରୁ ବିଜେଡି ଜିଲା ପରିଷଦ ସଭ୍ୟମାନେ ଭାଜପା ସହ ଯୋଗସୂତ୍ରରେ ରହିଥିଲେ। ତଥାପି ସେହି ନେତାଙ୍କୁ କୋଳେଇ ରଖାଯାଇଛି। ସବୁ ଚାଲିଗଲା, ଆତ୍ମସମ୍ମାନ ବି କାଲିକି ରହିବ କି ନାହିଁ ବୋଲି ରାଜେନ୍ଦ୍ର କହିଥିଲେ। ମେ’ ୨୯ ମଧ୍ୟରାତ୍ର ଷଡ଼ଯନ୍ତ୍ର କଥା ଉଠାଇ କହିଥିଲେ, ସେତେବେଳେ ଅନେକ ନେତା ଦଳକୁ ଆସିଥିଲେ। ଦଳକୁ ସଫା କରିବାକୁ ଉଦ୍ୟମ କରିଥିଲେ। ହେଲେ ସେ ନବୀନବାବୁଙ୍କୁ ଭଲ ପାଇ ଦଳରେ ରହିଛନ୍ତି। ନବୀନଙ୍କ ଲୋକପ୍ରିୟତା ଥିଲା, ଆଉ ରହିଛି। ଦଳ ବଦନାମ ହୋଇନି, ହେଲେ ସରକାର ନାହିଁ। ବିଜେଡି କାହା ବାପାର ସମ୍ପତ୍ତି ନୁହେଁ। ଆମେ ବେପାରୀ ଘର ପିଲା, ଜିରୋରୁ ହିରୋ ହୋଇ ଜିତିକି ଆସୁଛୁ। ୨୭ବର୍ଷ ହେଲା ଜିତିକି ଆସୁଛୁ ବୋଲି ସେ କହିଥିଲେ। ଏହାର ଏକ ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ରାଜ୍ୟପାଳଙ୍କ ସହ ଭେଟଘାଟ ସମୟରେ କୌଣସି ରାଜନୈତିକ ଆଲୋଚନା ହୋଇନାହିଁ: ଭେଙ୍କୟା

## ରାଜଭବନକୁ ରାଜନୀତି ଭିତରକୁ ଟଣା ନ ଯାଉ: ମନମୋହନ

ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)

ନିକଟରେ ଓଡ଼ିଶା ରାଜଭବନରେ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପହଞ୍ଚି ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରାଜଭବନ ଯାଇ ସେମାନଙ୍କୁ ସାକ୍ଷାତ କରିଥିଲେ। ଏହି ଭେଟଘାଟକୁ ନେଇ ରାଜନୈତିକ ଚର୍ଚ୍ଚା ଚାଲିଛି। ଓଡ଼ିଶା ରାଜଭବନ ଝାଡ଼ଖଣ୍ଡ ନିର୍ବାଚନର ୱାର୍ ରୁମ୍ ପାଲଟିଥିବା ବିଜେଡି ଅଭିଯୋଗ କରିବା ପରେ ଶୁକ୍ରବାର ପୂର୍ବତନ ଉପରାଷ୍ଟ୍ରପତିଙ୍କ ଅଫିସ୍ ପକ୍ଷରୁ ବିବୃତି ଜାରି କରାଯାଇଛି। ଭେଙ୍କୟାଙ୍କ ଅଫିସ୍ ପକ୍ଷରୁ କୁହାଯାଇଛି, ଓଡ଼ିଶା ରାଜ୍ୟପାଳଙ୍କ ସହ ଏହି ଭେଟଘାଟ ସମୟରେ କୌଣସି ରାଜନୈତିକ ବିଷୟରେ ଆଲୋଚନା ହୋଇନାହିଁ। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏହି ପ୍ରସଙ୍ଗରେ କହିଛନ୍ତି, ରାଜଭବନକୁ ରାଜନୀତି ଭିତକୁ ଟଣା ନ ଯାଉ। ସାରା ଓଡ଼ିଶା ରାଜନୀତି କରିବା ପାଇଁ ପଡ଼ିଛି ହେଲେ ରାଜଭବନକୁ ଏଥିରେ ସାମିଲ କରା ନ ଯାଉ ବୋଲି ସେ କହିଛନ୍ତି। ସୂଚନାଥାଉ କି ଓଡ଼ିଶା ରାଜ୍ୟପାଳ ତଥା ପୂର୍ବତନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ ସକ୍ରିୟ ରାଜନୀତିକୁ ଫେରିବା ନେଇ ଚର୍ଚ୍ଚା ଚାଲିଛି।

# ଢିଙ୍କିଆ ପଞ୍ଚାୟତ ନିର୍ବାଚନ: ୮୪% ମତଦାନ

## ଆଜି ଗଣତି

କୁଜଙ୍ଗ, ୪।୧୦(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡସଭ୍ୟ ପଦ ନିମନ୍ତେ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଛାଉଣୀ ମଧ୍ୟରେ ଶାନ୍ତିଶୃଙ୍ଖଳା ସହ ଏଠାରେ ମତଦାନ ପ୍ରକ୍ରିୟା ଶେଷ ହୋଇଛି। ସକାଳ ୭ଟାରୁ ଭୋଟ୍‌ଦାନ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ୨୩ଟି ୱାର୍ଡକୁ ନେଇ ଗଠିତ ଢିଙ୍କିଆ ପଞ୍ଚାୟତର ସମୁଦାୟ ଭୋଟର ସଂଖ୍ୟା ୭ ହଜାର ୯୬୮ ହୋଇଥିବାବେଳେ ଶୁକ୍ରବାର ୬ ହଜାର ୭୩୧ ଜଣ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିଛନ୍ତି। ଏହା ସମୁଦାୟ ଭୋଟର ୮୪. ୪୭ ଶତାଂଶ। ଭୋଟରମାନେ ଆଗ୍ରହର ସହ ସକାଳୁ ଲମ୍ବା ଧାଡ଼ିରେ ଠିଆ ହୋଇ ଭୋଟ ଦେଇଥିଲେ। ଏହାପରେ ସରପଞ୍ଚ ପଦବୀ ନିମନ୍ତେ ନିର୍ବାଚନ ଲଢୁଥିବା ୩ ଜଣ ପ୍ରାର୍ଥିନୀ ଏବଂ ୱାର୍ଡ ସଭ୍ୟ ପଦରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୬୨ ଜଣ ପ୍ରାର୍ଥିନୀ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ ହୋଇଯାଇଛି। ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଢିଙ୍କିଆରୁ ଭୋଟ୍ ବାକ୍ସଗୁଡ଼ିକୁ ଏରସମା ବ୍ଲକ କାର୍ଯ୍ୟାଳୟରେ ସଂରକ୍ଷିତ ରଖାଯାଇଛି। ଶନିବାର ସକାଳ ୮ ଘଣ୍ଟା ସମୟରେ ଏରସମା ବ୍ଲକ କାର୍ଯ୍ୟାଳୟରେ ଗଣତି ହେବ।

# ବିଧାୟକ ଦିବ୍ୟଶଙ୍କରଙ୍କ ଗାଡ଼ିକୁ ଅଣ୍ଡାମାଡ଼, କଳାପତାକା ପ୍ରଦର୍ଶନ



ଗୋଲାମୁଣ୍ଡା, ୪।୧୦ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ନିଜ ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ହଟହଟା ହୋଇଛନ୍ତି। ଗୋଲାମୁଣ୍ଡା ସର୍ବମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟର ନୂତନ ଏକାଡେମିକ କୋଠା ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଯୋଗଦେବାକୁ ଆସୁଥିବାବେଳେ ତାଙ୍କ ଉପରକୁ ମହାବିଦ୍ୟାଳୟ ଗେଟ ପାଖରେ ଅଣ୍ଡା ମାଡ଼ କରାଯିବା ସହ କଳାପତକା ପ୍ରଦର୍ଶନ କରାଯାଇଛି। ଏହାସହ ଦିବ୍ୟଶଙ୍କର ଗୋ ବ୍ୟାକ ନାରା ମଧ୍ୟ ଦିଆଯାଇଥିଲା, ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏହା କରାଯାଇଥିବା ସନ୍ଦେହ କରାଯାଉଛି। ନୂତନ ଏକାଡେମିକ କୋଠା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମଧ୍ୟ ଯୋଗଦେଇଥିଲେ।


# Classified Everyday
0674-2580101, 2549949


REAL ESTATE
SALE

Wanted Yellow zone Gharabari Sharing Land with 30 feet Road for Duplex Projects within Bhubaneswar. 9938219397. D-1564

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30’ Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

Contact for complete house construction (Simplex/Duplex/Triplex), Interior design (Modular Kitchen/TV Unit/Wardrobe/Ceiling) and home furniture (King Bed/Sofa/Dining Table/Center Table) by the experts only. MPlanets- 7008550473. D-1565

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

ନଖରା Grandbazar Oppositeରେ, Biswalapadaରେ, Sum Hospital ଘଙ୍ଗାପାଟଣାରେ 30’ ରାସ୍ତା ଥାଇ plot କିଣନ୍ତୁ। 6372851880. D-71078

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872. D-1563

3/4BHK ready to move speious duplex with amenities at Balianta near Syphon Sqr. Contact No.-8457085107. D-1535

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226. D-1469

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404. D-1562

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits SPA special Offer @ 799 Bapuji Nagar. 9861237682. D-76160

AFFIDAVIT

By virtue of an affidavit sworn before the Executive Magistrate, Balangir, I, Kuna Putel, At/P.O.- Mahimunda, P.S.- Puintala, Dist.- Balangir- 767002, declared that in my daughter’s Aadhaar Card (×××× ×××× 3521) her name is mentioned Swati Putel and her Birth Certificate & School record has been mentioned Pritee Mayee Putel. Henceforth, Pritee Mayee Putel & Swati Putel is one and same person. D-1560

I Smt. Anjushree Nayak, W/o-Sachindra Nayak, D/o- Siba Sankar Mohanty, Village-Kusuda, Post-Kusuda, Via- Kamarda, P.S.-Kamarda, District.-Balasore, State- Orissa declare by this affidavit No.- 120, dated 14.01.2008. I want to change my surname (Title) as Nayak instead of Mohanty. So henceforth, I will be know as Anjushree Nayak for all my future purposes. D-1567

I, Chinmay Nayak, S/o-Kailash Chandra Nayak, Khalarda, Cuttack have changed my name to Chinmay Acharya vide affidavit No.-2100/2024, dated 09.05.2024 before Executive Magistrate Cuttack. D-1568

ମନେ ପଡ଼ନ୍ତି

ଅଠରତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଵନିର୍ମଳା ମହାପାତ୍ର
ପ୍ଲଟ୍ ନଂ.-୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ: ୧୪।୦୨।୧୯୪୭
ତିରୋଧାନ: ୨୫।୦୯।୨୦୦୬
(ଅଶ୍ୱିନ ଶୁକ୍ଳ ତୃତୀୟା)
ଆଉ ଥରେ ଆସ ଆମ ଗହଣକୁ ନୂଆ ଏକ ଜନ୍ମ ନେଇ, ଆମେ ରହିଅଛୁ ଲୋତକ ନୟନେ ତୁମରି ବାଟକୁ ଚାହିଁ
ଶ୍ରଦ୍ଧାଞ୍ଜଳି ସହ: ସ୍ୱାମୀ: ଇଂ. ଯଦୁନାଥ ମହାପାତ୍ର, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୫୬୧


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କବିତାରେ ଶରତର ସହି



ଶାରଦୀୟ ଦୁର୍ଗାପୂଜାର ଅବସର। ମାଟି ଛୁଇଁଛି ଦଶଭୁଜା ମା'ଙ୍କର ପବିତ୍ର ପାଦ। ମାଟି ଉଠିଛି ଧରିତ୍ରୀ। ପଲସିଛି ଧାନକ୍ଷେତ। ଆବାହନ ମୁଦ୍ରାରେ କାଶତଣ୍ଡୀ। ଦୁର୍ଗାପୂଜା ମିଳନର ପର୍ବ, ଭାଇଚାରାର ପର୍ବ। ଅପ୍ରମିତ ଦୁଃଖ, ବିପ୍ଳାତ ଭିତରେ ବି ଉତ୍ସବ ପାଇଁ ଅଛି ଜାଗା। 'ଶରତ'କୁ ନେଇ ସ୍ପନ୍ଦିତ ଭାଷା-ଭାଷାନ୍ତରର କବିତାକୁ ନେଇ 'ସାହିତ୍ୟାୟନ'ର ନୂଆ ପ୍ରୟାସ 'କବିତାରେ ଶରତର ସହି'।

**ଉପସ୍ଥାପନା: ଡ. ହୃଷୀକେଶ ମଲ୍ଲିକ**

ଶରତ ଋତୁ ଓ ଦୁର୍ଗୋତ୍ସବକୁ ନେଇ କବିଗୁରୁ ରବୀନ୍ଦ୍ରନାଥ ପିଲାଙ୍କ ପରି ମାତି ଉଠନ୍ତି। ଫୁର୍‌ସତ ମାତ୍ରେ ଲେଖିବସନ୍ତି କବିତା। 'ପୂଜାର ସାଜ' ଓ 'କାଙ୍ଗାଲିନୀ' ଏହି ପ୍ରସଙ୍ଗରେ ତାଙ୍କର ଦୁଇଟି ପ୍ରସିଦ୍ଧ କବିତା। 'ପୂଜାର ସାଜ' କବିତାର ଆରମ୍ଭ ଏହିପରି: ''ଆଶ୍ୱିନେର ମାଝାମାଝି ଉଠିଲ ବାଜନା ବାଜି,/ ପୂଜାର ସମୟ ଏଲ କାଛେ।'' 'କାଙ୍ଗାଲିନୀ' କବିତାରେ ଶୂନ୍ୟମନା କାଙ୍ଗାଲିନୀ ଝିଅଟି ମା'ଙ୍କୁ ପ୍ରଶ୍ନକରେ: ''ମାଗୋ ଏ କେମନ ଧାରା/ ...ତୁଇ ଯଦି ଆମାର ଜନନୀ,/ ମୋର କେନ ମଲିନ ବସନ!'' ପୂଜାରେ ସଭିଏଁ ନୂଆ ବସନ ଭୂଷଣରେ ସଜେଇ ହେଇଛନ୍ତି, ଅଥଚ ଭିକାରୁଣୀ ଝିଅଟି ଦେହରେ ସବୁଦିନିଆ ସେଇ ମଳିନ ଲୁଗା। ତେଣୁ ମାଆଙ୍କୁ ସେ ପଚାରିଛି ତା' ମନର ପ୍ରଶ୍ନ। ସେ ପ୍ରଶ୍ନ ଏକା ତା'ର ନୁହେଁ, ତା'ରି ପରି ଅଭାବୀ, ନିଦରବୀ ଘରର ସବୁ ପୁଅଝିଅଙ୍କର ପ୍ରଶ୍ନ। ପୂଜାର ଆନନ୍ଦ ଭିତରେ ହର୍ଷ-ବିଷାଦର ଏ ଯେଉଁ ହାତ ଧରାଧରି ହେଇ ବାଟଚଲା, ତା' ରବୀନ୍ଦ୍ରଙ୍କ ରଚନାରେ ଉଚ୍ଚକଣ୍ଠ ହୋଇଉଠିଛି।

ସାରାଜୀବନ ରବୀନ୍ଦ୍ରନାଥ ମାନବ ଜୀବନର ସମାନ୍ତରାଳରେ ପ୍ରକୃତିର ପ୍ରତିଟି ଉପାଦାନକୁ ମର୍ମେ ମର୍ମେ ଅନୁଭବ କରିଛନ୍ତି। ଶରତ ତହିଁରେ ବ୍ୟତିକ୍ରମ ନୁହେଁ। ବର୍ଷାସିକ୍ତ ପୃଥିବୀର ଗଗନ-ପବନରେ ଶରତ-ଉତ୍ସବର ଆଲୋକ ଝଲସି ଉଠେ। ପ୍ରକୃତିର ଏଇ ଆଲୋକୋଜ୍ଜ୍ୱଳ ରୂପମାଧୁରୀକୁ କବିତାରେ ତୋଳି ଧରନ୍ତି କବି: ''ଶରତେ ଆଜ କୋନ ଅତିଥି/ ଏଲ ପ୍ରାଣେର ଦ୍ୱାରେ/ ଆନନ୍ଦଗାନ ଗାରେ ହୃଦୟ/ ଆନନ୍ଦ ଗାନ ଗାରେ।'' ରାନୁ ମୁଖୋପାଧ୍ୟାୟଙ୍କୁ ଏକ ଚିଠିରେ ସେ ଲେଖିଛନ୍ତି: ''କାଶେର ଗୁଚ୍ଛ ସାର ବେଁଧେ ଦାଁଡ଼ିୟେ ବାତାସେ ମାଥାନତ କରେ ପଥିକଦେର ଶାରଦସଂଗୀତ ଶୁନିୟେ ଦିଚ୍ଛେ। x x ଉତ୍ସବେର ଆନନ୍ଦ-ହିଲ୍ଲୋଳ ବୟେ ଯାଚ୍ଛେ। ଅନ୍ତରେ ବାଇରେ ଛୁଟି ଛୁଟି ଛୁଟି - ଏଇ ରବ ଉଠେଛେ।''

ଶରତ-କବିତାର କଥା କହିବା ବେଳେ କାହିଁକି କେଜାଣି ରବୀନ୍ଦ୍ରନାଥଙ୍କ ପଛପଟୁ ଖଣ୍ଡିକାଶ ଦିଅନ୍ତି ଜନ୍ କୀଟ୍‌ସ। ମାତ୍ର ୨୬ ବର୍ଷ ଜୀବନ ଜିଇଥିବା ଏଇ କବି ତାଙ୍କ ମୃତ୍ୟୁର ମାତ୍ର ଦେଢ଼ ବର୍ଷ ପୂର୍ବରୁ ଜୀବନର ସବୁଠୁଁ ସଫଳ ଯେଉଁ ଛୋଟ କବିତାଟି ଲେଖିଥିଲେ ତା'ର ଶୀର୍ଷକ ଥିଲା 'TO AUTUMN'। ପ୍ରକୃତି, ଜୀବନ ଓ ମୃତ୍ୟୁର ପ୍ରତୀକାତ୍ମକ ରୂପ ହେଉଛି ଏ କବିତା। କବିତାରେ ମାତ୍ର ତିନିଟି ପରିଚ୍ଛେଦ, ପ୍ରତ୍ୟେକ ପରିଚ୍ଛେଦର ଧାଡ଼ି ସଂଖ୍ୟା ଏଗାର। ପ୍ରଥମଟିରେ ସ୍ୱପ୍ନ, ଦ୍ୱିତୀୟଟିରେ ଅବକ୍ଷୟ ଓ ତୃତୀୟଟିରେ ମୃତ୍ୟୁର ଅନିବାର୍ଯ୍ୟତାର ଚିତ୍ର। କବିତାଟିର ଆଉଡ଼ା ସରିଯାଏ, କିନ୍ତୁ ମନ ଲାଖି ରହେ ଶେଷ ଧାଡ଼ିଟିରେ- "And gathering swallows twitter in the skies". କେଇଦିନର ମେଳା ସାରି ସ୍ୱଦେଶକୁ ଫେରିଯିବେ ପକ୍ଷୀଦଳ। ଆକାଶରେ ଦିଗଉଚ୍ଛୁଳା କଳରବ। ଜୀବନରେ ଆରମ୍ଭ ଅଛି, ଉଦ୍ୟମ ଅଛି, ଅଛି ଅବସାନ। ମନେହୁଏ, ଶରତ ଶେଷରେ ଶୀତ ନୁହେଁ, ଆସନ୍ନ ମୃତ୍ୟୁର ପଦଧ୍ୱନି ଶୁଣିଛନ୍ତି କବି, ଯହିଁରେ ମିଶି ରହିଛି 'ପିଟର୍‌ଲୁ



ନରସଂହାର'ର ଅସରା ଦରଦ। (ଉଲ୍ଲେଖଥାଉ କି ୧୬ ଅଗଷ୍ଟ ୧୮୧୯ରେ ଇଂଲଣ୍ଡରେ ସଂଘଟିତ ହୁଏ 'ପିଟର୍‌ଲୁ ନରସଂହାର', ଯହିଁରେ ଅଶ୍ୱବାହିନୀର ଅତର୍କିତ ଚଢ଼ାଉରେ ସଂସଦୀୟ ପ୍ରତିନିଧିତ୍ୱରେ ସଂସ୍କାର ଆଣିବାକୁ ଠୁଳ ଆଠଜଣ ନିରୀହ ବିକ୍ଷୋଭକାରୀଙ୍କର ପ୍ରାଣହାନି ଘଟେ ଓ ଶତାଧିକ ବ୍ୟକ୍ତି ଆହତ ହୁଅନ୍ତି।) ତା'ର ପ୍ରାୟ ମାସକ ପରେ ୧୯ ସେପ୍ଟେମ୍ବର ୧୮୧୯ରେ କୀଟ୍‌ସ ଲେଖନ୍ତି 'To Autumn'.

ହିନ୍ଦୀ କବି ଅଜ୍ଞେୟଙ୍କ 'ଶରଦ', ସୁମିତ୍ରା ନନ୍ଦନ ପନ୍ତଙ୍କ 'ଶରଦ ଚାଁଦନୀ', କେଦାରନାଥ ଅଗ୍ରୱାଲଙ୍କ 'ଦିବସ ଶରଦକେ', ଗିରିଧର ଗୋପାଲଙ୍କ 'ଶରଦ ହୱା', ପଙ୍କଜ ସିଂହଙ୍କ 'ଶରଦକେ ବାଦଲ' ଶରତ ଋତୁକୁ ନେଇ ରଚିତ କତିପୟ ପ୍ରମୁଖ କବିତା। ଏସବୁ କବିତାର ଅନ୍ତଃକରଣରେ ବିହ୍ୱଳ ପ୍ରକୃତିର ନିରାଜନା ଅନୁପଲବ୍ଧ ନୁହେଁ। କ୍ଷଣେ ରହି ପନ୍ତଙ୍କୁ ଶୁଣିବା: ''ଶରଦ ଚାଁଦ୍‌ନୀ!/ ବିହଁସ ଉଠୀ ମୌନ ଅତଲ୍/ ନୀଲିମା ଉଦାସିନୀ!/ ଆକୁଲ ସୌରଭ ସମୀର/ ଛଲଛଲ ଚଲ ସରସି ନୀର,/ ହୃଦୟ ପ୍ରଣୟାସେ ଅଧୀର,/ ଜୀବନ ଉନ୍ମାଦିନୀ!''

ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସଙ୍କ ଶରତ ବର୍ଣ୍ଣନାରେ ମହାମତି ବେଦବ୍ୟାସଙ୍କ ସ୍ୱର ଗୁଞ୍ଜିତ ହୋଇଉଠିଛି ଭିନ୍ନ ସୁଷମାରେ। ଭାଗବତ ଦଶମ ସ୍କନ୍ଧ (ଗୋପଲୀଳା)ର ତିରିଶ ଅଧ୍ୟାୟରେ ଶୁକ ମୁନି କହୁଛନ୍ତି ରାଜା ପରୀକ୍ଷିତଙ୍କୁ: ''ଶରଦ କାଳର ଯେ ଶଶୀ/ ମଲ୍ଲିକା ପୁଷ୍ପ ପ୍ରାୟ ଦିଶି।'' ବ୍ୟାସ ଲେଖିଥିଲେ: ''ଉତ୍‌ଫୁଲ୍ଲିତ ମଲ୍ଲୀଫୁଲ ପରି ଶରତର ରାତ୍ରି'' ('...ରାତ୍ରୀଃ ଶରଦୋତ୍‌ଫୁଲ୍ଲମଲ୍ଲିକାଃ'- ଶ୍ରୀମଦ୍ ଭାଗବତମ୍-୧୦/୨୯/୧)। ଆହୁରି କହୁଛନ୍ତି ବ୍ୟାସ- ଶରତ ଚନ୍ଦ୍ରର କିରଣରେ ପରିତୁଷ୍ଟା ଦିଗରାଜି ଲକ୍ଷ୍ମୀଙ୍କ ମୁଖ ପରି ସୁନ୍ଦର ('ଦୃଷ୍ଟ୍ୱା କୁମୁଦ୍ୱନ୍ତଂ ଅଖଣ୍ଡମଣ୍ଡଳଂ ରମାନନାଭଂ ନବ କୁଂକୁମାରୁଣ୍ୟମ୍'- ଶ୍ରୀମଦ୍ ଭାଗବତମ୍-୧୦/୨୯/୩)। ବ୍ୟାସଙ୍କର ଶରତ ଭାବନା ଜଗନ୍ନାଥ ଦାସଙ୍କ କଳ୍ପନାରେ ଅଧିକ ବ୍ୟବସ୍ଥିତ ହୋଇଉଠିଛି। ଯଥା: ''ଚନ୍ଦ୍ର ମଣ୍ଡଳ ଅଖଣ୍ଡିତ/ ଦେଖି ଉଷତ ଗୋପୀନାଥ/ ଲକ୍ଷ୍ମୀର ମୁଖ ପ୍ରାୟ ଦିଶି/ କିରଣେ ଦଶଦିଗ ତୋଷି।'' (ଗୋପଲୀଳା, ୩୦ ଅଧ୍ୟାୟ)।

ରାଧାନାଥ ରାୟଙ୍କ ସମକାଳରେ ମଧୁସୂଦନ ରାଓ 'ଶରତ' ଶୀର୍ଷକରେ ଲେଖିଥିବା କବିତାଟି ସରଳ ଭାଷାରେ ତାଙ୍କ ଆଖିଦେଖା ଶରତର ମୂର୍ତ୍ତ ଛବି ବହନ କରେ। ଶରତରେ କାଶତଣ୍ଡୀ, ଗଙ୍ଗଶିଉଳି, ମାଳତୀ ତ ଫୁଟିବା କଥା ଫୁଟିଛି। ଆକାଶରେ ବି ଖଣ୍ଡଖଣ୍ଡ ଧଳାମେଘ ବୋଇତ ପରି ଭାସମାନ। ଏଇ ଦୃଶ୍ୟରେ ଯୋଡ଼ି ଦେଇଛନ୍ତି ରାଓ: ''ଧାନ୍ୟକ୍ଷେତ୍ରେ ପକ୍ୱଶାଳି/ ଦିଶଇ ସୁନ୍ଦର,/ ଦରଶନେ ଆନନ୍ଦିତ ମନ କୃଷକର। x x ପ୍ରଦୋଷେ ଫୁଟଇ ଜହ୍ନିଫୁଲ ଘରେ ଘରେ,/ ବାଳକେ ତୋଳନ୍ତି ତାହା/ ମହା ଆନନ୍ଦରେ।'' କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଚିର ଅଭୁଲା କବିତା 'ଦଶହରା' ଦୀର୍ଘ ଅବଧି ଧରି ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଥିବାରୁ ଏଇ ଲେଖକଙ୍କ ବୟସର ପ୍ରାୟ ସବୁ ବିଦ୍ୟାର୍ଥୀଙ୍କ ସ୍ମୃତିରେ ଆଜି ଉଜ୍ଜୀବିତ: ''ଶରତ କାଳ/ ଜଳଦ ମାଳ/ ନୀଳ ଗଗନେ ଭାସେ,/ କଦବା ଥରେ/ ବରଷା ଝରେ/ ଏବେ ଅଶିଣ ମାସେ।/ x x ଏଇ ଶରତେ/ ଦିନେ ଭାରତେ/ ରାଘବ ରାମଚନ୍ଦ୍ର,/ ସାଗର କୋଳେ/ ଅଗାଧ ଜଳେ/ ବାନ୍ଧିଲେ ସେତୁବନ୍ଧ।''

ଶରତର ଦିନାନ୍ତ। ବାତାୟନ ପାଖରେ ଉପବିଷ୍ଟା ଉତ୍କଳଭାରତୀ କୁନ୍ତଳା କୁମାରୀ। ପ୍ରେମରସରେ ନିମଜ୍ଜିତ ମନ। ପୁଲକିତ ଶରୀର। ନୟନରୁ ବହିଯାଉଛି ନୀରଧାର। ହୃଦତନ୍ତ୍ରୀରେ ବାଜିଉଠୁଛି ଅମୃତର ସୁସ୍ୱର। ମନେହେଉଛି, ଯେମିତି ମର୍ତ୍ତ୍ୟରେ ନୁହେଁ, ସ୍ୱର୍ଗରେ ସେ। ଆକାଶରେ ଉଇଁଆସୁଛି ଶଶାଙ୍କ, ଚାନ୍ଦିନୀ ଚୁମୁଛି ଭୂଇଁ। ହସିଉଠୁଛି ଶୁଭ୍ର ଦୁକୂଳ ପରିହିତା ବସୁମତୀ। ଫୁଟୁଛି ପ୍ରେମାକୁଳିତା ଶେଫାଳି: ''ଶାରଦ ଦିନାନ୍ତେ ବସି ବାତାୟନ ପାଶରେ/ ବୁଡ଼ିଅଛି ମନ ମୋର କିବା ପ୍ରେମରସରେ/ ଆବେଶେ ପୁଲକେ ମୋର/ ନୟନରୁ ବହେ ଧାର/ ହୃଦତନ୍ତ୍ରୀ ବାଜିଉଠେ କି ଅମୃତ ସୁସ୍ୱରେ/ ନିମିଷେ ଭାବଇ ମୁଁ ଅଛି ଅବା ସ୍ୱର୍ଗରେ!'' ('ଶେଫାଳି ପ୍ରତି')। ସମଗ୍ର ଭାରତୀୟ କବିତାରେ ତୁଳନା ନାହିଁ ଏ କବିତାର। ଯେମିତି ସରଳ, ସେମିତି ଚିନ୍ତନରେ ଊର୍ଦ୍ଧ୍ୱଗ।

ଶରତର ସ୍ୱାଗତ କରନ୍ତି କବି ସଚ୍ଚି ରାଉତରାୟ। 'ଆନନ୍ଦ' ଓ 'ଚେତନା'କୁ ଆମନ୍ତ୍ରଣ। ଶରତର ମେଘ ହୁଏ ତାଙ୍କ ପାଇଁ 'ଅକ୍ଷତର ରଙ୍ଗ'। ଅତ୍ରତତ୍ର ଦିଶେ ତାଙ୍କୁ 'ଶାଦା ହଂସପଲ' ଓ 'ଶାଦା ଯୂଇଫୁଲ' (''x x ଅଶିଣ ଆସିବା ହେଉ ଆନନ୍ଦର ଚେତନାର ଘରେ/ ଅକ୍ଷତ ରଙ୍ଗର ମେଘ, ଶାଦା ହଂସପଲ, ଶାଦା ଯୂଇଫୁଲ ତା'ର ପ୍ରତିଧ୍ୱନି କରେ।'' - ଆଶ୍ୱିନ-୧୯୫୮, କବିତା-୧୯୬୨)। ଗୁରୁପ୍ରସାଦ ମହାନ୍ତିଙ୍କ ଶରତ କିନ୍ତୁ ଅବକ୍ଷୟୀ ସମୟର ସଂକେତ ଦିଏ: ''ଚକ୍ରବାକ କାନ୍ଦିକାନ୍ଦି ମରିଯାଏ ଆକାଶର ତଳେ/ ସମୁଦ୍ରର ଢେଉ/ ଧାଡ଼ି ଧାଡ଼ି କାଶଫୁଲ ଠେଲିଆଣି ଫିଙ୍ଗିଦିଏ ଇତସ୍ତତଃ/ ସମୁଦ୍ର ବାଲିରେ/ ତା' ଓଠ ଭିତରୁ ଦାନ୍ତ ଧାଡ଼ି ଧାଡ଼ି ଦେଖାଯାଏ/ ଶରତ ଋତୁର ଜହ୍ନ ଯାଏ ଯେବେ ମରିଯାଏ ଏ ରାତିରେ ଅମୁହାଁ ଗଳିରେ।'' ('ଶରତ ଋତୁର ଜହ୍ନ'- 'ସମୁଦ୍ର ସ୍ନାନ') ଗୁରୁପ୍ରସାଦଙ୍କ ଶରତ-ଜହ୍ନରେ ନଥାଏ 'ବ୍ୟଥା' କି ନଥାଏ 'ଗୋପ୍ୟକଥା ପୃଥିବୀର'।

ବିଶ୍ୱ-କବିତାରୁ ଶରତର ଅବତାରଣା ଖୋଜି ବସିଲେ ସରିଯିବ ପୋଥି ପରେ ପୋଥି, ହେଲେ ସରିବ ନାହିଁ ଶରତ। ଖୋଜି ବସିଲେ ମିଳିବେ ନାହିଁ କବିଟିଏ, ଯିଏ ଶରତକୁ ଦେଖିନାହିଁ କି ଲେଖିନାହିଁ ଧାଡ଼ିଏ ଅଧେ କବିତା। ଏଇ ଆଲେଖ୍ୟରେ ଆଲୋଚିତ କବିତା ଅଗଣିତ ଶରତ-କବିତାରୁ କେତୋଟି ମାତ୍ର। ଭିନ୍ନ ଭିନ୍ନ ମନୋଦଶାରେ ଶରତକୁ ଦେଖିବାର ଯେଉଁ ଉପକ୍ରମ ଭିନ୍ନଭିନ୍ନ ଭାଷାର ବିଭୂତି ନେଇ ଅଭିବ୍ୟକ୍ତ- ତା'ରି ଏକ ଖଣ୍ଡଚିତ୍ର ଏ। ଆଶା, ପାଠକଙ୍କ ପୂର୍ଣ୍ଣ ମନସାଧ ନ ମେଣ୍ଟାଉ ପଛେ, ନିରାଶ କରିବ ନାହିଁ।

ମୋ: ୯୮୫୩୨୮୭୭୫୫



## ଦଶହରା

**କାଳିନ୍ଦୀ ଚରଣ ପାଣିଗ୍ରାହୀ**

ଶରତ କାଳ ଜଳଦମାଳ ନୀଳ ଗଗନେ ଭାସେ,
କଦବା ଥରେ ବରଷା ଝରେ ଏବେ ଅଶିଣ ମାସେ।
ଦିଶଇ ଶ୍ୟାମ ପ୍ରାନ୍ତର ଗ୍ରାମ ଶ୍ୟାମଳ ଧାନକ୍ଷେତ,
ରଜନୀ ଦିବା ଧରଣୀ କିବା ଉଡ଼ାଏ ନୀଳ ନେତ।
ମୃଦୁଳ ଅତି ପବନ ଗତି ଦୋହଲେ ତରୁଲତା,
ବିହଗ ଗୀତ ହରଇ ଚିତ୍ତ ତୁଟାଇ ମନୁଁ ବ୍ୟଥା।
ଶ୍ୟାମଳ ଘାସେ କୁସୁମ ହାସେ ଉଠଇ ହସି ଧରା,
ଗଙ୍ଗଶିଉଳି ପଡ଼େ ଝାଉଁଳି ବାଜିଲେ ଟାଣ ଖରା।
ଅମଳ ଜଳେ କମଳ ତଳେ ଖେଳନ୍ତି ହଂସ ମୀନ,
ବରଷେ ବାର ମାସରେ ସାର ଆଜି ଗୋଟିକ ଦିନ।
ଆନନ୍ଦ ଝରେ ସବୁରି ଘରେ ଦାଣ୍ଡ ଆନନ୍ଦ ଭରା,
ମହା ଉତ୍ସବ ପୁଣ୍ୟ ପରବ ଦଶମୀ ଦଶହରା।
ପବନ ମନ୍ଦ ଧୂପର ଗନ୍ଧ ଆଣଇ ଧୀରେ ବହି,
ଶଙ୍ଖ ମହୁରୀ ଶବଦେ ପୂରି ଉଠେ ଆକାଶ ମହୀ।
ନଗର ଗ୍ରାମ ଛାଡ଼ିଛି କାମ ସବୁରି ଆଜି ସୁଖ,
ପ୍ରବାସୀ ନରେ ଲେଉଟି ଘରେ ଦେଖନ୍ତି ବନ୍ଧୁ ମୁଖ।
ନବ ବସନ ପିନ୍ଧି ଯତନ ଖେଳଇ ଶିଶୁ ଆଗ,
ପୁରୁଷ ନାରୀ ମୁଖେ କାହାରି ଦୁଃଖର ନାହିଁ ଦାଗ।
ଏଇ ଶରତେ ଦିନେ ଭାରତେ ରାଘବ ରାମଚନ୍ଦ୍ର,
ସାଗର କୋଳେ ଅଗାଧ ଜଳେ ବାନ୍ଧିଲେ ସେତୁବନ୍ଧ।
ଦେବୀ ଚରଣ କରି ବରଣ ଶୁଭ ଦିବସେ ଆଜି,
ବିଜୟପଥେ ଚଳିଲେ ସତେ ବାନରସେନା ସାଜି।
ସବଂଶେ ଅରି ବିନାଶ କରି ଲଙ୍କାରେ ଜାଳି ଚିତା,
ସେ ସ୍ମୃତି ଆଜି ଉଠେ ବିରାଜି ଉଦ୍ଧରିଥିଲେ ସୀତା।



## ପୁସ୍ତକ ପରିଚୟ

### ଫଗୁଣର ତୋଫା ରାତି




**କବି:** ଜ୍ଞାନ ଦାଶ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୬୦/-

ଆଲୋଚ୍ୟ ପୁସ୍ତକରେ ଶହେଟି ସନେଟ୍ ଅଛି ବୋଲି କୁହାଯାଇଛି, କିନ୍ତୁ ପୁସ୍ତକଟିକୁ ଖୋଲିଲେ ଜଣାଯାଏ ଯେ ଶହେ ନୁହେଁ, ଶହେସାତଟି ସନେଟ୍ ଏଥିରେ ସ୍ଥାନିତ। 'କିଛି କଥା'ରେ କବି ଲେଖିଛନ୍ତି: ''କବିଟିଏ କବିତା ଲେଖୁଥିବାବେଳେ କିମ୍ବା ନ ଲେଖୁଥିବା ବେଳେ ବି କବି ଭାବରେ ବଞ୍ଚିଥିବ ଅର୍ଥାତ୍ କବିମନସ୍କ ହୋଇ ରହିଥିବ। ତା'ର ଶିଳ୍ପୀସତ୍ତା ସଚେତନ ଭାବରେ ହିଁ ଜୀବନକାଳକୁ ଜଳନ୍ତା କୋଇଲାର ଉତ୍ତେଇ ରୂପେ ଭୋଗୁଥିବ।'' ଗୋଟିଏ ଉଦ୍ଧୃତି ନେବା- ''ଚାନ୍ଦ ରାଇଜରେ ବିଗୁଲ ବାଜିଲେ ତାରାଙ୍କର ଚାଲେ ଖେଳ/ ପୀରତିର ନାବେ ଶତ କାମନାର ସରି ସରି ଆସେ ବେଳ/ ଋତୁ ବଦଳିଲେ ରଙ୍ଗ ବଦଳଇ ପ୍ରୀତିରସେ ବର୍ଣ୍ଣବୋଧ/ ଚଇତିର ଚାନ୍ଦ ଫୁଲର ସହରେ ମନକୁ କରଇ ବୋଧ।'' (ମୁଁ ଏକ ଯାଯାବର- ପୃ:୬୯)। ପ୍ରଚ୍ଛଦରେ କବିଙ୍କ କବିତା ସମ୍ପର୍କରେ କୁହାଯାଇଛି- 'ଶବ୍ଦରେ ଚାତୁର୍ଯ୍ୟରେ ସେ ଛଳଛଳ'। ସନେଟ୍‌ଗୁଡ଼ିକରେ ରୋମାଣ୍ଟିକ୍ ଜୀବନ ଅନୁଭବ ରହିଛି, କିନ୍ତୁ ଅନୁଭବର ଗଭୀରତା ଭାଷାରେ ସବୁବେଳେ ଧରାଦେଇନାହିଁ। ତେବେ ସନେଟ୍‌ଗୁଡ଼ିକ ଉପଭୋଗ୍ୟ। ଆଶ୍ୱାସନାର ବିଷୟ ଯେ ପ୍ରଶଂସକ ଓ ନିନ୍ଦୁକ ଉଭୟଙ୍କୁ ସେ ତାଙ୍କ କବିତାରେ ସମଶ୍ରଦ୍ଧାରେ ଆପଣାନ୍ତି। ବହିଟିର 'ଉତ୍ସର୍ଗ' ଏହା ସୂଚାଏ।

### ଓଡ଼ିଆ ଶିଶୁ-ସାହିତ୍ୟର ଭେଟମଣ୍ଡପ




**ଲେଖକ:** ଡ. ମନୀନ୍ଦ୍ର ମହାନ୍ତି
**ପ୍ରକାଶକ:** ଅପର୍ଣ୍ଣା ପ୍ରକାଶନୀ, ନୂଆ ବଜାର, ଭଦ୍ରକ
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ ବହିଟିରେ ଚାରିଟି ପାହାଚ। ପ୍ରଥମ ପାହାଚରେ ଶିଶୁର ଅଧିକାର ଓ ଶିଶୁସାହିତ୍ୟ, ଶିଶୁର ମାନସିକ ବିକାଶରେ ଶିଶୁସାହିତ୍ୟର ଭୂମିକା, ଭଦ୍ରକ ଅଞ୍ଚଳର ଶିଶୁ ଲୋକଗୀତ ଆଦି ଚର୍ଚ୍ଚିତ। ଦ୍ୱିତୀୟ ପାହାଚରେ ନାରୀବାଦୀ ଚିନ୍ତା ଓ ଓଡ଼ିଆ ଶିଶୁସାହିତ୍ୟ, ସାମ୍ପ୍ରତିକ ଓଡ଼ିଆ ଶିଶୁ କବିତାର କଥାବସ୍ତୁ, ଓଡ଼ିଆ ଶିଶୁଗଳ୍ପର ଶୈଳୀ-ସମ୍ପଦ, ଓଡ଼ିଶାରେ ଶିଶୁ ନାଟ୍ୟକଳା ଆଦି ଆଲୋଚିତ। ତୃତୀୟ ପାହାଚରେ ଶିଶୁସାହିତ୍ୟ ଗବେଷଣାର ଆବଶ୍ୟକତା ଓ ଲେଖକଙ୍କ ନିଜ ଗବେଷକ ଜୀବନର କାହାଣୀ ସ୍ଥାନିତ। ଚତୁର୍ଥ ପାହାଚରେ 'ପିଲାଙ୍କ ବଳକା ସମୟ' ଓ 'ଓଡ଼ିଶାରେ ଶିଶୁସାହିତ୍ୟର ଭବିଷ୍ୟତ' ସମ୍ପର୍କରେ ଚିନ୍ତନ ରହିଛି। ଓଡ଼ିଆ ଶିଶୁ କବିତାର ଆଲୋଚନା ପ୍ରସଙ୍ଗରେ ଲେଖକ ବହୁ ଜଣା/ଅଜଣା ଶିଶୁଗୀତର ଉଦାହରଣ ଦେଇଛନ୍ତି ଓ ତା'ର ସମୁଚିତ ତର୍ଜମା କରିଛନ୍ତି। ନିଜ ଜନ୍ମମାଟି ଭଦ୍ରକର ଶିଶୁଗୀତ ତାଙ୍କର ନିଜସ୍ୱ ସନ୍ଧାନ ଓ ସଞ୍ଚୟର ପ୍ରମାଣ ବହନ କରେ। ଉଦାହରଣ: ''କଳା ନାଇଦେବି ନାସି କାଟିକି/ ଭଗାରି ମରିବେ ଛାତି ଫାଟିକି'' ଏବଂ ''ଆସ ଲୋ କୋଇଲି ବଣକୁ ଯିବା/ ପାକଲା ପାକଲା କେନ୍ଦୁ ଖାଇବା/ କଞ୍ଚା କଞ୍ଚା ସବୁ ଫିମ୍ପାଡ଼ିଦେବା/ ମା' ଗାଳିଦେଲେ କିସ କରିବା।'' ଏହିପରି ବହିଟିର ବିଭିନ୍ନ ଛତ୍ରରେ ଡ. ମହାନ୍ତିଙ୍କ ଶିଶୁସାହିତ୍ୟ ଅନ୍ୱେଷଣ ଓ ଆକଳନର ଯେଉଁ ଚିତ୍ର ମିଳେ, ତାହା ପାଠକ ଓ ଗବେଷକଙ୍କ ପାଇଁ ଯେ ଉପଯୋଗୀ, ଏଥିରେ ସନ୍ଦେହ ନାହିଁ।

## କାଳକାଳକୁ

### ''କଳା ଅଭିଯୋଗ, ଅଭିବ୍ୟକ୍ତି ଓ ଆବେଗ''

**- ଗୁଣ୍ଟର୍ ଗ୍ରାସ୍**



**ଗୁଣ୍ଟର୍ ଗ୍ରାସ୍**ଙ୍କ ଜନ୍ମ ୧୬ ଅକ୍ଟୋବର ୧୯୨୭ରେ ଡାନ୍‌ଜିଗ୍ ସହର (ଏବେ ପୋଲାଣ୍ଡ)ରେ ଓ ପରଲୋକ ୧୩ ଏପ୍ରିଲ ୨୦୧୫ରେ ଜର୍ମାନର ଲୁବେକ୍‌ରେ। ସେ ଏକାଧାରରେ ଔପନ୍ୟାସିକ, କବି, ନାଟ୍ୟକାର, ଚିତ୍ରକର ଓ ସ୍ଥପତି। ତାଙ୍କର ପ୍ରସିଦ୍ଧ ରଚନାଗୁଡ଼ିକ ମଧ୍ୟରୁ ପ୍ରମୁଖ କେତୋଟି ହେଲା 'ଦ ଟିନ୍ ଡ୍ରମ୍' (୧୯୫୯), 'କ୍ୟାଟ୍ ଆଣ୍ଡ ମାଉସ୍' (୧୯୬୧), 'ଡଗ୍ ଇୟର୍ସ' (୧୯୬୩) ଓ 'କ୍ରାବ୍‌ୱାକ୍' (୨୦୦୨)। ଜର୍ମାନ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ଜର୍ଜ ବୁଚ୍‌ନର ପୁରସ୍କାର' (୧୯୬୫), 'ରୟାଲ ସୋସାଇଟି ଅଫ୍ ଲିଟରେଚର'ରେ ଅନରାରି ଫେଲୋ (୧୯୯୩) ଓ ସର୍ବୋପରି 'ସାହିତ୍ୟ ପାଇଁ ନୋବେଲ' (୧୯୯୯)। ସେ କହନ୍ତି: ''ଆମେ ଇରାନ୍‌କୁ କିପରି ଆଣବିକ ବୋମା ତିଆରିରୁ କ୍ଷାନ୍ତ କରିପାରିବା, ଯେତେବେଳେ ହିରୋସୀମା ଓ ନାଗାସାକିରେ ପରମାଣୁ ବିସ୍ଫୋରଣ କରି ବି ଆମେରିକା ଯୁଦ୍ଧ-ଅପରାଧୀ ଘୋଷିତ ନୁହେଁ?''

## ମୁଁ ରାଜଧାନୀବାସୀ

**ଶକ୍ତି ଶଙ୍କର ମିଶ୍ର**

ହାସ୍ୟବ୍ୟଙ୍ଗ

ରାଜଧାନୀବାସୀ ମୁଁ ରାଜଧାନୀବାସୀ
ଭିଟାମାଟି ଛାଡ଼ି ଭଡ଼ାଘରେ ଅଛି
ଘରଣୀ କଥାରେ ଆସି ।୦।

ଆପାର୍ଟମେଣ୍ଟରେ ଘର
କେହି ନୁହେଁ ଆପଣାର
କେହି କାହାକୁ ଚିହ୍ନନ୍ତିନି ଏଠି
ସଭିଏଁ ତ ପରବାସୀ
ରାଜଧାନୀବାସୀ ମୁଁ... ।୧।

ନନା ବୋଉ ମୋର ଗାଁରେ
ଶାଶୁ ରହିଛନ୍ତି ପାଖରେ
ଶଳାଶାଳୀ ସଢ଼ୁ ଅବାଧ ରହଣି
ସେମାନେ ତ ଭାରି ଖୁସି
ରାଜଧାନୀବାସୀ ମୁଁ... ।୨।

ମୋ' ଭାଇ ଭଉଣୀଙ୍କ ଠିକଣା
ଜାଣି ବି ମୋ' ପାଇଁ ଅଜଣା
ଅକାଳେ ସକାଳେ ଘରକୁ ଆସିଲେ
ଘରଣୀ ଯାଆନ୍ତି ରୁଷି
ରାଜଧାନୀବାସୀ ମୁଁ... ।୩।

ପୁଅ ପଢ଼େ କନ୍‌ଭେଣ୍ଟରେ
ଇଂରେଜୀ ଝାଡ଼େ ଇନ୍‌ଭେଷ୍ଟରେ
ମତେ ଡାକେ ଡାଡ୍, ମମ୍ ଡାକ ଶୁଣି
ଶ୍ରୀମତୀଙ୍କ ମନ ଖୁସି
ରାଜଧାନୀବାସୀ ମୁଁ... ।୪।

ଘରର ଇଷ୍ଟଙ୍କୁ ଭୁଲି
ଏଠି ଗୁରୁଙ୍କ ଶରଣ ନେଲି
କାନ୍ଥରେ ରଖିଛି ଗୁରୁ ଶ୍ୱଶୁରଙ୍କୁ
ପୂଜୁଛି ଦିବସ ନିଶି
ରାଜଧାନୀବାସୀ ମୁଁ... ।୫।

ଏଠି ଫାଷ୍ଟଫୁଡ୍‌ର ମଜା
ବର୍ଗର ପେଟିସ୍ ପିଜା
ପାରୁନାହିଁ ଭୁଲି ବୋଉ ହାତରନ୍ଧା
ପଖାଳକୁ ଆମ୍ବ କଷି
ରାଜଧାନୀବାସୀ ମୁଁ... ।୬।

ଏ ଗୋଲାମ ନଗରୀ ଭାଇ
ମଣିଷପଣିଆ ନାହିଁ
ଜଗନ୍ନାଥେ ତୁମେ ସାହା ନ ହୋଇଲେ
ମୋ' ସଂସାର ଯାଉଛି ଭାସି
ରାଜଧାନୀବାସୀ ମୁଁ... ।୭।

ମୋ: ୯୯୩୮୦୨୦୦୭୦

## ଅମାନିଆ କରେଣ୍ଟ

**ଲଘୁଗଳ୍ପ** **ତ୍ରିନାଥ ପଟ୍ଟନାୟକ**

ସଞ୍ଜ ନଇଁନଇଁ ଆସୁଛି। ଆଲ୍‌ବମ ସୁନ୍ଦରୀ ମିତା ଆଉ ଗୀତା ଘରକୁ ଫେରୁଛନ୍ତି। ଆଗରେ ନାଳ। ପୋଲ ଭାଙ୍ଗିଯାଇଛି। ନାଳରେ ପଶି ଉପରକୁ ଉଠିବାକୁ ହେବ। ସେମାନଙ୍କ ଉଦ୍ଧତ ଚାଲି ଆଉ ଖିଲିଖିଲି ହସରେ ରାସ୍ତା ଫାଟିପଡୁଥାଏ। ସତରେ ଝିଅଗୁଡ଼ାଙ୍କର ଏହି ନିର୍ଲଜ୍ଜତା ହିଁ ପୁରୁଷଙ୍କୁ ହିଂସ୍ର କରୁଛି। ଯେତେ ଚେଷ୍ଟା କଲେ ସୁଦ୍ଧା ସମାଜ ସୁଧୁରୁନି। ସେ ଦୁହେଁ ନାଳ ଭିତରେ ପଶିଗଲେଣି, ମାତ୍ର ଉଠି ପାରୁନାହାନ୍ତି। ହାଇହିଲ୍ ଚପଲ ତାଙ୍କୁ ଉଠାଇ ଦେଉନାହିଁ।

ବନ୍ଧ ଉପରେ ଠିଆ ହୋଇଛି ଆନନ୍ଦ। ଭଲ ପିଲା। ଗାଈ ଜଗେ। ହାତରେ ଶକ୍ତ ବାଉଁଶ ଠେଙ୍ଗା। ଆନନ୍ଦ ହାତ ବଢ଼ାଇ ଡାକିଲା- ଦିଦି, ମୋ' ହାତ ଧରି ଉପରକୁ ଉଠିଆସ। ସେ ଅନ୍ୟକୁ ସାହାଯ୍ୟ କରିବା ବ୍ୟତୀତ ଅନ୍ୟ କିଛି ମନକୁ ଆଣିନାହିଁ।

ମିତା ହୋ ହୋ ହୋଇ ହସିଉଠିଲା। କହିଲା- ଆନନ୍ଦି! ସାବଧାନ, ହାତ ବଢ଼ାନାଟି କରେଣ୍ଟ ଲାଗିଯିବ।

ଗୀତା ପାଳିଧରି କହିଲା- ବିଚରା ବେହୋସ ହୋଇଯିବୁ। ପୁଣି ମିତା ଓ ଗୀତା ହସିଉଠିଲେ। ଆନନ୍ଦ ବୋକା ଭଳି ଉପରକୁ ଚାହିଁ ରହିଥାଏ। ବୁଝିପାରିଲାନି ଏମାନଙ୍କ ପାଖକୁ କରେଣ୍ଟ କେଉଁଠୁ ଆସିଲା। ଅପାଠୁଆ ସରଳ ଆନନ୍ଦ ମାନ କ'ଣ ଅପମାନ କ'ଣ ଜାଣେ ନାହିଁ। ଘରକୁ ଫେରିଗଲା। ମାଆକୁ ସବୁ କଥା କହିଲା। ମାଆ କ'ଣ ବୁଝିଲା କେଜାଣି। ପୁଅକୁ ବୁଝାଇଦେଲା- ଆନନ୍ଦିଆ, ତୁ ବଢ଼ିଲା ଝିଅଙ୍କ ପାଖ ମାଡ଼ିବୁନି। ସେମାନେ ବିଜୁଳିଖୁଣ୍ଟିର ତାର ଠାରୁ ବି ଆହୁରି ଭୟଙ୍କର। ସମୁଦ୍ର ପାଣିର କରେଣ୍ଟ ଭଳି ଉବୁଟୁବୁ କରାଇଦେବେ।

ଆଉ ଦିନକର କଥା। ରାତି ନ'ଟା ହେବ। ରାସ୍ତାକଡ଼ ଆମ୍ବଗଛ ପାଖରେ କିଏ ଜଣେ ଝିଅ ପାଟି କରୁଥାଏ- 'ବଦମାସ୍, ମୋତେ ଛାଡ଼ିଦେ। ଆଉ ହଇରାଣ କରନା।'

ଆନନ୍ଦ ଘରକୁ ଫେରୁଥାଏ। ଦେଖିଲା କିଏ ଜଣେ ଝିଅଟିକୁ ମାଡ଼ିବସିଛି। ଆନନ୍ଦ ସେଠାରେ ପହଞ୍ଚି ତା'ର ଗାଈଆଳ ଠେଙ୍ଗାରେ ଶକ୍ତ ପାହାରେ ପକାଇଲା। ସେଇ ମାଡ଼ରେ ଟୋକାଟା କେଉଁଆଡ଼େ ଉଭାନ ହୋଇଗଲା। ମାତ୍ର ଝାପ୍‌ସା ଆଲୁଅରେ ଆନନ୍ଦ ଦେଖିପାରିଲା ଟୋକାଟା ପାଖ ଗାଁର ପରମା। ଲୋଫର୍ ଟୋକା ବାପର ପଇସା ବଳରେ ଇନ୍ଦ୍ର ଚନ୍ଦ୍ର କାହାକୁ ମାନେ ନାହିଁ।

ଆନନ୍ଦ ପାଖକୁ ଆସି ଦେଖିଲା ମିତା ଦିଦି। କହିଲା- ମିତାଦିଦି ସେଦିନ କରେଣ୍ଟ ମାରିବ ବୋଲି ମୋତେ ଡରାଇ ଦେଇଥିଲ। ହେଲେ ଆଜି ଦେଖିଲ ତ ବାଉଁଶ ଠେଙ୍ଗାର କରାମତି। ତୁମକୁ ଯେଉଁ କରେଣ୍ଟ ମାରୁଥିଲା ନା ଏ ଠେଙ୍ଗା ନ ଥିଲେ କଦାପି ଛାଡ଼ି ନଥାନ୍ତା। ଏବେ ତୁମ କରେଣ୍ଟ କେଉଁଆଡ଼େ ଗଲା। ଆସ ତୁମକୁ ଘରେ ଛାଡ଼ିଦେଇ ଆସିବି।

ମିତା ଭାବୁଥିଲା ବାସ୍ତବିକ କୁପରିବାହୀ ବାଉଁଶ ଠେଙ୍ଗା ନ ଥିଲେ ତାକୁ କରେଣ୍ଟ ନିଶ୍ଚୟ ମାରିଥାନ୍ତା!

ମୋ: ୯୯୩୭୮୪୦୩୮୭



# ୭ ବର୍ଷ ବ୍ୟବଧାନରେ ହକି ଇଣ୍ଡିଆ ଲିଗ୍



ନୂଆଦିଲ୍ଲୀଠାରେ ଶୁକ୍ରବାର ହକି ଇଣ୍ଡିଆ ଲିଗ୍ ଘୋଷଣା ଅବସରରେ ଏଚ୍‌ଆଇଏଲ୍ କର୍ମକର୍ତ୍ତା ଓ ଅନ୍ୟମାନେ।

- ପ୍ରଥମଥର ପାଇଁ ମହିଳା ବର୍ଗରେ ଏଚ୍‌ଆଇଏଲ୍
- ରାଉରକେଲାରେ ପୁରୁଷ ଓ ରାଞ୍ଚିରେ ମହିଳା ବର୍ଗର ପ୍ରତିଯୋଗିତା
- ଓଡ଼ିଶାର ମହିଳା ଓ ପୁରୁଷ ଦଳ ଭାଗନେବ

ଭୁବନେଶ୍ୱର, ୪।୧୦ (ତପନ ସ୍ୱାଇଁ)

ହକି ପ୍ରେମୀଙ୍କ ପାଇଁ ଖୁସି ଖବର। ଦୀର୍ଘ ୭ ବର୍ଷର ବ୍ୟବଧାନରେ ହେବ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)। କେବଳ ସେତିକି ନୁହେଁ, ଏଥର ପ୍ରଥମଥର ପାଇଁ ମହିଳା ବର୍ଗରେ ମଧ୍ୟ ଅନୁଷ୍ଠିତ ହେବ ଏଚ୍‌ଆଇଏଲ୍। ପୁରୁଷ ବର୍ଗରେ ୮ଟି ଓ ମହିଳାରେ ୬ଟି ଦଳ ଅଂଶଗ୍ରହଣ କରିବେ। ଉଭୟ ମହିଳା ଓ ପୁରୁଷ ବର୍ଗରେ ଓଡ଼ିଶା ଦଳ ରହିବ। ପୁରୁଷ ବର୍ଗରେ ବେଦାନ୍ତ ଏବଂ ମହିଳାରେ ନାଭୋୟମ ସ୍ପୋର୍ଟ୍ସ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ୍ ଓଡ଼ିଶା ଦଳର ଫ୍ରାଞ୍ଚାଇଜ୍ ମାଲିକ ରହିଛନ୍ତି। ଲିଗ୍ ଡିସେମ୍ବର ୨୮ରୁ ଆରମ୍ଭ ହୋଇ ୨୦୨୫ ଫେବୃଆରୀ ୧ ପର୍ଯ୍ୟନ୍ତ ଚାଲିବ। ପୁରୁଷ ବର୍ଗର ପ୍ରତିଯୋଗିତା ରାଉରକେଲା ଓ ମହିଳା ଏଚ୍‌ଆଇଏଲ୍ ରାଞ୍ଚିରେ ଅନୁଷ୍ଠିତ ହେବ ବୋଲି ନୂଆଦିଲ୍ଲୀରେ ଶୁକ୍ରବାର ଇଭେଣ୍ଟ ଲଞ୍ଚ୍ ଅବସରରେ ପ୍ରକାଶ କରାଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ୧୦ ବର୍ଷ ପାଇଁ ଏଚ୍‌ଆଇଏଲ୍‌କୁ ମଞ୍ଜୁରି ପ୍ରଦାନ କରିଛି।

ଏଚ୍‌ଆଇଏଲ୍‌ର ଖେଳାଳି ନିଲାମ ପ୍ରକ୍ରିୟା ଚଳିତ ମାସ ୧୩ରୁ ୧୫ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ମୋଟ ୧୦ ଫ୍ରାଞ୍ଚାଇଜ୍ ମାଲିକ ଏଥିରେ ଅଂଶଗ୍ରହଣ କରିବେ। ଖେଳାଳି ନିଲାମ ୩ କାଟେଗୋରି (୨ ଲକ୍ଷ, ୫ ଲକ୍ଷ, ୧୦ ଲକ୍ଷ)ରେ ହେବ। ପୁରୁଷ ଇଭେଣ୍ଟ ପାଇଁ ଚେନ୍ନାଇର ଫ୍ରାଞ୍ଚାଇଜ୍ ମାଲିକ ହେଲେ ଚାର୍ଲ୍ସ ଗ୍ରୁପ୍। ସେହିପରି ଲକ୍ଷ୍ମୌର ଯାଦୁ ସ୍ପୋର୍ଟ୍ସ, ପଞ୍ଜାବର ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ, ପଶ୍ଚିମବଙ୍ଗର ଶ୍ରାଚି ସ୍ପୋର୍ଟ୍ସ, ଦିଲ୍ଲୀର ଟେନିସ କିମ୍ବଦନ୍ତୀ ମହେଶ ଭୂପତିଙ୍କ ମାଲିକାନାରେ ଥିବା ଏସ୍‌ଜି ସ୍ପୋର୍ଟ୍ସ ଆଣ୍ଡ ଏଣ୍ଟରଟେନମେଣ୍ଟ, ଓଡ଼ିଶାର ବେଦାନ୍ତ, ହାଇଦ୍ରାବାଦର ରିସୋଲ୍ୟୁଟ ସ୍ପୋର୍ଟ୍ସ ଏବଂ ରାଞ୍ଚିର ନଭୋୟମ ସ୍ପୋର୍ଟ୍ସ ଭେଞ୍ଚର୍ସ। ସେହିପରି ମହିଳା ଇଭେଣ୍ଟ ପାଇଁ ଫ୍ରାଞ୍ଚାଇଜ୍ ମାଲିକ ହେଲେ ହରିୟାଣାର ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ, ପଶ୍ଚିମବଙ୍ଗର ଶ୍ରାଚି ସ୍ପୋର୍ଟ୍ସ, ଦିଲ୍ଲୀର ଏସ୍‌ଜି ସ୍ପୋର୍ଟ୍ସ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ଏବଂ ଓଡ଼ିଶାର ନଭୋୟମ ସ୍ପୋର୍ଟ୍ସ ଭେଞ୍ଚର୍ସ। ମହିଳା ଲିଗ୍‌ରେ ଅବଶିଷ୍ଟ ୨ ଫ୍ରାଞ୍ଚାଇଜ୍ ମାଲିକଙ୍କ ନାମ ପରେ ଘୋଷଣା କରାଯିବ।

ପ୍ରତି ଫ୍ରାଞ୍ଚାଇଜ୍ ଦଳରେ ୨୪ ଜଣ ଲେଖାଏ ଖେଳାଳି ରହିବେ। ଏହା ମଧ୍ୟରେ ୧୬ ଭାରତୀୟ (୪ ଜୁନିୟରଙ୍କ ସମେତ) ଓ ୮ ଅନ୍ତର୍ଜାତୀୟ ଖେଳାଳି ସାମିଲ। ମହିଳା ଏଚ୍‌ଆଇଏଲ୍‌ର ଫାଇନାଲ ରାଞ୍ଚିରେ ୨୦୨୫ ଜାନୁଆରୀ ୨୬ରେ ଅନୁଷ୍ଠିତ ହେବ। ପୁରୁଷ ଏଚ୍‌ଆଇଏଲ୍ ଫାଇନାଲ ଫେବୃଆରୀ ୧ରେ ରାଉରକେଲାରେ ଖେଳାଯିବ। ''ହକି ଇଣ୍ଡିଆର ଦାୟିତ୍ୱ ନେବାପରେ ଏଚ୍‌ଆଇଏଲ୍‌କୁ ପୁନରୁଜ୍ଜୀବିତ କରିବାକୁ ଯେଉଁ ସ୍ୱପ୍ନ ଦେଖିଥିଲି ତାହା ସାକାର ହେବାକୁ ଯାଉଛି। ଏହି ଲିଗ୍ ଜାତୀୟ ଦଳକୁ ଖେଳାଳି ଯୋଗାଇବାରେ ସହାୟକ ହେବ। ନୂଆ ରୂପରେ ଏଥର ଏହା ଇତିହାସ ରଚିବାକୁ ଯାଉଛି। ବିଶ୍ୱ ହକିପାଇଁ ଏଚ୍‌ଆଇଏଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତିଯୋଗିତା ପାଇଁ ୩୫ ଦିନର ୱିଣ୍ଡୋ ଦେଇଥିବାରୁ ଆମେ ଅନ୍ତର୍ଜାତୀୟ ହକି ଫେଡେରେଶନ ନିକଟରେ କୃତଜ୍ଞ'' ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ନୂଆଦିଲ୍ଲୀରେ ଇଭେଣ୍ଟ ଶୁଭାରମ୍ଭ ଅବସରରେ ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ସମ୍ପାଦକ ଭୋଳା ନାଥ ସିଂ ମଧ୍ୟ ଦିଲୀପଙ୍କ ସହ ଏକମତ ହୋଇଛନ୍ତି। ଆମେ ହକି ଇଣ୍ଡିଆ ଦାୟିତ୍ୱ ନେବାର ପ୍ରଥମ ଦିନରୁ ହିଁ ଏହା ଚିନ୍ତା କରିଥିଲୁ। ଆମକୁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼ିଛି। ଭାରତରେ ହକି କେବଳ ଏକ କ୍ରୀଡ଼ା ନୁହେଁ, ଏହା ଆମ ହୃଦୟ ସହ ଓତପ୍ରୋତଭାବେ ଜଡ଼ିତ ବୋଲି ଭୋଳାନାଥ କହିଛନ୍ତି। ଓଡ଼ିଶା ସରକାର ୨୦୩୬ ପର୍ଯ୍ୟନ୍ତ ଭାରତୀୟ ହକି ସହ ପ୍ରାୟୋଜକ ଅବଧିକୁ ବୃଦ୍ଧି କରିଛନ୍ତି ବୋଲି ଏହି ଅବସରରେ ଭୋଳାନାଥ ସ୍ପଷ୍ଟ କରିଛନ୍ତି।

ହକି ଇଣ୍ଡିଆ ଲିଗ୍ ପ୍ରତ୍ୟାବର୍ତ୍ତନ ଦ୍ୱାରା କେବଳ ଯେ ହକିରେ ନୂଆ ଯୁଗର ସୂତ୍ରପାତ ହୋଇଛି ତା' ନୁହେଁ ମହିଳା ହକିକୁ ପ୍ରମୋଟ କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ। ସିନିୟର ଓ ଜୁନିୟର ମହିଳା ଖେଳାଳିମାନେ ସେମାନଙ୍କ ଦକ୍ଷତା ପ୍ରତିପାଦନ ପାଇଁ ଏକ ବଡ଼ ପ୍ଲାଟଫର୍ମ ପାଇବେ। ଫଳରେ ଭାରତୀୟ ହକି ଅଧିକ ସମୃଦ୍ଧ ହୋଇପାରିବ।

ଏଚ୍‌ଆଇଏଲ୍‌ର ଉଦ୍‌ଘାଟନୀ ସମାରୋହ ଡିସେମ୍ବର ୨୮ରେ ରାଉରକେଲାରେ ଅନୁଷ୍ଠିତ ହେବ। ମହିଳା ଏଚ୍‌ଆଇଏଲ୍ ମ୍ୟାଚଗୁଡ଼ିକ ରାଞ୍ଚିର ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ ଏବଂ ପୁରୁଷ ବର୍ଗର ମ୍ୟାଚଗୁଡ଼ିକ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତି ମ୍ୟାଚରୁ ଫଳାଫଳ ବାହାର କରାଯିବ। ମ୍ୟାଚ ଟାଇ ରହିଲେ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯିବ।

''ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଓଡ଼ିଶା ସହିତ ଆମର ନିବିଡ଼ ସମ୍ପର୍କ ରହିଛି। ଜାତୀୟ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। ଆମେ ପୂର୍ବରୁ କଳିଙ୍ଗ ଲାନ୍ସର୍ସ ଦଳ ସହିତ ଜଡ଼ିତ ରହିବାର ସୁଯୋଗ ପାଇଥିଲୁ। ଗତଥର କଳିଙ୍ଗ ଲାନ୍ସର୍ସ ପରି ଆମେ ଆଗାମୀ ଦିନରେ ଇତିହାସ ସୃଷ୍ଟି କରିବାକୁ ଆବଶ୍ୟକ ପଦକ୍ଷେପ ନେବୁ। ଆମେ ରାଜ୍ୟ ସରକାର ଏବଂ ଲିଭିଙ୍ଗ୍ ଲିଜେଣ୍ଡମାନଙ୍କ ସହଯୋଗ ଏବଂ ମାର୍ଗଦର୍ଶନରେ କାର୍ଯ୍ୟ କରିବୁ'' ବୋଲି ବେଦାନ୍ତ ଲିମିଟେଡ୍‌ର ସିଓଓ ମାଇନ୍ସ ନୀତୀନ ତିୱାରୀ ପ୍ରକାଶ କରିଛନ୍ତି। ସେହିପରି ନଭୋୟମ ସ୍ପୋର୍ଟ୍ସ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ଶ୍ରୀବାସ୍ତବ କହିଛନ୍ତି ଯେ, ''ହକି ଭାରତର ଏକ ଭାବପ୍ରବଣ କ୍ରୀଡ଼ା ଏବଂ ଏବେ ଏଥିରେ ବିପ୍ଳବ ଆଣିବାର ସମୟ। ଲିଗ୍‌ରେ ୧୪ଟି ଦଳ ଭାଗ ନେଇଛନ୍ତି। ସମୟ ପରିବର୍ତ୍ତନ ହୋଇଛି। ଯଦି ହକି ଇଣ୍ଡିଆ ଲିଗ୍ ସହିତ ଯୁବବର୍ଗ ଯୋଡ଼ି ହେଉଛନ୍ତି ତେବେ ତାହାଠାରୁ ଭଲ ଆଉ କିଛି ନାହିଁ। ଆମେ ଓଡ଼ିଶା ମହିଳା ହକି ଦଳର ଦାୟିତ୍ୱ ନେଇଛୁ। ତେଣୁ ଲୋଗୋ ଏବଂ ଦଳର ନାମ ମଧ୍ୟ ଓଡ଼ିଶା ସହ ସମ୍ପୃକ୍ତ ରହିବ''।

### ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳ ଓ ମାଲିକ

**ପୁରୁଷ**
ଚେନ୍ନାଇ: ଚାର୍ଲ୍ସ ଗ୍ରୁପ୍
ଲକ୍ଷ୍ମୌ: ଯାଦୁ ସ୍ପୋର୍ଟ୍ସ
ପଞ୍ଜାବ:ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ
ପଶ୍ଚିମବଙ୍ଗ: ଶ୍ରାଚି ସ୍ପୋର୍ଟ୍ସ
ଦିଲ୍ଲୀ: ଏସ୍‌ଜି ସ୍ପୋର୍ଟ୍ସ ଆଣ୍ଡ ଏଣ୍ଟରଟେନମେଣ୍ଟ
ଓଡ଼ିଶା: ବେଦାନ୍ତ ଲିମିଟେଡ
ହାଇଦ୍ରାବାଦ: ରିସୋଲ୍ୟୁଟ ସ୍ପୋର୍ଟ୍ସ
ରାଞ୍ଚି: ନଭୋୟମ ସ୍ପୋର୍ଟ୍ସ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ

**ମହିଳା**
ହରିୟାଣା: ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ
ପଶ୍ଚିମବଙ୍ଗ: ଶ୍ରାଚି ସ୍ପୋର୍ଟ୍ସ
ଦିଲ୍ଲୀ: ଏସ୍‌ଜି ସ୍ପୋର୍ଟ୍ସ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ
ଓଡ଼ିଶା: ନଭୋୟମ ସ୍ପୋର୍ଟ୍ସ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ
(ମହିଳା ଲିଗ୍‌ରେ ଅବଶିଷ୍ଟ ୨ ଫ୍ରାଞ୍ଚାଇଜ୍ ମାଲିକଙ୍କ ନାମ ପରେ ଘୋଷଣା କରାଯିବ)।

# ଶରଦ କୁମାର ବିସିସିଆଇ ଦୁର୍ନୀତି ନିବାରଣ ୟୁନିଟ୍‌ର ମୁଖ୍ୟ

ନୂଆଦିଲ୍ଲୀ, ୪।୧୦ (ପି.ଟି.)



ଚାରିବର୍ଷ ଧରି ଆତଙ୍କବାଦୀ ନିରୋଧୀ ସଂଗଠନ ଏନ୍‌ଆଇଏର ମୁଖ୍ୟ ଭାବେ କାର୍ଯ୍ୟକରିଥିବା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଶରଦ କୁମାରଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦୁର୍ନୀତି ନିବାରଣ ୟୁନିଟ୍‌ର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିବ। ସେପ୍ଟେମ୍ବର ୨୯ରେ ବିସିସିଆଇ ବାର୍ଷିକ ସାଧାରଣ ବୈଠକରେ ତାଙ୍କୁ ମନୋନୀତ କରାଯାଇଥିବା ବୋର୍ଡ କହିଛି। ଶରଦ ହେଉଛନ୍ତି ୧୯୭୯ ବ୍ୟାଚର ଜଣେ ହରିୟାଣା କ୍ୟାଡର ଆଇପିଏସ୍ ଅଫିସର। ସେ ୨୦୧୩ରୁ ୨୦୧୭ ଜାତୀୟ ତଦନ୍ତକାରୀ ଏଜେନ୍ସିର ମୁଖ୍ୟ ରହିଥିଲେ। ସେ କେ.କେ. ମିଶ୍ରଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ, ଯିଏ କି ଜଣେ ହରିୟାଣା କ୍ୟାଡର ଆଇପିଏସ୍ ଅଫିସର। ମିଶ୍ର ଗତବର୍ଷ ନିଯୁକ୍ତି ପାଇଥିଲେ। ମାତ୍ର ସେ କୌଣସି କାରଣରୁ ତାଙ୍କ କାର୍ଯ୍ୟକାଳ ଶେଷ କରିପାରି ନ ଥିଲେ। ଏନ୍‌ଆଇଏରେ କାର୍ଯ୍ୟ କରିବା ପରେ ଶରଦ ୨୦୧୮ ଜୁନ୍‌ରୁ ୨୦୨୦ ଏପ୍ରିଲ ପର୍ଯ୍ୟନ୍ତ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନରେ ଭିଜିଲାନ୍ସ କମିଶନର ଭାବେ କାର୍ଯ୍ୟ କରିଥିଲେ। ସେ ଆହୁରି ମଧ୍ୟ କିଛି ସମୟ ପାଇଁ କାମଚଳା ଭିଜିଲାନ୍ସ କମିଶନର ଭାବେ କାର୍ଯ୍ୟ କରିଥିଲେ।

# ଫ୍ରିଷ୍ଟାଇଲ ଚେସ୍: ଗର୍ବିତ, ଆଶିଷ ବିଜେତା

ଭୁବନେଶ୍ୱର, ୪।୧୦ (ତପନ ସ୍ୱାଇଁ)

ଏସ.ଆର. ଚେସ୍ ସେଣ୍ଟର ଆନୁକୂଲ୍ୟରେ ଓଡ଼ିଶାରେ ପ୍ରଥମଥର ପାଇଁ ଫ୍ରିଷ୍ଟାଇଲ (୯୬୦) ଚେସ୍ ପ୍ରତିଯୋଗିତା ସ୍ଥାନୀୟ ବୋକା କାଫେରେ ଅନୁଷ୍ଠିତ ହୋଇଯାଇଛି। ଏହାର ଜୁନିୟର ବର୍ଗରେ ଗର୍ବିତ ସରାଓ୍ୱଗି ଚାମ୍ପିୟନ ଓ ଭର୍ଣ୍ଣିତ ସରାଓ୍ୱଗି ରନରଅପ୍ ହୋଇଥିବାବେଳେ ଅଭିଜ୍ଞ ଗୁପ୍ତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ଗ୍ରୁପ୍‌ରେ ଗ୍ରୁପ୍ ଜି ଏମ୍‌ଡି ଆଶିଷ ଗର୍ଗ ଚାମ୍ପିୟନ, ଜିପିଆଇଏଲ୍ ନିର୍ଦ୍ଦେଶକ ଅଭିଷେକ ଗୁପ୍ତା ରନରଅପ୍ ଏବଂ କଣ୍ଡୋଇ ଲଜିଷ୍ଟିକ୍ସର ନିର୍ଦ୍ଦେଶକ ରାଘବ କଣ୍ଡୋଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପୂଜା ଗୁପ୍ତା ଓ ନମ୍ରତା ଅଗ୍ରୱାଲ ପୁରସ୍କାର ବିତରଣ କରିଥିଲେ। ଏସ୍‌ଆର ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ଓ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା।



ଫ୍ରିଷ୍ଟାଇଲ୍ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ।

# ଡିଭାଇନ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ

**ମହିଳା ଟି୨୦ ବିଶ୍ୱକପ**

ଦୁବାଇ, ୪।୧୦

ମହିଳା ଟି୨୦ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଭାରତ ବିପକ୍ଷ ମ୍ୟାଚରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୧୬୦ ରନ କରିଛି। ଅଧିନାୟିକା ସୋଫି ଡିଭାଇନ୍ ଅପରାଜିତ ଅର୍ଦ୍ଧଶତକ ହାସଲ କରି ନ୍ୟୁଜିଲାଣ୍ଡକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଭାରତ ୭ ଓଭରରେ ୩ ଉଇକେଟ ହରାଇ ୪୫ ରନ ସଂଗ୍ରହ କରିଛି।

ଟସ୍ ଜିତି ବ୍ୟାଟିଂ ନେଇଥିବା ନ୍ୟୁଜିଲାଣ୍ଡ ଓପନିଂ ଯୋଡ଼ିରେ ୬୭ ରନ ଯୋଗକରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଓପନର ସୁଜି ବେଟ୍ସ ୨୭ ଓ ଜର୍ଜିଆ ପ୍ଲିମେର ୩୪ ରନ କରିଥିଲେ। ଆମେଲିକା କେର ଯଦିଓ ୧୩ ରନକରି ଆଉଟ ହୋଇ ଯାଇଥିଲେହେଁ ସୋଫି ଡିଭାଇନ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ଭଲ ସ୍କୋର କରି ପାରିଥିଲା। ଡିଭାଇନ୍ ୩୬ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ସହାୟତାରେ ୫୭ ରନକରି ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରେଣୁକା ସିଂ ୨ଟି ଏବଂ ଅରୁନ୍ଧତୀ ରେଡ୍ଡୀ ଓ ଆଶା ଶୋଭନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ସୋଫି ଡିଭାଇନ୍।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୬୦/୪ (ସୋଫି ଡିଭାଇନ-୫୭*, ଜର୍ଜିଆ ପ୍ଲିମେର-୩୪, ସୁଜି ବେଟ୍ସ-୨୭, ରେଣୁକା ସିଂ-୨/୨୭, ଅରୁନ୍ଧତୀ ରେଡ୍ଡୀ-୧/୨୮, ଆଶା ଶୋଭନା-୧/୨୨)।

# ବାଳକ ଓ ବାଳିକା ଦଳ କ୍ୱାର୍ଟରଫାଇନାଲରେ

ଭୁବନେଶ୍ୱର, ୪।୧୦ (ବିଜୟ ରଣା)

ହାଇଦ୍ରାବାଦରେ ଚାଲିଥିବା ୩୪ତମ ଜାତୀୟ ଜୁନିୟର ଥ୍ରୋ ବଲ୍ ପ୍ରତିଯୋଗିତାର ଉଭୟ ବାଳିକା ଓ ବାଳକ ବିଭାଗରେ ଓଡ଼ିଶା କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ବାଳକ ବିଭାଗରେ ଓଡ଼ିଶା ପ୍ରଥମେ ମଧ୍ୟ ପ୍ରଦେଶ ବିପକ୍ଷରେ ୨-୧ ସେଟ୍‌ରେ ବିଜୟ ଲାଭ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଛତିଶଗଡ଼କୁ ୨-୦ସେଟ୍‌ରେ ଏବଂ ତୃତୀୟ ମ୍ୟାଚରେ କେରଳକୁ ସମାନ ୨-୦ ସେଟ୍‌ରେ ପରାସ୍ତ କରିଥିଲା। ଦଳ ଏହାର ଚତୁର୍ଥ ମ୍ୟାଚ ଆନ୍ଧ୍ର ପ୍ରଦେଶଠାରୁ ୧-୨ରେ ପରାଜିତ ହୋଇଥିଲେ ମଧ୍ୟ ନିଜ ପୁଲ୍‌ରେ ତିନୋଟି ମ୍ୟାଚ ଜିତିଥିବାରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଛି।

# ଯୋଗଦେଲେ ୫ହଜାର ଖେଳାଳି

**କିସ୍‌ରେ ଭଲିବଲ ମହୋତ୍ସବ ଉଦ୍‌ଘାଟିତ**

ଭୁବନେଶ୍ୱର, ୪।୧୦

କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ୍ ସଂଘ ମିଳିତ ଆନୁକୂଲ୍ୟରେ ବିଶ୍ୱର ସର୍ବବୃହତ୍ ଭଲିବଲ ପ୍ରତିଯୋଗିତା 'କିସ୍ ଭଲିବଲ ମହୋତ୍ସବ' ଶୁକ୍ରବାର କିସ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସର୍ବାଧିକ ୫ ହଜାର ଖେଳାଳିଙ୍କୁ ନେଇ ଏହି ଐତିହାସିକ ଭଲିବଲ ମହୋତ୍ସବ ଆୟୋଜନ କରାଯାଇଛି। ଆନ୍ତର୍ଜାତିକ ଭଲିବଲ ସଂଘ 'ଏଫ୍‌ଆଇଭିବି'ର ସଭାପତି ଡ. ଆରି ଗ୍ରାସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇଦ୍ରାବାଦସ୍ଥିତ ଆମେରିକା କନସଲ୍ ଜେନେରାଲ୍ ଜେନିଫର ଲାର୍ସନ, ଏଫ୍‌ଆଇଭିବି ଜେନେରାଲ୍ ଡାଇରେକ୍ଟର ଫାବିଓ ଆଜେଭେଦୋ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଯୋଗଦେଇଥିଲେ। ଖେଳାଳିଙ୍କୁ ଉଦ୍‌ବୋଧନ ଦେଇ ଡ. ଗ୍ରାସା କହିଲେ, ଭଲିବଲ ଜରିଆରେ ଏଫ୍‌ଆଇଭିବି ସମାଜର ସେବା କରିବା ପାଇଁ ଲକ୍ଷ୍ୟ ରଖିଛି। କିସ୍ ଭଲିବଲ ମହୋତ୍ସବ ଜରିଆରେ ଏଫ୍‌ଆଇଭିବିର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ ନିମନ୍ତେ ସର୍ବାଧିକ ଖେଳାଳିଙ୍କୁ ନେଇ ଭଲିବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ଅବସରରେ ଓଡ଼ିଶା ତଥା ଭାରତରେ ଭଲିବଲ ବିକାଶ ପାଇଁ କିସ୍ ଏଫ୍‌ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହାଦ୍ୱାରା କିସରେ ଥିବା ଭଲିବଲ ଭିତ୍ତିଭୂମିକୁ ଉପଯୋଗ କରି ବହୁ ସଂଖ୍ୟକ ଭଲିବଲ ଖେଳାଳି ସୃଷ୍ଟି ହୋଇପାରିବ। ଏଥିସହିତ ଭଲିବଲ ଖେଳାଳିଙ୍କ ପ୍ରୋତ୍ସାହନ ନିମନ୍ତେ କିଟ୍ ଓ କିସ୍ ପକ୍ଷରୁ 'ସାମନ୍ତ-ଗ୍ରାସା' ମେଧାବୃତ୍ତି ଘୋଷଣା କରାଯାଇଥିଲା। ଏହାଦ୍ୱାରା ଭଲ ପ୍ରଦର୍ଶନ କରୁଥିବା ବିଶ୍ୱର ୨/୩ଜଣ ଭଲିବଲ୍ ଖେଳାଳିଙ୍କୁ କିଟ୍ ଓ କିସ୍ ପକ୍ଷରୁ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷା ପାଇଁ ପୃଷ୍ଠପୋଷକତା ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ।



କିସ୍‌ରେ ଶୁକ୍ରବାର ଉଦ୍‌ଘାଟିତ ଭଲିବଲ ମହୋତ୍ସବର ପ୍ରଥମ ଦିବସରେ ଉପସ୍ଥିତ ଖେଳାଳିମାନେ।

# ମିଡଲ ଅର୍ଡରର ବିପର୍ଯ୍ୟୟ ଘଟାଇଲେ ମୁମ୍ବାଇ ସ୍ପିନର

ଲକ୍ଷ୍ମୌ, ୪।୧୦ (ପି.ଟି.)

ଅବଶିଷ୍ଟ ଭାରତ ଏକାଦଶ ବିପକ୍ଷ ଇରାନୀ ଟ୍ରଫି ମ୍ୟାଚରେ ସ୍ଥାନୀୟ ଇକାନା କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଇରାନୀ ଟ୍ରଫିର ଚତୁର୍ଥ ଦିବସ ଖେଳରେ ମୁମ୍ବାଇ ସ୍ପିନ ବୋଲର ଶାମ୍ସ ମୁଲାନୀ (୩/୧୨୨) ଓ ତନୁଶ କୋଟିଆନ (୩/୧୦୧) ଚମତ୍କାର ବୋଲିଂ କରି ଅବଶିଷ୍ଟ ଭାରତ ଏକାଦଶ ମିଡଲ ଅର୍ଡରରେ ବିପର୍ଯ୍ୟୟ ଘଟାଇଛନ୍ତି। ମୁମ୍ବାଇର ପ୍ରଥମ ଇନିଂସ ସ୍କୋର ୫୩୭ରନ ଜବାବରେ ପୂର୍ବଦିନର ଅସମାପ୍ତ ସ୍କୋର ୨୮୯/୪ରୁ ଖେଳ ଆରମ୍ଭ କରିଥିବା ଅବଶିଷ୍ଟ ଭାରତ ଏକାଦଶ ମାତ୍ର ୨୩ ରନରେ ଏହା ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ତେବେ ଅଭିମନ୍ୟୁ ଈଶ୍ୱରନ ଲଢୁଆ ୧୯୧ ଏବଂ ଟେଷ୍ଟ ଦଳର ଦ୍ୱିତୀୟ ଉଇକେଟକିପର ଧ୍ରୁବ ଜୁରେଲ (୯୩) ୫ମ ଉଇକେଟରେ ୧୬୫ ରନ ଯୋଗ କରିଥିଲେ। ଫଳରେ ଅବଶିଷ୍ଟ ଭାରତ ଏକାଦଶ ଏହାର ପ୍ରଥମ ଇନିଂସରେ ୪୧୬ ରନ କରିପାରିଥିଲା। ଜବାବରେ ପ୍ରଥମ ଇନିଂସରେ ୧୨୧ରନ ଅଗ୍ରଣୀ ଲାଭ କରିଥିବା ମୁମ୍ବାଇ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ଶୁକ୍ରବାର ଖେଳ ଶେଷ ସୁଦ୍ଧା ୬ ଉଇକେଟ ହରାଇ ୧୫୩ ରନ କରିବା ସହ ହାତରେ ଆଉ ୪ ଉଇକେଟ ଥାଇ ମୋଟ ଉପରେ ୨୭୪ରନ ଅଗ୍ରଣୀ ଲାଭ କରିପାରିଛି। ଅବଶିଷ୍ଟ ଭାରତ ଏକାଦଶ ଦଳର ଅଫ୍ ସ୍ପିନର ସାରାଂଶ ଜୈନ (୧୮ ଓଭରରେ ୪/୬୭) ଓ ବାମହାତୀ ସ୍ପିନର ମାନବ ସୁଥର (୧୭ ଓଭରରେ ୨/୪୦) ଦ୍ୱିତୀୟ ଇନିଂସରେ ଚମତ୍କାର ବୋଲିଂ କରି ମୁମ୍ବାଇ ବ୍ୟାଟିଂରେ ଅଙ୍କୁଶ ଲଗାଇବାରେ ସମର୍ଥ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ: ୫୩୭ ଓ ୧୫୩/୬ (ପୃଥ୍ୱୀ ଶ'-୭୬, ସାରାଂଶ ଜୈନ-୪/୬୭)।
ଅବଶିଷ୍ଟ ଭାରତ ଏକାଦଶ: ୪୧୬ (ଅଭିମନ୍ୟୁ ଈଶ୍ୱରନ-୧୯୧, ଧ୍ରୁବ ଜୁରେଲ-୯୩, ଶମ୍ସ ମୁଲାନୀ-୩/୧୨୨, ତନୁଶ କୋଟିଆନ-୩/୧୦୧)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୫/୨୦୨୪ (୧୨+୮= ୨୦ ପୃଷ୍ଠା) | Bhubaneswar, Saturday, October 5/2024 | Page 20 | ପୃଷ୍ଠା-୧ | ₹ 7.00 | BALASORE

# ନବଜାତକଙ୍କୁ ପୋଲରୁ ୬୦ ଫୁଟ ତଳକୁ ଫିଙ୍ଗିଦେଲେ

ଉଦଳା, ୪।୧୦(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଅଠଣଗାଁ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁ ଦେଇ ପ୍ରବାହିତ ସୋନ ନଦୀ ପୋଲ ତଳୁ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ଶିଶୁଟିକୁ କେହି ଏକ ବ୍ୟାଗରେ ପୂରାଇ ପୋଲ ଉପରୁ ୬୦ ଫୁଟ୍ ତଳକୁ ଫିଙ୍ଗି ଦେଇଥିବା ବେଳେ ରଖେ ହରି ମାରେ କିଏ ନ୍ୟାୟରେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ଶିଶୁପୁତ୍ରକୁ ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ ସିଡବ୍ଲୁସି ସହାୟତାରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଉଦ୍ଧାର ଶିଶୁ ପୁତ୍ରକୁ କୋଳେଇ ନେବାକୁ ଉଦଳା ଡାକ୍ତରଖାନାରେ ଲୋକେ ଭିଡ଼ ଜମାଇବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଶିଶୁପୁତ୍ରକୁ ସିଡବ୍ଲୁସି ନିଜ ହେପାଜତକୁ ନେଇଥିଲା।

ସୂଚନା ଅନୁଯାୟୀ, ଶୁକ୍ରବାର ସୋନନଦୀରେ କେତେଜଣ ମହିଳା ଗାଧୋଉଥିବା ବେଳେ କେହି ଜଣେ ପୋଲ ଉପରୁ ତଳକୁ ଏକ ବ୍ୟାଗ ଫିଙ୍ଗିଥିବା ଦେଖିଥିଲେ। ବ୍ୟାଗଟି ତଳେ ପଡ଼ିବା ପରେ ତାହା ମଧ୍ୟରୁ ଛୋଟ ପିଲାର କାନ୍ଦ ଶୁଣିବାକୁ ପାଇଥିଲେ। ସେମାନେ ପାଖକୁ ଆସି ବ୍ୟାଗ ଭିତରେ ଖବରକାଗଜରେ ଗୁଡ଼ା ଯାଇ ନବଜାତ ଶିଶୁପୁତ୍ର ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକେ ☞ ପୃଷ୍ଠା–୩



ମୁମ୍ବାଇସ୍ଥିତ ମହାରାଷ୍ଟ୍ର ସଚିବାଳୟ ତୃତୀୟ ମହଲାରୁ ସୁରକ୍ଷା ଜାଲକୁ ଶୁକ୍ରବାର ବିଧାନସଭା ବାଚସ୍ପତି ନରହରି ଜିରୱାଲଙ୍କ ସହ ଦୁଇ ବିଧାୟକ ଓ ଜଣେ ଏମ୍‌ପି ଡେଇଁଛନ୍ତି।

# ମରିବେନି ଜାଣି ଡେଇଁଲେ

ମୁମ୍ବାଇ,୪।୧୦

ମହାରାଷ୍ଟ୍ର ବିଧାନସଭା ଉପବାଚସ୍ପତି ନରହରି ଜିରୱାଲଙ୍କ ସହ ଜଣେ ବିଧାୟକ ଏବଂ ଏମ୍‌ପି ଧାଙ୍ଗର ସମୁଦାୟକୁ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ତାଲିକାରେ ଅନ୍ତର୍ଭୁକ୍ତ କରିବା ଦାବି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଇ ସଚିବାଳୟର ତୃତୀୟ ମହଲା ଉପରୁ ଡେଇଁଛନ୍ତି। ସେମାନଙ୍କ ସହ ଆଉ ଜଣେ ନେତା ମଧ୍ୟ ସେଫ୍ଟି ନେଟ୍‌କୁ ଡେଇଁ ପଡ଼ିଛନ୍ତି। ତେବେ ସଚିବାଳୟରେ ୨୦୧୮ରେ ଆତ୍ମହତ୍ୟା ରୋକିବା ପାଇଁ ଏହାର ଏକ ମହଲା ତଳେ ଟଣାଯାଇଥିବା ଜାଲରେ ପଡ଼ି ସେମାନେ ବର୍ତ୍ତିଯାଇଛନ୍ତି। ୩ ଆଦିବାସୀ ନେତା ସୁରକ୍ଷିତ ଅଛନ୍ତି।

ମୁମ୍ବାଇସ୍ଥିତ ମହାରାଷ୍ଟ୍ର ମନ୍ତ୍ରାଳୟ କମ୍ପ୍ଲେକ୍ସରେ ଶୁକ୍ରବାର ହାଇଡ୍ରାମା ଦେଖିବାକୁ ମିଳିଛି। ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଏବଂ ଅଜିତ ପାୱାର କ୍ୟାବିନେଟ୍ ବୈଠକ କରିଥିଲେ। ଅପରାହ୍ନ ୧୨ଟା ୪୦ରେ ୬ ମହଲା ବିଶିଷ୍ଟ ଉକ୍ତ କମ୍ପ୍ଲେକ୍ସରେ ଆଦିବାସୀ ବ୍ୟାପାରରେ ମହାୟୁତି ସରକାରଙ୍କ ପରିଚାଳନା ପ୍ରସଙ୍ଗକୁ ନେଇ କ୍ଷୁବ୍ଧ ନେତାମାନେ ଏକତ୍ରିତ ହୋଇଥିଲେ। ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସଦସ୍ୟ ତଥା ଉପବାଚସ୍ପତି ଜିରୱାଲ, ଦଳୀୟ ବିଧାୟକ ଲହମାତେ ଏବଂ ଭାଜପା ଏମ୍‌ପି ହେମନ୍ତ ସଭରା ତୃତୀୟ ଫ୍ଲୋର୍‌ରୁ ଦ୍ୱିତୀୟ ମହଲାରେ ଥିବା ସେଫ୍ଟି ନେଟ୍‌କୁ ଡେଇଁ ପଡ଼ିଥିଲେ। ପୋଲିସ ସେମାନଙ୍କୁ ☞ ପୃଷ୍ଠା–୩

# ଆଜି ନିଯୁକ୍ତି ପାଇବେ ୧୬ହଜାର କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

## ମାର୍ଗଦର୍ଶନ ଦେବେ ମୁଖ୍ୟମନ୍ତ୍ରୀ



ରାଜ୍ୟର ବିଭିନ୍ନ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୧୬ହଜାର ୯ଜଣ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶନିବାର ନିଯୁକ୍ତିପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ନିଯୁକ୍ତି ସମାରୋହ ଓ ନବନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମାର୍ଗଦର୍ଶନ କରାଇବେ। କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଉଲ୍ଲେଖଯୋଗ୍ୟ, ଚୟନ ହୋଇଥିବା ୧୬ହଜାର ୯ ଜଣ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରୁ ଅନୁଗୋଳ ଜିଲାରେ ୪୨୪ଜଣ, ବାଲେଶ୍ୱର ୬୦୦ଜଣ, ବରଗଡ଼ ୪୭୯ଜଣ, ଭଦ୍ରକ ୨୬୦ଜଣ, ବଲାଙ୍ଗୀର ୧୦୮୦ଜଣ, ବୌଦ୍ଧ ୬୫ଜଣ, କଟକ ୮୯୩ଜଣ, ଦେବଗଡ଼ ୨୧ଜଣ, ଢେଙ୍କାନାଳ ୫୮୩ଜଣ, ଗଜପତି ୧୩ଜଣ, ଗଞ୍ଜାମ ୧୨୬୪ଜଣ, ଜଗତ୍‌ସିଂହପୁର ୮୮ଜଣ, ଯାଜପୁର ୮୭୨ଜଣ, ଝାରସୁଗୁଡ଼ା ୩୮ଜଣ, କଳାହାଣ୍ଡି ୮୧୧ ଜଣ, କନ୍ଧମାଳ ୧୫୧ଜଣ, କେନ୍ଦ୍ରାପଡ଼ା ୧,୦୩୮ଜଣ, କେନ୍ଦୁଝର ୧,୩୨୯ ଜଣ, ଖୋର୍ଦ୍ଧା ୭୫୩ ଜଣ, କୋରାପୁଟ ୯୨୨ଜଣ, ମାଲକାନଗିରି ୫୫୫ଜଣ, ମୟୂରଭଞ୍ଜ ୮୨୭ ଜଣ, ନବରଙ୍ଗପୁର ୮୬୦ ଜଣ, ନୟାଗଡ଼ ୮୩ ଜଣ, ନୂଆପଡ଼ା ୨୨୧ ଜଣ, ପୁରୀ ୭୩୩ଜଣ, ରାୟଗଡ଼ା ୫୧୧ ଜଣ, ସମ୍ବଲପୁର ୨୧୮ ଜଣ, ସୁବର୍ଣ୍ଣପୁର ୧୫୭ ଜଣ ଏବଂ ସୁନ୍ଦରଗଡ଼ରେ ୧୬୦ଜଣ ନିଯୁକ୍ତି ପାଇବାକୁ ଯାଉଛନ୍ତି।




DSPL-139



ଓଡ଼ିଶା ସରକାର



ନିଯୁକ୍ତି ସମାରୋହ
ନବନିଯୁକ୍ତ ୧୬୦୦୯
କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ(Schematic)ଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମ

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ଶିକ୍ଷା ମନ୍ତ୍ରୀ, ଭାରତ ସରକାର

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା
ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

୦୫ ଅକ୍ଟୋବର ୨୦୨୪ | କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର
OIPR-27068/13/0010/2425



PATRA'S BIG FESTIVAL SALE
PATRA
Buy a Product worth > 30,000/- Get a CCTV Worth 4,100/- FREE
Secure Your Home
ଦଶହରାରେ ସବୁଠାରୁ ଶସ୍ତା ଦଶ ଦିନ
କେବଳ ପାତ୍ର ଇଲେକ୍ଟ୍ରୋନିକ୍ସରେ
Buy a Product worth > 40,000/- Get a Smart Watch of 5,990/- FREE
JUST PAY ₹10/- TAKE A PRODUCT WITH EMI
UPTO 36 EMI
1 EMI FREE
BUY A PRODUCT WITHOUT ANY LOCAL ADDRESS PROOF IN ANY WHERE EMI
UPTO 15,000/- CASH BACK
EXCHANGE & SAVE UPTO 10,000/-
UPGRADE YOUR MOBILE PHONE & SAVE UPTO 15,000/-
UPTO 3 YEARS Extended Warranty WITH EASY EMI
Additional Rs.500/- Discount for College Students on purchase of a mobile phone > 30000/- (Show Your College I Card)
Additional 500/- Discount for EMI CardHolders
i Phone 16 EMI STARTS ₹2990
i Phone 16PLUS EMI STARTS ₹3990
iPhone 16 PRO EMI STARTS ₹4990
i Phone 16 PRO MAX EMISTARTS ₹5990
SAMSUNG S24 EMI STARTS ₹ 2790
SAMSUNG FOLD 6 FLIP 6 EMI STARTS ₹ 2690
oppo Reno12 pro+ EMI STARTS ₹ 2790
vivo EMI STARTS ₹ 2950
ONEPLUS EMI STARTS ₹ 3490
Macbook EMI STARTS ₹ 3490
hp EMI STARTS ₹ 2990
DELL EMI STARTS ₹ 3190
acer PRICE STARTS ₹ 25999
ASUS PRICE STARTS ₹ 24,990
SMART WATCH EMI STARTS ₹ 1490
Airpods EMI STARTS ₹ 999
EMI STARTS ₹ 1,199
PRICE STARTS ₹ 1500
Nikon EMI STARTS ₹ 5,990
Canon EMI STARTS ₹ 4,499
PRICE STARTS ₹ 1199
PRICE STARTS ₹ 799
PRICE STARTS ₹ 6999
UPTO 45% off EMI STARTS @ 1990/-
BIG SCREEN BIG SAVINGS
UPTO 55% off
1 EMI FREE
UPTO 30% off EMI STARTS 4590/-
UPTO 40% off EMI STARTS 1750/-
UPTO 25% off EMI STARTS 999/-
UPTO 35% off
UPTO 30% off EMI STARTS 1250/-
EMI STARTS : 1990/-
UPTO 40% off EMI STARTS 850/-
UPTO 25% off EMI STARTS 2790/-
EMI STARTS 1990/-
EMI STARTS : 2490/-
EMI STARTS 2090/-
UPTO 30% off Small & Kitchen Appliances
Mobile : 9040032644
EXCHANGE & SAVE UPTO 10,000/-
0% FINANCE WITH EASY EMI
5% INSTANT DISCOUNT
SBI card
#Min. Trxn.: ₹20,000; Max. Discount: ₹2,500 per card. Validity: 29 Sep - 13 Oct 2024. T&C Apply.
PATRA ELECTRONICS
Call us : 9040035044, 9937544443
SUNDARGARH : PH :8093446128, SEMILIGUDA : PH :8093009031, TALCHER : PH :8093446129, RAHAMA : PH :8093009032, SALEPUR: PH:8093004353, BERHAMPUR: PH:9938998049, PURI: PH:9938060499, CHANDIKHOL: PH: 9938060899, BOLANGIR: PH:9178919222, BARGARH: PH:9777220955, SAMBALPUR: PH:9777362111, DHANUPALI, PH:8093004351 JHARSUGUDA: PH:9040075526, ROURKELA: PH:8260524244,8260424244, ANGUL: PH:9178128333, DHENKANAL: PH : 9777272111, KEONJHAR : PH : 9861024244, JAJPUR ROAD: PH : 9692474244, BARIPADA : PH : 8260024244, BALASORE: PH:7853074244, 9861724244, BERHAMPUR: PH:9040075527, KHORDHA: PH:9040014044, JAGATSINGHPUR: PH : 9861120454, BHUBANEWSAR : HANSPAL: PH : 9778224244, SAI MANDIR CHACK, TANKAPANI ROAD, Ph : 91 97779 39344 BARAMUNDA, 9040026744, BAPUJI NAGAR, Ph : 9040035444 , SAHEED NAGAR, Ph : 8984074244, PATIA, Ph : 9437020420, KHANDAGIRI, Ph : 9438803734, CUTTACK : CHOUDWAR, Ph - 9777089501, CDA, Ph : 9437061055, CHAULIAGANJ, Ph : 9777268111, BADAMBADI, Ph : 9437579644, COLLEGE SQUARE, Ph:8093009035, JALESWAR: PH:9163690709
T & C Apply. Indicated Offers are Selected models & brands specific. Product visuals are for representational purpose only, Offers valid till stock last & can not be clubbed. Exchange Offer at sole discretion of the company.
All EMI's offers are applicable at sole discretion of financing companies & tenure of EMI varies from company to company. All disputes are subject to the jurisdiction of courts at cuttack only

# ଭୁବନେଶ୍ୱର ବିମାନବନ୍ଦରରେ ହେବ ନୂଆ ଟର୍ମିନାଲ: ମନ୍ତ୍ରୀ ନାଇଡୁ

ଭୁବନେଶ୍ୱର, ୪।୧୦(ସୁନିତ୍ ମିଶ୍ର)



ଭୁବନେଶ୍ୱର ବିମାନବନ୍ଦରରେ ଖୁବ୍‌ଶୀଘ୍ର ଆଉ ଏକ ଟର୍ମିନାଲ ନିର୍ମାଣ କରାଯିବ। ବିମାନବନ୍ଦରର ରୂପରେଖ ଏକ ପ୍ରକାର ପରିବର୍ତ୍ତନ ହେବ। ପୁରୁଣା ଟର୍ମିନାଲ ନିକଟରେ ନୂଆ ଟର୍ମିନାଲ ନିର୍ମାଣ କରାଯିବ। ବିମାନବନ୍ଦରରେ ଦିନକୁ ଦିନ ଯାତ୍ରୀଙ୍କ ସଂଖ୍ୟା ବଢୁଛି। ଏଠାରୁ ଦେଶର ବିଭିନ୍ନ ପ୍ରାନ୍ତକୁ ତଥା ବିଦେଶକୁ ଯାଉଥିବା ଯାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏବେ ଭୁବନେଶ୍ୱର ବିମାନବନ୍ଦରରେ ଏକ ଟର୍ମିନାଲ ଥିବାବେଳେ ଖୁବ୍‌ଶୀଘ୍ର ଆଉ ଗୋଟିଏ ନିର୍ମାଣ କରାଯିବ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଶୁକ୍ରବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସମୀକ୍ଷା କରିବା ପରେ ଏହି ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ନାଇଡୁ କହିଛନ୍ତି, ଭୁବନେଶ୍ୱର ବିମାନବନ୍ଦର ଟର୍ମିନାଲର କ୍ଷମତା ବାର୍ଷିକ ୪୦ ଲକ୍ଷ ରହିଛି। କିନ୍ତୁ ବର୍ଷକୁ ଏହି ଟର୍ମିନାଲ ଦେଇ ୫୦ ଲକ୍ଷ ଯାତ୍ରୀଙ୍କଠୁ ଅଧିକ ଯାତାୟାତ କରୁଛନ୍ତି। ତେଣୁ ଏହାର କ୍ଷମତା ବଢ଼ାଇବାକୁ ଯୋଜନା ପ୍ରସ୍ତୁତ ହେଉଛି। ଆଗାମୀ ୨ ବର୍ଷ ମଧ୍ୟରେ ୧ ମିଲିୟନ କ୍ଷମତା ବିଶିଷ୍ଟ ଏକ ନୂଆ ଟର୍ମିନାଲ ନିର୍ମାଣ ହେବ। ଫଳରେ ଆହୁରି ଅଧିକ ସଂଖ୍ୟକ ଯାତ୍ରୀ ଏହି ବିମାନବନ୍ଦରରୁ ଯାତାୟାତ କରିପାରିବେ। ଆଗାମୀ ୧୦ରୁ ୨୦ ବର୍ଷ ଲାଗି ଯୋଜନା ପ୍ରସ୍ତୁତ କରାଯିବ। ଏଥିସହ ଖୁବ୍‌ଶୀଘ୍ର ରନ୍‌ୱେ କ୍ୟାଟ୍ ଟୁ ଲାଇଟ୍ ବ୍ୟବସ୍ଥା ମଧ୍ୟ କରାଯିବ। ଆଗାମୀ ମାସେ ମଧ୍ୟରେ ବହୁ କାମ ସମ୍ପନ୍ନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଭୁବନେଶ୍ୱରରୁ ଏବେ ଦେଶର ୨୦ଟି ରାଜ୍ୟକୁ ଓ ୪ଟି ଦେଶକୁ ସିଧାସଳଖ ବିମାନ ସେବା ରହିଛି। ଏହି ସଂଖ୍ୟା ଅଧିକ ବୃଦ୍ଧି କରିବାକୁ ବି ଯୋଜନା ପ୍ରସ୍ତୁତ ହେଉଛି। କେନ୍ଦ୍ର ମନ୍ତ୍ରଣାଳୟର ଅନୁମତି ମିଳିବା ପରେ ଏହି କାମକୁ ତ୍ୱରାନ୍ୱିତ କରାଯିବ। ମୁଖ୍ୟତଃ ରାଜସ୍ଥାନର ଜୟପୁର, ଜମ୍ମୁକଶ୍ମୀର, ବିଶାଖାପାଟଣା ଓ ସୁରଟ ଆଦି ସହର ସହ ସିଧାସଳଖ ବିମାନ ଚଳାଚଳ ନିମନ୍ତେ ଦାବି ହେଉଛି। ଏହା ପୂରଣ କରିବାକୁ କାମ କରାଯିବ। ସେହିପରି ପୁରୀ ବିମାନବନ୍ଦର ଲାଗି ରାଜ୍ୟ ସରକାରଙ୍କ ପାଖରେ ଜମି ରହିଛି। କେନ୍ଦ୍ର ସରକାରଙ୍କ ନିକଟରୁ ଏଥିଲାଗି ସାଇଟ୍ କ୍ଲିୟରାନ୍ସ ମିଳିସାରିଛି। ଏଥିଲାଗି ମନ୍ତ୍ରଣାଳୟ ପକ୍ଷରୁ ସବୁ ପ୍ରକାର ସହଯୋଗ କରାଯିବ। ଉଡ଼ାଣ ଯୋଜନାରେ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟର ରାଉରକେଲା, ଝାରସୁଗୁଡ଼ା, ଜୟପୁର, ଉତ୍କେଳା ଆଦି ସ୍ଥାନରେ ବିମାନବନ୍ଦର ନିର୍ମାଣ ହୋଇଛି। ସେ ସବୁକୁ ଅଧିକ ଉନ୍ନତ କରିବାକୁ ଆହୁରି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନାଇଡୁ ସୂଚନା ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଝାରସୁଗୁଡ଼ାରେ ଏୟାରପୋର୍ଟ କରିଥିବାରୁ ଧନ୍ୟବାଦ। ଏହାସହ ଦେଶରେ ଯେତେସବୁ ନୂଆ ଏୟାରପୋର୍ଟ ହୋଇଛି ସବୁଠାରୁ ଭଲ ଝାରସୁଗୁଡ଼ାରେ ହୋଇଛି। ଯଦି ଆଉ ଏକ ଏୟାରପୋର୍ଟ ହେବ ଏହା ଦେଶର ସର୍ବଶ୍ରେଷ୍ଠ ବିମାନବନ୍ଦର ହେବ। ପୁରୀରେ ଏୟାରପୋର୍ଟ କଥାରେ ଯଦି କ୍ଲିୟରାନ୍ସ ମିଳେ ତେବେ ରାଜ୍ୟ ସରକାର ତୁରନ୍ତ ସହଯୋଗ ଯୋଗାଇଦେବେ। ଚେଷ୍ଟା ରହିବ ସାଧାରଣ ଲୋକଙ୍କ ଜମି ନ ଯାଇ ରାଜ୍ୟ ସରକାରଙ୍କ ଜମିରେ ଏୟାରପୋର୍ଟ ହେଉ।

ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ରାଜ୍ୟ ସରକାର କାମରେ ଲାଗିଗଲେଣି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଏୟାରପୋର୍ଟ ରହିଛି, ଆଗକୁ ଆହୁରି ୫ଟି ଏୟାରପୋର୍ଟ ହେବ। ଲୋକଙ୍କୁ ସହଜରେ ଉଡ଼ାଇବାକୁ ସୁବିଧା ଦେବ। ଯଦି କୌଣସି କମ୍ପାନୀ ଚାହାନ୍ତି ବିମାନ ସେବା ଯୋଗାଇବା ଲାଗି ସେମାନଙ୍କୁ ମଧ୍ୟ ପ୍ରୋତ୍ସାହିତ କରାଯିବ।

# ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ନିଯୁକ୍ତିରେ ୧୦% ସଂରକ୍ଷଣ

ଭୁବନେଶ୍ୱର, ୪।୧୦(ଅନିଲ ଦାସ)

- ୩ ବର୍ଷ ବୟସସୀମା କୋହଳ
- ଜାରିହେଲା ନିୟମାବଳୀ

ରାଜ୍ୟ ସରକାର ଅବସରପ୍ରାପ୍ତ ଅଗ୍ନିବୀରଙ୍କ ନିଯୁକ୍ତି ଲାଗି ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର (ୟୁନିଫର୍ମ ସେବାରେ ନିଯୁକ୍ତି) ନିୟମାବଳୀ-୨୦୨୪ ଜାରି କରିଛନ୍ତି। ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ହେବା ତାରିଖଠାରୁ ଏହା କାର୍ଯ୍ୟକାରୀ ହେବ। ୟୁନିଫର୍ମ ସେବାରେ ସଂରକ୍ଷଣ ଏବଂ ବୟସସୀମାରେ କୋହଳକୁ ନେଇ ଏହି ନିୟମାବଳୀ ସମ୍ପର୍କିତ ଅଧିସୂଚନା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି କରାଯାଇଛି ।

ଅଧିସୂଚନା ଅନୁସାରେ, ଓଡ଼ିଶାର ୟୁନିଫର୍ମ ସେବା ଅର୍ଥାତ୍ ପୋଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ନିଯୁକ୍ତି ଲାଗି ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ। ଅବସରପ୍ରାପ୍ତ ସୈନିକଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା ସହିତ ଅଗ୍ନିବୀରଙ୍କ ଲାଗି ଅତିରିକ୍ତ ୧୦ ପ୍ରତିଶତ ସଂରକ୍ଷଣ ରହିବ। ସେହିପରି ରାଜ୍ୟର ସମସ୍ତ 'ଗ' ଓ 'ଘ' ବର୍ଗର ୟୁନିଫର୍ମ ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ଲାଗି ନିର୍ଦ୍ଧାରିତ ବୟସସୀମାକୁ ୩ ବର୍ଷ କୋହଳ କରାଯିବ। ଏଥିସହ ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦିଆଯିବ।

ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ୨୦୨୪ ଜୁଲାଇ ୨୬ ତାରିଖରେ କାର୍‌ଗିଲ ବିଜୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଅଗ୍ନିବୀରଙ୍କ ପାଇଁ ୟୁନିଫର୍ମ ସେବାରେ ୧୦ ପ୍ରତିଶତ ସଂରକ୍ଷଣ ଘୋଷଣା କରିଥିଲେ । ଏଥିସହିତ ୫ ବର୍ଷ ବୟସସୀମା କୋହଳ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଥିଲେ। ପରେ କ୍ୟାବିନେଟ୍‌ରେ ଏହାକୁ ଅନୁମୋଦନ କରାଯାଇଥିଲା। ତେବେ ବୟସସୀମାକୁ ୫ ବର୍ଷ ପରିବର୍ତ୍ତେ ୩ ବର୍ଷ କୋହଳ କରାଯାଇଛି।

କାର୍‌ଗିଲ ବିଜୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଭାରତୀୟ ସେନାରେ ଯୋଗଦେଇଥିବା ସବୁ ସୈନିକମାନେ ଆମର ଗର୍ବ ଓ ଗୌରବ। ଆମର ଅଗ୍ନିବୀରମାନେ ମଧ୍ୟ ସେନାବାହିନୀରେ ଦକ୍ଷ ପ୍ରଶିକ୍ଷଣ ପାଇ ବିଭିନ୍ନ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଯୋଗ୍ୟତା ହାସଲ କରିଛନ୍ତି। ଏହି ଯୋଜନା ଦେଶର ଯୁବସମାଜକୁ ଦକ୍ଷ, ସାହସୀ ଓ ଯୋଗ୍ୟ କରିବାରେ ସହାୟକ ହୋଇଛି। ଜୀବନର ସବୁ କ୍ଷେତ୍ରରେ ଆହ୍ୱାନକୁ ଗ୍ରହଣ କରିପାରୁଥିବା ଯୁବସମାଜ ଗଠନରେ ଏହି ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ରାଜ୍ୟ ସରକାର ଓଡ଼ିଶାର ୟୁନିଫର୍ମ ସେବାରେ ସେମାନଙ୍କୁ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ।

# ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ଆଦେଶ

କଟକ,୪।୧୦ (କାର୍ତ୍ତିକ ସାହୁ)

## ସିପାହି, କନ୍‌ଷ୍ଟେବଲ୍ ପଦରେ ନିଯୁକ୍ତି ମାମଲା

ସିପାହି, କନ୍‌ଷ୍ଟେବଲ ପଦରେ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସର୍ବାଧିକ ବୟସ ସୀମା ସଂକ୍ରାନ୍ତରେ ରହିଥିବା ସର୍ତ୍ତକୁ ଚ୍ୟାଲେଞ୍ଜ କରି ଦାଏର ମାମଲାରେ ହାଇକୋର୍ଟ ଜବାବ ଦାଖଲ ନିମନ୍ତେ ଆଦେଶ ଦେଇଛନ୍ତି। ରାଜ୍ୟ ଗୃହ ବିଭାଗ, ପୋଲିସ ଡିଜି, ଆଇଜି, ଷ୍ଟେଟ୍ ସିଲେକ୍ସନ ବୋର୍ଡକୁ ହାଇକୋର୍ଟ ଏଥିପାଇଁ ନୋଟିସ ଜାରି କରିଛନ୍ତି। ଏଥିସହ ଏହି ପଦବୀ ପାଇଁ ଆବେଦନକାରୀଙ୍କ ଦରଖାସ୍ତ ଗ୍ରହଣ କରିବାକୁ ହାଇକୋର୍ଟଙ୍କ ଆଦେଶ ରହିଛି। ଆବେଦନକାରୀ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଦରଖାସ୍ତ ଦାଖଲ କରିବେ। ଆବେଦନକାରୀଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ। କିନ୍ତୁ ଅଦାଲତଙ୍କ ବିନା ଅନୁମତିରେ ଏ ସଂକ୍ରାନ୍ତୀୟ ଫଳ ପ୍ରକାଶ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶ ମଧ୍ୟ ଦେଇଛନ୍ତି। ଆବେଦନକାରୀ ଚିତ୍ତରଞ୍ଜନ ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ଦାଏର ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି। ନଭେମ୍ବର ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ପୋଲିସର ଓଏସ୍‌ଏପି, ଆଇଆର, ଏସ୍‌ଆଇଆର, ସ୍ପେଶାଲ ସିକ୍ୟୁରିଟି ବାଟାଲିୟନରେ ୧୩୬୦ଟି ସିପାହି/କନ୍‌ଷ୍ଟେବଲ୍ ପଦ ପୂରଣ ପାଇଁ ଷ୍ଟେଟ ସିଲେକ୍ସନ ବୋର୍ଡ ପକ୍ଷରୁ ଗତ ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪ ଜାନୁଆରୀ ୧ରେ ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ୧୮ ଓ ସର୍ବାଧିକ ୨୩ ବର୍ଷ ହୋଇଥିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଶେଷଥର ୨୦୧୮ରେ ଓଡ଼ିଶା ପୋଲିସରେ ସିପାହି, କନ୍‌ଷ୍ଟେବଲ୍ ପଦ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ୬ ବର୍ଷର ବ୍ୟବଧାନ ପରେ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେଉଥିବାରୁ ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା କୋହଳ କରାଯିବାର ଆବଶ୍ୟକତା ରହିଛି ଦର୍ଶାଇ ହାଇକୋର୍ଟରେ ଆଶାୟୀ ପ୍ରାର୍ଥୀଙ୍କ ପକ୍ଷରୁ ଏହି ଆବେଦନ ଦାଏର ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଛନ୍ତି।

# ପାର୍ବଣରେ ପାଗ ଶୁଖିଲା

ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

ଉତ୍ତର ବଙ୍ଗୋପସାଗର ଏବଂ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳବର୍ତ୍ତୀ ଅଞ୍ଚଳରେ ଶୁକ୍ରବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତନରୁ ୫.୮ କି.ମି. ଉର୍ଦ୍ଧ୍ୱରେ ଦକ୍ଷିଣ-ପଶ୍ଚିମ ଦିଗରେ ବ୍ୟାପିଛି। ଅନ୍ୟପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦେଶରୁ କ୍ରମଶଃ ପ୍ରତ୍ୟାବର୍ତ୍ତନ କରୁଛି। ତେବେ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲଘୁଚାପଜନିତ ଭାରି ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଉଥିଲେ ମଧ୍ୟ ଏହି ଆକଳନରେ ପରିବର୍ତ୍ତନ ହୋଇଛି। ଆସନ୍ତା ସପ୍ତାହରେ ରାଜ୍ୟର କା ଭାଁ କିଛି ଜିଲାକୁ ବାଦ୍‌ଦେଲେ ବଡ଼ ବର୍ଷାର ସମ୍ଭାବନା ନ ଥିବା ଶୁକ୍ରବାର ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ତେଣୁ ପାର୍ବଣରେ ପାଗ ଶୁଖିଲା ରହିବା ସମ୍ଭାବନା ବଢ଼ିଛି।

# ଆରି ଗ୍ରାସାଙ୍କୁ 'କିସ୍ ହ୍ୟୁମାନିଟାରିଆନ ସମ୍ମାନ'

ଭୁବନେଶ୍ୱର,୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ରାଜ୍ୟପାଳ ରଘୁବର ଦାସ ଅନ୍ୟମାନଙ୍କ ଉପସ୍ଥିତିରେ ଡ. ଆରି ଏସ୍. ଗ୍ରାସାଙ୍କୁ 'କିସ୍ ହ୍ୟୁମାନିଟାରିଆନ ସମ୍ମାନ-୨୦୨୦' ପ୍ରଦାନ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

ଆନ୍ତର୍ଜାତିକ ଭଲିବଲ ଫେଡେରେଶନ (ଏଫ୍‌ଆଇଭିବି)ର ସଭାପତି ଡ. ଆରି ଏସ୍. ଗ୍ରାସାଙ୍କୁ ସମ୍ମାନଜନକ 'କିସ୍ ହ୍ୟୁମାନିଟାରିଆନ ସମ୍ମାନ-୨୦୨୦' ପ୍ରଦାନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ରାଜ୍ୟପାଳ ରଘୁବର ଦାସ ଏହି ସମ୍ମାନ ପ୍ରଦାନ କରିଥିଲେ। ସମଗ୍ର ବିଶ୍ୱରେ ଭଲିବଲର ବିକାଶ କ୍ଷେତ୍ରରେ ଡ. ଗ୍ରାସାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ୨୦୨୦ରେ ତାଙ୍କୁ ଏହି ସମ୍ମାନ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କୋଭିଡ୍ ମହାମାରୀ ଯୋଗୁ ସମ୍ଭବ ହୋଇପାରି ନ ଥିଲା। ତେବେ ଡ. ଗ୍ରାସାଙ୍କୁ ସମ୍ମାନ ପ୍ରଦାନ କରି ରାଜ୍ୟପାଳ ଦାସ କହିଲେ, କିସ୍ ହ୍ୟୁମାନିଟାରିଆନ ପୁରସ୍କାର ହେଉଛି ମାନବିକ ଓ ସାମାଜିକ ମୂଲ୍ୟବୋଧର ପ୍ରତିବିମ୍ବ। ସାମାଜିକ ଓ ମାନବିକତା କ୍ଷେତ୍ରରେ ସମଗ୍ର ବିଶ୍ୱରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରୋତ୍ସାହିତ କରିବା ସହ ଏ ଦିଗରେ ଅଧିକରୁ ଅଧିକ କାର୍ଯ୍ୟ କରିବା ପାଇଁ ସେ ଉତ୍ସାହିତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଲେ, କିସ୍ ହ୍ୟୁମାନିଟାରିଆନ ପୁରସ୍କାର ଭଳି ଏକ ବିଶ୍ୱସ୍ତରୀୟ ସମ୍ମାନ ପ୍ରତିଷ୍ଠା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରି ଡ. ଅଚ୍ୟୁତ ସାମନ୍ତ ସମଗ୍ର ବିଶ୍ୱରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସମ୍ମାନ ଗ୍ରହଣ କରି ଡ. ଗ୍ରାସା କହିଲେ, ଏହି ସମ୍ମାନ ମୋ ପାଇଁ ଗର୍ବ ଓ ଗୌରବର ବିଷୟ। ସ୍ୱାଗତ ଭାଷଣରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ସାମନ୍ତ ଡ. ଗ୍ରାସାଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଉପାନ୍ତ ଅଞ୍ଚଳକୁ ଟ୍ରେନ୍ ସେବା ସମ୍ପ୍ରସାରଣକୁ ଗୁରୁତ୍ୱ



ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଏମ୍‌ପି କମିଟି ବୈଠକରେ ସଭାପତି ଭର୍ତ୍ତୃହରି ମହତାବ ଓ ଅନ୍ୟ ଏମ୍‌ପିଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟମାନେ।

ଭୁବନେଶ୍ୱର,୪।୧୦(ଅନୁରାଧା ମହାରଣା)

## ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଏମ୍‌ପି କମିଟି ବୈଠକ

## ଭର୍ତ୍ତୃହରି ସଭାପତି ମନୋନୀତ

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ଏମ୍‌ପିମାନଙ୍କ ବିଭାଗୀୟ କମିଟି ବୈଠକ ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ଏମ୍‌ପିମାନେ ଉପସ୍ଥିତ ରହି ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ସହ ବିଭିନ୍ନ ଭିତ୍ତିଭୂମି, ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ବିଭାଗୀୟ କମିଟି ସଭାପତି ଭାବରେ ମନୋନୀତ କରାଯାଇଛି। କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀ ତଥା ଶ୍ରୀକାକୁଲମ ଏମ୍‌ପି କେ. ରାମମୋହନ ନାଇଡୁ, ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଏମ୍‌ପି ସୁଭାଷ ଖୁଣ୍ଟିଆ, ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପକ୍ଷରୁ ଚାଲୁରହିଥିବା ପ୍ରକଳ୍ପ, ଟ୍ରେନ୍ ସେବା, ଟ୍ରେନ୍ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଯାତ୍ରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଞ୍ଚଳକୁ ଟ୍ରେନ ସେବା ସମ୍ପ୍ରସାରଣ କରିବା ସହ ନୂତନ ରେଳଲାଇନ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ରୋଡ୍ ଅଣ୍ଡର ବ୍ରିଜ୍ (ଉପମାର୍ଗ) ଏବଂ ରୋଡ୍ ଓଭର ବ୍ରିଜ୍‌ର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଷ୍ଟେଶନଗୁଡିକରେ ଯାତ୍ରୀଙ୍କ ସୁବିଧା ସୁଦୃଢ଼ କରିବା ପାଇଁ ଏମ୍‌ପିମାନେ ପରାମର୍ଶ ଦେଇଥିଲେ। ଟ୍ରେନ, ପ୍ଲାଟ୍‌ଫର୍ମ ଓ ଷ୍ଟେଶନ ପରିସରରେ ସ୍ୱଚ୍ଛତାକୁ ବିଶେଷ ଧ୍ୟାନଦେବାର ଆବଶ୍ୟକତା ଥିବା ମତ ପ୍ରକାଶ ପାଇଥିଲା। ଆୟୋଜିତ ବୈଠକରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ପ୍ରବନ୍ଧକ ଏଚ୍. ଏସ୍. ବଜୱାଙ୍କ ସମେତ ରେଳପଥ ମୁଖ୍ୟାଳୟର ପ୍ରମୁଖ ବିଭାଗୀୟ ଅଧିକାରୀ ଓ ଖୋର୍ଦ୍ଧାରୋଡ ରେଳମଣ୍ଡଳର ଅଧିକାରୀମାନେ ଉପସ୍ଥିତ ଥିଲେ।




ପ୍ରଥମ ପୃଷ୍ଠାରୁ...

## ମରିବେନି ଜାଣି...

ଜାଲରୁ ବାହାର କରିବା ପରେ ଏହି ଆଦିବାସୀ ପ୍ରତିନିଧିମାନେ ତଳ ଫ୍ଲୋର୍‌ରେ ଧାରଣା ଦେଇଥିଲେ। ସଂରକ୍ଷଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ସେମାନଙ୍କ ସହ ଆଲୋଚନା କରୁ ନ ଥିବା ଅଭିଯୋଗ ଆଣିଥିଲେ। ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ରେ ଆସୁଥିବା ରାଜ୍ୟର ଧାଙ୍ଗର ବା ମେଣ୍ଢାଚରାଳି ସମୁଦାୟର ଲୋକେ ସଂରକ୍ଷଣ ପାଇଁ ନିଜକୁ ଏସ୍‌ଟି ବର୍ଗରେ ସାମିଲ କରିବାକୁ ଦାବି କରିଆସୁଛନ୍ତି। ସୋଲାପୁର ଜିଲାର ପନ୍ଧାରପୁରରେ ଏହି ସମୁଦାୟର ଲୋକେ କିଛିଦିନ ହେଲା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଜିରୱାଲ ଓ ଅନ୍ୟ ଆଦିବାସୀ ନେତାମାନେ ଏହି ଦାବିକୁ ବିରୋଧକରି ବିକ୍ଷୋଭ କରୁଛନ୍ତି। ଏଭଳି ବିକ୍ଷୋଭର କାରଣ ପଚରାଯିବାରୁ ଜିରୱାଲ ଖବରଦାତାମାନଙ୍କୁ କହିଛନ୍ତି, ମୁଁ ପ୍ରଥମେ ଜଣେ ଆଦିବାସୀ, ତା'ପରେ ବିଧାୟକ ଏବଂ ଉପବାଚସ୍ପତି। ମୁଖ୍ୟମନ୍ତ୍ରୀ ଶିନ୍ଦେ ବିକ୍ଷୋଭକାରୀମାନଙ୍କୁ ଭେଟି ଆଲୋଚନା କରିବା ଉଚିତ। ମହାରାଷ୍ଟ୍ରରେ ପଞ୍ଚାୟତ (ଏକ୍ସଟେନ୍‌ଶନ ଟୁ ସିଡ୍ୟୁଲ୍‌ଡ ଏରିଆଜ୍) ଆକ୍ଟ (ପେସା) ଅଧୀନରେ ନିଯୁକ୍ତି ବନ୍ଦ ପାଇଁ ୧୫ ଦିନ ହେଲା ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କୁ ସରକାର ସୁରକ୍ଷା ଦେବା ଉଚିତ।

ଅନ୍ୟପକ୍ଷେ ଜିରୱାଲଙ୍କ ଏହି ପଦକ୍ଷେପକୁ ନେଇ ରାଜନୈତିକ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ଏମ୍‌ଏଲ୍‌ସି ଗୋପୀଚାନ୍ଦ ପଦଲକର କହିଛନ୍ତି, ଜିରୱାଲ ଏକ ସାମ୍ବିଧାନିକ ପଦରେ ଥିବାରୁ ଏଭଳି ଚରମ ପଦକ୍ଷେପ ନେବା ଅନୁଚିତ। ଶିବସେନା ମୁଖପାତ୍ର ସଞ୍ଜୟ ଶିରସତ କହିଛନ୍ତି, ଜିରୱାଲ ସରକାରରେ ଅଛନ୍ତି। ସେ ଜଣେ ଦାୟିତ୍ୱବାନ୍ ବ୍ୟକ୍ତି। ସେଠାରେ ଉପସ୍ଥିତ ଥିବା ନେତାମାନଙ୍କ ସହ ବିକ୍ଷୋଭକାରୀମାନେ କଥା ହେବା ଦରକାର ଥିଲା। ଜାତି ସମ୍ପର୍କିତ ବିକ୍ଷୋଭ ସାରା ରାଜ୍ୟରେ ଚାଲିଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଭେଟୁଛନ୍ତି। ଏଭଳି ବିକ୍ଷୋଭ କରିବା ପରିବର୍ତ୍ତେ ସେମାନେ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥାଆନ୍ତେ। ଜିରୱାଲଙ୍କ ଏଭଳି ବିକ୍ଷୋଭ ଗ୍ରହଣୀୟ ନୁହେଁ।

## ନବଜାତକଙ୍କୁ ପୋଲ...

ଘଟଣାସ୍ଥଳରେ ଭିଡ଼ ଜମାଇଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ତାପସ କୁମାର ସେନାପତି ସେଠାରେ ପହଞ୍ଚି ତୁରନ୍ତ ବ୍ୟାଗ ଭିତରୁ ଶିଶୁପୁତ୍ରକୁ ବାହାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତିକରିଥିଲେ। ଚିକିତ୍ସା ପରେ ଶିଶୁଟି ସୁସ୍ଥ ଥିବା ଓ ଶୁକ୍ରବାର ହିଁ ଜନ୍ମ ହୋଇଥିବା ଉଦଳା ମେଡିକାଲ ଡାକ୍ତର ମଧୁସ୍ମିତା ବେହେରା କହିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନବଜାତ ଶିଶୁକୁ ଫିଙ୍ଗି ଦିଆଯାଇଥିବା ବେଳେ ପୋଲ ତଳେ ଥିବା ପଥରରେ ନ ପଡ଼ି ବାଲି ଉପରେ ହିଁ ବ୍ୟାଗଟି ପଡ଼ିଥିଲା। ଫଳରେ ଶିଶୁପୁତ୍ରର କୌଣସି କ୍ଷତି ହୋଇ ନ ଥିଲା। ତେବେ କିଏ ଏବଂ କାହିଁକି ଏପରି ନିର୍ଦ୍ଦୟ କାମ କରିଛି ପୋଲିସ ତାହାର ଖୋଳତାଡ କରୁଛି। ନବଜାତକଙ୍କୁ ମେଡିକାଲରେ ଆଣି ଭର୍ତ୍ତି କରିଥିବା ବ୍ୟକ୍ତି ଜଣକ ନିଜ ସାଥୀରେ ନେବାକୁ ଅଡ଼ି ବସିଥିବା ବେଳେ ଅନେକ ଲୋକ କୋଳେଇ ନେବା ପାଇଁ ଡାକ୍ତରଖାନାରେ ଭିଡ଼ ଜମାଇଥିଲେ। ଖବରପାଇ ସିଡବ୍ଲୁସି କର୍ତ୍ତୃପକ୍ଷ ଡାକ୍ତରଖାନାରେ ପହଞ୍ଚି ନବଜାତ ଶିଶୁପୁତ୍ରକୁ ହେପାଜତକୁ ନେବାକୁ ଚେଷ୍ଟା କରିଥିଲେ। ଏଥିପାଇଁ ସେମାନଙ୍କୁ ଲୋକଙ୍କ ବିରୋଧର ସାମ୍ନା କରିବାକୁ ପଡିଥିଲା। ଅଠଣଗାଁ ଗ୍ରାମ ସମେତ ଅନେକ ଲୋକ ସିଡବ୍ଲୁସିକୁ ନବଜାତ ଶିଶୁପୁତ୍ର ନେବାକୁ ଦେଇ ନ ଥିଲେ। ଯାହାକୁ ନେଇ ସିଡବ୍ଲୁସି ଅଡୁଆରେ ପଡିଥିଲା। ପୋଲିସ୍ ହସ୍ତକ୍ଷେପ ପରେ ସିଡବ୍ଲୁସି ଉଦ୍ଧାର ନବଜାତକଙ୍କୁ ହେପାଜତକୁ ନେଇଛି।

# ତଦନ୍ତ କଲେ ଏସିଏଫ୍

## ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଛକଟା

କେନ୍ଦୁଝର, ୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ବିଟ୍ ଅଧୀନ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଅନୁମତି ବାହାରେ ବେଆଇନ ଗଛକଟାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଚମ୍ପୁଆ ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ ଅକ୍ଷୟ ଛତ୍ରିଆଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଞ୍ଚଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ସ୍ଥଳରେ ଗ୍ରାମବାସୀ ଉପସ୍ଥିତ ଅଛନ୍ତି। ଉକ୍ତ ସ୍ଥାନରେ ଅନୁମତିଠାରୁ ବହୁ ଅଧିକ ଗଛ କଟାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଗୁରୁବାର ଗ୍ରାମବାସୀ ଚମ୍ପୁଆ ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହାକୁ ନେଇ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ବେଳେ ବହୁ ସଂଖ୍ୟାରେ ଶାଳ, ଆକାଶିଆ ଗଛ ବିନା ଅନୁମତିରେ କଟାଯାଇଥିବା ନେଇ



ବନବିଭାଗର ଟିମ୍ ତଦନ୍ତ କରୁଛି।

ଗ୍ରାମବାସୀ ତଦନ୍ତକାରୀ ଅଧିକାରୀଙ୍କୁ ଦେଖାଇଥିଲେ। ଦୋଷୀଙ୍କ ନାମରେ ମାମଲା ରୁଜୁ କରିବା ସହ ବନପାଳ ଏବଂ ବନରକ୍ଷୀଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, କୃଷ୍ଣପୁର ବନ ସୁରକ୍ଷା ସମିତି ପକ୍ଷରୁ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବା ପାଇଁ ଆବେଦନ କରାଯାଇଥିଲା। ଠିକ୍ ତଦନ୍ତ ନ କରି ୨୫୦୫ଟି ଗଛ କାଟିବା ପାଇଁ ଅନୁମତି ଦେଇଥିଲେ। ଚିହ୍ନଟ ହୋଇଥିବା ୟୁକାଲିପଟାସ ଗଛ କଟାଯିବା ପାଇଁ ବନବିଭାଗ କିଛି ସର୍ତ୍ତ ରଖିଥିଲା। ଜଙ୍ଗଲ ଓ ପରିବେଶ ସୁରକ୍ଷା ସହିତ ବନୀକରଣକୁ ସମଗ୍ର ବିଶ୍ୱରେ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଏହି ଜିଲାରେ ଏଭଳି ଗଛ କାଟିବା ପାଇଁ କାହିଁକି ଅନୁମତି ଦିଆଯାଉଛି ବୋଲି ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଉଛନ୍ତି। ପୂର୍ବରୁ ଏହା ଉପରେ କଟକଣା ଲଗାଯାଇ ଆସୁଥିଲା ବୋଲି ସେମାନେ କହିଛନ୍ତି। ତେବେ ଏହି ସର୍ତ୍ତକୁ ନ ମାନି ମନଇଚ୍ଛା ଗଛ କାଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ କର୍ମଚାରୀଙ୍କ ଜ୍ଞାତସାରରେ ଆକାଶିଆ, ଶାଳ ଏବଂ ଅନ୍ୟ ପ୍ରଜାତିର ବହୁ ଗଛ କାଟି ସଂଖ୍ୟାଲଘୁ କାଠମାଫିଆଙ୍କ ଦ୍ୱାରା ବାହାରକୁ ଚାଲାଣ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ଏସିଏଫ୍ ଅଶୋକ ଦାସଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ଯାଞ୍ଚ ଚାଲିଛି। ତଦନ୍ତ ରିପୋର୍ଟ ଆଧାରରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ଖଇରା, ୪।୧୦(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅର୍ଜୁନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିକଳ୍ପ ବ୍ୟବସ୍ଥା ନ କରି ପ୍ରଧାନଶିକ୍ଷୟିତ୍ରୀ ରିତାରାଣୀ ଦାସଙ୍କୁ ଖୋର୍ଦ୍ଧା ବଦଳି କରାଯିବା ପ୍ରତିବାଦରେ ଶୁକ୍ରବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଉପରିସ୍ଥ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ବୁଝାଶୁଝା କରିବା ପରେ ପିଲାମାନେ ଧାରଣାରୁ ଉଠିଥିଲେ। ବର୍ତ୍ତମାନ ବିଦ୍ୟାଳୟର ୫ଟି ଶ୍ରେଣୀ ପାଇଁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ମିଶାଇ ୩ଜଣ ଶିକ୍ଷକ ଥିବା ବେଳେ ମାସେ ତଳେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବାରୁ ଛାତ୍ରୀଛାତ୍ରମାନଙ୍କ ତରଫରୁ ଧାରଣା ଦିଆଯାଇଥିଲା।

### ଅଙ୍ଗନୱାଡି କେନ୍ଦ୍ର, ମନ୍ଦିରରୁ ଚୋରି

ପାଟଣା, ୪।୧୦(ବୀରକିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଚିଲିଦା ଅଙ୍ଗନୱାଡି କେନ୍ଦ୍ର ଏବଂ ଶିବ ମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ଗୁରୁବାର ରାତିରେ ଅଙ୍ଗନୱାଡି କେନ୍ଦ୍ରର ଚାବି ଭାଙ୍ଗି ୨ଟି ଗ୍ୟାସ ସିଲିଣ୍ଡର, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ଥିବା ୪୨ କି.ଗ୍ରା. ସୋଲା, ଖଜୁରୀ କୋଳି, ବାକ୍ସରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ନଗଦ ୨ହଜାର ଟଙ୍କା ଚୋରି କରିନେଇଯାଇଛନ୍ତି। ସେହିଭଳି ଶିବ ମନ୍ଦିରର ଚାବି ଭାଙ୍ଗି ପିତ୍ତଳ ପରାତ ଓ ଘଣ୍ଟି ଚୋରି କରିନେଇଯାଇଛନ୍ତି। ଏଥିସହ ପ୍ରାଥମିକ ବିଦ୍ୟାଳୟର ଚାବିକୁ ଭଙ୍ଗାଯାଇଛି। ଏନେଇ ଅଙ୍ଗନୱାଡି କର୍ମୀ ନିଶାମଣି ମହାନ୍ତ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

### ବାର୍‌ହା ଆକ୍ରମଣରେ ୨ ଗୁରୁତର

ରାମଚନ୍ଦ୍ରପୁର, ୪।୧୦(ଗଣେଶ୍ୱର ସା)–କେନ୍ଦୁଝର ଜିଲା ଘଟଗାଁ ବ୍ଲକ ରାମଚନ୍ଦ୍ରପୁର ଥାନା ଅଧୀନ ଗଡ଼ବାନ୍ଧଗୋଡା ପଞ୍ଚାୟତ ନରଦା ଗ୍ରାମର ଲକ୍ଷ୍ମୀ ଜେନା( ୬୨) ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ଛେଳି ଚରାଇବା ପାଇଁ ଗ୍ରାମ ନିକଟସ୍ଥ ଶାଳ ଜଙ୍ଗଲକୁ ଯାଇଥିଲେ। ମଧ୍ୟାହ୍ନରେ ହଠାତ୍ ଏକ ବାର୍‌ହା ଛେଳିକୁ ଆକ୍ରମଣ କରିଥିଲା। ଏହାଦେଖି ବାରହା କବଳରୁ ଛେଳିକୁ ବଞ୍ଚାଇବାକୁ ଯାଇ ଲକ୍ଷ୍ମୀ ବାରହା ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ। ସେହି ଗ୍ରାମର ବିଷ୍ଣୁ ଜେନା(୫୮) ଛେଳି ଚରାଉଥିବା ବେଳେ ଲକ୍ଷ୍ମୀଙ୍କ ଚିତ୍କାର ଶୁଣି ତାଙ୍କୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ବାର୍‌ହା ଆକ୍ରମଣରେ ଆହତ ହୋଇଥିଲେ। ଲକ୍ଷ୍ମୀଙ୍କର ସମସ୍ତ ଅଙ୍ଗ କ୍ଷତାକ୍ତ ହୋଇଥିବା ବେଳେ ବିଷ୍ଣୁଙ୍କ ଗୋଡକୁ ବାର୍‌ହା ଆକ୍ରମଣ କରିଥିବା ଜଣାପଡିଛି। ଉଭୟଙ୍କୁ ସ୍ଥାନୀୟ ଲୋକେ ସାଙ୍ଗକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ବନପାଳ କେଦାର ପାତ୍ର ଆହତ ବୃଦ୍ଧଙ୍କ ସମସ୍ତ ମେଡିକାଲ ରିପୋର୍ଟ ମିଳିବା ପରେ ସରକାରୀ ସହାୟତା ମିଳିବ ବୋଲି ପ୍ରକାଶ କରିଛନ୍ତି।

## ଖଇରା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ଖଇରା, ୪।୧୦(ଉତ୍କଳବନ୍ଧୁ ପଣ୍ଡା)–ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକ(୭୪)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ପ୍ରାୟ ବର୍ଷେ ତଳେ ବ୍ରେନଟ୍ୟୁମର ଥିବା ଜଣାପଡିବା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସେବେଠାରୁ ସେ ଅସୁସ୍ଥ ଥିଲେ। ଶୁକ୍ରବାର ସେ ହଠାତ୍ ଗୁରୁତର ହୋଇପଡିବାରୁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ସେ ପ୍ରତିଭା ପରିବାର, ମୁକୁନ୍ଦ ଦାସ ସ୍ମୃତି କମିଟି, ଜନଜାଗରଣ ମଞ୍ଚର ସଭାପତି ରହିଥିବା ବେଳେ ବରିଷ୍ଠ ନାଗରିକ ମଞ୍ଚ, ଖଇରା ସାହିତ୍ୟ ସଂସଦ, ବାଞ୍ଛାନିଧି ସ୍ମୃତି କମିଟି, ଗୋବିନ୍ଦ ପଣ୍ଡା ସ୍ମୃତି କମିଟି, ରାଧାଶ୍ୟାମ ପଣ୍ଡା ସ୍ମୃତି ପରିଷଦ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସହ ଜଡିତ ଥିଲେ। ତାଙ୍କର ଜନ୍ମସ୍ଥାନ ରେମୁଣା ବ୍ଲକ ଶେରଗଡ ନୂଆଗାଁ ଗ୍ରାମରେ ହୋଇଥିବା ବେଳେ ସେ ଖଇରାକୁ ତାଙ୍କ କର୍ମଭୂମି ଭାବେ ବାଛି ନେଇ ସେଠାରେ ପରିବାର ସହ ରହୁଥିଲେ ।

## କାମ ପାଇଁ ଯାଇଥିଲେ, ଶବ ହୋଇ ଫେରିଲେ

କେନ୍ଦୁଝର, ୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)– କେନ୍ଦୁଝର ଜିଲା ବାଂଶପାଳ ତେନ୍ତୁଳିଖୁଣ୍ଟି ଗ୍ରାମର ଚରଣ ହାଇବୁରୁଙ୍କ ପୁଅ ପ୍ରଶାନ୍ତ(୧୯) କାମ କରିବାକୁ ଗୁଜରାଟ ଯାଇଥିଲେ। ସେଠାରେ ସେ ସୁମାନି ମାକ୍ସ ବୋଲି ଏକ କମ୍ପାନୀରେ କାମ କରୁଥିଲେ। ପ୍ରଶାନ୍ତ କାମ କରିବା ବେଳେ ଅସୁସ୍ଥ ହୋଇପଡିଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶେଷରେ ପ୍ରଶାନ୍ତଙ୍କ ମୃତଦେହ ଆମ୍ବୁଲାନ୍ସରେ ଆସି ନିଜ ଗ୍ରାମରେ ପହଞ୍ଚିଛି। ନିଜ ଭାଗ୍ୟକୁ ନିନ୍ଦା କରି ଗ୍ରାମବାସୀ ପୁଅର ମୃତଦେହ ଦାହ କରି ଏବେ ବାହୁନି ବାହୁନି କାନ୍ଦୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୭ ଦିନ ମଧ୍ୟରେ ୨ ଦାଦନଙ୍କ ମୃତଦେହ ଫେରିଲାଣି।

## ଭୋଗରାଇରେ ୨ ମହିଳାଙ୍କ ଅକାଳ ବିୟୋଗ

ଭୋଗରାଇ, ୪।୧୦( ପ୍ରଦୀପ ଦାସ )–ଭୋଗରାଇ ବ୍ଲକ ବାରବାଟିଆ ଓ କରିହଣ୍ଡା ଗ୍ରାମର ୨ ମହିଳାଙ୍କ ଅକାଳ ବିୟୋଗ ହୋଇଛି। ଜଣେ ମହିଳା ଅଜଣା ଜ୍ୱରରେ ଜଳେଶ୍ୱରପୁର ଡାକ୍ତରଖାନାରେ ପ୍ରାଣତ୍ୟାଗ କରିଥିବା ବେଳେ ଅନ୍ୟ ଜଣେ ମହିଳା ସାପ କାମୁଡାରେ କଟକ ବଡ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ବାରବାଟିଆ ଗ୍ରାମର ସୁଜିତ ଦାସଙ୍କ ସ୍ତ୍ରୀ ରଞ୍ଜିତା ଦାସ( ୨ ୬ )। ସେ ବାରବାଟିଆ ଗ୍ରାମର ୧ ନଂ. ୱାର୍ଡସଭ୍ୟା ଥିଲେ। ସେହିପରି କମର୍ଦ୍ଦା ଥାନା ଅଧୀନ କରିହଣ୍ଡା ଗ୍ରାମର ଅଜୟ ପ୍ରଧାନଙ୍କ ସ୍ତ୍ରୀ କଳ୍ପନା ପ୍ରଧାନ (୩୨)ମହାଗବ ରାସ୍ତାରେ ଯାଉଥିବାବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ଭୋଗରାଇ ଓ କମର୍ଦ୍ଦା ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଜାରିରହିଛି।

## ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବାଳିକା ଭଲିବଲ୍ ଟୁର୍ନାମେଣ୍ଟ: ୪ ଛାତ୍ରୀ ମନୋନୀତ

ନୀଳଗିରି, ୪।୧୦(ପ୍ରଶାନ୍ତ ବିଶ୍ୱାଳ)

ରାଜ୍ୟ ତଥା କେନ୍ଦ୍ର ସରକାର ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ଆଦିବାସୀ ଅନୁନ୍ନତ ଗରିବ ପିଲାମାନଙ୍କୁ ଶିକ୍ଷା ସହିତ କ୍ରୀଡ଼ା କ୍ଷେତ୍ରରେ ଅଧିକ କ୍ରିୟାଶୀଳ କରିବା ପାଇଁ, ବ୍ଲକସ୍ତରରୁ ଆରମ୍ଭ କରି ଜିଲା, ରାଜ୍ୟସ୍ତରରେ କ୍ରୀଡ଼ାମାନ ଆୟୋଜନ କରାଯାଉଛି। ଏହି କ୍ରମରେ ୨୦୨୪–୨୫ ଶିକ୍ଷାବର୍ଷରେ ଭଲିବଲ୍ ଚାମ୍ପିୟନଶିପ୍ ପାଇଁ ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ସରକାରୀ (ଏସ୍‌ଏସ୍‌ଡ଼ି) ଉଚ୍ଚ ବିଦ୍ୟାଳୟ ବାଲିଆଖରର ୧୦ମ ଶ୍ରେଣୀର ୪ ଜଣ ଛାତ୍ରୀ ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

ଏହି ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଏମ୍‌ଆର୍ ବାଳକ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ବିଦ୍ୟାଳୟରୁ ମନୋନୀତ ହୋଇଥିବା ଛାତ୍ରୀ ମୀନତି ସିଂ, ଟିଙ୍କିଲି ସିଂ, ଦୀପା ସିଂ ଓ ସୁଲେଖା ସିଂ ଭାଗ ନେଉଥିବା ବେଳେ ଉକ୍ତ ଛାତ୍ରୀଙ୍କ ସମସ୍ତ ଦସ୍ତାବିଜ୍ ଏବଂ ଜଣେ ଖେଳ ପ୍ରଶିକ୍ଷକଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟିତ୍ୱ ପ୍ରଦାନ କରିଛନ୍ତି।

## ବିଦ୍ୟାଳୟ ପରିସରରେ ଚାରାରୋପଣ

ଜଳେଶ୍ୱର, ୪।୧୦ (ନବୀନ ସାହୁ)

ଗୋଟିଏ ବୃକ୍ଷ ଗୋଟିଏ ଜୀବନ, ଗଛ ଲଗାଅ ଜୀବନ ବଞ୍ଚାଅ। ଏହି ନାରାରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଆରୁହା ପଞ୍ଚାୟତ ଶାଳିକୋଠା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅମର ଆଚାର୍ଯ୍ୟ ଓ ସମ୍ପାଦକ ସତ୍ୟବ୍ରତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ଆରୁହା ପଞ୍ଚାୟତ ସରପଞ୍ଚ ତପନୀ ଭୂୟାଁ, ନାଏବ ସରପଞ୍ଚ, ଏମ୍‌ବିକେ, ପଞ୍ଚାୟତ ଓ ବିଦ୍ୟାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଖବରଦାତା କେବଳ ଖବର ସଂଗ୍ରହ କରେ ତା' ନୁହେଁ ପରିବେଶ ସୁରକ୍ଷା ପାଇଁ କାମ କରେ ବୋଲି କହିବା ସହିତ ତାହା ଆଜି କରି ଦେଖାଇଛନ୍ତି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ଜେନା କହିଛନ୍ତି।


GOVERNMENT OF ODISHA — No.L-77

DEPARTMENT OF AGRICULTURE AND FARMERS' EMPOWERMENT

**OFFICE OF THE SUPERINTENDING ENGINEER (AGRIL.), SOUTHERN ZONE, BRAHMAPUR, RITE CAMPUS, RANGEILUNDA, GANJAM**

No.1055//SE(Agril.) Date. 26.09.2024

**INVITATION FOR BIDS (IFB)**

e-Procurement Notice

Bid identification number / Tender call notice no. - SE (A) S/Z-03/2024-25 The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil construction works under Southern Zone. The costs of the project is around 133.00 & 56.00 Lakhs (Excluding GST & LC) respectively. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **04.10.2024 at 11:00 hours to 18.10.2024 at 17:30 hours**. The bid will opened on **21.10.2024 at 11:30 hours** onwards in the O/o Superintending Engineer (Agril.), Southern Zone, Brahampur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

Sd./- Superintending Engineer (Agril.)
Southern Zone, Brahampur

OIPR-01504/11/0003/2425



**OFFICE OF THE PANCHAYAT SAMITI, GAISILET**

AT/PO/PS : Gaisilet, Dist : Bargarh (Odisha), PIN : 768037
E_Mail ID : ori-gaisilet@nic.in
No.3944/Dt.01.10.2024

**CORRIGENDUM**

**No.i-217** : In pursuance to the following 2 Nos. of E-Tender Call Notice of this Office for Construction of Additional Classroom of Schools (Civil Works), partial modification in Class of Contractor has been made as follows :

| Sl. No. | Tender ID | Tender Reference Number | Tender Title | Published Date | Existing Class of contractor | Modified Class of contractor |
|---|---|---|---|---|---|---|
| 01 | 2024_PRBGI_105278_1 | 01/02/2024-25 | Construction of Additional Class Room at Nodal High School, Gaisilet, Gaisilet Block | 01-Oct-2024 11:00 A.M. | "B" Class & "C" Class | "C" Class & "D" Class |
| 02 | 2024_PRBGI_105277_1 | 01/01/2024-25 | Construction of Additional Class Room at Govt. UP School, Sauthkhandi Gaisilet Block | 01-Oct-2024 11:00 A.M. | "B" Class & "C" Class | "C" Class & "D" Class |

All other details of the said tender call notice remain unchanged.

Sd./- Block Development Officer
Gaisilet

OIPR-19191/11/0002/2425



**Office of District Manager**
**Odisha State Civil Supplies Corporation Ltd., (OSCSC) Dhenkanal District**

No.CAD-1281

Phone : 06762-295760, District Website : www.dhenkanal.nic.in
Tender No. : 1592/Date : 03.10.2024

No.CAD-1281 : District Manager, Odisha State Civil Supplies Corporation Ltd., Dhenkanal District invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for Transporation of Food grains from FSD, FCI to RRCs for the year 2023-25 (October-2024 to 31st March-2025) |
| 2 | Availability of Bid document in the Portal | **From Dt. 03.10.2024** |
| 3 | Last date / Time for receipt of bids in the portal | **Dt. 17.10.2024 up to 5.00 P.M.** |
| 4 | Date / Time of Opening of Technical Bid | **Dt. 18.10.2024 at 11.00 A.M.** |
| 5 | Name and address of the Office Inviting Tender | **District Manager, OSCSC Ltd., Dhenkanal (District)** |

Tender Documents & Other details can be seen from the e-procurement portal of www.oscsc.in, www.foododisha.in & www.tendersodisha.gov.in along with district website. Amendments/Corrigendum/Cancellation/retenders etc. if any shall be published only in above websites.

Sd./- District Manager
OSCSC Limited, Dhenkanal

OIPR-07005/11/0002/2425



Skilled in ODISHA — WSC

**World Skill Center**
**Bhubaneswar**

No.KK-191

Tower 2010, Block B, Sector A, Mancheswar Industrial Estate, Bhubaneswar, Odisha 751007

**Spot Admission** open for Academic Session September 2024-2025 from **4th to 19th October 2024** (in all working days)

| Course | Eligibility Criteria | Course Fee |
|---|---|---|
| Precision Engineering (PEG)<br>Vertical Transportation (VT)<br>Air Conditioning & Refrigeration (ACR)<br>Mechanical & Electrical Services (MES)<br>Electrical Technology (ET)<br>Mechatronics (MCE) | 2 years ITI or 3 years Diploma in Engineering<br>Both Male and Female Candidates are eligible<br>Minimum age required 17 years.<br>Maximum age is 30 years | 20,000/- in two equal Installments (for General category)<br>No Course fee for SC / ST / OBC / SEBC / Minority Candidates<br>Uniform and hostel accommodation with fooding is free for all |
| Beauty & Wellness (B&W) | 10+2/Diploma in any Stream<br>Both Male and Female Candidates are eligible<br>Minimum age required 17 years.<br>Maximum age is 35 years | |

For more information, Please contact
Our tollfree number: 1800 266 6002 or +91-6742580079
email: contact@worldskillcenter.org
or visit our website
www.worldskillcenter.org

OIPR-44009/11/0010/2425



See Career Appointment on every Wednesday & Saturday



No.C-698

**CUTTACK MUNICIPAL CORPORATION**

**"e" PROCUREMENT NOTICE**

Bid Reference No. MC(CMC)CTC_EL_No.05/2024-25
Tender ID : 2024_ORULB_105292
Tender Call Notice No. 7396 (PW) Date : 30.09.2024

Name of Works : Electrical Works
No. of Works : 01
Bid Value : Rs. 100.23 Lakhs to Rs. 75.33 Lakhs
Period of Completion : Three Calendar Months
Date and Time Schedule :

| Start | End | Opening |
|---|---|---|
| 13.00 P.M. on dt. 03.10.2024 | 5.00 P.M. on dt. 24.10.2024 | 11.00 A.M. on dt. 29.10.2024 |

Tender Details : Can be seen from the procurement portal : www.tendersorissa.gov.in

Sd./-
Executive Engineer, City Div-III

OIPR-13031/11/0072/2425



**BHUBANESWAR MUNICIPAL CORPORATION**

Notice No.40605 Dt:03/10/2024
File No:BMC/IT/XXXXX ITPMU/2024/13

**REQUEST FOR PROPOSAL FOR**

**SELECTION OF AN AGENCY TO SUPPLY FURNITURE AND ACCESSORIES FOR OFFICIAL USE BY BHUBANESWAR MUNICIPAL CORPORATION (BMC)**

**No.C:**Bhubaneswar Municipal Corporation (BMC) invites proposals from reputed Agencies for Supply Furniture and Accessories for Official Use. The detailed Request for Proposal (RFP) document can be downloaded from BMC website:www.bmc.gov.in and from 06.00 PM of 05.10.2024 to 04.00 PM of 22.10.2024. The last date of receipt of technical and financial bids is 22.10.2024 till 4.00 PM and the same would be opened on 22.10.2024 at 5.00 P.M. The Pre-bid meeting is scheduled on 09.10.2024 at 04.00 PM in the Conference Hall at BMC Office. Further details can be seen from the e-Procurement portal www.tendersodisha.gov.in https://www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

BMC reserves the right to cancel this invitation and/ or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

Sd./- Executive Engineer (Central Tender Cell)
Bhubaneswar Municipal Corporation

OIPR-13002/11/0080/2425



**OFFICE OF THE EXECUTIVE ENGINEER**
**R.W. DIVISION, BALLIGUDA**

E-mail : rw_balliguda@yahoo.com
No.3664//RWDBLG. Date : 27.09.2024

**NOTICE**

**No.O-337** : The Tender invited vide identification no. Online Tender/21/S.E.R.W.D BLG/2023-24 vide T.O. letter no.828 dt.09.02.2024. Tender for 11 Nos. (Eleven) Building works as per Annexure-A out of 14 Nos. Building works tender invited are hereby cancelled due to Non-response of Tender / Unwillingness of extension of validity of tender by the Bidders.

Sd./- Executive Engineer
Rural Works Division, Balliguda

OIPR-25164/11/0001/2425



**COLLECTORATE: MALKANGIRI**

District Child Protection Unit (Child Welfare Section)

Notice No:1078/DCPU/MKG/2024 Date:30/09/2024

**ମାଲକାନଗିରିରେ ପ୍ରତିପାଳନ ଯତ୍ନ ପରିବାର/ଅନୁଷ୍ଠାନ ପାଇଁ ବିଜ୍ଞାପନ**

No.ଗ୍ର–78:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ପ୍ରତିପାଳନ ଯତ୍ନ (Foster Care) ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପରିଚାଳନା କରାଯାଉଅଛି । ଏହି ପ୍ରତିପାଳନ ବ୍ୟବସ୍ଥାର ଲକ୍ଷ୍ୟ ହେଲା, ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବେ ଅଣସମ୍ପର୍କୀୟ ପରିବାର/ଅନୁଷ୍ଠାନ ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖି ତାର ମାନବୀୟ ଅଧିକାର ଯୁକ୍ତ ଆବଶ୍ୟକତାକୁ ପୂରଣ କରିବା । ସେହି ପିଲାର ପାରିବାରିକ ପରିସ୍ଥିତିରେ ସୁଧାର ଆସିଲେ, ପୁନଃ ସେମାନଙ୍କ ପରିବାରରେ ଅବସ୍ଥାପିତ କରିବା । "କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫" ଧାରା ୪୪, "କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ-୨୦୧୬" ଧାରା ୨୩ ଏବଂ ମଡେଲ ଗାଇଡଲାଇନ ପ୍ରତିପାଳନ ଯତ୍ନ (After Care)- ୨୦୧୬" ଅନୁଯାଇ ଶିଶୁମାନଙ୍କୁ ଥଇଥାନ କରାଯିବା ପାଇଁ ଏହି ବ୍ୟବସ୍ଥା ରହିଅଛି । ପ୍ରତିପାଳନ ଯତ୍ନ ପରିବାର/ଅନୁଷ୍ଠାନ ପରିଚାଳନା ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ସେମାନଙ୍କର ଦରଖାସ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମାଲକାନଗିରିଙ୍କୁ ଆବେଦନ କରିପାରିବେ । ପ୍ରତିପାଳନ ଯତ୍ନ ପରିବାର/ଗୃହ ଚୟନ କରିବାର ମାନଦଣ୍ଡ malkangiri.odisha.gov.in ରେ ଉପଲବ୍ଧ ଅଛି । ଦରଖାସ୍ତ ଗ୍ରହଣ କରାଯିବାର ସମୟ ୦୯ ଅକ୍ଟୋବର ୨୦୨୪କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଅଛି ।

ସ୍ୱା./–ଜିଲ୍ଲାପାଳ,ମାଲକାନଗିରି

OIPR-33019/11/0003/2425



**NOTICE INVITING TENDER** — No.CAD-1278

**Office of District Manager, Odisha State Civil Supplies Corporation Ltd. (OSCSC) Mayurbhanj (District)**

E-mail : cso-may@nic.in & csomayurbhanj@gmail.com
Phone : 06792-252648

**Tender No. 2370 dated 03.10.2024 for Selection and appointment of Level-I Transport Contractor for transportation of wheat stock from Food Storage Deport (FSD), FCI to Rice Receiving Centers for the biennial 2023-25 (October' 2024 to 31st March'2025).**

**Cost of Tender Document : Rs. 11,800/- Inclusive of GST.**

District Manager, Odisha State Civil Supplies Corporation Ltd., Mayurbhanj invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the works | Selection and appointment of Level-I Transport Contractor for transportation of wheat from Food Storage Deport (FSD), FCI to Rice Receiving Centers (RRC) in Mayurbhanj district of the State of Odisha |
| 2 | Availability of tender documents in the portal | From Date 03.10.2024 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in up to 5:00 P.M. of date 17.10.2024 |
| 4 | Date, Time and venue for opening of Technical Bid by the Tender Committee | On dt. 18.10.2024 at 11:00 A.M., at office chamber of the ADM (Gen), Mayurbhanj |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt. 18.10.2024, 11:00 A.M., at office chamber of the ADM (Gen), Mayurbhanj |
| 6 | date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Name and address of the Officer Inviting tender | District Manager, OSCSC Ltd, Mayurbhanj |

Tender Documents & other details can be seen from e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc, if any shall be published only in above websites.

Sd./- District Manager,
OSCSC Ltd., Mayurbhanj

OIPR-07046/11/0002/2425



SMPB

**ସପ୍ତଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଭୁବନେଶ୍ୱର-୨୦୨୪-୨୫**

**17th STATE LEVEL KALINGA HERBAL FAIR, BHUBANESWAR-2024-25**
**Organised by State Medicinal Plants Board, Odisha**

**ଷ୍ଟଲ ବୁକିଂ ନିମନ୍ତେ ବିଶେଷ ସୂଚନା**

**No.MM-182:**ସରକାରୀ ସଂସ୍ଥା, ଜଙ୍ଗଲ ଉନ୍ନୟନ କର୍ତ୍ତୃପକ୍ଷ, ବୈଦ୍ୟ ଓ ପାରମ୍ପରିକ ଚିକିତ୍ସକ, ଔଷଧୀୟ ବୃକ୍ଷରୁ ମିଳୁଥିବା ପଦାର୍ଥଗୁଡିକର ଉତ୍ପାଦନକାରୀ ଓ ତତ୍‌ସମ୍ପର୍କୀୟ ବ୍ୟବସାୟୀ ପ୍ରତିଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସୁରକ୍ଷା ସମିତି ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ଉକ୍ତ ମେଳାରେ ଭାଗନେବା ପାଇଁ କାର୍ଯ୍ୟାଳୟ ସମୟରେ ନିମ୍ନଲିଖିତ କାର୍ଯ୍ୟାଳୟ ଓ ଅଧିକାରୀଙ୍କ ସହିତ ସମ୍ପର୍କ କରିବାକୁ ଅନୁରୋଧ । ପ୍ରତ୍ୟେକ ଷ୍ଟଲ ନିମନ୍ତେ ୨ ଜଣଙ୍କର ରହିବା ଏବଂ ଖାଇବାର ବନ୍ଦୋବସ୍ତ ଅଛି ।

| Place & Venue | Date | Contacts for Stall Booking and Sponsorship |
|---|---|---|
| IDCO Exhibition Ground, Unit-III, Bhubaneswar | 6th to 12th November, 2024 | M/s. Response Marketing Services (P) Ltd. Sri Manindra Kumar Swain, Mob- 9238020258 & State Medicinal Plants Board, Odisha Aranya Bhawan, Chandrasekharpur, Bhubaneswar- 751023 Tele-0674-2954911, E-mail:smpborissa@gmail.com |

**Stall charges for booking (Stall size 10x10x10 ft.)**

For VSS, SHG, Vaidya and other Traditional Healers - Rs.1,500/- per Stall ,Govt. Institution - Rs.2,500/- per Stall, NGO Rs.2,000/-per Stall, Pharmaceutical Company/ Traders – Rs. 3,000/- per Stall, Medicinal Plants Cultivators/ farmers- Rs.1,000/- per stall & Yoga- Rs. 500/- per stall

ବିଶେଷ ସୂଚନା– ଷ୍ଟଲ ପାଇଁ ଟଙ୍କା ଦାଖଲକାରୀ ମେଳା ଉଦ୍‌ଘାଟନ ଦିନ ଅପରାହ୍ନ ୩ଟା ସୁଦ୍ଧା ଷ୍ଟଲକୁ ନିଜ ଦଖଲକୁ ନ ନେଲେ ଜମା ଟଙ୍କା ବାଜ୍ୟାପ୍ତି କରାଯିବ ଓ ଷ୍ଟଲକୁ ଅନ୍ୟ ଇଚ୍ଛୁକ ବ୍ୟକ୍ତିଙ୍କୁ ଦିଆଯିବ । ମେଳାର ଉଦ୍‌ଯାପନ ସମାରୋହ ପୂର୍ବରୁ କୌଣସି ବ୍ୟକ୍ତି ଷ୍ଟଲ ଛାଡି ଯାଇପାରିବେ ନାହିଁ ।

OIPR-08117/11/0003/2425

Sd./- Chief Executive, SMPB, Odisha

# ଆଞ୍ଚଳିକ ସମ୍ମିଳନୀରେ ଶ୍ରମ ଆଇନକୁ ବିରୋଧ

ଭଦ୍ରକ,୪।୧୦
(ସନାତନ ରାଉତ)

ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ୧୪ତମ ଆଞ୍ଚଳିକ ସମ୍ମିଳନୀ ଶୁକ୍ରବାର ଭଦ୍ରକ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମାର୍କ୍ସବାଦୀ ନେତା ନିରଞ୍ଜନ ପାଣି ପତାକା ଉତ୍ତୋଳନ କରିଥିଲେ। ପରେ ରାଧାଶ୍ୟାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ରାଜ୍ୟ ସମ୍ପାଦକ ସନ୍ତୋଷ ଦାସ ଯୋଗଦେଇ ପାର୍ଟିର ଇତିହାସ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଶ୍ରମ ଆଇନକୁ ବିରୋଧ କରାଯିବା ସହ ଦରଦାମ୍ ବୃଦ୍ଧି, ମହିଳା ଅତ୍ୟାଚାର ବୃଦ୍ଧି ଓ ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ନୂତନ ଆଞ୍ଚଳିକ କମିଟି ଗଠନ କରାଯାଇଛି। ଆଇନଜୀବୀ ରାଧା ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଆଞ୍ଚଳିକ କମିଟି ସମ୍ପାଦକ ଦାସ, ସନା ଉଲ୍ଲା, କାଳନ୍ଦୀ ପାତ୍ର, ବାମଦେବ ମିଶ୍ର, ପ୍ରଭାତୀ ଜେନା, ସୁବାସ ମାଝୀ, ନରହରି ବେହେରା, ଶେଖ୍ କାଲୁ, ସେକ ମିନାଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲା ସଦର ମହକୁମାରେ ହେବ ଏଗ୍ରିମଲ୍, ମିଶନ ଶକ୍ତି ବଜାର

## ସରିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ଶାସନ ସଚିବଙ୍କ ୩ଦିନିଆ ଗସ୍ତ କାର୍ଯ୍ୟକ୍ରମ



ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଗୁହା ପୁନମ ତାପସ କୁମାର ଓ ଅଧିକାରୀମାନେ।

ଭଦ୍ରକ,୪।୧୦(ସନାତନ ରାଉତ/ରବିନାରାୟଣ ଖିଲାର)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ଓର୍‌ମାସ୍‌ର ନିର୍ଦ୍ଦେଶିକା ଗୁହା ପୁନମ୍ ତାପସ କୁମାର ୩ଦିନିଆ ଭଦ୍ରକ ଜିଲା ଗସ୍ତରେ ଆସି ଫେରି ଯାଇଛନ୍ତି। ଗତ ୧ରୁ ୩ ତାରିଖ ମଧ୍ୟରେ ସେ ଜିଲାର ବିଭିନ୍ନ ବ୍ଲକର ପ୍ରକଳ୍ପ ପରିଦର୍ଶନ କରିଥିଲେ। ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଆବଶ୍ୟକ ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ବିଭିନ୍ନ ସୂଚନା ଫଳକ ସଂଲଗ୍ନ କରାଯିବା, କେତେକ କକ୍ଷରେ ଏସି, କବାଟ ଝରକା ଆଦି କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ମାତୃ ମଙ୍ଗଳ କେନ୍ଦ୍ରରେ ଚିକିତ୍ସାଧୀନ ଅନ୍ତେବାସୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ସେ ଅବଗତ ହୋଇଥିଲେ। ୱାନଷ୍ଟପ୍ ସେଣ୍ଟର ସଖୀ କେନ୍ଦ୍ର ପରିଦର୍ଶନ କରି ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ଆଇନଗତ ସହାୟତା ବିଷୟରେ ପଚାରି ବୁଝିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଉତ୍ପାଦ, କୃଷିଜାତ ଦ୍ରବ୍ୟ, ମିଲେଟ୍ ମିଶନ ଆଦି ପରିଦର୍ଶନ କରିଥିଲେ। ପ୍ୟାକେଜିଂ, ବ୍ରାଣ୍ଡିଂ ଓ ଉପଯୁକ୍ତ ବଜାର ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବାକୁ ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ସଦରମହକୁମାରେ ଏଗ୍ରିମଲ ଓ ମିଶନ ଶକ୍ତି ବଜାର ଖୋଲିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ସେହିପରି ଅଗରବତୀ କେନ୍ଦ୍ର, ସମନ୍ୱିତ କୃଷିଫାର୍ମ, ମତ୍ସ୍ୟ ପାଳନ ଆଦି ପ୍ରକଳ୍ପ ପରିଦର୍ଶନ କରିଥିଲେ।

ଶେଷଦିନରେ ସଦ୍‌ଭାବନା ସଭାଗୃହରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଶାସନ ସଚିବଙ୍କ ଗସ୍ତ ସମୟରେ ଜିଲାପାଳ ଦିଲୀପ ରାଉତରାଏ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ପିଇଓଙ୍କୁ ହତ୍ୟା ଧମକ

## ସରପଞ୍ଚ, ତାଙ୍କ ସ୍ୱାମୀଙ୍କ ନାଁରେ ମାମଲା

ତିହିଡ଼ି,୪।୧୦
(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତରେ କାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ଜଣେ ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ)ଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଛି। ପିଇଓ ବବିତା ବିଶ୍ୱାଳ ଏ ସମ୍ପର୍କରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ବିଡିଓଙ୍କ ସୁପାରିଶକ୍ରମେ ବୁଧବାର ତିହିଡ଼ି ଥାନାରେ ଏକ ମାମଲା (ନଂ. ୪୫୧/୨୪) ରୁଜୁ ହୋଇଛି। ଏହି ଘଟଣାରେ ତାଳପଦା ପଞ୍ଚାୟତର ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କ ନାଁରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପିଇଓ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ବିଡିଓ ଜ୍ୟୋତିର୍ମୟ କରଙ୍କ ନିର୍ଦ୍ଦେଶକ୍ରମେ ଗତ ମାସ ୩୦ ତାରିଖରେ ସେ ତାଳପଦା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। କାର୍ଯ୍ୟରେ ଯୋଗଦାନ କରିବାକୁ ନ ଦେଇ ସରପଞ୍ଚ ଓ ତାଙ୍କ ସ୍ୱାମୀ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିଲେ। ସରପଞ୍ଚଙ୍କ ସମର୍ଥକମାନେ ମଧ୍ୟ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସେ ଭୟଭୀତ ହୋଇ ସେଠାରୁ ଫେରି ଆସିଥିବା ବବିତା ଏତଲାରେ ଦର୍ଶାଇଛନ୍ତି। ତାଳପଦା ପଞ୍ଚାୟତରେ କେହି ପିଇଓ ନ ଥିବାରୁ ବିଡିଓ ଅନ୍ୟ ପଞ୍ଚାୟତର ପିଇଓ ଥିବାବେଳେ ବବିତାଙ୍କୁ ପୂର୍ବରୁ ଭତ୍ତା ବଣ୍ଟନ ପାଇଁ ସେଠାକୁ ପଠାଇଥିଲେ। ସେତେବେଳେ ମଧ୍ୟ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଅଭିଯୋଗରେ ଦର୍ଶାଯାଇଛି।

# ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାସୁଦେବପୁର, ୪।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ସହ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସକାଳେ ଟାଉନହଲ୍‌ଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ପରେ ନୀଳମଣି ଟାଉନ ହଲ୍‌ଠାରେ ଆୟୋଜିତ ରଙ୍ଗୋଲି କାର୍ଯ୍ୟକ୍ରମରେ ମହିଳାମାନେ ସାମିଲ ହୋଇ ରଙ୍ଗବେରଙ୍ଗର ମୁରୁଜରେ ସ୍ୱଚ୍ଛତା ବାର୍ତ୍ତା ଚିତ୍ରାଙ୍କନ କରିଥିଲେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ହୋଇଥିଲା। ମଧ୍ୟାହ୍ନରେ ଟାଉନ ହଲ୍‌ଠାରେ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା ଯୋଗଦେଇ ସ୍ୱଚ୍ଛତାକୁ ମନ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇ ଏହାକୁ ଦୈନନ୍ଦିନ କାର୍ଯ୍ୟରେ ଲଗାଇ ପରିବେଶକୁ ସଫାସୁତୁରା ରଖିବାକୁ ଆହ୍ୱାନ ଦେଇଥିଲେ। ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଏହି ଅବସରରେ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ବର୍ଜ୍ୟବସ୍ତୁରୁ ତିଆରି ସୁନ୍ଦର ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ପୌର କର୍ମଚାରୀ ଲଳିତେନ୍ଦୁ ନାୟକ, ଗଦାଧର ସାହୁ, ସ୍ୱଚ୍ଛତା ଓ ସଫେଇ ବିଶେଷଜ୍ଞ ବିଶ୍ୱରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ଆଦର୍ଶ ବିଦ୍ୟାଳୟର ପିଲା ଆଦର୍ଶବାନ୍ ହେବା ଆବଶ୍ୟକ’



ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଭଦ୍ରକ,୪।୧୦(ସନାତନ ରାଉତ)

ପାଠ ପଢ଼ିବା ସହ ନିଜ ଚରିତ୍ରରେ ସୁଧାର ଆଣି ଶୃଙ୍ଖଳା ଶିକ୍ଷା କରିବା ଉଚିତ୍। ଶୃଙ୍ଖଳା ହେଉଛି ଛାତ୍ରଛାତ୍ରୀଙ୍କ ଜୀବନର ମୂଳମନ୍ତ୍ର। ଆଦର୍ଶ ବିଦ୍ୟାଳୟର ପିଲାମାନଙ୍କୁ ଶୃଙ୍ଖଳିତ କରିବା, ଆଦର୍ଶବାନ୍ ଓ ଉତ୍ତମ ଚରିତ୍ର ଗଠନ କରିବାରେ ଗୁରୁମା ଗୁରୁଜୀଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଭଦ୍ରକ ବ୍ଲକ ଓଲଙ୍ଗସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମାଙ୍କ ସଂଯୋଜନାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଷ୍ଠା ଦିବସରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଭଦ୍ରକ ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଆବାହକ ତଥା ବନ୍ତ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡ଼ ଓ ସାଙ୍ଗଠନିକ ସମ୍ପାଦକ ଓଲଙ୍ଗ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମାନସ କୁମାର ମାଝୀ ଯୋଗ ଦେଇଥିଲେ। ଅତିଥିମାନେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠାର ଆଭିମୁଖ୍ୟ ବିଷୟରେ କହିଥିଲେ। ଧାମନଗର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ତନୱିର୍ ଆବିଦ୍, ଚାନ୍ଦବାଲିର ଅଧ୍ୟକ୍ଷ ଗଙ୍ଗାଧର ସାହୁ, ତିହିଡ଼ିର ଅଧ୍ୟକ୍ଷ ଦୀପକ କୁମାର ଜେନା, ବାସୁଦେବପୁରର ଅଧ୍ୟକ୍ଷା ବବିତାରାଣୀ ସେଠୀ, ଭଣ୍ଡାରିପୋଖରୀ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଉର୍ବଶୀ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ଜିଲାର ୭ ଆଦର୍ଶ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ପ୍ରବନ୍ଧ, କବିତା ଆବୃତ୍ତି, ନୃତ୍ୟ ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରତିକାନ୍ତ ପଣ୍ଡାଙ୍କ ସଂଯୋଜନାରେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ, ଓଡ଼ିଶୀ ଆଦି ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଦେବଦତ୍ତ ସାହୁ, ବିପିନ ବିହାରୀ ସାହୁ, ମନୋରଞ୍ଜନ ବଳ, ଦେବବ୍ରତ ମହାପାତ୍ର, କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ବେହେରାଙ୍କ ସମେତ ଓଲଙ୍ଗ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨ ହଜାର ତାଳଗଛ ଲଗାଇବାକୁ ପ୍ରୟାସ



ଯୁବନେତା ଶମ୍ଭୁନାଥ ରାଉତ ତାଳ ମଞ୍ଜି ପୋତିବା ପାଇଁ ମାଟି ଖୋଳାଯାଉଛି।

ଧାମନଗର,୪।୧୦
(ଦେବେନ୍ଦ୍ର ଆଢ଼ିଆ)

ବର୍ତ୍ତମାନ ଜଳବାୟୁର ଦ୍ରୁତ ପରିବର୍ତ୍ତନ ଘଟୁଥିବା ବେଳେ ଅସମୟରେ ବର୍ଷା ଓ ବଜ୍ରପାତ ହେଉଛି। ଏହାକୁ ରୋକିବା ପାଇଁ ବିଭିନ୍ନ ଗ୍ରାମ ଓ ସହରାଞ୍ଚଳରେ ତାଳ ଗଛ ଲଗାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ହୃଦୟଙ୍ଗମ କରି ଧାମନଗର ବ୍ଲକ ଅର୍ଜୁନପୁର ଅଞ୍ଚଳର ଯୁବନେତା ଶମ୍ଭୁନାଥ ରାଉତ ତାଳ ଗଛ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ମା’ କୋଚିଲା ନାୟକାଣୀ ପୀଠରୁ କୋଚିଲା ନଦୀବନ୍ଧ ପାର୍ଶ୍ୱ ଓ ଅର୍ଜୁନପୁର ପଡ଼ିଆରେ ସେ ତାଳ ମଞ୍ଜି ପୋତିବା ଆରମ୍ଭ କରିଛନ୍ତି। ପାଖାପାଖି ୨ ହଜାର ତାଳ ମଞ୍ଜି ଲଗାଯିବ ବୋଲି ଯୁବନେତା ଶମ୍ଭୁନାଥ କହିଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ସମିତିସଭ୍ୟ ବିଦ୍ୟାଧର ରାଉତ ଓ ସୁନାରାଣୀ ଦାସ ତାଳମଞ୍ଜି ଲଗାଇ ଶୁଭାରମ୍ଭ କରିଥିଲେ। ଅଭୟ ରାଉତ, ରଘୁନାଥ ରାଉତ, ସଦାଶିବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

ବନ୍ତ,୪।୧୦
(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକସ୍ଥିତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ। ଏଥିଯୋଗୁ ମିଶନଶକ୍ତି ସମେତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଜଣାଯାଇଛି। ପ୍ରକାଶ ଯେ, ଏହି ବ୍ଲକରେ ୨୩୮ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ପରିଚାଳନା ଓ ତଦାରଖ ପାଇଁ ସମନ୍ୱିତ ଶିଶୁ ବିକାଶ ଅଫିସ୍‌ରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଏଠାରେ ସ୍ଥାୟୀ ସିଡିପିଓ ନ ଥିବାରୁ ବହୁ ସମସ୍ୟା ଦେଖାଯାଉଛି। ଭଦ୍ରକ ବ୍ଲକର ସିଡିପିଓଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି କାର୍ଯ୍ୟାଳୟରେ ବିପିସି, ସହକାରୀ ବ୍ଲକ ପ୍ରକଳ୍ପ ସଂଯୋଜକ, ଆକାଉଣ୍ଟାଣ୍ଟ ଓ କିରାଣି ପଦବୀ ଖାଲିପଡ଼ିଛି। ୧୧ ସୁପରଭାଇଜର ଆବଶ୍ୟକ ଥିବାବେଳେ ୮ଜଣରେ କାମ ଚାଲୁଛି। ଖାଲି ଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରାଗଲେ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁରୂପେ ଚାଲିବ ବୋଲି ବିଭାଗୀୟ କର୍ମଚାରୀ କହିଛନ୍ତି। ଭାରପ୍ରାପ୍ତ ସିଡିପିଓ ରାଜଶ୍ରୀ ଗୋସ୍ୱାମୀ କହିଛନ୍ତି, ଜଣେ ନୂଆ ସିଡିପିଓ ଏଠାରେ ଯୋଗଦେବା ପାଇଁ ନିର୍ଦ୍ଦେଶ ହୋଇଛି। ସେ ଏଯାଏ ଯୋଗଦେଇ ନାହାନ୍ତି। ଅନ୍ୟ ଖାଲି ଥିବା ପଦବୀଗୁଡ଼ିକ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି।


**ପୂର୍ବତଟ ରେଳପଥ**

File No.: DRM/Engg/KUR/24-25/ E-Tender/64, ତା.27.09.2024ରିଖ

Tender No.: e-TenderABSS-LGTR-2024 ତା.20.09.2024ରିଖ

କାର୍ଯ୍ୟର ନାମ: ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ଲିଙ୍ଗରାଜ ମନ୍ଦିର ରୋଡ (LGTR) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପଗ୍ରେଡ୍‌ସନ୍ ପାଇଁ ଆର୍କିଟେକ୍ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.10.62 ଲକ୍ଷ
EMD : ଟ.21,300/-

Tender No.: e-TenderABSS-ANGL-2024 ତା.20.09.2024ରିଖ

କାର୍ଯ୍ୟର ନାମ: ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅନୁଗୁଳ (ANGL) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପଗ୍ରେଡ୍‌ସନ୍ ପାଇଁ ଆର୍କିଟେକ୍ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.12.33 ଲକ୍ଷ
EMD : ଟ.24,700

Tender No.: e-TenderABSS-MRDL-2024 ତା.20.09.2024ରିଖ

କାର୍ଯ୍ୟର ନାମ: ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ମେରାମଣ୍ଡଳୀ (MRDL) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପଗ୍ରେଡ୍‌ସନ୍ ପାଇଁ ଆର୍କିଟେକ୍ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.10.10 ଲକ୍ଷ
EMD : ଟ.20,200/-

କାର୍ଯ୍ୟ ସମାପ୍ତିର ଅବଧି : 06 (ଛଅ) ମାସ (ସମସ୍ତ ଟେଣ୍ଡର ନିମନ୍ତେ)

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.14.10.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବସାଇଟ୍ : www.ireps.gov.in

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ୍)
ଖୋର୍ଦ୍ଧା ରୋଡ
PR-581/P/24-25



**Office of the Executive Engineer,**
**R.C.D, Road Division, Garhwa**

**CORRIGENDUM**

In partial modification of Tender Reference No.- RCD/Garhwa/1172/2024-25 Date:-19.09.2024 [PR 336330 Road (24-25).D & PR 337377 Road(24-25).D} under Road Division, Garhwa may be read as follows :-

| | |
|---|---|
| Name of Work | **Construction of one block (6 unit) 'C' Type Quarter Building under Road Division, Garhwa** |
| Corrigendum Title | Changes in Following Dates |
| Corrigendum Detail | **Please read following changed date.**<br>Last date/Time for receipt of bids: 21-10-2024, 12.00 Noon<br>Date of Publication of Tender on website: 15-10-2024, 10.30 A.M. |

PR 337945 Road(24-25).D

Executive Engineer
R.C.D,Road Division,Garhwa



**कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची**

अतिअल्पकालीन ई–प्रोक्योरमेंट सूचना
टेन्डर रेफरेंन्स नं0–प0नि0वि0/राँची–26/2024–25
दिनांक :–01.10.2024

| | | |
|---|---|---|
| 1. | कार्य का नाम | रिनपास हॉस्पीटल कैम्पस अन्तर्गत पथों की कुल लम्बाई–11.402 कि0मी0 में राईडिंग क्वालिटी में सुधार कार्य (Improvement of Riding Quality) कार्य वर्ष 2024–25. |
| 2. | प्राक्कलि राशि (रू0 लाख में) | रू0 358.24145 लाख (रूपये तीन करोड अंठावन लाख चौबिस हजार एक सौ पैतालीस) मात्र। |
| 3. | अग्रधन की राशि (रू0 लाख में) | रू0 3.59 लाख (रूपये तीन लाख उनसठ हजार) मात्र। |
| 4. | कार्य पूर्ण करने की अवधि | 04 (चार) माह |
| 5. | वेबसाईड पर निविदा प्रकाशन की तिथि | 07.10.2024 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/समय | 15.10.2024 12.00 बजे दोपहर तक |
| 7. | निविदा खोलने तिथि/समय | 16.10.2024 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008 |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे *Tender Online Upload* में देखा जा सकता है, एवं किसी भी प्रकार का बदलाव *http://jharkhandtenders.gov.in* पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए *UCAN* निबंधन आवश्यक है।
- नियम एवं शर्तें के लिए वेबसाईट *http://jharkhandtenders.gov.in* पर देखें।

कार्यपालक अभियंता
पथ निर्माण विभाग,पथ प्रमंडल, राँची।
PR.NO.337923 Road Construction Dept Road Division Ranchi(24-25):D



See Career Appointment on every **Wednesday & Saturday**



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**ODISHA SCHOOL EDUCATION PROGRAMME AUTHORITY**
**“ SHIKSHA SOUDHA”, UNIT-V, BHUBANESWAR-751001**

**RFP No.9718/CW/2024** **Dated 04.10.2024**

**NOTICE INVITING REQUEST FOR PROPOSAL (RFP)**

**No.n-104:**Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for selection of an agency for providing Event Management Services for execution of different works relating to State Level Students' Festival "SURAVI 2024" scheduled to be held from 12th-14th November, 2024 at Capital High School, Unit-III, Bhubaneswar.

The RFP document will be available in the OSEPA website i.e. **osepa.odisha.gov.in.** The bidders fulfilling the prescribed eligibility criteria of the RFP can access download the complete RFP Document and other details from the above website & apply accordingly. Corrigendum/addendum, if any, shall only be notified in the website mentioned above.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | By 08/10/2024 |
| 2 | Last Date for Receipt of Bid | By 25/10/2024 (by 12.00 Noon) |
| 3 | Date and Time of Opening of Technical Bid and Technical Evaluation | On 25/10/2024 from 1.00 P.M. onwards |
| 4 | Date of Opening of Financial Bid of Technically Qualified Bidders. | On 25/10/2024 (after technical evaluation) |

The proposal complete in all respects must reach the undersigned by Speed Post/ Registered Post/ Courier only latest **by 12.00 Noon on 25/10/2024.** The proposals received beyond the last date and time will be rejected. The Tender Inviting Authority (TIA) i.e. OSEPA reserves the right to accept / reject any / all BIDs / cancel the entire selection process at any stage without assigning any reason thereof.

**Address for Submission of Proposal:**

**State Project Director,**
**Odisha School Education Programme Authority (OSEPA)**
**“Shiksha Soudha”, Unit-V, Bhubaneswar, Odisha - 751001**

**Sd./-**
OIPR-27068/11/0009/2425 **State Project Director**



Your classified advertisement published in Dharitri will be listed free in Dharitri online edition : **www.dharitri.com**



सेन्ट्रल बैंक ऑफ़ इंडिया
Central Bank of India
CENTRAL TO YOU SINCE 1911

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର, କ୍ୱାଣ୍ଟମ୍ ବିଲ୍ଡିଂ, ଫାର୍ମ ରୋଡ଼, ପୋ: ମୋଦିପଡା, ସମ୍ବଲପୁର - ୭୬୮୦୦୨, ଫୋନ୍: ୦୬୬୩-୨୫୩୩୦୯୧/ ୨୫୨୨୯୫୪, ଇମେଲ୍: cmrecoverysambro@centralbank.co.in

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
[ରୁଲ-୮(୧)ଦ୍ରଷ୍ଟବ୍ୟ]

ନିମ୍ନ ସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରି ସମ୍ପୃକ୍ତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟରଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ରୁଲ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ନିକଟରେ ନିମ୍ନଦର୍ଶିତ ରାଶି ସହିତ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ପାଣିମୋରା ଶାଖା/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ଅରୁଣା ହୋତା, ସ୍ୱାମୀ: ଶ୍ରୀ ଗିରିଶ ଚନ୍ଦ୍ର ଆଚାର୍ଯ୍ୟ, ପିତା: ଶ୍ରୀ ହୃଶିକେଶ ହୋତା, ସା/ପୋ: ଚିଚିନ୍ଦା, ବାଉସେନମୁରା, ବରଗଡ଼, ଜିଲ୍ଲା: ବରଗଡ଼, ଓଡ଼ିଶା-୭୬୮୦୩୩ | ୧୧.୦୬.୨୦୨୪ ସୁଦ୍ଧା ଟ.୩,୭୯,୧୭୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୮.୦୬.୨୦୨୪ / ୦୩.୧୦.୨୦୨୪ | ବନ୍ଧକଦାତା: ଶ୍ରୀମତୀ ଅରୁଣା ହୋତା, ସ୍ୱାମୀ: ଶ୍ରୀ ଗିରିଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୪୧୪/୧୧୪୪୫, ପ୍ଲଟ୍ ନଂ.: ୯୧୩/୧୫୨୮୮, କ୍ଷେତ୍ର: ଏକର୦.୦୫୫ ଡିସିମିଲି, ମୌଜା: ବରଗଡ଼, ତହସିଲ: ବରଗଡ଼, ଥାନା: ବରଗଡ଼, ଜିଲ୍ଲା: ବରଗଡ଼, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା ଏବଂ ମନ୍ଦିର, ପଶ୍ଚିମ: ଖଲ୍ଲିପାଲିଙ୍କ ଜମି, ଉତ୍ତର: ଧନୁ ସେଠୀ, ଦକ୍ଷିଣ: ବ୍ରଜବନ୍ଧୁ ନାଏକ |

ସ୍ଥାନ: ସମ୍ବଲପୁର, ତାରିଖ: ୦୪.୧୦.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅଶାଳୀନ ବ୍ୟବହାର ଭିଡିଓ ଭାଇରାଲ୍

ବାରିପଦା,୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲାର ଏକ ମହିଳା ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଜଣେ ଅଧ୍ୟାପକ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଏ ସଂକ୍ରାନ୍ତରେ ଛାତ୍ରୀ ଜଣକ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଭେଟି ଅବଗତ କରିଛନ୍ତି। ସେକ୍ସୁଆଲ ହାରାସ୍‌ମେଣ୍ଟ ସେଲ୍‌ରେ ଅଭିଯୋଗ କରିବା ପାଇଁ ଅଧ୍ୟକ୍ଷା ନିର୍ଦ୍ଦେଶ ଦେବା ସହ କଲେଜର ପରିଚାଳନା କମିଟିକୁ ଅବଗତ କରିଛନ୍ତି। ଘଟଣାକୁ ଗୁରୁତର ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷା କହିଛନ୍ତି।

### ୨ ଦିନିଆ ତାଲିମ କାର୍ଯ୍ୟକ୍ରମ

ବାରିପଦା,୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦାସ୍ଥିତ ଜିଲାପଞ୍ଚାୟତ ଉତ୍ସ କେନ୍ଦ୍ର ସମ୍ମିଳନୀ ହଲରେ ଶୁକ୍ରବାର ଦୁଇ ଦିନିଆ ଗୃହ ଭିତ୍ତିକ ପ୍ରକଳ୍ପ ଶିକ୍ଷା ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ ଓ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଯୋଗ ଦେଇଥିଲେ। ଆମର ଲକ୍ଷ୍ୟ ହେଉଛି ଶିକ୍ଷା ପଦ୍ଧତିରେ ଅଭିନବ ସମାଧାନର ବିକାଶ, ଉନ୍ନତି ଯୋଜନାରେ ସହଯୋଗ କରିବା ସହ ବିଦ୍ୟାଳୟର ନେତୃତ୍ୱ ଏବଂ ପରିଚାଳନା ମଧ୍ୟରେ ସ୍ଥାୟୀ ଯୁଗ ଉପଯୋଗୀ ପରିବର୍ତ୍ତନକୁ ସମର୍ଥନ କରିବା। ଏଥି ପାଇଁ ଶିକ୍ଷାଦାନର ମାନ ବୃଦ୍ଧି ହେବ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ତାଲିମ ଶିବିରରେ ମୟୂରଭଞ୍ଜ ଏବଂ କେନ୍ଦୁଝରର ଓଡ଼ିଆ ଭାଷା ସାହିତ୍ୟ ଏବଂ ସାମାଜିକ ବିଜ୍ଞାନ ବିଷୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ।

# କପ୍ତିପଦାରେ ମାତିଛନ୍ତି ଲୁଟେରା

ଉଦଳା,୪।୧୦(ସନ୍ତୋଷ କୁମାର ବାଛିନୀ)

- ସିସିଟିଭିରେ ଗାମୁଛା ଗୁଡ଼ାଇ ଘରୁ ଲୁଟିନେଲେ
- ବ୍ୟାଙ୍କରେ ପଶିଲେ, ଲୁଟି ନ ପାରି ଚାଲିଗଲେ

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ଯୋଗୁ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟେରା ଲୁଟ କରି ଚାଲିଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଛି। ଏହି ଥାନା ଅଧୀନ ଗଡ଼ସାହି ଗ୍ରାମର ନାରାୟଣ ଦାସବାବୁ ଗତ ୨୮ ତାରିଖ ଆଖି ଅପରେସନ ନିମନ୍ତେ ଭୁବନେଶ୍ୱର ଯାଇଥିଲେ। ଗୁରୁବାର ରାତିରେ ସେ ଘରକୁ ଫେରିବା ପରେ ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ପୋଲିସକୁ ଖବର ଦେବାରୁ ପୋଲିସ୍ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ନାରାୟଣ ଦାସବାବୁଙ୍କ ଘରେ ଲାଗିଥିବା ସିସିଟିଭି ହିଁ ଲୁଟେରାଙ୍କ ଗତିବିଧି ସ୍ପଷ୍ଟ କରିଛି। ସିସିଟିଭିରେ କଏଦ ଚିତ୍ର ଅନୁସାରେ ଜଣେ ଲୁଟେରା ମୁହଁରେ କପଡ଼ା ବାନ୍ଧି ଲୁଟ୍ କରିବାକୁ ପ୍ରଥମେ ଘର ଭିତରେ ପଶିବାକୁ ଉଦ୍ୟମ କରିଥିଲେ। ଘର ବାହାରେ ଲାଗିଥିବା ସିସିଟିଭିରେ ସେ ଗାମୁଛା ଗୁଡ଼ାଇ ଦେଇଥିଲେ। ପରେ ଘର ଭିତରେ ପଶି ଗଡରେଜ ଭାଙ୍ଗି ସେଥିରେ ଥିବା ୧୫ ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇ ପଳାଇଥିଲେ।

ସେହିପରି ଶାଳଚୁଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ପଛ ପାଖ ଝରକା କାଟି ଲୁଟେରାମାନେ ବ୍ୟାଙ୍କ ଭିତରେ ପଶି ଲୁଟ୍ କରିବାକୁ ଉଦ୍ୟମ କରିଛନ୍ତି। ଲୁଟେରାମାନେ ବ୍ୟାଙ୍କ ଭିତରେ ପଶି ଲୁଟ୍ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଆଇରନ ଚେଷ୍ଟ କାଟି ପାରି ନ ପାରି ଖାଲି ହାତରେ ଫେରିଯାଇଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ନୂଆସାହି ଅଞ୍ଚଳରେ ମଧ ଜଣେ ବ୍ୟକ୍ତିଙ୍କ ଘରୁ ମଧ ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ ।

# ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବାରିପଦା,୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ଉପକଣ୍ଠ ମହାରାଜାପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଏବଂ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ ଶୀର୍ଷକ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଲୋଚନା ଚକ୍ରର ବିଷୟ ବସ୍ତୁ ଉପରେ ନିଜର ମତାମତ ରଖିବା ସହିତ ଛାତ୍ରୀ ଛାତ୍ର ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଡ. ହାଁସଦାଙ୍କୁ ସମ୍ମାନିତ କରିଥିଲେ। ରେଭେନ୍ସା ବିଶ୍ୱବଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ରିସର୍ଚ୍ଚ ସ୍କଲାର କେଶରୀ ପ୍ରସାଦ ମହାନ୍ତି, ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର୍ ରୂପମଞ୍ଜରି ବେହେରା ,ଅଧ୍ୟାପିକା କସ୍ତୁରୀବା ମହାନ୍ତ, ଅଧ୍ୟାପକ କୀର୍ତ୍ତି କୌଶିକ ନାୟକ ଆଲୋଚନାର ବିଷୟବସ୍ତୁ ଉପରେ ମତାମତ ରଖିଥିଲେ। ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ଶେଷବର୍ଷର ଛାତ୍ରୀ ଏନ. ବିଜୟଲକ୍ଷ୍ମୀ, ସୁପ୍ରିୟା ନନ୍ଦୀ, ଶ୍ୱସ୍ତିକା ଦାଶ, ପରିନିତା ବେହେରା ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ନିଜର ମତାମତ ରଖିଥିଲେ। ସ୍ନାତକୋତ୍ତର ବିଭାଗର ଛାତ୍ରୀ ନିକିତା କାଳନ୍ଦୀ ଅତିଥି ପରିଚୟ ଓ ଆଲୋଚନାର ବିଷୟ ବସ୍ତୁ ଉପରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀ ସୁପ୍ରିୟା ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଅଙ୍କିତା ସାହୁ ସେମିନାର ରିପୋର୍ଟ ପଠନ କରିଥିଲେ। ଛାତ୍ର ଗଡେଶ୍ୱର ପରିଡ଼ା, ଶୁଭାଶିଷ ନାଏକ,ଜୀବନ ଜ୍ୟୋତି ମହାନ୍ତ, ଛାତ୍ରୀ ସନାଲି ଓଝା,ଅଲିଭା ଧଳ,ସ୍ମୃତିରେଖା ମହାନ୍ତ ପ୍ରମୁଖ ଆଲୋଚନା ଚକ୍ର ଆୟୋଜନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

# ଡିଗ୍ରୀ ସମ୍ମାନ ଉତ୍ସବ

ଖୁଣ୍ଟା,୪ ।୧୦ (ଦେବରଞ୍ଜନ ବେହେରା)- ଖୁଣ୍ଟା ଡିଗ୍ରୀ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରିୟଦର୍ଶିନୀ ଇପ୍ସିତା ଦାଶଙ୍କ ସଭାପତିତ୍ୱରେ ନବାଗତମାନଙ୍କୁ ସ୍ୱାଗତ ଓ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଓ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ପ୍ରମୋଦ କୁମାର ମିଶ୍ର ଯୋଗ ଦେଇଥିଲେ। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗରେ ନୂଆ କରି ଯୋଗ ଦେଇଥିବା ଅଧ୍ୟାପକ ଗୌରବ ପାଲଙ୍କ ସହିତ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ୨୦୨୩-୨୪ ବର୍ଷ ସ୍ନାତକ ପରୀକ୍ଷାରେ ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ ଆଶୁତୋଷ ମିଶ୍ର ଓ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ପାୟଲ ବେହେରା ଏବଂ କଲ୍ୟାଣୀ ବେହେରାଙ୍କୁ ମାନପତ୍ର ସହିତ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ହିରଣ୍ମୟୀ ଶତପଥୀ, ଅଧ୍ୟାପକ ମାନଗୋବିନ୍ଦ ଖିଲାର, ତପନ କୁମାର ବାରିକ ଉପସ୍ଥିତ ଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଦର୍ଶୀକା ନିରୋଦା ବାରିକ ଧନ୍ୟବାଦ ଦେଇଥିଲେ।

# ବାରିପଦାରେ 'ସୁଭଦ୍ରା' ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ରାଶି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

ବାରିପଦା,୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ରାଶି ମୟୂରଭଞ୍ଜର ସଦର ମହକୁମା ବାରିପଦାଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୯ ତାରିଖରେ ହିତାଧିକାରୀମାନଙ୍କୁ ପ୍ରଦାନର ଶୁଭାରମ୍ଭ କରିବେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଛଉ ପଡିଆ ନିକଟ କଲେଜ ପଡ଼ିଆଠାରେ ଏକ 'ସୁଭଦ୍ରା ସମ୍ମିଳନୀ' ଆୟୋଜିତ ହେବ।

ଉକ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲା ଓସ୍ୱାନ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁରକ୍ଷା ବ୍ୟବସ୍ଥା, ଗଣମାଧ୍ୟମରେ ପ୍ରଚାର ପ୍ରସାର, ଟ୍ରାଫିକ ପରିଚାଳନା ଏବଂ ଜନସାଧାରଣଙ୍କ ସୁବିଧା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଅଭୟ କୁମାର ଦାଶ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ଓ ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟଙ୍କ ସମେତ ସମସ୍ତ ଉପଜିଲାପାଳ, ଜିଲାସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘର ଛାଡ଼ି ହାତୀ ଜଗୁଛନ୍ତି ଲୋକେ

ବାଙ୍ଗିରିପୋଷି,୪।୧୦(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସେମାନଙ୍କ ଉତ୍ପାତରେ ଗ୍ରାମବାସୀ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଝଙ୍କପାହାଡି, ନାଫ୍ରି, ବଣକାଟୀ, କାଳିଆମ୍ବି, ଦୋଶିଶୋଳ, ଚାଉଳଘୋରୀ, ଶ୍ୟାମସୁନ୍ଦରପୁର, ନିଶ୍ଚିନ୍ତା, ଧୋବଣିଶୋଳ, କଣ୍ଟାପାଳ, ଅଂଳାଗୁଞ୍ଜା, କାଦଡିହା, ଭାରଦାଶୋଳ, ଜାମଦାପାଳ ଆଦି ଗ୍ରାମର ହାତୀଙ୍କ ଉତ୍ପାତ ବଢିବାରେ ଲାଗିଛି। ସଞ୍ଜ ନଇଁଲେ ହାତୀପଲ ନାଫ୍ରି ଗ୍ରାମ୍ୟ ଜଙ୍ଗଲରୁ ବାହାରି ଜନବସତି ମୁହାଁ ହେଉଛନ୍ତି । ହାତୀପଲ ଦଳିଚକଟି ଧାନ ଫସଲ ନଷ୍ଟ କରିବା ଓ ଖାଇବା ସହିତ ଏପରିକି ସମୟ ସମୟରେ ଗ୍ରାମ ମଧ୍ୟକୁ ପଶି ଆତଙ୍କ ଖେଳାଉଛନ୍ତି। ଗତଥର ଜମଦାପାଳ ଗ୍ରାମର ଜଣେ ଯୁବକ ସକାଳୁ ନଦୀକୁ ଶୌଚ ହେବା ପାଇଁ ଯାଇଥିବା ସମୟରେ ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିଲେ।

ପ୍ରକାଶଯୋଗ୍ୟ, କିଛି ଦିନ ତଳେ ବାଙ୍ଗିରିପୋଷି ବ୍ଲକର କାଳିଆମ୍ବି, ଚାଉଳଘୋରୀ, ଜାମଦାପାଳ, ନାଫ୍ରି, ଝିଙ୍କପାହାଡି ଗ୍ରାମର ଥିବା ଚାଷ ଜମି ଧାନ ଖାଇ ନଷ୍ଟ କରିଥିବା ବେଳେ ନିଶ୍ଚିନ୍ତା ପଞ୍ଚାୟତ ଦୋଶିଶୋଳ ନିକଟରେ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ରାତି ହେଲେ ହାତୀ ଭୟ ଗ୍ରାମବାସୀଙ୍କୁ ଘାରୁଛି । ଉଭୟ ଗ୍ରାମର ଲୋକେ ଘର ଛାଡି ହାତୀ ଜଗିବାକୁ ବାହାରୁଛନ୍ତି। ଚାଷୀମାନେ ରାତିରେ ଉଜାଗର ରହି ନିଆଁ ଜଳି ଧାନ ଧାନ ଫସଲ ଓ ଉଦ୍ୟାନ କୃଷିକୁ ହାତୀ ଉପଦ୍ରବ୍ୟରୁ ରକ୍ଷା କରୁଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ବନ ବିଭାଗର ହାତୀ ଘଉଡାଇବା ଉଦ୍ୟମ ଫସର ଫାଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ହାତୀଙ୍କୁ ଜନବସତିଠାରୁ ଦୂରକୁ ନିଆଯାଉଥିଲେ ମଧ୍ୟ ସେମାନେ ପୁଣି ଥରେ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

# ନୂତନ ପ୍ରାଣୀଧନ ନିରୀକ୍ଷକଙ୍କ ଯୋଗଦାନ

**ମୋରଡ଼ା,୪।୧୦(ସ୍ମାରକ ମାଜୀ):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତରେ ୧୯୭୦ରେ ପ୍ରତିଷ୍ଠା ହୋଇଥିବା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରରେ ବହୁ ବର୍ଷ ଧରି କର୍ମଚାରୀ ନିଯୁକ୍ତି ହୋଇ ନ ଥିବାରୁ ଦୀର୍ଘ ୧୦ବର୍ଷ ହେବ ଉକ୍ତ କେନ୍ଦ୍ର ବନ୍ଦ ହୋଇ ପଡ଼ିଥିଲା। ଉକ୍ତ କେନ୍ଦ୍ର ଉପରେ ଭାଲିଆଡିହା ସମେତ ଦୁର୍ଗାପୁର, କୋହି ଇତ୍ୟାଦି ପଞ୍ଚାୟତର ଲୋକେ ନିର୍ଭର କରୁଥିବାରୁ ଲୋକେ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ଅନ୍ୟ ସହାୟକ କେନ୍ଦ୍ରକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବା ସହିତ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହିପରି ଗାଁଗାଁରେ ବୁଲୁଥିବା ଘରୋଇ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଉଥିବା ବେଳେ ଖର୍ଚ୍ଚାନ୍ତ ଅଧିକ ବଢୁଥିଲା । ତେବେ ନେଇ 'ଧରିତ୍ରୀ'ରେ ଗତ ଜୁଲାଇ ୨୨ ତାରିଖରେ ଖବର ପ୍ରକାଶନ ପରେ ଉକ୍ତ ସହାୟକ କେନ୍ଦ୍ର ଲୋକଙ୍କ ତଥା ସ୍ଥାନୀୟ ନେତୃବୃନ୍ଦଙ୍କ ନଜରକୁ ଆସିଥିଲା। ଖବର ପ୍ରକାଶନ ପରେ ଜିଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ସମିତି ସଭ୍ୟା ଝୁନାରାଣୀ ସେଠୀ, ସରପଞ୍ଚ ସୌଦାମିନୀ ସିଂ, ଯୁବ ସାମାଜିକ କର୍ମୀ ରାଜେନ୍ଦ୍ର ବିନ୍ଧାଣୀଙ୍କ ସମେତ ଅଞ୍ଚଳବାସୀ ଉକ୍ତ ସହାୟକ କେନ୍ଦ୍ର ଖୋଲିବା ନିମନ୍ତେ ଏକ ଦାବିପତ୍ର ମୋରଡା ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ତେବେ ଉକ୍ତ କେନ୍ଦ୍ରରେ ଗୁରୁବାର ନୂତନ ପ୍ରାଣୀଧନ ନିରୀକ୍ଷକ ଭାବେ କ୍ଷୀରୋଦ ବେହେରା ଯୋଗଦାନ କରିଥିବା ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅରବିନ୍ଦ ଜେନା କହିଛନ୍ତି। ଉକ୍ତ କେନ୍ଦ୍ର ପାଇଁ ଏକ ନୂତନ ବିଲଡିଂ ମଧ ମଞ୍ଜୁର ହୋଇଛି ବୋଲି ଜେନା ସୂଚନା ଦେଇଛନ୍ତି।

# ୭୧ ୟୁନିଟ୍ ରକ୍ତ ସଂଗ୍ରହ

ଗୋପବନ୍ଧୁ ନଗର, ୪।୧୦ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋପବନ୍ଧୁ ନଗର ବ୍ଲକ ବିଡିଓ କରୁଣାକର ଧିନ୍ଦା, ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, କୁଆମରା ଆଞ୍ଚଳିକ ଡାକ୍ତରଖାନାର ମେଡିକାଲ ଅଫିସର ଶାନ୍ତନୁ କୁମାର ଜେନା ଯୋଗ ଦେଇଥିଲେ। ଅଧ୍ୟକ୍ଷ ସୁବଳ ଦାସ ଓ କଲେଜ ପରିଚାଳନା କମିଟିର ସଭାପତି ମନମୋହନ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ଶିବିରରେ ମୋଟ ୭୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରେଡକ୍ରସ ଯୋଜନା ଅଧିକାରୀ ବିଶ୍ୱନାଥ ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ଗୋପୀନାଥ ପଣ୍ଡା, ସାମ୍ବାଦିକ ନିମାଇଁ ପ୍ରସାଦ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଅଧ୍ୟାପକ ବିବେକାନନ୍ଦ ଗିରି, ପ୍ରଭାତ ସେନାପତି, ପ୍ରଦୀପ ପଣ୍ଡା, ଛତିଶ କୁମାର ଦାସ, ଅବନୀ କୁମାର ମହାନ୍ତି, ଅଶ୍ୱନୀ ପ୍ରଧାନ, ପ୍ରଭାତ ମିଶ୍ର, ଅଧ୍ୟାପିକା ମୀତାରାଣୀ ଦ୍ୱିବେଦୀ, ରଶ୍ମିତା ମହାରଣା, ନମିତା ପ୍ରଧାନ, ସାମ୍ବାଦିକ ହିରେନ ରାୟ, ଚିତ୍ତରଞ୍ଜନ ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ଉଦଳା ରକ୍ତ ଭଣ୍ଡାରର ଡା. ଖଗେଶ୍ୱର ସିଂହ, କୃଷ୍ଣଚନ୍ଦ୍ର ମାରାଣ୍ଡି, ଅଭିନ୍ନ ସୁନ୍ଦର ନାୟକ, ବୀଣାପାଣି ବିଶ୍ୱାଳ, ଅଜିତ କୁମାର ସିଂ, ଶମ୍ଭୁନାଥ ସିଂ, ଭଗବାନ ବେହେରା ଯୋଗଦେଇ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।


**ପୂର୍ବତଟ ରେଳପଥ**

File No.: DRM/Engg/KUR/24-25/ E-Tender/64, ତା.27.09.2024ରିଖ

Tender No.: e-TenderABSS-LGTR-2024 ତା.20.09.2024ରିଖ

**କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ଲିଙ୍ଗରାଜ ମନ୍ଦିର ରୋଡ (LGTR) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପ୍‌ଗ୍ରେଡ୍‌ସନ୍ ପାଇଁ ଆର୍କିଟେକ୍‌ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.10.62 ଲକ୍ଷ

EMD : ଟ.21,300/-

Tender No.: e-TenderABSS-ANGL-2024 ତା.20.09.2024ରିଖ

**କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅନୁଗୁଳ (ANGL) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପ୍‌ଗ୍ରେଡ୍‌ସନ୍ ପାଇଁ ଆର୍କିଟେକ୍‌ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.12.33 ଲକ୍ଷ

EMD : ଟ.24,700

Tender No.: e-TenderABSS-MRDL-2024 ତା.20.09.2024ରିଖ

**କାର୍ଯ୍ୟର ନାମ:** ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ମେରାମଣ୍ଡଳୀ (MRDL) ରେଳ ଷ୍ଟେସନ୍‌ର ଉନ୍ନତୀକରଣ ନିମନ୍ତେ ମାଷ୍ଟର ପ୍ଲାନ୍‌ର ଅପ୍‌ଗ୍ରେଡ୍‌ସନ୍ ପାଇଁ ଆର୍କିଟେକ୍‌ଚରାଲ ଓ ବୈଷୟିକ ପରାମର୍ଶ ପ୍ରଦାନ କରିବା, ବୈଷୟିକ ସମ୍ଭାବ୍ୟତା ରିପୋର୍ଟର ସମୀକ୍ଷା କରିବା, ଆକଳନ, ଟେଣ୍ଡର କାର୍ଯ୍ୟସୂଚୀ ଓ ନିର୍ମାଣ ଡ୍ରଇଂ ପାଇଁ ସାମଗ୍ରୀ ପ୍ରସ୍ତୁତି କରିବା, ଇତ୍ୟାଦିର ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.10.10 ଲକ୍ଷ

EMD : ଟ.20,200/-

କାର୍ଯ୍ୟ ସମାପ୍ତିର ଅବଧି : 06 (ଛଅ) ମାସ (ସମସ୍ତ ଟେଣ୍ଡର ନିମନ୍ତେ)

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :** ତା.14.10.2024ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବସାଇଟ୍ : www.ireps.gov.in

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ) ଖୋର୍ଦ୍ଧା ରୋଡ

PR-581/P/24-25



See Career Appointment on every Wednesday & Saturday



**Office of the Executive Engineer, R.C.D, Road Division, Garhwa**

**CORRIGENDUM**

In partial modification of Tender Reference No.- RCD/Garhwa/1172/2024-25 Date:-19.09.2024 [PR 336330 Road (24-25).D & PR 337377 Road(24-25).D} under Road Division, Garhwa may be read as follows :-

| | |
|---|---|
| Name of Work | **Construction of one block (6 unit) 'C' Type Quarter Building under Road Division, Garhwa** |
| Corrigendum Title | Changes in Following Dates |
| Corrigendum Detail | **Please read following changed date.** |

| | |
|---|---|
| Last date/Time for receipt of bids | 21-10-2024, 12.00 Noon |
| Date of Publication of Tender on website | 15-10-2024, 10.30 A.M. |

PR 337945 Road(24-25).D

Executive Engineer
R.C.D,Road Division,Garhwa



**कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची**

अतिअल्पकालीन ई–प्रोक्योरमेंट सूचना

टेन्डर रेफरेंन्स नं0–प0नि0वि0 / राँची–26 / 2024–25

दिनांक :–01.10.2024

| | | |
|---|---|---|
| 1. | कार्य का नाम | रिनपास हॉस्पीटल कैम्पस अन्तर्गत पथों की कुल लम्बाई–11.402 कि0मी0 में राईडिंग क्वालिटी में सुधार कार्य (Improvement of Riding Quality) कार्य वर्ष 2024–25. |
| 2. | प्राक्कलि राशि (रू0 लाख में) | रू0 358.24145 लाख (रूपये तीन करोड अंठावन लाख चौबिस हजार एक सौ पैतालीस) मात्र। |
| 3. | अग्रधन की राशि (रू0 लाख में) | रू0 3.59 लाख (रूपये तीन लाख उनसठ हजार) मात्र। |
| 4. | कार्य पूर्ण करने की अवधि | 04 (चार) माह |
| 5. | वेबसाईड पर निविदा प्रकाशन की तिथि | 07.10.2024 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि / समय | 15.10.2024 12.00 बजे दोपहर तक |
| 7. | निविदा खोलने तिथि / समय | 16.10.2024 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008 |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे *Tender Online Upload* में देखा जा सकता है, एवं किसी भी प्रकार का बदलाव *http://jharkhandtenders.gov.in* पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए *UCAN* निबंधन आवश्यक है।
- नियम एवं शर्तें के लिए वेबसाईट *http://jharkhandtenders.gov.in* पर देखें।

कार्यपालक अभियंता
पथ निर्माण विभाग,पथ प्रमंडल, राँची।

PR.NO.337923 Road Construction Dept Road Division Ranchi(24-25):D



सेन्ट्रल बैंक ऑफ़ इंडिया
Central Bank of India
CENTRAL TO YOU SINCE 1911

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର, କ୍ୱାଣ୍ଟମ୍ ବିଲ୍ଡିଂ, ଫାର୍ମ ରୋଡ୍, ପୋ: ମୋଦିପଡା, ସମ୍ବଲପୁର - ୭୬୮୦୦୨, ଫୋନ୍: ୦୬୬୩-୨୫୩୩୦୯୧/ ୨୫୨୨୯୫୪, ଇମେଲ୍: cmrecoverysambro@centralbank.co.in

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
[ରୁଲ-୮(୧)ଦ୍ରଷ୍ଟବ୍ୟ]

ନିମ୍ନ ସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରି ସମ୍ପୃକ୍ତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟରଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ରୁଲ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ନିକଟରେ ନିମ୍ନଦର୍ଶିତ ରାଶି ସହିତ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ପାଣିମୋରା ଶାଖା/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ଅରୁଣା ହୋତା, ସ୍ୱାମୀ: ଶ୍ରୀ ଗିରିଶ ଚନ୍ଦ୍ର ଆଚାର୍ଯ୍ୟ, ପିତା: ଶ୍ରୀ ହୃଷିକେଶ ହୋତା, ସା/ପୋ: ଚିଚିନ୍ଦା, ବାଉସେନମୁରା, ବରଗଡ଼, ଜିଲ୍ଲା: ବରଗଡ଼, ଓଡିଶା-୭୬୮୦୩୩ | ୧୧.୦୬.୨୦୨୪ ସୁଦ୍ଧା ଟ.୩,୭୯,୧୭୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୮.୦୬.୨୦୨୪ / ୦୩.୧୦.୨୦୨୪ | ବନ୍ଧକଦାତା: ଶ୍ରୀମତୀ ଅରୁଣା ହୋତା, ସ୍ୱାମୀ: ଶ୍ରୀ ଗିରିଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୪୧୪/୧୧୪୪୫, ପ୍ଲଟ୍ ନଂ.: ୯୧୩/୧୫୨୮୮, କ୍ଷେତ୍ର: ଏକର୦.୦୫୫ ଡିସିମିଲି, ମୌଜା: ବରଗଡ଼, ତହସିଲ: ବରଗଡ଼, ଥାନା: ବରଗଡ଼, ଜିଲ୍ଲା: ବରଗଡ଼, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା ଏବଂ ମନ୍ଦିର, ପଶ୍ଚିମ: ଖଲ୍ଲିପାଲିଙ୍କ ଜମି, ଉତ୍ତର: ଧନୁ ସେଠୀ, ଦକ୍ଷିଣ: ବ୍ରଜବନ୍ଧୁ ନାଏକ |

ସ୍ଥାନ: ସମ୍ବଲପୁର, ତାରିଖ: ୦୪.୧୦.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**ODISHA SCHOOL EDUCATION PROGRAMME AUTHORITY**

**" SHIKSHA SOUDHA", UNIT-V, BHUBANESWAR-751001**

**RFP No.9718/CW/2024** **Dated 04.10.2024**

**NOTICE INVITING REQUEST FOR PROPOSAL (RFP)**

**No.n-104:** Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for selection of an agency for providing Event Management Services for execution of different works relating to State Level Students' Festival "SURAVI 2024" scheduled to be held from 12th-14th November, 2024 at Capital High School, Unit-III, Bhubaneswar.

The RFP document will be available in the OSEPA website i.e. **osepa.odisha.gov.in.** The bidders fulfilling the prescribed eligibility criteria of the RFP can access download the complete RFP Document and other details from the above website & apply accordingly. Corrigendum/addendum, if any, shall only be notified in the website mentioned above.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | By 08/10/2024 |
| 2 | Last Date for Receipt of Bid | By 25/10/2024 (by 12.00 Noon) |
| 3 | Date and Time of Opening of Technical Bid and Technical Evaluation | On 25/10/2024 from 1.00 P.M. onwards |
| 4 | Date of Opening of Financial Bid of Technically Qualified Bidders. | On 25/10/2024 (after technical evaluation) |

The proposal complete in all respects must reach the undersigned by Speed Post/ Registered Post/ Courier only latest **by 12.00 Noon on 25/10/2024.** The proposals received beyond the last date and time will be rejected. The Tender Inviting Authority (TIA) i.e. OSEPA reserves the right to accept / reject any / all BIDs / cancel the entire selection process at any stage without assigning any reason thereof.

**Address for Submission of Proposal:**

**State Project Director,**
**Odisha School Education Programme Authority (OSEPA)**
**"Shiksha Soudha", Unit-V, Bhubaneswar, Odisha - 751001**

**Sd./-**
OIPR-27068/11/0009/2425 **State Project Director**



Your classified advertisement published in Dharitri will be listed free in Dharitri online edition : **www.dharitri.com**

## ଜିଲା ପରିଷଦର ଷଷ୍ଠ ବୈଠକ

# ହୋହଲ୍ଲାରେ କମ୍ପିଲା ଗୃହ

ବାଲେଶ୍ୱର, ୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଷଷ୍ଠ ଜିଲା ପରିଷଦର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାଣ୍ଟ-ଇନ୍-ଏଡ୍ ସମ୍ପର୍କରେ ଆଲୋଚନା ବେଳେ ହୋ-ହଲ୍ଲା ଓ ହଟ୍ଟଗୋଳରେ ଗୃହ କମ୍ପିଥିଲା। ଏପରିକି ଶାସକ ଦଳର ଜଣେ ବିଧାୟକ ଓ ଜିଲାପରିଷଦ ଅଧ୍ୟକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଦୀର୍ଘ ସମୟ ଧରି ଗୃହରେ ଅଶାନ୍ତ ବାତାବରଣ ଲାଗି ରହିଥିଲା। ଜିଲାପାଳ ହସ୍ତକ୍ଷେପ କରି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗାଇଡଲାଇନ୍ ପଢ଼ିବା ପାଇଁ କହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ସହ ଯୋଜନା ସବୁର ନିରପେକ୍ଷ କାର୍ଯ୍ୟକାରୀ ହେବ ବୋଲି କହିବା ପରେ ଗୃହ ଶାନ୍ତ ପଡ଼ିଥିଲା।

ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରାରମ୍ଭିକ ସୂଚନା ସହ



ଜିଲା ପରିଷଦ ବୈଠକରେ ଉପସ୍ଥିତ ବିଧାୟକ ଓ ଜନପ୍ରତିନିଧି।

ବୈଠକ ପରିଚାଳନା କରିଥିଲେ। ଜିଲା ଶିକ୍ଷାବିଭାଗ ପକ୍ଷରୁ ଯୋଜନା ଭିତ୍ତିକ କନିଷ୍ଠ ଶିକ୍ଷକ ପୂରଣ ନିମନ୍ତେ ମୋଟ୍ ୬ ଶହ ଜଣ ଯୋଗ୍ୟ ପ୍ରାର୍ଥୀଙ୍କର ଦରଖାସ୍ତ ଯାଞ୍ଚ କରାଯାଇ ଚୂଡ଼ାନ୍ତ ତାଲିକାର ଅନୁମୋଦନ ଓ ନିଯୁକ୍ତିପତ୍ର ପ୍ରଦାନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହାପରେ ଚଳିତବର୍ଷ ୨୦୨୪-୨୫ ନିମନ୍ତେ ପଞ୍ଚମ ଏସ୍ଏଫ୍ସି ଗ୍ରାଣ୍ଟ ଇନ୍ ଏଡ୍ ଯୋଜନାରେ ବିଭିନ୍ନ ପଞ୍ଚାୟତ ସମିତିରୁ ପ୍ରାପ୍ତ ହୋଇଥିବା ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାପରିଷଦ ସଭ୍ୟାସଭ୍ୟ, ବ୍ଲକ ଚେୟାରମ୍ୟାନ୍ଙ୍କ ଦ୍ୱାରା ଗ୍ରାଣ୍ଟ ଇନ୍ ଏଡ୍ ଗାଇଡ଼ଲାଇନ୍ ସମ୍ପର୍କରେ ଆଲୋଚନା ବେଳେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାକୁ ନେଇ ଗୃହରେ ହୋ-ହଲ୍ଲା, ହଟ୍ଟଗୋଳ ଲାଗି ରହିଥିଲା। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଓ ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ପିଆର୍ଆଇ ମେମ୍ବରଙ୍କ ଅଜାଣତରେ ପଞ୍ଚାୟତ ଓ ବ୍ଲକରେ ହେଉଥିବା ଯୋଜନା କାର୍ଯ୍ୟକାରୀ କରିବାକୁ ବିଡ଼ିଓଙ୍କୁ ଚାପ ପକାଯାଉଥିବା ଅଭିଯୋଗ ହୋଇଥିଲା। ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର ଏବଂ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଯୋଗଦେଇ ଜିଲାର ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାଗୁଡ଼ିକ ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନାୟକ ଧନ୍ୟବାଦ ଦେଇଥିଲେ।

### 'ନିପୁଣ ଓଡ଼ିଶା ମିଶନ୍-୨୦୨୪' ଉନ୍ମୋଚିତ

ପ୍ରାରମ୍ଭରେ ଜିଲା ପ୍ରଶାସନ ଓ ସମଗ୍ର ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ନିପୁଣ ଓଡ଼ିଶା ମିଶନ-୨୦୨୪ କାର୍ଯ୍ୟକ୍ରମର ଉନ୍ମୋଚନ ହୋଇଥିଲା। ନିପୁଣ ଓଡ଼ିଶା ମିଶନର ଲୋଗୋ, ଲିଫଲେଟ୍ ଓ ସଙ୍ଗୀତକୁ ଉନ୍ମୋଚନ କରାଯାଇଥିଲା।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

ବାଲେଶ୍ୱର, ୪।୧୦(ବାଞ୍ଛାନିଧି ଦେ)

ନାବାଳିକାଙ୍କୁ ବଳାତ୍କାର ଓ ଗର୍ଭବତୀ କରିବା ମାମଲାର ଶୁଣାଣି କରି ଶୁକ୍ରବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ଶୁକୁରା ସିଂଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ଜେଲ୍ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଯେ, ରେମୁଣା ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ନାବାଳିକା ଗତ ୨୦୨୩ ଜାନୁଆରୀରେ ଗାଁ ଲୋକଙ୍କ ସହ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ସେଠାରେ ରେମୁଣା ଥାନା ଗନିପୁର ସାହାଜିପାଟଣା ଅଞ୍ଚଳର ଯୁବକ ଶୁକୁରା ସିଂ ଉକ୍ତ ନାବାଳିକାଙ୍କୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ପରେ ନାବାଳିକାଜଣଙ୍କ ଘରକୁ ଫେରିବା ପରେ ଅଭିଯୁକ୍ତ ଶୁକୁରା ଘର ନିକଟ ଏକ ବୁଦା ମଧ୍ୟରେ ନାବାଳିକା ଭୟଭୀତ କରାଇ ଜୀବନରୁ ମାରିଦେବାର ଧମକ ଦେଇ ଇଚ୍ଛା ବିରୋଧରେ ବଳାତ୍କାର କରିଥିବା ନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏପରିକି ନାବାଳିକା

### ନାବାଳିକା ବଳାତ୍କାର ମାମଲା

ଜଣକ ୪/୫ ମାସର ଗର୍ଭବତୀ ଥିବା ଏତଲାରେ ଦର୍ଶାଯାଇଛି। ଅଭିଯୋଗ ମୁତାବକ ରେମୁଣା ଥାନାରେ ୨୦୨୩ ଜୁଲାଇ ୩ ତାରିଖରେ ଏକ ମାମଲା (ନଂ. ୧୧୬/୨୩) ରୁଜୁ ହୋଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୭ଜଣ ସାକ୍ଷୀ ଓ ୨୩ ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ମାର୍ବଲ ସଫେଇ ଆଳରେ ଲୁଟ୍

## ମହିଳାଙ୍କଠାରୁ ହୀରା ଚୁଡ଼ି, ସୁନାହାର ନେଇ ଚମ୍ପଟ

ବାଲେଶ୍ୱର, ୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଶୁକ୍ରବାର ଦିନ ଦ୍ୱିପ୍ରହରେ ଲୁଟ୍ ହୋଇଛି। ସହଦେବଖୁଣ୍ଟା ଥାନା ଅଧୀନ ୧୭ନଂ. ୱାର୍ଡ଼ ହ୍ୱାଇଟ୍ ହାଉସ୍ ଗଳି ଅଞ୍ଚଳରେ ଘରେ କେହି ନ ଥିବା ବେଳେ ୨ଜଣ ଦୁର୍ବୃତ୍ତ ଘରେ ପଶି ମାର୍ବଲ ସଫେଇ ଆଳରେ ମହିଳାଙ୍କଠାରୁ ହୀରା ଚୁଡ଼ି ଓ ସୁନା ହାର ନେଇ ଚମ୍ପଟ ମାରିଛନ୍ତି। ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ, ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ କୁମାର ବେହେରା ସଦଳବଳେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଦ୍ୱିପ୍ରହର ସମୟରେ ମୋହିତ ପୋଦ୍ଦାରଙ୍କ ମା' ଏକାକୀ ଘରେ ଥିଲେ। ଅପରାହ୍ନ ୨ଟା ୩୦ରେ ୨ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ମାର୍ବଲ ସଫେଇ କରିବେ ବୋଲି କହିଥିଲେ। ମହିଳାଜଣକ ମନା କରିବାରୁ ପ୍ରଥମେ ସେମାନେ ଫେରିଯାଇଥିଲେ। ୫ମିନିଟ୍ ପରେ ଉକ୍ତ ଦୁଇ ଦୁର୍ବୃତ୍ତ ପୁଣି ଘର ଭିତରକୁ ପଶି ମହିଳାଙ୍କ ମୁହଁକୁ ସ୍ପ୍ରେ କରିଥିଲେ। ଏହାପରେ ମହିଳା ଜଣକ ସଂଜ୍ଞାହୀନ ହୋଇଯାଇଥିଲେ। ଏହାର ସୁଯୋଗ ନେଇ ମହିଳାଙ୍କ ହାତରୁ ଦୁଇଟି ହୀରା ଚୁଡ଼ି ଓ ବେକରୁ ଏକ ସୁନାହାର ନେଇ ଦୁର୍ବୃତ୍ତଦ୍ୱୟ ଚମ୍ପଟ ମାରିଥିଲେ। ଫାଟକ ସମ୍ମୁଖରେ ଅନ୍ୟ ୨ ସହଯୋଗୀ ଦୁଇଟି ବାଇକ୍‌ରେ ଅପେକ୍ଷା କରିଥିଲେ। ଉକ୍ତ ଦୁଇ ବାଇକ୍‌ରେ ଦୁର୍ବୃତ୍ତଦ୍ୱୟ ବସି ପଳାଇଯିବାର ଦୃଶ୍ୟ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଆଧାରରେ ତଦନ୍ତ ଜାରି ରଖିଛି। ଚୋରି ହୋଇଥିବା ଚୁଡ଼ି ଓ ହାରର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।

## ରିକ୍ସାରେ କଳା ପଲିଥିନ ଗୁଡାଇ ଗୋ ଚାଲାଣ

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ( ଗୋପାଳ ଚନ୍ଦ୍ର ସାହୁ), **୪।୧୦**-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଶୁକ୍ରବାର ୩ଟି ଗୋରୁଙ୍କୁ ନିର୍ମମ ଭାବେ ଦଉଡି ସାହାଯ୍ୟରେ ରିକ୍ସାରେ କଳା ପଲିଥିନ ଗୁଡ଼ାଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ବଜରଙ୍ଗ ଦଳ କର୍ମୀମାନେ ଖବରପାଇ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ କଟୁଆ ପୋଲ ନିକଟରୁ ଗୋରୁ ରିକ୍ସା ଜବତ କରିଛନ୍ତି। ଗୋରୁଗୁଡ଼ିକ ଗୋଶାଳାକୁ ପଠାଇ ଦିଆଯିବ ଓ ଚାଲାଣରେ ଜଡିତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ପୋଲିସ କହିଛି।

# ଧାରଣାରେ ବସିଲେ ଛାତ୍ରୀଛାତ୍ର, ଅଭିଭାବକ

## ପାଠପଢ଼ାକୁ ନେଇ ଅସନ୍ତୋଷ

ବାହାନଗା, ୪।୧୦(ଅରୂପ୍ କୁମାର ଦାସ)



ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ଅଧୀନ ତାଳପଦା ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟର ପାଠପଢାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶୁକ୍ରବାର ବିଦ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ବିଦ୍ୟାଳୟର ପୂର୍ବତନ ପିଇଟି ଶିକ୍ଷକ କମଳଲୋଚନ ଦାସ ବିଦ୍ୟାଳୟକୁ ଆସି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

୧୯୮୦ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏବେ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ଥିଲେ ମଧ୍ୟ ନ ଥିବା ସଦୃଶ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳଲୋଚନ ସ ସବୁବେଳେ ଅନୁପସ୍ଥିତ ରହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ମାତ୍ର ସେ ସବୁବେଳେ ରେଜିଷ୍ଟରରେ ଆସି ଦସ୍ତଖତ କରିଯାଉଛନ୍ତି। ଅନ୍ୟଜଣେ ସହକାରୀ ଶିକ୍ଷକ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ପାଠ ପଢାନ୍ତି। ଠିକ୍ ଭାବେ ପାଠପଢା ହେଉ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କର ପାଠପଢା ଠିକ୍ ଭାବେ ହୋଇ ନ ଥିବାରୁ ସିଲାବସ୍ ଅନୁଯାୟୀ ବିଷୟ ସରିନାହିଁ। ଦଶମଶ୍ରେଣୀ ଛାତ୍ରୀଛାତ୍ରମାନେ ଚିନ୍ତାରେ ରହିଛନ୍ତି। ଏ ସମ୍ପର୍କରେ ସହକାରୀ ଶିକ୍ଷକ ରତିକାନ୍ତ ଦାସ କୁହନ୍ତି, ପୂର୍ବରୁ ମୁଁ ଅସୁସ୍ଥ ଥିଲି, ଏବେ ଠିକ୍ ଅଛି। ଯେଉଁ ଦୁଇଟି ବିଷୟ ପଢାଉଛି, ତାହା ଠିକ୍ ଭାବେ କ୍ଲାସ ନେଉଛି।



## ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପିନେଲେ ଦୁର୍ବୃତ୍ତ

ବଉଳା/ ଛେନାପଦୀ, ୪।୧୦(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡ଼ା): ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ହାଟଡିହୀ ବ୍ଲକ ଚୋରଗଡ଼ିଆ ଛକରେ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପି ନେଇଛନ୍ତି। ସୂଚନା ଅନୁଯାୟୀ, ଆନନ୍ଦପୁର ଅତାସାହି ଗ୍ରାମର ଗଣେଶ୍ୱର ବାରିକ ତାଙ୍କ ଶ୍ୱଶୁରଘର ଆଗରପଡ଼ା ଭଗାରାମରୁ ସ୍ତ୍ରୀଙ୍କ ସହ ଫେରୁଥିଲେ। ଛେନାପଦି ଛକରେ କିଛି ପରିବା କିଣି ସାରିବା ପରେ ଆନନ୍ଦପୁର ଯାଉଥିବା ବେଳେ ଚୋରଗଡିଆ ଛକରେ କଳା ଡ୍ରେସ୍ ପିନ୍ଧିଥିବା ଦୁଇଜଣ ଦୁର୍ବୃତ୍ତ କଳା ପଲ୍‌ସରରେ ଆସି ସେମାନଙ୍କ ଗାଡ଼ି ପାଖରେ ଅଟକିଥିଲେ। ଗଣେଶ୍ୱରଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ୍ ଓ ମଙ୍ଗଳସୂତ୍ର ଛିଡ଼ାଉଥିଲେ। ଚେନ୍‌ଟି ଛିଡ଼ି ନ ଥିଲା। ମଙ୍ଗଳସୂତ୍ର ଛିଡ଼ିଯିବାରୁ ଝାମ୍ପିନେଇ ସେମାନେ ଦ୍ରୁତଗତିରେ ପଳାଇଥିଲେ। ନନ୍ଦିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ବନ୍ୟପ୍ରାଣୀ ସପ୍ତାହ ପାଳନ ସହ ସଚେତନତା ରଥ ଶୁଭାରମ୍ଭ

ଆନନ୍ଦପୁର,୪।୧୦(ଉମେଶଚନ୍ଦ୍ରପାଢ଼ୀ) କେନ୍ଦୁଝର ବନ୍ୟପ୍ରାଣୀ ଆନନ୍ଦପୁର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ସହ ସଚେତନତା ରଥ ଶୁଭାରମ୍ଭ ହୋଇଛି। ପରେ ସଭାଗୃହଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ହାତୀମାନଙ୍କର ସୁରକ୍ଷା ଏବଂ ହାତୀ ମଣିଷ ବିବାଦର ଲଘୁକରଣ ନିମନ୍ତେ ଜନ ସହଭାଗିତା ପାଇଁ ଅନ୍ତଃ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଲେଇ ଓ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସଭାରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ହାତୀମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଛି।

# ପଲିଥିନ ବ୍ୟବହାରକଲେ କଡ଼ା କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର,୪।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

## ପ୍ରଦୂଷଣ ମୁକ୍ତ ପାର୍ବଣ ପାଳନ ପାଇଁ ପଦକ୍ଷେପ

ସାଧାରଣତଃ ପାର୍ବଣ ଋତୁରେ ଏକକ ବ୍ୟବହାର ଯୋଗ୍ୟ ପଲିଥିନ ବହୁ ମାତ୍ରାରେ ବ୍ୟବହାର ହୋଇଥାଏ। ଜନସାଧାରଣ ପୂଜା ସମୟରେ ପଲିଥିନ ବ୍ୟାଗ, କପ, ପ୍ଲେଟ, ଗ୍ଲାସ ଇତ୍ୟାଦି ବହୁଳ ମାତ୍ରରେ ବ୍ୟବହାର କରିଥାନ୍ତି। ଫଳରେ ପରିବେଶ ପ୍ରଦୂଷିତ ହୋଇଥାଏ। ପୂଜାସ୍ଥଳରେ ମଧ ପୂଜା କମିଟିଗୁଡ଼ିକ ନିଷିଦ୍ଧ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସାମଗ୍ରୀ ଦ୍ୱାରା ପୂଜା ମଣ୍ଡପକୁ ସଜାଇବା, ପ୍ରସାଦ ଏବଂ ପାଣି ବଣ୍ଟନ କରିଥାନ୍ତି। ଫଳରେ ବହୁଳ ମାତ୍ରାରେ ଏହା ବ୍ୟବହାର ହୋଇଥାଏ। ଏସବୁ ରୋକିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କର ପୂଜା କମିଟିକୁ ଅନୁମତି ଦେବା ପୂର୍ବରୁ କେତେକ ନିୟମ ପାଳନ କରିବା ପାଇଁ ଜିଲାର ସମସ୍ତ ପୌରପାଳିକା ଏବଂ ଚମ୍ପୁଆ ଏନ୍ଏସିର ନିର୍ବାହୀ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ପୂଜା କମିଟି ଅନୁମତି ନେବା ବେଳେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଏକ ଅଣ୍ଡରଟେକିଂ ପ୍ରଦାନ କରିବେ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଦେଶ ରହିଛି। ଏହାର ତଦାରଖ ପୌରପାଳିକା ପକ୍ଷରୁ ନିୟମିତ କରାଯିବ। ପ୍ରଦୂଷଣ ମୁକ୍ତ ପୂଜା ପାଳନ କରିବା ସକାଶେ ଜନସାଧାରଣଙ୍କ ସଚେତନତା ପାଇଁ କମିଟି ସଦସ୍ୟମାନେ ପୂଜା ମଣ୍ଡପ ନିକଟରେ ସ୍ପଷ୍ଟ ଲେଖା ଝୁଲାଇବେ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ପରିବର୍ତ୍ତେ ଜନସାଧାରଣଙ୍କ ବ୍ୟବହାର ପାଇଁ ଅନ୍ୟ ବିକଳ୍ପ ବ୍ୟବସ୍ଥା ପୂଜା କମିଟିମାନେ କରିବେ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁସାରେ ପୂଜାସ୍ଥଳରେ ସୃଷ୍ଟି ହେଉଥିବା କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ପୂଜା କମିଟିମାନେ କରିବେ। ମୂର୍ତ୍ତି ନିର୍ମାଣ ସମୟରେ ପ୍ରାକୃତିକ ମୃତ୍ତିକା ସହିତ ପ୍ରାକୃତିକ ରଙ୍ଗ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୂର୍ତ୍ତିର ଉଚ୍ଚତା ୨୦ ଫୁଟ ଏବଂ ପୂଜା ମଣ୍ଡପର ଉଚ୍ଚତା ୪୦ ଫୁଟ ମଧ୍ୟରେ ରଖିବା ପାଇଁ କମିଟିମାନେ ପଦକ୍ଷେପ ନେବେ। ପୂଜା ପରେ ମୂର୍ତ୍ତିଗୁଡ଼ିକୁ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ଅସ୍ଥାୟୀ ଜଳାଶୟରେ ବିସର୍ଜନ କରିବେ। ଏସବୁ ନିୟମ ଉଲ୍ଲଙ୍ଘନ କଲେ ମୂର୍ତ୍ତି ନିର୍ମାତାଙ୍କ ରେଜିଷ୍ଟ୍ରେଶନ ଫି ଜବତ ହେବା ସହ ୨ବର୍ଷ ପାଇଁ ମୂର୍ତ୍ତି ନିର୍ମାଣରୁ ବାସନ୍ଦ କରାଯିବ। ପୂଜା କମିଟି ନିୟମ ଉଲ୍ଲଘନ କଲେ ସେମାନଙ୍କଠାରୁ ପୌର କର୍ତ୍ତୃପକ୍ଷ ଜରିମାନା ଆଦାୟ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ପୂଜା ସମାପ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦୂଷଣମୁକ୍ତ ପୂଜାସ୍ଥଳ ପାଇଁ ନିଆଯାଇଥିବା ପଦକ୍ଷେପର ଫଟୋ ଆଞ୍ଚଳିକ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପାର୍ବଣ ଋତୁରେ ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା ଏବଂ କାଳୀପୂଜା ପାଳନ ବେଳେ ଏନ୍‌ଜିଟି ଦ୍ୱାରା କରାଯାଇଥିବା ଏହି ସବୁ ନିୟମଗୁଡ଼ିକ ଅନୁସରଣ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି। ପୂଜା ପାଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭସାଣି ସମୟରେ ଏହି ନିୟମକୁ କଡାକଡି ପାଳନ କରାଯିବ।

# ଯୋଡ଼ାରେ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ

ଯୋଡ଼ା,୪।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ବିଦ୍ୟୁତ୍ ଉପଖଣ୍ଡର ହୀରାକୁଦ କଲୋନୀଠାରେ ଟିପିଏନ୍ଓଡିଏଲ୍(ଟାଟା ପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍) ପକ୍ଷରୁ ଅତ୍ୟାଧୁନିକ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍ଥାର ସିଇଓ ଦ୍ୱିଜ ଦାସ ବସକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଥିରେ ଚିଫ୍ ଅପରେଶନ ସର୍ଭିସେସ ନିଲେସ ଚନ୍ଦ୍ରକାନ୍ତ ପଟପଡ୍ଢେ, ଚିଫ ପ୍ରୋଜେକ୍ଟ ପ୍ରଦୀପ କୁମାର ମହାନ୍ତି, ସ୍କିଲ ଡେଭଲପମେଣ୍ଟ ମୁଖ୍ୟ ସତିଶ ମହାଜନ, ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ଜେନାଙ୍କ ସମେତ ଯୋଡ଼ା ଏସ୍‌ଡିଓ ଦିବ୍ୟରଞ୍ଜନ ସାହୁ ,ସିନିୟର୍ ଜିଏମ୍ ଅପରେଶନ ଶରତ ଚନ୍ଦ୍ର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ। ଯନ୍ତ୍ରୀ ଜେନାଙ୍କ ସୂଚନା ଅନୁଯାୟୀ,ଏଠାରେ ତାଲିମପ୍ରାପ୍ତ ଯୁବକମାନଙ୍କର ବିଦ୍ୟୁତ୍


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରାଯିବ। ଏଥିରେ ମୁଖ୍ୟତଃ ଟ୍ରାନ୍ସଫର୍ମରର ବିଭିନ୍ନ ସରଞ୍ଜାମ, ସିଟିପିଟି, ଏନର୍ଜି ମିଟର, ଇନ୍‌ସ୍ୟୁଲେଟର, ବିଭିନ୍ନ ପ୍ରକାରର ସୋକେଟ, ରିଲେ,ଫ୍ୟୁଜ, ଏବି ସ୍ୱିଚ, ପିଜି କ୍ଲାମ୍ପ, ଫ୍ୟାନ ପାର୍ଟ୍ସ ପ୍ରଭୃତିର ତାଲିମ ଦିଆଯିବ। ଗୋଟିଏ ବ୍ୟାଚରେ ପ୍ରାୟ ୩୦ଜଣ ଯୁବତୀ ଯୁବକ ପ୍ରଶିକ୍ଷଣ ନେବେ। ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ବିଦ୍ୟୁତ୍ ସରଞ୍ଜାମ ଉପରେ ପ୍ରଦର୍ଶନୀ କରାଯାଇଥିଲ।

## ଟ୍ରକ୍ ଚୋରି ନେଇ ଥାନାରେ ଏତଲା

ଯୋଡ଼ା,୪।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବିଲେଇପଦା ଦୁର୍ଗା ମଣ୍ଡପ ନିକଟରୁ ଏକ ଟ୍ରକ୍ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଦଲୁଆଁ ଗ୍ରାମର ନବଘନ ବେହେରାଙ୍କ ୧୪ ଚକିଆ ଟ୍ରକ୍ (ଓଡି ୦୯ ପି ୧୪୩୮)କୁ ଡ୍ରାଇଭର ମୋହନ ତିରିଆ ଗତ ୩୦ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ଦୁର୍ଗା ମଣ୍ଡପ ନିକଟରେ ରଖି ତାଙ୍କ ଘରକୁ ଯାଇଥିଲେ। ଗତ ୨ ତାରିଖରେ ଡ୍ରାଇଭର ଆସି ସେଠାରେ ଟ୍ରକ୍ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଟ୍ରକ୍ ମାଲିକ ନବଘନ ଗାଡ଼ି ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୭୧/୨୦୨୪) ରୁଜୁ କରି ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଯାଞ୍ଚ ଆରମ୍ଭ କରି ତଦନ୍ତ ଚଳାଇଛି।

## ବ୍ୟାଙ୍କରେ ଅବ୍ୟବସ୍ଥା, ଗ୍ରାହକ ହଇରାଣ



ବଉଳା, ୪।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବଉଳାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଅବ୍ୟବସ୍ଥା ଯୋଗୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ପରିସ୍ଥିତିରେ ସୁଭଦ୍ରା ଯୋଜନା ଓ ଅନ୍ୟ କାମ ପାଇଁ ବ୍ୟାଙ୍କଗୁଡ଼ିକରେ ଗ୍ରାହକମାନଙ୍କ ଭିଡ଼ ଲାଗୁଛି। ଏଭଳି ସମୟରେ ଏହି ବ୍ୟାଙ୍କରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଗୋଟିଏ କାମ ପାଇଁ ୩ରୁ ୪ ଦିନ ବ୍ୟାଙ୍କରେ ଧାଡ଼ିରେ ଠିଆ ହେଉଛନ୍ତି। ଅନ୍ୟପଟେ ଶତାଧିକ ଲୋକ ଠିଆ ହେଉଥିବା ବେଳେ ବ୍ୟାଙ୍କ ଭିତରେ ଫ୍ୟାନ ଅଚଳ ସାଙ୍ଗକୁ ପିଇବା ପାଣିର ସୁବିଧା ନାହିଁ। ଏହାକୁ ନେଇ ଗୁରୁବାର ଗ୍ରାହକମାନେ ଉତ୍ତ୍ୟକ୍ତ ହୋଇ କାର୍ଯ୍ୟ ବନ୍ଦ କରିଥିଲେ। ଏ ସମ୍ପର୍କରେ ବ୍ୟାଙ୍କର ଶାଖା ପାରିଚାଳକଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବାରୁ ମତାମତ ଦେଇପାରି ନ ଥିଲେ।

## ମୋବାଇଲ ପାଇଁ ଆତ୍ମହତ୍ୟା କଲେ ନାବାଳକ

ଢେଙ୍କିକୋଟ, ୪।୧୦(ନୀଳମଣି ମଣ୍ଡଳ)

ମୋବାଇଲ ପାଇଁ ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ଘଟିଛି ଗୁରୁବାର କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ଫାଣ୍ଡି ଅଧୀନ ତୋରାଣିପୋଖରୀ ଗ୍ରାମରେ। ଝାଡ଼ଖଣ୍ଡର ଇଲିଗଡ଼ ଗ୍ରାମର ସ୍ୱର୍ଗତ ଅମର ସିଂ ଜଙ୍କଙ୍କ ୧୧ବର୍ଷର ପୁଅ ଭାଉଜଙ୍କ ଘରେ ରହି ୬ଷ୍ଠ ଶ୍ରେଣୀରେ ପଢୁଥିଲେ। କିଛି ଦିନ ତଳେ ସେ ଫୋନ ଯୋଗେ ବିଧବା ମା'ଙ୍କୁ ଏକ ଆଣ୍ଡ୍ରଏଡ଼ ମୋବାଇଲ ଫୋନ କିଣିଦେବା ପାଇଁ କହିଥିଲେ। ମା' ଟଙ୍କା ନାହିଁ ପରେ କିଣିବା କହିବାରୁ ସେ ୪ ଦିନ ହେଲା ମା' ଓ ଭାଉଜଙ୍କ ଘର ଲୋକଙ୍କ ସହ କଥାବାର୍ତ୍ତା ବନ୍ଦ କରି ଦେଇ ଗୁମ୍ ମାରି ରହୁଥିଲେ। ସନ୍ଧ୍ୟାରେ ଭାଉଜ ଘରେ କେହି ନ ଥିବା ବେଳେ ଘର ପଛ ପାଖ ଆମ୍ବ ଗଛରେ ଚଢ଼ିଯାଇ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ, କପିଳେନ୍ଦ୍ର ରାଉତ ଘଟଣାସ୍ଥଳରେ ପହଞ୍ଚି ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୧/୨୪) ରୁଜୁ କରି ଶୁକ୍ରବାର ସକାଳେ କେନ୍ଦୁଝର ଜିଲା ଚିକିତ୍ସାଳୟଠାରେ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମାମୁଘର ଗାଁ ପୋଖରୀରେ ବୁଡ଼ି ଶିଶୁ ମୃତ

ପାଟଣା, ୪।୧୦ (ବୀରକିଶୋର ଦାଶ)- କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତର ଟାଙ୍ଗରପଡ଼ା ଧଉଳିସାହିରେ ମାମୁଘରକୁ ଆସିଥିବା ୪ ବର୍ଷର ଶିଶୁପୁତ୍ର ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଯାଜପୁର ଜିଲା କୋରେଇ ଥାନା ଅଧୀନ ତୁଳତିପୁର ଗ୍ରାମର ରାଜୁ ମୁଣ୍ଡାଙ୍କ ପୁଅ ସନା। ସନା ମା'ଙ୍କ ସହ ମାମୁଘରକୁ ଆସିଥିଲେ। ଗୁରୁବାର ମା' ଗାଁ ପୋଖରୀରେ ଲୁଗା ସଫା କରିବାକୁ ଯାଇଥିବା ବେଳେ ସନା ତାଙ୍କ ସାଙ୍ଗରେ ଯାଇଥିଲେ। ମା' ଲୁଗା ସଫାରେ ବ୍ୟସ୍ତ ଥିବାବେଳେ ସନା ପୋଖରୀ ଭିତରକୁ ଚାଲି ଯାଇ ବୁଡ଼ି ଯାଇଥିଲେ। ବହୁ ଖୋଜାଖୋଜି ପରେ ପୋଖରୀରୁ ମୃତଦେହ ମିଳିଥିଲା। ଶୁକ୍ରବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସର୍ବୋଚ୍ଚ ସ୍ତରରେ ସୁନା ଦର

■ରୁପା ଦର ୧,୦୩,୦୦୦ଟଙ୍କା
■ପାର୍ବଣ ପୂର୍ବରୁ ଅଳଙ୍କାର ମହଙ୍ଗା



ନୂଆଦିଲ୍ଲୀ,୪।୧୦ (ଅଭୟ ଦାଶ)

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀର ପ୍ରଭାବ ଘରୋଇ ଅଳଙ୍କାର ବଜାର ଉପରେ ପଡ଼ିଛି। ଫଳରେ ଭାରତରେ ସୁନା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲାବେଳେ ରୁପା ମଧ୍ୟ ରେକର୍ଡ ସ୍ତରରେ କାରବାର ହେଉଛି। ସେହିଭଳି ଅନ୍ୟାନ୍ୟ ମୂଲ୍ୟବାନ୍ ଅଳଙ୍କାର (ହୀରା,ପ୍ଲାଟିନମ ଓ ମୂଲ୍ୟବାନ୍ ଧାତୁ)ର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ଘଟିଛି। ଏପରିକି ପାର୍ବଣ ପୂର୍ବରୁ ଅଳଙ୍କାର ବଜାର ମହଙ୍ଗା ହୋଇଛି ବୋଲି ସର୍ବଭାରତୀୟ ସରଫା ଆସୋସିଏଶନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ କ୍ରମାଗତ ଭାବେ ସୁନା ଦର ବୃଦ୍ଧି ପାଇ ଚାଲିଛି। ଏପରିକି ଶୁକ୍ରବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୮,୪୫୦ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୧,୫୭୦ ଟଙ୍କାରେ କାରବାର ହୋଇଛି। ସେହିଭଳି ନୂଆଦିଲ୍ଲୀରେ ରୁପା ଦର କି.ଗ୍ରା. ପିଛା ୯୪, ୨୦୦ ଟଙ୍କାରେ ବିକ୍ରି ହେଉଛି। ଗତ ସପ୍ତାହ ମଧ୍ୟରେ ଉଭୟ ସୁନା ଓ ରୁପା ଦର ଯଥାକ୍ରମେ ୭୫୦୦ ଟଙ୍କା ଏବଂ ୧୨,୩୦୦ ଟଙ୍କା ବଢ଼ିଛି ବୋଲି ଆସୋସିଏଶନ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି।

ସେହିପରି ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୮,୩୨୦ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୧,୮୦୦ ଟଙ୍କାରେ କାରବାର ହେଉଛି। ଏପରିକି ଭୁବନେଶ୍ୱରରେ ରୁପା ଦର କିଲୋଗ୍ରାମ ପିଛା ୧,୦୩,୦୦୦ଟଙ୍କାରେ ବିକ୍ରି ହେଉଛି। ଗତ ସପ୍ତାହ ମଧ୍ୟରେ ଉଭୟ ସୁନା ଓ ରୁପା ଦର ଯଥାକ୍ରମେ ୩,୫୦୦ ଟଙ୍କା ଏବଂ ୨,୩୦୦ ଟଙ୍କା ବଢ଼ିଛି ବୋଲି ବଜାରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ପାର୍ବଣ ଋତୁ ସାଙ୍ଗକୁ ଆଗକୁ ଧନ୍‌ତେରସ ଓ ବିବାହ ଆଦି ଶୁଭକାର୍ଯ୍ୟ ରହିଥିବାରୁ ଦରବୃଦ୍ଧି କାରବାରରେ କିଛିଟା ପ୍ରଭାବ ପକାଇବା ସହିତ ବ୍ୟବସାୟ ମାନ୍ଦା ରହିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୪।୧୦

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୫ମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୦୯ (୮୦୮.୬୫) ପଏଣ୍ଟ କମି ୮୧,୬୮୮ (୮୧,୬୮୮.୪୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୩୫(୨୩୫.୫୦) ପଏଣ୍ଟ ହ୍ରାସ ଘଟି ୨୫,୦୧୫ (୨୫,୦୧୪.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

## ରିଲାଏନ୍ସ ଟ୍ରେଣ୍ଡ୍‌ସର ଶରତ-ଶୀତ କଲେକ୍ସନ




ମୁମ୍ବାଇ,୪।୧୦

ଚଳିତ ବର୍ଷର ପାର୍ବଣ ପାଇଁ ରିଲାଏନ୍ସ ଟ୍ରେଣ୍ଡ୍‌ସ ପକ୍ଷରୁ ଶରତ-ଶୀତ କଲେକ୍ସନର ଶୁଭାରମ୍ଭ କରାଯାଇଛି। ଏପରିକି ପ୍ରତ୍ୟେକ ଦିନ କମ୍ ମୂଲ୍ୟର ଚିନ୍ତାଧାରା ସହ ଆରମ୍ଭ ହୋଇଥିବା ଏହି ନୂଆ କଲେକ୍ସନରେ ପୁରୁଷ, ମହିଳା ଓ ପିଲାମାନଙ୍କ ପାଇଁ ସମସ୍ତ ପ୍ରକାର ପୋଷାକ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି। ୧୯୯ ଟଙ୍କାରୁ ଆରମ୍ଭ ହେଉଥିବା ଏହି କଲେକ୍ସନ ଉତ୍ସବର ଉତ୍ସାହକୁ ଦ୍ୱିଗୁଣିତ କରିବା ସହ ବିବିଧ ଡିଜାଇନର ପୋଷାକ ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ ବୋଲି ଟ୍ରେଣ୍ଡ୍‌ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିଭଳି ଏହି ନୂତନ କଲେକ୍ସନ ପ୍ରକୃତିର ସୌନ୍ଦର୍ଯ୍ୟ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଅନୁପ୍ରାଣିତ ହୋଇଥିବାବେଳେ ସମସ୍ତ ପୋଷାକରେ ଫୁଲ, ପ୍ରବାହିତ ନଦୀ ଏବଂ ଶାନ୍ତ ପର୍ବତଗୁଡ଼ିକର ଭବ୍ୟତା ଆଦି ଦେଖିବାକୁ ମିଳିବ। ଏପରିକି ଆଧୁନିକ ମହିଳାଙ୍କ ପାଇଁ ଏହି ସମ୍ଭାରକୁ ସୂକ୍ଷ୍ମ ଭାରତୀୟ କାରିଗରି ସହ ସଜ୍ଜିତ କରାଯାଇଛି। ସାଇଡ ଗେଦର କୁର୍ତ୍ତାଠାରୁ ଲେୟାର୍ଡ କୁର୍ତ୍ତା, କୋ-ଅର୍ଡ ସେଟ୍ ଏବଂ ଏଥିନିକ୍ ପୋଷାକ ପର୍ଯ୍ୟନ୍ତ ପ୍ରତ୍ୟେକଟି ଏକ ଉନ୍ନତ ଫ୍ୟାଶନ ଷ୍ଟେଟ୍‌ମେଣ୍ଟ ହୋଇଛି। ଏଣ୍ଟିକ ମେଟାଲିକ ଲୁକ୍‌କୁ ସମସାମୟିକ ଡିଜାଇନ ସହ ମିଳିତ ଭାବେ ଡିଜାଇନ କରାଯାଇଛି।

ଉତ୍ସବର ଶପିଂକୁ ଆହୁରି ରୋମାଞ୍ଚକର କରିବା ପାଇଁ ଟ୍ରେଣ୍ଡ୍‌ସର ନୂତନ କଲେକ୍ସନରେ ବିଶେଷ ରିହାତି ପ୍ରଦାନ କରାଯାଉଛି। ଆପଣ ଷ୍ଟୋର କିମ୍ବା ଅନ୍‌ଲାଇନ ଶପିଂ କରନ୍ତୁ, ଆପଣ ଅଫରଗୁଡ଼ିକର ଲାଭ ଉଠାଇପାରିବେ।

# ପାର୍ବଣରେ ୫୦ ହଜାର କୋଟିର ବ୍ୟବସାୟ ଆକଳନ

## ସିଏଆଇଟି ରିପୋର୍ଟ

ଭୁବନେଶ୍ୱର,୪।୧୦ (ଅନୁରାଧା ମହାରଣା)

ନବରାତ୍ରିରେ ରାମଲୀଳା ଗରବା ଏବଂ ଦାଣ୍ଡିଆ ଉତ୍ସବ ପ୍ରତିବର୍ଷ ସାରା ଦେଶରେ ୧୦ ଦିନ ପାଳନ କରାଯାଉଥିବାବେଳେ ଦେଶରେ ବ୍ୟବସାୟିକ କ୍ଷେତ୍ରରେ ଏକ ବଡ଼ ଉତ୍ସାହ ଦେଖିବାକୁ ମିଳିଛି। କନ୍‌ଫେଡେରେଶନ ଅଫ୍ ଅଲ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି)ର ଏକ ଆକଳନ ଅନୁଯାୟୀ ଆସନ୍ତା ୧୦ ଦିନ ମଧ୍ୟରେ ସାରା ଦେଶରେ ୫୦ ହଜାର କୋଟିରୁ ଅଧିକ ମୂଲ୍ୟର ବ୍ୟବସାୟ ହେବା ସମ୍ଭାବନା ରହିଛି। କେବଳ ଦିଲ୍ଲୀରେ ୮ ହଜାର କୋଟିରୁ ଅଧିକ ବ୍ୟବସାୟ ହୋଇପାରେ। ସିଏଆଇଟିର ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି, ବର୍ତ୍ତମାନ ଚାଇନା ନିର୍ମିତ ସାମଗ୍ରୀର ଚାହିଦା କମିଥିବାବେଳେ ଉତ୍ସବ ସମୟରେ ସ୍ୱଦେଶୀ ଦ୍ରବ୍ୟ କ୍ରୟ ପ୍ରତି ଲୋକମାନେ ଗୁରୁତ୍ୱ ଦେଉଛନ୍ତି। ସମଗ୍ର ଦେଶରେ ନବରାତ୍ରି ତଥା ଦଶହରା ଅବସରରେ ୧ ଲକ୍ଷରୁ ଅଧିକ ଛୋଟ ଏବଂ ବଡ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଲକ୍ଷ ଲକ୍ଷ ଲୋକ ରୋଜଗାର ପାଆନ୍ତି। ନବରାତ୍ରି ପଛକୁ ବିଜୟାଦଶମୀ, କରୱାଚୌଥ୍, ଧନତେରାସ୍, ଦୀପାବଳି, ଭାଇ ଦୂଜ, ଛଟ୍ ପୂଜା ଏବଂ ତୁଳସୀ ବିବାହ ଆଦି ପର୍ବ ପାଳନ କରାଯିବ। ଦିଲ୍ଲୀରେ ୧ ହଜାରରୁ ଅଧିକ ଛୋଟ ଏବଂ ବଡ଼ ରାମଲୀଳା ସଙ୍ଗଠିତ ହୋଇଥିବାବେଳେ ପଶ୍ଚିମବଙ୍ଗ, ଓଡ଼ିଶା ଆଦି ରାଜ୍ୟରେ ଶହ ଶହ ଦୁର୍ଗାପୂଜା ତୋରଣ ପ୍ରସ୍ତୁତ କରାଯାଉଛି। ଗୁଜରାଟ, ଦିଲ୍ଲୀ ସମେତ ସାରା ଦେଶରେ ଦାଣ୍ଡିଆ ଏବଂ ଗରବା କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ପାର୍ବଣ ଋତୁରେ ବିଶେଷକରି ସରାରା, ଲେହେଙ୍ଗା ଏବଂ କୁର୍ତ୍ତା ଭଳି ପାରମ୍ପରିକ ପୋଷାକର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଥାଏ। ପୂଜା ଏବଂ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ନୂତନ ପୋଷାକ କିଣିବା କାରଣରୁ ପୋଷାକ ବ୍ୟବସାୟରେ ବୃଦ୍ଧି ଘଟିଥାଏ। ଫଳ, ଫୁଲ, ନଡ଼ିଆ, ଚୂନରୀ, ଦୀପ, ଧୂପକାଠି ଆଦି ପୂଜା ସାମଗ୍ରୀ ବିକ୍ରି ମଧ୍ୟ ବଢ଼ିଥାଏ। ଏହାସହ ଖାଦ୍ୟ ଏବଂ ମିଠା ବିଶେଷକରି ହାଲୱା, ଲଡୁ, ବରଫି, ସନ୍ଦେଶ, ରସଗୋଲା ସୋନପାପଡ଼ି ବିକ୍ରି ମଧ୍ୟ ବୃଦ୍ଧି ପାଇଥାଏ। ଫଳ ଏବଂ ଫୁଲର ଚାହିଦା ମଧ୍ୟ ରହିଥାଏ। ପର୍ବପର୍ବାଣିରେ ଘର ଏବଂ ପୂଜାମଣ୍ଡପ ସଜାଇବା ପାଇଁ ଦୀପ ଏବଂ ଆଲୋକମାଳା ଭଳି ସାଜସଜ୍ଜା ସାମଗ୍ରୀର ଆବଶ୍ୟକତା ବ୍ୟବସାୟ ବୃଦ୍ଧିରେ ସହାୟକ ହୋଇଥାଏ।

# ଇଣ୍ଡିଆ ପୋଷ୍ଟ ସହ ଆମାଜନ୍‌ର ବୁଝାମଣା




ନୂଆଦିଲ୍ଲୀ,୪।୧୦

ଇଣ୍ଡିଆ ପୋଷ୍ଟ ଏବଂ ଆମାଜନ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଆମାଜନ୍ ଟ୍ରାନ୍ସପୋର୍ଟେଶନ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଡିପାର୍ଟମେଣ୍ଟ ଅଫ୍ ପୋଷ୍ଟସ ପକ୍ଷରୁ ଦେଶବ୍ୟାପୀ ସେମାନଙ୍କର ଲଜିଷ୍ଟିକ୍ସ ପାର୍ଟନରଶିପକୁ ମଜଭୁତ କରିବା ପାଇଁ ଏକ ରଣନୈତିକ ଚୁକ୍ତି କରିଛନ୍ତି। ଏହି ବୁଝାମଣା ଇ କମର୍ସ ପରିବହନ କ୍ଷେତ୍ରରେ ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ। ସେହିଭଳି ଏହି ବୁଝାମଣା ଅଧୀନରେ ଉଭୟ ସଂସ୍ଥାର ଦକ୍ଷତାକୁ ସର୍ବାଧିକ କରିବା ସହ ସଂସାଧନର ଉପଯୋଗକୁ ମଧ୍ୟ ଉନ୍ନତ କରିବା ଏବଂ ନିଜର ଲଜିଷ୍ଟିକ ନେଟ୍‌ୱର୍କଗୁଡ଼ିକରେ ମିଳିତ କ୍ଷମତାକୁ ଅନ୍ୱେଷଣ କରିବା ପାଇଁ ବାଧାହୀନ ଏକତ୍ରୀକରଣ ଓ ସୂଚନାର ଆଦାନପ୍ରଦାନ ମାଧ୍ୟମରେ ପରିଚାଳନାକୁ ସମକାଳୀନ କରିବେ। ଏହି ବୁଝାମଣା ଦ୍ୱିପାକ୍ଷିକ ଅଭିବୃଦ୍ଧିକୁ ପରିଚାଳନା କରିବା ସହ ଭାରତର ଗ୍ରାମାଞ୍ଚଳରେ ଉନ୍ନତ ସେବା ଯୋଗାଇବ। ବିଶେଷ କରି ସୁଦୂର ଅଞ୍ଚଳଗୁଡ଼ିକରେ ଆମାଜନ୍‌ର ଗ୍ରାହକଙ୍କ ପାଇଁ ଡେଲିଭରି ଅନୁଭୂତିକୁ ଏହା ଉନ୍ନତ କରିବ।

ଏ ସମ୍ପର୍କରେ ଆମାଜନ୍ ଇଣ୍ଡିଆର ଉପାଧ୍ୟକ୍ଷ (ପରିଚାଳନା ବିଭାଗ) ଅଭିନବ ସିଂହ କହିଛନ୍ତି, ଆମେ ଭାରତରେ ଆମର ଗ୍ରାହକ ଓ ସମୁଦାୟଗୁଡ଼ିକୁ ସେବା ପ୍ରଦାନ କରିବା କ୍ଷେତ୍ରରେ ମିଳିତ ଭାବେ ଆହୁରି ଅନେକ ସଫଳତା ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛୁ। ସେହିଭଳି ଡାକ ବିଭାଗର ସଚିବ (ଡାକ) ବନ୍ଦିତା କୌଲ କହିଛନ୍ତି, ପ୍ରାୟ ୧,୬୫,୦୦୦ ଡାକଘରର ବ୍ୟାପକ ନେଟ୍‌ୱର୍କ ଥିବା ଇଣ୍ଡିଆ ପୋଷ୍ଟ ସମଗ୍ର ଦେଶରେ ଇ-କମର୍ସକୁ ଗଣତାନ୍ତ୍ରିକ କରିବା ପାଇଁ ଅନନ୍ୟ ଭାବେ ସୁସଜ୍ଜିତ ରହିଛି। ଏପରିକି ଆମାଜନ୍ ସହିତ ଆମର ସହଭାଗିତା ଡିଜିଟାଲ ବିଭାଜନକୁ ଦୂରକରିବା ସହ ସମସ୍ତ ନାଗରିକଙ୍କ ପାଇଁ ଇ-କମର୍ସକୁ ବୃଦ୍ଧି କରିବା ପାଇଁ ଆମର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ପ୍ରତିନିଧିତ୍ୱ କରୁଛି।

## ବିଗେଷ୍ଟ ଓଲା ସିଜନ ସେଲ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୪।୧୦

ଓଲା ଇଲେକ୍‌ଟ୍ରିକ୍‌ର ବହୁ ପ୍ରତୀକ୍ଷିତ ଅଭିଯାନ (କ୍ୟାମ୍ପେନିଂ) ତଥା ଚଳିତ ପାର୍ବଣ ଋତୁରେ ବିଗେଷ୍ଟ ଓଲା ସିଜନ ସେଲ୍ (ବସ୍)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଭିଯାନ ଅଧୀନରେ କମ୍ପାନୀ ସର୍ବନିମ୍ନ ୪୯,୯୯୯ ଟଙ୍କା ମୂଲ୍ୟରେ ବ୍ରାଣ୍ଡର ଏସ୍୧ ପୋର୍ଟଫୋଲିଓ ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ଏହାବ୍ୟତୀତ କମ୍ପାନୀ ୩୭,୦୦୦ ଟଙ୍କା ପର୍ଯ୍ୟନ୍ତ ପାର୍ବଣ ଲାଭର ମଧ୍ୟ ଶୁଭାରମ୍ଭ କରିଛି, ଯେଉଁଥିରେ ହାଇ ପରଚାର୍ଜିଂ କ୍ରେଡିଟ୍, ମୁଭ୍‌ଓଏସ୍+ଅପ୍‌ଗ୍ରେଡ୍, ଅତୁଳନୀୟ ଅଫର ସମେତ ଆକ୍‌ସେସରି ଓ କେୟାର+ ଉପରେ ସ୍ୱତନ୍ତ୍ର ରିହାତି (ଡିଲ୍) ସାମିଲ ରହିଛି। ଏହି ଅଭିଯାନ ଅଧୀନରେ କମ୍ପାନୀ ଗ୍ରାହକଙ୍କୁ ଅନେକ ଲାଭ ପ୍ରଦାନ କରୁଛି, ଯେଉଁଥିରେ ଓଲା ଏସ୍୧ ଏକ୍ସ ୨କେଡବ୍ଲ୍ୟୁଏଚ୍‌ର ମୂଲ୍ୟ କେବଳ ୪୯,୯୯୯ ଟଙ୍କା (ଲିମିଟେଡ୍ ଷ୍ଟକ୍)ରୁ ଆରମ୍ଭ ହେଉଛି। ସେହିଭଳି ଏସ୍୧ ପୋର୍ଟଫୋଲିଓ ଉପରେ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି-ଏସ୍୧ ଏକ୍ସ ୨କେଡବ୍ଲ୍ୟୁଏଚ୍ ଉପରେ ୨୫,୦୦୦ ଟଙ୍କାର ଫ୍ଲାଟ୍ ରିହାତି ଓ ଏସ୍୧ ପୋର୍ଟଫୋଲିଓ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ରହିଛି। ସେହିପରି ୭୦୦୦ ଟଙ୍କା ମୂଲ୍ୟର ମାଗଣା ୮ ବର୍ଷ/୮୦,୦୦୦କି.ମି. ବ୍ୟାଟେରି ୱାରେଣ୍ଟି ଏବଂ ନିର୍ଦ୍ଦିଷ୍ଟ କ୍ରେଡିଟ୍ କାର୍ଡ ଇଏମ୍‌ଆଇ ଉପରେ ୫୦୦୦ଟଙ୍କା ପର୍ଯ୍ୟନ୍ତ ଋଣ ଅଫର ଏବଂ ୬୦୦୦ଟଙ୍କା ମୂଲ୍ୟର ମାଗଣା ମୁଭ୍‌ଓଏସ୍+ ଅପ୍‌ଗ୍ରେଡ୍, ୭୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ମାଗଣା ହାଇ ପରଚାର୍ଜିଂ କ୍ରେଡିଟ୍ ସୁବିଧା ରହିଛି। ଏ ସମ୍ପର୍କରେ ଓଲା ଇଲେକ୍‌ଟ୍ରିକର ଅଧ୍ୟକ୍ଷ ଓ ଏମ୍‌ଡି ଭାବିଶ ଅଗ୍ରୱାଲ କହିଛନ୍ତି, ଆମେ ଆମର ନୂତନ କ୍ୟାମ୍ପେନର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ।

## ଫୁର୍‌ସତ୍

# ନିଆଁ ଲଗାଇ କ୍ଷମା ମାଗିଲେ ମନ୍ତ୍ରୀ

ହାଇଦ୍ରାବାଦ


କୋଣ୍ଡା ସୁରେଖା

ତେଲଙ୍ଗାନାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କୋଣ୍ଡା ସୁରେଖା ବୁଧବାର ଅଭିନେତ୍ରୀ ସାମନ୍ଥା ଓ ଅଭିନେତା ନାଗା ଚୈତନ୍ୟଙ୍କ ବିବାହ ବିଚ୍ଛେଦକୁ ନେଇ ଏକ ବିବାଦୀୟ ବୟାନ ଦେଇଥିଲେ। ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ର କାର୍ଯ୍ୟକାରୀ ସଭାପତି କେ.ଟି. ରାମାରାଓଙ୍କୁ ଟାର୍ଗେଟ କରି ସୁରେଖା କହିଥିଲେ, ୨୦୨୧ରେ ତତ୍କାଳୀନ ମନ୍ତ୍ରୀ ରାମାରାଓଙ୍କ ଯୋଗୁ ସାମନ୍ଥା ଓ ନାଗା ଚୈତନ୍ୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇଥିଲା। ସେତେବେଳେ ରାମାରାଓ ସାମନ୍ଥାଙ୍କର ଫୋନ୍ ଟ୍ୟାପିଂ କରିବା ସହ ତାଙ୍କୁ ଚୈତନ୍ୟଙ୍କଠାରୁ ଅଲଗା ହେବା ପାଇଁ ବ୍ଲାକ୍‌ମେଲିଂ କରିଥିଲେ। ତେବେ ସୁରେଖାଙ୍କର ଏହି ବୟାନକୁ ସାମନ୍ଥା ଓ ଚୈତନ୍ୟଙ୍କ ସହ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ବହୁ ତାରକା ସମାଲୋଚନା କରିଛନ୍ତି। ସୁରେଖାଙ୍କ ବୟାନକୁ ନେଇ ସାମନ୍ଥା ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି କହିଛନ୍ତି, ଛାଡ଼ପତ୍ର ତାଙ୍କର ବ୍ୟକ୍ତିଗତ ବ୍ୟାପାର। ଏଥିରେ କୌଣସି ରାଜନୈତିକ ଷଡ଼ଯନ୍ତ୍ର ନାହିଁ। ସେହିପରି ଚୈତନ୍ୟ କହିଛନ୍ତି, ଛାଡ଼ପତ୍ର ନେଇ ଉଭୟଙ୍କର ବ୍ୟକ୍ତିଗତ ସହମତି ଥିଲା। ସୁରେଖାଙ୍କର ବୟାନ ହାସ୍ୟାସ୍ପଦ ହୋଇଥିବା ସେ କହିଛନ୍ତି। ଚୈତନ୍ୟଙ୍କ ବାପା ତଥା ତେଲୁଗୁ ସୁପରଷ୍ଟାର ନାଗାର୍ଜୁନ ଅକ୍କିନେନୀ ସୁରେଖାଙ୍କର ମନ୍ତବ୍ୟକୁ ନିନ୍ଦା କରିବା ସହ ଏହା ମିଥ୍ୟା ତଥ୍ୟ ଉପରେ ଆଧାରିତ ବୋଲି କହିଛନ୍ତି। ସେହିପରି ଚିରଞ୍ଜୀବୀ, ଜୁନିୟର ଏନ୍‌ଟିଆର୍, ଭେଙ୍କଟେଶ୍, ପ୍ରକାଶ ରାଜ୍‌ଙ୍କ ପରି ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ବହୁ ବରିଷ୍ଠ କଳାକାର ଉକ୍ତ ବୟାନକୁ ନେଇ ସୁରେଖାଙ୍କୁ ଭର୍ତ୍ସନା କରିଛନ୍ତି। କୌଣସି କଳାକାରଙ୍କ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି ମନ୍ତବ୍ୟ ଦେବା ପାଇଁ ସୁରେଖାଙ୍କର କୌଣସି ଅଧିକାର ନାହିଁ ବୋଲି ସେମାନେ କହିଛନ୍ତି। ତେବେ

### ସାମନ୍ଥା-ନାଗା ଚୈତନ୍ୟଙ୍କ ବିଚ୍ଛେଦକୁ ନେଇ ବିବାଦୀୟ ମନ୍ତବ୍ୟ

ବିବାଦ ବଢ଼ିବାରୁ ଗୁରୁବାର ସୁରେଖା ନିଜ ବୟାନକୁ ଫେରାଇବା ସହ କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି, ବିଆର୍‌ଏସ୍ ନେତା ରାମାରାଓଙ୍କୁ ଟାର୍ଗେଟ କରିବାବେଳେ ଭାବବିହ୍ୱଳ ହୋଇ ସାମନ୍ଥା ଓ ଚୈତନ୍ୟଙ୍କୁ ନେଇ ଅନିଚ୍ଛାକୃତ ଭାବେ ସେ ଏହି ବୟାନ ଦେଇଥିଲେ। ତେବେ ଘଟଣାକୁ କେନ୍ଦ୍ର କରି ଗୁରୁବାର ଅଭିନେତା ନାଗାର୍ଜୁନ ସ୍ଥାନୀୟ ନମ୍ପାଲି କୋର୍ଟରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୩୫୬ ଅନୁଯାୟୀ, ସୁରେଖାଙ୍କ ବିରୋଧରେ ଏକ ମାନହାନୀ ମକଦ୍ଦମା ଦାଏର କରିଛନ୍ତି। ଏନେଇ ତାଙ୍କ ପୁଅ ଚୈତନ୍ୟ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।


ଅଭିନେତ୍ରୀ ସାମନ୍ଥା


ନାଗା ଚୈତନ୍ୟ

# ବର୍ଲିନ୍‌ରେ ଲଗେଜ୍ ହଜାଇଲେ ଅନୁଷ୍କା ଶଙ୍କର



ନୂଆଦିଲ୍ଲୀ

ଖ୍ୟାତନାମା ସିତାର ବାଦକ ଅନୁଷ୍କା ଶଙ୍କର ଜର୍ମାନୀର ବର୍ଲିନ୍‌ରେ ତାଙ୍କ ଲଗେଜ୍ ହଜାଇ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ଦେଖାଯାଇଥିଲା, ଯାହା ଅନେକ ସୋସିଆଲ ମିଡିଆ ୟୁଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବର୍ଲିନର ଫିଲାର୍ମୋନିକ୍‌ରେ କନ୍‌ସର୍ଟ ପାଇଁ ସେମାନେ ତାଙ୍କୁ ମିଜ୍‌ରାବ, ମେକ୍‌ଅପ୍ ସାମଗ୍ରୀ ଆଦି ଯୋଗାଇଦେଇଥିଲେ।

ୟୁରୋପ୍ ଗସ୍ତରେ ଥିବା ଅନୁଷ୍କାଙ୍କର ଶେଷ ପ୍ରଦର୍ଶନ ବୁଧବାର ବର୍ଲିନରେ ଥିଲା। ତେବେ ସେ ସେଠାକୁ ଯିବାବେଳେ ନିଜ ଲଗେଜ୍ ହଜାଇଦେଇଥିଲେ। ସେଥିରେ ତାଙ୍କର ପୋଷାକ ସମେତ ସିତାର ବାଦନ ପାଇଁ ଆବଶ୍ୟକ ମିଜରାବ୍ ଓ ଅନ୍ୟାନ୍ୟ ସାମଗ୍ରୀ ଥିଲା। ଦୟାକରି ଆଜି ରାତିରେ ସିତାର ବଜାଇବା ପାଇଁ କେହି ମିଜ୍‌ରାବ ଉଧାର ଦେଇପାରିବେ କି ବୋଲି ୪୩ ବର୍ଷୀୟା ଅନୁଷ୍କା ସାହାଯ୍ୟ ମାଗିଥିଲେ। ସିତାର କିମ୍ବଦନ୍ତୀ ପଣ୍ଡିତ ରବି ଶଙ୍କରଙ୍କ ଝିଅ ଅନୁଷ୍କାଙ୍କୁ ଉଧାର ସାମଗ୍ରୀରେ ପ୍ରଦର୍ଶନ କରିବାକୁ ପଡ଼ିଥିଲା। ବର୍ଲିନର କେଉଁ ଷ୍ଟୋରରେ ଭାରତୀୟ ପୋଷାକ ମିଳିବ, ସୋସିଆଲ ମିଡିଆ ୟୁଜରମାନେ ତାଙ୍କୁ ଜଣାଇଥିଲେ। ଅନୁଷ୍କାଙ୍କ ସେଦିନର ପ୍ରଦର୍ଶନ ବହୁତ ଭଲ ହୋଇଥିବା ସେ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଜଣାଇଛନ୍ତି। ଏଥିସହ ସେ ଉକ୍ତ ପ୍ରଦର୍ଶନ ବେଳର ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ ଉଜ୍ଜ୍ୱଳ କଳାରଙ୍ଗର ପୋଷାକ ପିନ୍ଧି ହାତରେ ସିତାର ଧରିଥିବା ଦେଖାଯାଇଛି। ତାଙ୍କୁ ମିଜ୍‌ରାବ ଦେଇଥିବା ସୌରଭ ଶେଖର ବର୍ମାଙ୍କୁ ଏବଂ ସୋସିଆଲ ମିଡିଆକୁ ଅନୁଷ୍କା ଧନ୍ୟବାଦ ଜଣାଇଛନ୍ତି।

# 'ଶିକ୍ଷାକ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ'

## ଅନ୍ତର୍ଜାତୀୟ ଶିକ୍ଷକ ଦିବସ



ଭାରତରେ ପ୍ରତିବର୍ଷ ୫ ସେପ୍ଟେମ୍ବରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ଗୁରୁଦିବସ ବା ଶିକ୍ଷକ ଦିବସ ଭାବେ ପାଳନ କରାଯାଉଥିବାବେଳେ ଅନ୍ତର୍ଜାତୀୟ ସ୍ତରରେ ଶିକ୍ଷକ ଦିବସ ପ୍ରତିବର୍ଷ ୫ ଅକ୍ଟୋବରରେ ପାଳନ କରାଯାଏ। ଏହି ଦିନ ଶିକ୍ଷକମାନଙ୍କର ଅବଦାନ ଏବଂ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଚିହ୍ନିବା ପାଇଁ ଉତ୍ସର୍ଗୀକୃତ। ଉକ୍ତଦିନ ଆମକୁ ଶିକ୍ଷାକ୍ଷେତ୍ରରେ ସେମାନଙ୍କର ନିରନ୍ତର ଉଦ୍ୟମ ଏବଂ ଉତ୍ସର୍ଗୀକୃତତାକୁ ପ୍ରଶଂସା କରିବାକୁ ପ୍ରେରଣା ଯୋଗାଏ। ଶିକ୍ଷକମାନେ ଆମ ଜୀବନରେ ଏକ ମୂଲ୍ୟବାନ ଭୂମିକା ଗ୍ରହଣ କରନ୍ତି, କାରଣ ସେମାନେ କେବଳ ଜ୍ଞାନ ଦିଅନ୍ତି ନାହିଁ ବରଂ ଆମର ଚରିତ୍ର ଏବଂ ବ୍ୟକ୍ତିତ୍ୱର ବିକାଶ ମଧ୍ୟ କରନ୍ତି। ତେବେ ଆଜିର ଦିନରେ ଏହି ଦିନର ମହତ୍ତ୍ୱ, ଇତିହାସ ଏବଂ ଶିକ୍ଷକମାନଙ୍କ ପ୍ରତି ଆମର ଦାୟିତ୍ୱ ବିଷୟରେ ଆସନ୍ତୁ ଜାଣିବା...

୧୯୬୬ରେ ୟୁନେସ୍କୋ ଶିକ୍ଷକମାନଙ୍କର ଅଧିକାର ଏବଂ ଦାୟିତ୍ୱ ଉପରେ ଏକ ସମ୍ମିଳନୀ ଆୟୋଜନ କରିଥିଲା। ୟୁନେସ୍କୋର ସୁପାରିସ ଶିକ୍ଷକମାନଙ୍କର ଅଧିକାର, ଦାୟିତ୍ୱ ଏବଂ ସେମାନଙ୍କର ପ୍ରାରମ୍ଭିକ ପ୍ରସ୍ତୁତି ଏବଂ ପରବର୍ତ୍ତୀ ଶିକ୍ଷା, ନିଯୁକ୍ତି, ନିଯୁକ୍ତି ଏବଂ ଶିକ୍ଷାଦାନ ଏବଂ ଶିକ୍ଷାର ଅବସ୍ଥାର ମାନଦଣ୍ଡ ସ୍ଥିର କରିବାରେ ସାହାଯ୍ୟ କରିଛି। ୟୁନେସ୍କୋ ଅନୁଯାୟୀ, ଉଚ୍ଚଶିକ୍ଷାରେ ଶିକ୍ଷକ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରି ୧୯୬୬ ସୁପାରିସକୁ ପୂର୍ଣ୍ଣ କରିବା ପାଇଁ ୧୯୯୭ରେ ଉଚ୍ଚଶିକ୍ଷା ଶିକ୍ଷକ କର୍ମଚାରୀଙ୍କ ସ୍ଥିତି ସହ ଜଡ଼ିତ ସୁପାରିସ ଗ୍ରହଣ କରାଯାଇଥିଲା। ଏହି ବର୍ଷଠାରୁ ପ୍ରତିବର୍ଷ ବିଶ୍ୱ ଶିକ୍ଷକ ଦିବସ ପାଳନ କରାଯାଇଆସୁଛି।

# ଥାଇଲାଣ୍ଡର ନିଆରା ପକ୍ଷୀ ଅନ୍ତାକ୍ଷରୀ ପ୍ରତିଯୋଗିତା

ବ୍ୟାଙ୍କକ୍



ବିଭିନ୍ନ କାର୍ଯ୍ୟକ୍ରମ ତଥା ଉତ୍ସବରେ ମନୋରଞ୍ଜନ ପାଇଁ ଅନ୍ତାକ୍ଷରୀ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। ତେବେ ଦକ୍ଷିଣ ଥାଇଲାଣ୍ଡର ନରାଥିୱଟ ରାଜ୍ୟରେ ପ୍ରତିବର୍ଷ ପକ୍ଷୀମାନଙ୍କୁ ନେଇ ଏକ ଅନନ୍ୟ ଅନ୍ତାକ୍ଷରୀ ପ୍ରତିଯୋଗିତା ହୁଏ, ଯେଉଁଠାରେ ପକ୍ଷୀମାନେ ସୁମଧୁର ସ୍ୱରରେ ଗୀତ ଗାଇଥାନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଅନ୍ୟ ଦେଶର ଲୋକମାନେ ମଧ୍ୟ ସେମାନଙ୍କର ପକ୍ଷୀଙ୍କୁ ଆଣିଥାନ୍ତି। ଗତ ସେପ୍ଟେମ୍ବରରେ ଆୟୋଜିତ ପ୍ରତିଯୋଗିତାରେ ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁରର ଆଦି ଦେଶରୁ ପ୍ରାୟ ୨୫୦୦ ପକ୍ଷୀ ଅଂଶଗ୍ରହଣ କରିଥିଲେ। ସାଧାରଣତଃ ଏହି ଅନନ୍ୟ ପ୍ରତିଯୋଗିତାରେ କୋଇଲି, ଶୁଆ, ପାରା ଆଦି ପକ୍ଷୀ ଅଂଶଗ୍ରହଣ କରିଥାନ୍ତି। ପ୍ରତିଯୋଗିତାର ୪ ମାସ ପୂର୍ବରୁ ଏଥିରେ ଅଂଶଗ୍ରହଣ କରିବାକୁ ଥିବା ପକ୍ଷୀଙ୍କୁ ସେମାନଙ୍କର ମାଲିକ ପ୍ରଶିକ୍ଷକଙ୍କ ଦ୍ୱାରା ସଙ୍ଗୀତ ତାଲିମ ଦେଇଥାନ୍ତି।

## ୪ ରାଉଣ୍ଡରେ ହୁଏ ବିଜେତା ଘୋଷଣା

ଏହି ପ୍ରତିଯୋଗିତାରେ ସମୁଦାୟ ୪ ରାଉଣ୍ଡ ହୋଇଥାଏ। ପ୍ରତ୍ୟେକ ରାଉଣ୍ଡରେ ପକ୍ଷୀମାନଙ୍କୁ ୨୫ ସେକେଣ୍ଡ ପାଇଁ ଅତି କମ୍‌ରେ ୩ ଥର ଗୀତ ଗାଇବାକୁ ପଡ଼ିଥାଏ। ପକ୍ଷୀଙ୍କ ପିଞ୍ଜରାଗୁଡ଼ିକୁ ୧୫ ଫୁଟ୍ ଉଚ୍ଚ ଖମ୍ବରେ ଟଙ୍ଗାଯାଏ ଓ ଗୋଟିଏ ପରେ ଗୋଟିଏ ପିଞ୍ଜରା ମଧ୍ୟରୁ ବାହାରି ଗୀତ ଗାଇବାକୁ ନିର୍ଦ୍ଦେଶ ଦିଆଯାଏ। ଗୀତ ଶୁଣିବା ପାଇଁ ବିଚାରପତିମାନଙ୍କର ଏକ ପ୍ୟାନେଲ ସେଠାରେ ଉପସ୍ଥିତ ଥାଏ। ଗୀତରେ ପକ୍ଷୀମାନଙ୍କର ଶବ୍ଦ, ସ୍ୱର ଏବଂ ବୁଦ୍ଧିକୁ ଆଧାରକରି ବିଚାରପତି ସେମାନଙ୍କୁ ପଏଣ୍ଟ ପ୍ରଦାନ କରିଥାନ୍ତି। ସର୍ବାଧିକ ପଏଣ୍ଟ ପାଇଥିବା ପକ୍ଷୀକୁ ବିଜେତା ଘୋଷଣା କରାଯାଏ। ବିଜେତା ପକ୍ଷୀର ମାଲିକଙ୍କୁ ପୁରସ୍କାର ରାଶି ସହ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥାଏ।

# କୋଣାର୍କ ସୂର୍ଯ୍ୟସର ଦ୍ୱିତୀୟ ବିଜୟ



କୋଣାର୍କ ସୂର୍ଯ୍ୟସର କେଭିନ ଓ'ବ୍ରାଏନଙ୍କୁ ଲିଜେଣ୍ଡ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ଜମ୍ମୁ, ୪।୧୦**

ଓଡ଼ିଶାଭିତ୍ତିକ ଫ୍ରାଞ୍ଚାଇଜ୍ କୋଣାର୍କ ସୂର୍ଯ୍ୟସ ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ମୌଲାନା ଆଜାଦ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ରୋମାଞ୍ଚକ ମ୍ୟାଚରେ ଓଡ଼ିଶା ଦଳ ୫ ରନରେ ଇଣ୍ଡିଆ କ୍ୟାପିଟାଲ୍ସକୁ ପରାସ୍ତ କରିଛି। କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୪ ଉଇକେଟ ହରାଇ ୧୨୭ ରନ କରିଥିଲା। ୧୨୮ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଇଣ୍ଡିଆ କ୍ୟାପିଟାଲ୍ସ ପୂରା ୨୦ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୨୨ ରନରେ ସୀମିତ ରହିଥିଲା। ବିଜୟୀ ଦଳ ପକ୍ଷରୁ ଅର୍ଦ୍ଧଶତକ ହାସଲକରି ଅପରାଜିତ ରହିଥିବା କେଭିନ ଓ୍ୱବ୍ରାଏନ ଲିଜେଣ୍ଡ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୫ ମ୍ୟାଚରୁ ୨ ବିଜୟ, ୧ ପରାଜୟ ଓ ୨ ବାତିଲ ସହ କୋଣାର୍କ ସୂର୍ଯ୍ୟସ ୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଇଣ୍ଡିଆ କ୍ୟାପିଟାଲ୍ସ ୫ ମ୍ୟାଚରୁ ୧ ବିଜୟ, ୨ ପରାଜୟ ଓ ୨ ବାତିଲ ସହ ୪ ପଏଣ୍ଟରେ ସ୍ଥିର ରହିଛି।

କୋଣାର୍କ ସୂର୍ଯ୍ୟସ ମାତ୍ର ୧୨ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କେଭିନ ଓ'ବ୍ରାଏନ ଓ ଦିଲସାନ ମୁନାୱିରା ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ଥିଲେ। ତୃତୀୟ ଉଇକେଟରେ ଦୁହେଁ ମୂଲ୍ୟବାନ ୭୭ ରନର ଭାଗୀଦାରି ଗଢ଼ିଥିଲେ। ମୁନାୱିରା ୩୩ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଓ'ବ୍ରାଏନ ଚମତ୍କାର ବ୍ୟାଟିଂ କରି ୫୫ (୪୬ ବଲ, ୫ ଚୌକା, ୧ ଛକା) ରନରେ ଅପରାଜିତ ରହି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ତୁଲାଇଥିଲେ। ବିପକ୍ଷ ଦଳର ବାମହାତୀ ଅର୍ଥୋଡକ୍ସ ବୋଲର ଇକବାଲ ଅବଦୁଲା ୩ଟି ଓ ଧାୱଲ କୁଲକର୍ଣ୍ଣୀ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ଦଳ ଭଳି ଇଣ୍ଡିଆ କ୍ୟାପିଟାଲ୍ସ ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ମାତ୍ର ୧୨ ରନ ମଧ୍ୟରେ ଡ୍ୱେନ ସ୍ମିଥ ଓ ଫୈଜ ଫଜଲ ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡର ଭରଥ ଚିପ୍ଲି ଦୃଢ଼ ବ୍ୟାଟିଂ କରି ୪୮ ବଲ୍‌ରୁ ୩ ଚୌକା, ୫ ଛକା ସହ ୬୧ ରନରେ ଅପରାଜିତ ରହିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ କ୍ୟାପିଟାଲ୍ସ ବିଜୟ ଲକ୍ଷ୍ୟଠାରୁ ଦୂରରେ ରହି ଯାଇଥିଲା। ଅଧିନାୟକ ଇଆନ ବେଲ୍ ଦ୍ୱିତୀୟ ସର୍ବାଧିକ ୧୦ ରନ କରିଥିଲେ। କୋଣାର୍କ ସୂର୍ଯ୍ୟସ ପକ୍ଷରୁ ଦିୱେସ ପଠାଣିଆ, କେଭନ କୁପର, ଶାହବାଜ ନଦୀମ, ପ୍ରବୀଣ ଟାମ୍ବେ, କେ.ପି. ଅପନ୍ନା ଓ ୟୁସୁଫ ପଠାନ ଗୋଟିଏ ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ।




**ସଂକ୍ଷିପ୍ତ ସ୍କୋର**

କୋଣାର୍କ ସୂର୍ଯ୍ୟସ ଓଡ଼ିଶା ୨୦ ଓଭରରେ ୧୨୭/୪ (କେଭିନ ଓ'ବ୍ରାଏନ-୫୫*, ଦିଲସାନ ମୁନାୱିରା-୩୩, ଇକବାଲ ଅବଦୁଲା-୩/୧୬, ଧାୱଲ କୁଲକର୍ଣ୍ଣୀ-୧/୨୨)। ଇଣ୍ଡିଆ କ୍ୟାପିଟାଲ୍ସ ୨୦ ଓଭରରେ ୧୨୨/୭ (ଭରଥ ଚିପ୍ଲି-୬୧*, ଦିୱେସ ପଠାଣିଆ-୧/୨୨, କେଭନ କୁପର-୧/୧୨, ଶାହବାଜ ନଦୀମ-୧/୧୮, ପ୍ରବୀଣ ଟାମ୍ବେ-୧/୨୯, କେ.ପି. ଅପନ୍ନା-୧/୧୧, ୟୁସୁଫ ପଠାନ-୧/୪)।

**ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ**

# ଆହାନଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୪।୧୦ (ତପନ ସ୍ୱାଇଁ)**

ଟେନିସ ଆସୋସିଏଶନ ଅଫ୍ ଭୁବନେଶ୍ୱର (ଟିଏବି) ଆନୁକୂଲ୍ୟରେ ଓଡ଼ିଶା ଟେନିସ ଆସୋସିଏଶନ ସହଯୋଗରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୪ର୍ଥ ଗଣେଶ୍ୱର ମିଶ୍ର ସ୍ମାରକୀ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭)ଟେନିସରେ ଓଡ଼ିଶାର ଆହାନ ଡବଲ ଟାଇଟଲ ହାସଲ କରିଛନ୍ତି। ସେ ଉଭୟ ୧୬ ଓ ୧୮ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି। ଗତ ୩୦ ସେପ୍ଟେମ୍ବରରେ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ୭ ରାଜ୍ୟରୁ ମୋଟ ୫୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଆହାନ ଅନ୍ୟତମ ଓଡ଼ିଶା ଖେଳାଳି ଆରାଧ୍ୟା ବର୍ମାଙ୍କୁ ୬-୧, ୨-୬, ୬-୦ରେ ପରାସ୍ତ କରିଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ସେ ପଶ୍ଚିମବଙ୍ଗର ପ୍ରାର୍ଥନା ମଣ୍ଡଳଙ୍କୁ ୬-୨, ୬-୦ ସେଟ୍‌ରେ ହରାଇଛନ୍ତି। ୧୬ ବର୍ଷରୁ କମ୍ ବାଳକ ବର୍ଗର ଫାଇନାଲରେ ଓଡ଼ିଶାର ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ କର୍ନାଟକର ଚନ୍ନମଲ୍ଲିକାର୍ଜୁନ ୟାଲେଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଚନ୍ନମଲ୍ଲିକାର୍ଜୁନ ୟାଲେ ଓଡ଼ିଶାର କମଳେଶ୍ ରଥଙ୍କୁ ୬-୧, ୨-୬, ୭-୬ (୦) ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ଓଡ଼ିଶାର କମଳେଶ ଓ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଯୋଡ଼ି ବିହାରର ଅମନ ସିଂ ଓ ଅଭିଷେକ ସିଂଙ୍କୁ ୬-୪, ୬-୧ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ଟେନିସ ଆସୋସିଏଶନ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଟିଏର ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ଓ ଟୁର୍ନାମେଣ୍ଟ ରେଫରି ଯତୀନ ବସ୍ୱ ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ବିପକ୍ଷ ଖେଳାଳିଙ୍କୁ କାମୁଡ଼ି ୮ ମ୍ୟାଚ୍‌ରୁ ସସ୍‌ପେଣ୍ଡ

**ଇଂଲଣ୍ଡ ଦ୍ୱିତୀୟ ଡିଭିଜନ ଫୁଟ୍‌ବଲ**

**ପ୍ରେଷ୍ଟନ (ଇଂଲଣ୍ଡ)**

୪।୧୦(ଏପି):ଇଂଲଣ୍ଡ ଦ୍ୱିତୀୟ ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ଜଣେ ଖେଳାଳି ବିପକ୍ଷ ଦଳର ଖେଳାଳିଙ୍କୁ କାମୁଡ଼ି ଦେବାରୁ ତାଙ୍କୁ ୮ଟି ମ୍ୟାଚ୍‌ରୁ ସସ୍‌ପେଣ୍ଡ ସହ ୧୫,୦୦୦ ପାଉଣ୍ଡ (୨୦,୦୦୦ ଡଲାର) ଜରିମାନା କରାଯାଇଛି। ସେପ୍ଟେମ୍ବର ୨ରେ ପ୍ରେଷ୍ଟନ ଓ ବ୍ଲାକ୍‌ବର୍ନ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ବେଳେ ଏହି ଘଟଣା ଦେଖିବାକୁ ମିଳିଥିଲା। ମ୍ୟାଚ୍‌ର ଅନ୍ତିମ ପର୍ଯ୍ୟାୟରେ ପ୍ରେଷ୍ଟନର ମିଲୁଟିନ୍ ଓସ୍‌ମାଜିକ୍ ବ୍ଲାକବର୍ନ ଦଳର ଡିଫେଣ୍ଡର ଓ୍ୱେନ ବେକ୍‌ଙ୍କ ବେକକୁ କାମୁଡ଼ି ଦେଇଥିଲେ। ତାଙ୍କର ଏହି ହିଂସ୍ର ଆଚରଣକୁ ସେ ସ୍ୱୀକାର କରିଛନ୍ତି। କୌତୂହଳର କଥା ରେଫରି ମ୍ୟାଟ ଡୋନୋହ୍ୟୁଙ୍କ ନିକଟରେ ବେକ୍‌ଙ୍କ ଅଭିଯୋଗ ସତ୍ତ୍ୱେ ଓସ୍‌ମାଜିକ୍‌ଙ୍କୁ ପଡ଼ିଆରୁ ବାହାରିଯିବା ଲାଗି ନିର୍ଦ୍ଦେଶ ହୋଇ ନ ଥିଲା। ତେବେ ଏହି ବିଶୃଙ୍ଖଳା କାର୍ଯ୍ୟ ପାଇଁ ଇଂଲଣ୍ଡ ଫୁଟ୍‌ବଲ ଆସୋସିଏଶନ ଦଣ୍ଡ ବିଧାନ କରିଛି। ସୂଚନାଯୋଗ୍ୟ, ଇଂଲଣ୍ଡ ଉତ୍ତରାଞ୍ଚଳରେ ପ୍ରେଷ୍ଟନ ଓ ବ୍ଲାକବର୍ନ ହେଉଛନ୍ତି ସ୍ଥାନୀୟ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ। ଏହି ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ସବୁବେଳେ ସଂଘର୍ଷପୂର୍ଣ୍ଣ ହୋଇଥାଏ। ସେପ୍ଟେମ୍ବର ୨ରେ ଅନୁଷ୍ଠିତ ମ୍ୟାଚଟି ଗୋଲଶୂନ୍ୟ ଭାବେ ଡ୍ର ହୋଇଥିଲା। ଏଥିରେ ଦୁଇ ଦଳର ଜଣେ ଲେଖାଏ ଖେଳାଳିଙ୍କୁ ରେଡ୍‌କାର୍ଡ ହୋଇଥିଲା। ପ୍ରେଷ୍ଟନର ଡୁଏନ୍ ହୋମ୍ସଙ୍କୁ କିକ୍ କରିବାରୁ ବେକ୍‌ଙ୍କୁ ରେଡ୍‌କାର୍ଡ ହୋଇଥିଲା। ପ୍ରେଷ୍ଟନ ଟିମ୍ କହିଛି, ତାଙ୍କ ଖେଳାଳିଙ୍କୁ କେଉଁ କାରଣରୁ ଦଣ୍ଡବିଧାନ କରାଯାଇଛି ସେ ନେଇ ଲିଖିତ କାରଣ ହସ୍ତଗତ ନ ହେଲା ପର୍ଯ୍ୟନ୍ତ କୌଣସି ଟିପ୍ପଣୀ ଦେବ ନାହିଁ।

# ସାହାଣୀ କପ୍ ଫୁଟ୍‌ବଲ: ବରଗଡ଼-ମୟୂରଭଞ୍ଜ ଫାଇନାଲ

**ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ବରଗଡ଼ ଓ ମୟୂରଭଞ୍ଜ ମଧ୍ୟରେ ଅନୁଷ୍ଠିତ ହେବ। ବରଗଡ଼ରେ ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ବରଗଡ଼ ୪-୦ ଗୋଲରେ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟକୁ ହରାଇଥିବାବେଳେ ବାରିପଦାରେ ଆୟୋଜିତ ସେମିରେ ମୟୂରଭଞ୍ଜ ପେନାଲ୍ଟି ୫-୩ ଗୋଲରେ କଟକକୁ ପରାସ୍ତ କରିଛି। ଆସନ୍ତା ୬ ତାରିଖରେ ପ୍ରଥମ ଫାଇନାଲ ବାରିପଦା ଏବଂ ୮ ତାରିଖରେ ଦ୍ୱିତୀୟ ଫାଇନାଲ ସୁନ୍ଦରଗଡ଼ରେ ଅନୁଷ୍ଠିତ ହେବ।**

## ମୟୂରଭଞ୍ଜ ୫, କଟକ ୩

**ବାରିପଦା,୪।୧୦**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ପଡ଼ିଆରେ ଚାଲିଥିବା ଆନ୍ତଃଜିଲା ସାହାଣି କପ୍ ଫୁଟବଲ ଚାମ୍ପିୟନଶିପ୍‌ରେ କଟକକୁ ହରାଇ ମୟୂରଭଞ୍ଜ ଟିମ୍ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ମୟୂରଭଞ୍ଜ ଟିମ୍ ପେନାଲଟି ୫-୩ ଗୋଲରେ କଟକକୁ ପରାସ୍ତ କରିଥିଲା। କଟକର ବିକାଶ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ସହଦେବ ମୁଚେନ, ଲକ୍ଷ୍ମଣ ସେଠ, ବିପୁଳ ବିଦ୍ୟାଧର ଓ ଜୀତେନ୍ଦ୍ର ପାତ୍ର ଖେଳ ପରିଚାଳନା କରିଥିବା ବେଳେ ଦୁର୍ଗା ମାଧବ ନାଏକ ଓ ସୁଭଦ୍ରା ହେମ୍ବ୍ରମ ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଅର୍ଜୁନ ହେମ୍ବ୍ରମ ଧାରା ବିବରଣୀ ପ୍ରଦାନ କରିଥିଲେ।

ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଫାଓ ଉପ ସଭାପତି ଅସିତ ପତି, ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ପୂର୍ବତନ ଉପ ସଭାପତି ଗିରିଶ ଚନ୍ଦ୍ର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ଓ ପାର୍ଥ ସାରଥୀ ସ୍ୱାଇଁ ଉପସ୍ଥିତ ଥିଲେ। ପେନାଲଟିରେ ଗୋଲ କରିଥିବା ୮ ଜଣ ଖେଳାଳିଙ୍କୁ ମଧ୍ୟ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୟୂରଭଞ୍ଜର ପୂର୍ବତନ କ୍ରୀଡ଼ାବିତ ଯଦୁନାଥ ମାଝୀ, ବିଜୟ କୁମାର ଦାସ (ମଣ୍ଟୁ ଦା), ଅମୂଲ୍ୟ କୁମାର ମିଶ୍ର ଓ ନନ୍ଦଲାଲ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।


ବାରିପଦା ଷ୍ଟାଡିୟମରେ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

## ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟକୁ ହରାଇଲା ବରଗଡ଼

**ବରଗଡ,୪।୧୦**
**(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ବରଗଡ଼ ଜିଲା କ୍ରୀଡା ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ଆନ୍ତଃ ଜିଲା ସାହାଣୀ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍‌ରେ ବରଗଡ଼ ପ୍ରତିପକ୍ଷ ରାଉରକେଲାକୁ ୪-୦ ଗୋଲରେ ହରାଇ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଏହି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ଉଭୟ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ପ୍ରଥମ ଭାଗରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧର ଆରମ୍ଭରୁ ବରଗଡ ଦଳ ଖେଳକୁ ସମ୍ପୂର୍ଣ୍ଣ ନିଜ ନିୟନ୍ତ୍ରଣକୁ ନେଇ ଆସି ମ୍ୟାଚ୍‌ର ୪ ତମ ମିନିଟରେ ଦଳର ୩ନମ୍ବର ଖେଳାଳି ଜିତୁ ମୁଦୁଲି ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଜିତୁ ପୁଣି ୬୧ତମ ଓ ୭୧ ତମ ମିନିଟରେ ଦୁଇଟି ଗୋଲ ଦେଇ ଦଳକୁ ୩-୦ ରେ ଆଗୁଆ ରଖିଥିଲେ । ଦଳର ୨୦ ନମ୍ବର ଖେଳାଳି ଚନ୍ଦ୍ର ମୁର୍ମୁ ଦଳ ପକ୍ଷରୁ ଆଉ ଗୋଟିଏ ଗୋଲ ସ୍କୋର କରିବା ଫଳରେ ବରଗଡ ଦଳ ୪-୦ ଗୋଲରେ ମ୍ୟାଚ୍‌କୁ ଜିତି ନେଇ ପ୍ରଥମଥର ପାଇଁ ସାହାଣୀ କପ୍‌ର ଫାଇନାଲରେ ପ୍ରବେଶ କରିଛି। ଖେଳକୁ ନବୀନ ନାୟକ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଜିତେନ୍ଦ୍ରିୟ ଥନାପତି ଓ ଶଶୀକାନ୍ତ ଦାସିଆ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ଲିଙ୍ଗରାଜ ପ୍ରଧାନ। ମ୍ୟାଚ୍ କମିଶନର ଥିଲେ ସୁଜିତ କୁମାର ପାତ୍ର। ସେମି ଫାଇନାଲ ମ୍ୟାଚକୁ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଓ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ମ୍ୟାଚ ପରେ ଜିଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ ଆଚାର୍ଯ୍ୟ, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର ଉପ ସଭାପତି ରବି ପଣ୍ଡା, ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ପ୍ରାକ୍ତନ ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି ଓ ପ୍ରଭାତାଦିତ୍ୟ ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, ଫାଓ ଚୟନକର୍ତ୍ତା କରୁଣାକର ବେହେରା, ଫୁଟବଲ ସମ୍ପାଦକ ସେକ୍ ଶବଦର, କୋଷାଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ମହାପାତ୍ର, କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ପ୍ରଦୀପ ସାହୁ, ପ୍ରାକ୍ତନ ଫୁଟବଲ ଖେଳାଳି ଜ୍ଞାନ ରଞ୍ଜନ ପୂଜାରୀ, ମ୍ୟାଚ୍ କମିଶନର ସୁଜିତ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିବା ସହ ପ୍ରତିଯୋଗିତାର କୃତୀ ଖେଳାଳି ଓ ରେଫରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବରଗଡ ଜୋନ୍‌ର ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ କେନ୍ଦୁଝର ଦଳର ଗୋଲ ରକ୍ଷକ ଯଦୁନାଥ ସର୍ଦ୍ଦାର, ଶ୍ରେଷ୍ଠ ଷ୍ଟପର ଭାବେ ବରଗଡ ଦଳର ସଞ୍ଜୀବ ଦଂସନା, ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ବରଗଡ ଦଳର ବିବେକ ବାଗ ଓ ସେମି ଫାଇନାଲ ଖେଳର ଶ୍ରେଷ୍ଠ ଖେଳାଳି ଭାବେ ବରଗଡ ଦଳର ଜିତୁ ମୁଦୁଲିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଜିଲା କ୍ରୀଡା ସଂସଦ ପକ୍ଷରୁ ସମସ୍ତ ମ୍ୟାଚ୍ ଅଫିସିଆଲ, ଚୟନ କର୍ତ୍ତା ତଥା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ବରଗଡ଼ରେ ଖେଳାଳିଙ୍କ ସହ ଅତିଥିବୃନ୍ଦ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ